# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ବୁଧବାର, ନଭେମ୍ବର ୫/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, November 5/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୩୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 339 | ମୂଲ୍ୟ ₹୭/-






## ଆଇସିସି ବିଶ୍ୱକପ୍ ଦଳରେ ୩ ଭାରତୀୟ

ଆଇସିସି ମହିଳା ବିଶ୍ୱକପ୍ ଦଳରେ ଭାରତର ୩ ଖେଳାଳି ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗ୍ସ ଓ ଦିପ୍ତୀ ଶର୍ମାଙ୍କୁ ସ୍ଥାନ ମିଳିଛି।

୧୪

୦୨

## ବିଠାବାଈଙ୍କ ବାୟୋପିକ୍‌ରେ ଶ୍ରଦ୍ଧା

ମହାରାଷ୍ଟ୍ରର ପ୍ରସିଦ୍ଧ କଳାକାର ବିଠାବାଈ ନାରାୟଣଗାଓଁକରଙ୍କ ଜୀବନୀ ଉପରେ ଆଧାରିତ ବାୟୋପିକ୍ 'ଇଥା'ରେ ଅଭିନେତ୍ରୀ ଶ୍ରଦ୍ଧା କପୁର ଶୁଟିଂ ଆରମ୍ଭ କରିଛନ୍ତି।



# ଆଜିଠୁ ଐତିହାସିକ ବାଲିଯାତ୍ରା

### ମୁଖ୍ୟମନ୍ତ୍ରୀ କରିବେ ଉଦ୍‌ଘାଟନ

**କଟକ,୪।୧୧ (ଶିଳ୍ପା ପ୍ରିୟଦର୍ଶିନୀ)**

ଐତିହାସିକ ବାଲିଯାତ୍ରା କଟକ-୨୦୨୫ ବୁଧବାରଠାରୁ ଆରମ୍ଭ ହେବ। ଅପରାହ୍ଣ ୫ଟା ୩୦ ମିନିଟ୍‌ରେ ଗଡଗଡିଆ ଘାଟରେ ମହାନଦୀ ଆଳତି ଓ ବୋଇତ ବନ୍ଦାଣ କରାଯିବ। ସନ୍ଧ୍ୟା ୬ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବାଲିଯାତ୍ରା ମହୋତ୍ସବ-୨୦୨୫କୁ ଉଦ୍‌ଘାଟନ କରିବେ। ଏଥିରେ ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଇନା ଏଚ୍. କୃଷ୍ଣମୂର୍ତ୍ତି ଯୋଗଦେବେ। ଏହାସହ ଉଚ୍ଚଶିକ୍ଷା ମନ୍ତ୍ରୀ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏମ୍‌ପି, ରାଜ୍ୟ ସଭା ସଦସ୍ୟ, କଟକ ମେୟର, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ-ସଦର, ଆଠଗଡ, ସାଲେପୁର, ବାଙ୍କୀ, ମାହାଙ୍ଗା, ବଡମ୍ବା ନିର୍ବାଚନମଣ୍ଡଳୀର ବିଧାୟକଙ୍କ ସମେତ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପୋଲିସ କମିଶନର, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବାଲିଯାତ୍ରା ୧୨ ତାରିଖ ପର୍ଯ୍ୟନ୍ତ ୮ ଦିନ ଧରି ଚାଲିବ।

# ବିଳାସପୁରରେ ଟ୍ରେନ୍ ଦୁର୍ଘଟଣା: ୫ ମୃତ



ଛତିଶଗଡ଼ର ବିଳାସପୁର ଷ୍ଟେଶନ ନିକଟରେ ମଙ୍ଗଳବାର ମାଲବାହୀ ଟ୍ରେନ୍ ଉପରକୁ ଚଢ଼ିଯାଇଥିବା ମେମୁ।

**ବିଳାସପୁର,୪।୧୧**

ଛତିଶଗଡ଼ର ବିଳାସପୁର ଷ୍ଟେଶନ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ଟ୍ରେନ୍ ଛିଡ଼ାହୋଇଥିବା ମାଲ୍‌ଗାଡ଼ିକୁ ଧକ୍କା ଦେବାରୁ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ବିଳାସପୁର-କର୍ଘି ସେକ୍ସନରେ ଘଟିଥିବା ଏହି ଦୁର୍ଘଟଣାରେ ପାସେଞ୍ଜର ଟ୍ରେନ୍‌ର ସମ୍ମୁଖ ଭାଗ ବଗିଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯିବା ସହ କେତେକ ବଗି ଲାଇନ୍‌ଚ୍ୟୁତ ହୋଇଛି। ଫଳରେ ଅନେକ ଟ୍ରେନ୍‌କୁ ବାତିଲ କରାଯିବା ସହ କେତେକର ରୁଟ୍ ପରିବର୍ତ୍ତନ କରାଯାଇଛି। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦେବାକୁ ରେଲ୍‌ୱେ ପକ୍ଷରୁ ଘୋଷଣା କରାଯାଇଛି। ଏଥିସହିତ ଗୁରୁତର ଆହତଙ୍କୁ ୫ ଲକ୍ଷ ଏବଂ ସାମାନ୍ୟ ଆହତଙ୍କୁ ଲକ୍ଷେ ଟଙ୍କା ସହାୟତା ଯୋଗାଇ ଦିଆଯିବ ବୋଲି ରେଲୱେ କହିଛି।

ମେମୁ (ମେନ୍‌ଲାଇନ୍ ଇଲେକ୍ଟ୍ରିକ୍ ମଲ୍ଟିପଲ୍ ୟୁନିଟ୍) ଲୋକାଲ ଟ୍ରେନ୍‌ଟି ସିଗ୍ନାଲକୁ ଅଣଦେଖା କରି ମାଲ୍‌ବାହୀ ଟ୍ରେନ୍‌କୁ ପଛପଟୁ ପିଟିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ଦୁର୍ଘଟଣା ଯୋଗୁ ଉପରେ ଯାଇଥିବା ବିଦ୍ୟୁତ ତାର ଏବଂ ସିଗ୍ନାଲିଂ ସିଷ୍ଟମ୍ କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାର ଓ ସହାୟତା କାର୍ଯ୍ୟ ଜାରି ରହିଛି। ରେଲୱେର ଉଦ୍ଧାରକାରୀ ଟିମ୍ ସମେତ ଆର୍‌ପିଏଫ୍ କର୍ମଚାରୀ ଓ ସ୍ଥାନୀୟ ପୋଲିସ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଜରୁରୀ ଡାକ୍ତରୀ ଦଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କ ଚିକିତ୍ସା କରୁଛନ୍ତି। ବରିଷ୍ଠ ରେଲ୍‌ୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରୁଛନ୍ତି।

ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି। ଏହା ବ୍ୟତୀତ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କେତେଜଣ ଯାତ୍ରୀ ଟ୍ରେନ୍ ଭିତରେ ଫସିରହିଥିବାରୁ ସେମାନଙ୍କୁ ବାହାର କରିବା ପାଇଁ ଉଦ୍ୟମ ଜାରି ରହିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଦୁର୍ଘଟଣାକୁ ଅତ୍ୟନ୍ତ ଦୁଃଖଦାୟକ କହିଛନ୍ତି। ସେ ବିଳାସପୁର ଜିଲାପାଳଙ୍କ ସହ କଥା ହୋଇ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀ ଓ ସମ୍ପର୍କୀୟଙ୍କ ସମ୍ପର୍କରେ ସୂଚନା ପାଇବା ପାଇଁ ରେଲୱେ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି ହୋଇଛି। ଚାମ୍ପା ଜଙ୍କ୍‌ଶନ ପାଇଁ ୮୦୮୫୯୫୬୫୨, ରାଇଗଡ଼: ୯୭୫୨୪୮୫୬୦, ପେଣ୍ଡ୍ରା ରୋଡ୍: ୮୨୯୪୭୩୦୧୬୨, ଦୁର୍ଘଟଣା ସ୍ଥଳ: ୯୭୫୨୪୮୫୪୯୯ ଏବଂ ୮୬୦୨୦୦୭୨୦୨ ଜାରି ହୋଇଛି।

# ଏସ୍‌ଆଇଆର୍‌କୁ ମମତା, ଷ୍ଟାଲିନ୍‌ଙ୍କ ବିରୋଧ

**କୋଲକାତା/ନୂଆଦିଲ୍ଲୀ,୪।୧୧**

ବିହାର ପରେ ଅନ୍ୟ ୯ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)। ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଗୋଆ, ଗୁଜରାଟ, ପଣ୍ଡିଚେରୀ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲାକ୍ଷାଦ୍ୱୀପରେ ଭୋଟର ଲିଷ୍ଟର ବିଶୁଦ୍ଧୀକରଣ ନାମରେ ଚାଲିଥିବା ଏହି ପ୍ରକ୍ରିୟାରେ ପ୍ରାୟ ୫୧ କୋଟି ଭୋଟରଙ୍କ ମତଦାନ ଯୋଗ୍ୟତା ଯାଞ୍ଚ କରାଯିବ ବୋଲି ନିର୍ବାଚନ କମିଶନ (ଇସି) ସ୍ପଷ୍ଟ କରିଛନ୍ତି। କିନ୍ତୁ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ଭୟଭୀତ କରାଇବା ପାଇଁ ଇସି ଏସ୍‌ଆଇଆର୍‌କୁ ଏକ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରୁଥିବା ଦର୍ଶାଇ ବିରୋଧୀ ଦଳଗୁଡ଼ିକ ଏହାକୁ କଡ଼ା ବିରୋଧ କରିଛନ୍ତି। ଏହିକ୍ରମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଉଭୟ କମିଶନ ଏବଂ ଭାଜପାକୁ ଟାର୍ଗେଟ କରିଥିବାବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ଏହାର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି।

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କୋଲକାତାରେ ଏସ୍‌ଆଇଆର୍ ବିରୋଧୀ ରାଲିର ନେତୃତ୍ୱ ନେଇ ଇସିଙ୍କୁ ସମାଲୋଚନା କରିଛନ୍ତି। ମମତା କହିଛନ୍ତି, ଇସି ଭାଜପା ଶାସିତ ରାଜ୍ୟଗୁଡ଼ିକୁ ବାଦ୍ ଦେଇ ବିରୋଧୀଙ୍କ ସରକାର ଚାଲିଥିବା ରାଜ୍ୟଗୁଡ଼ିକରେ ଏସ୍‌ଆଇଆର୍ ଚଳାଇବାକୁ ବାହାରିଛନ୍ତି। ୨୦୨୬ରେ କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଓ ଆସାମରେ ବିଧାନସଭା ନିର୍ବାଚନ ହେବ। ଆସାମରେ କାହିଁକି ଏସ୍‌ଆଇଆର୍ କରାଯାଉନାହିଁ ବୋଲି ମମତା ପ୍ରଶ୍ନ କରିଛନ୍ତି। ଭାଜପା ଇଙ୍ଗିତରେ ଇସି ରାଜ୍ୟଗୁଡ଼ିକ ପ୍ରତି ପାତରଅନ୍ତର କରୁଥିବା ମମତା ସମାଲୋଚନା କରିଛନ୍ତି। ପଶ୍ଚିମବଙ୍ଗର ଜଣେ ହେଲେ ଭୋଟର ବାଦ୍ ପଡ଼ିଲେ କେନ୍ଦ୍ରରେ ଭାଜପା ସରକାରକୁ ହଟାଇବା ସୁନିଶ୍ଚିତ କରିବୁ ବୋଲି ମମତା କହିଛନ୍ତି। ସେପଟେ ତାମିଲନାଡୁରେ ୪୪ ଦଳ ସହ ପରାମର୍ଶ ପରେ ଶାସକ ଡିଏମ୍‌କେ ଇସିଙ୍କ ଅକ୍ଟୋବର ୨୭ ଏସ୍‌ଆଇଆର୍ ଘୋଷଣାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। କମିଶନଙ୍କ ଏହି ବିବାଦୀୟ ପ୍ରକ୍ରିୟା ଭୋଟରଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରି ସେମାନଙ୍କୁ ମତଦାନରୁ ବଞ୍ଚିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଡିଏମ୍‌କେ ପକ୍ଷରୁ ରିଟ୍ ପିଟିଶନ ଦାଖଲ କରିଥିବା ଆଇନଜୀବୀ ତଥା ଏମ୍‌ପି ଆର୍.ଏସ୍. ଭାରତୀ ଉଲ୍ଲେଖ କରିଛନ୍ତି। ରିଟ୍ ପିଟିଶନ୍‌ରେ ଏସ୍‌ଆଇଆର୍‌ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯାଇଛି।

# ୨୬ ପରେ ବିଧାନସଭା ଶୀତ ଅଧିବେଶନ

**ଭୁବନେଶ୍ୱର,୪।୧୧ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ନଭେମ୍ବର ୨୭ରୁ ବିଧାନସଭାର ଶୀତକାଳୀନ ଅଧିବେଶନ ତଥା ସପ୍ଲିମେଣ୍ଟାରୀ ବଜେଟ୍ ଆରମ୍ଭ ହେବାକୁ ଆପାତତ ସ୍ଥିର ହୋଇଛି। ଏହି ଅଧିବେଶନ କାଳରେ ବିଭିନ୍ନ ବିଭାଗ ପକ୍ଷରୁ ଆସିଥିବା ଅତିରିକ୍ତ(ସପ୍ଲିମେଣ୍ଟାରୀ) ବଜେଟ୍ ପ୍ରସ୍ତାବ ଆଗତ କରାଯିବା ସହିତ ଖର୍ଚ୍ଚଦାବି ଆଲୋଚନା ହେବ। ପ୍ରାୟ ୧ମାସ ଧରି ଶୀତକାଳୀନ ଅଧିବେଶନ ଚାଲିବ ବୋଲି ଅର୍ଥ ବିଭାଗ ସୂତ୍ରରୁ ଜଣାଯାଇଛି। ଖୁବ୍‌ଶୀଘ୍ର ସରକାରଙ୍କ ଅନୁମୋଦନ ବାଜିବା ପରେ ବିଧାନସଭା ପକ୍ଷରୁ ଶୀତକାଳୀନ ଅଧିବେଶନର କାର୍ଯ୍ୟସୂଚୀ ଜାରି ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଏହି ଅଧିବେଶନରେ ଅଧିକାଂଶ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ଭିଜନ-୨୦୩୬କୁ ଦୃଷ୍ଟିରେ ରଖି ଅତିରିକ୍ତ ନୂତନ ଯୋଜନା ପ୍ରସ୍ତୁତ କରାଯାଉଛି। ସେଥିମଧ୍ୟରେ ମହିଳା, କୃଷକ, ଯୁବବର୍ଗ, ଓ ଆଇଟି କ୍ଷେତ୍ର ଭଳି ବିଭିନ୍ନ ଦିଗକୁ ଗୁରୁତ୍ୱ ଦିଆଯାଉଛି। ତେବେ କେତେକ ବିଭାଗରେ ୨୦୨୫-୨୬ ଆର୍ଥିକବର୍ଷର ବଜେଟ୍ ଖର୍ଚ୍ଚ ଏପର୍ଯ୍ୟନ୍ତ ଆଶାନୁରୂପ ହୋଇନାହିଁ। ତେଣୁ, ଉକ୍ତ ବିଭାଗର ପ୍ରସ୍ତାବକୁ ଅର୍ଥ ବିଭାଗ ପକ୍ଷରୁ କାଣ୍ଟଛାଣ୍ଟ କରାଯାଉଛି। ଆସନ୍ତା ସପ୍ତାହରେ ଅର୍ଥ ବିଭାଗ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ବଜେଟ୍ ସଂକ୍ରାନ୍ତୀୟ ପ୍ରସ୍ତାବ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ମୃତ୍ୟୁ, ଧନ, କ୍ଷମତା

# ରାଜେନ୍ଦ୍ରଙ୍କ ମୃତ୍ୟୁର ଅନ୍ୟ କାରଣ ବିଜେଡି: କଳ୍ପନା

**ଭୁବନେଶ୍ୱର,୪।୧୧ (ସୁନିତ୍ ମିଶ୍ର)**

ବିଜେଡିର ଅଣଦେଖା ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁର ଏକ ଅନ୍ୟତମ ବଡ଼ କାରଣ। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କୁ ବିଜେଡି ଉଚିତ ସମ୍ମାନ ଦେଇନାହିଁ। ଶେଷ ସମୟରେ ବି ତାଙ୍କ ପାଖରେ ସେହି ଦଳ ନ ଥିଲା। ୨୪ ବର୍ଷ ଧରି ସ୍ୱର୍ଗତ ଢୋଲକିଆ ଗୋଟିଏ ଦଳ ପାଇଁ ନିଷ୍ଠାର ସହ କାମ କରିଥିଲେ। ହେଲେ ତାଙ୍କ ଜୀବନର ଶେଷ ସମୟରେ ବିଜେଡି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିବାକୁ ଗୋଟିଏ ଫୋନ୍ କଲ୍ କଲା ନା ହସ୍ପିଟାଲରେ ଏବଂ ଚିକିତ୍ସା କ୍ଷେତ୍ରରେ କିଛି ସହଯୋଗ କରିଥିଲା। ସ୍ୱାସ୍ଥ୍ୟ ସମସ୍ୟା ଗୋଟିଏ କଥା ଥିଲା ହେଲେ ଏହି ସମୟରେ ଦଳ ପକ୍ଷରୁ ଅଣଦେଖା କରାଯିବା ତାଙ୍କୁ ଭିତରୁ ଭାଙ୍ଗିଦେଇଥିଲା। ଭାବନାଗତ ଯନ୍ତ୍ରଣା ତାଙ୍କୁ ଭିତରୁ ମାରିଦେଇଥିଲା। ଅସୁସ୍ଥ ସମୟରେ ନିଜ ଲୋକମାନେ ସାଥିରେ ନ ରହିବା ମନୋବଳକୁ ଅଧିକ ଭାଙ୍ଗିଦିଏ ବୋଲି ସ୍ୱର୍ଗତ ରାଜେନ୍ଦ୍ରଙ୍କ ସ୍ତ୍ରୀ କଳ୍ପନା ଢୋଲକିଆ ଗୁରୁତର ଅଭିଯୋଗ ଆଣିଛନ୍ତି। ସୋମବାର ବିଜେଡି



କଳ୍ପନା ଢୋଲକିଆ

ସଭାପତି ନବୀନ ପଟ୍ଟନାୟକ ନୂଆପଡ଼ାରେ ପ୍ରଚାର ପରେ ଏବଂ ବିରୋଧୀ ଦଳ ପକ୍ଷରୁ କରାଯାଉଥିବା ବିଭିନ୍ନ ଅଭିଯୋଗକୁ ନେଇ କଳ୍ପନା ଏକ ଭିଡିଓ ବାର୍ତ୍ତା ଜରିଆରେ ଆହୁରି କହିଛନ୍ତି, ଦୁଃଖର ବିଷୟ ବିଜେଡିର ଲୋକମାନେ ଏବେ ତାଙ୍କ ପରିବାରିକ ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ଯିଏ ୨୪ ବର୍ଷ ସେବା ବିଜେଡିର କଲେ ତାଙ୍କ ପୁଅ ଜୟ ଢୋଲକିଆଙ୍କ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରିବା ସମ୍ବେଦନଶୀଳ ରାଜନୀତିକୁ ଦର୍ଶାଉଛି। ଗୋଟିଏ କଥା

- **ଫଟୋ ଓ ନାମ କିଏ ବ୍ୟବହାର କରିବ, ତା'ର ନିଷ୍ପତ୍ତି ପରିବାର ନେବ**
- **ଆର୍ଥିକ ସହାୟତା ସମ୍ପର୍କିତ ଅଭିଯୋଗ ମିଥ୍ୟା**

ସ୍ପଷ୍ଟ କରୁଛି ଢୋଲକିଆଙ୍କ ନାଁ ଓ ଫଟୋର କେଉଁଠି ଏବଂ କିଏ ବ୍ୟବହାର କରିବ ତା'ର ନିଷ୍ପତ୍ତି କେବଳ ଢୋଲକିଆ ପରିବାର ନେଇପାରିବ। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଫଟୋ ଏବଂ ନାମକୁ ବିଜେଡି ବ୍ୟବହାରକରିବା ତାଙ୍କ ପରିବାର ବିରୋଧୀ। ଏହାକୁ ତାଙ୍କ ପରିବାର ପକ୍ଷରୁ ବିରୋଧ କରାଯାଉଛି। ତାଙ୍କ ଦଳ ତରଫରୁ ଅଭିଯୋଗ କରାଯାଉଛି, ଜୟ ଆର୍ଥିକ ଭାବେ ସହାୟତା ନେଇ ତାଙ୍କ ଦଳ ଛାଡ଼ି ଅନ୍ୟ ଦଳରେ ସାମିଲ ହୋଇଛି। ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଜୟ ଏଥିଲାଗି ଭାଜପାରେ ସାମିଲ ହେଲେ କାରଣ ନୂଆପଡ଼ାର ବିକାଶ କରିବା ଲାଗି। ☞ପୃଷ୍ଠା-୪

## ଦିଲ୍ଲୀରେ କ'ଣ ଡିଲ୍ ହେଲା: ସଞ୍ଜୟ

ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପରିବାର ପକ୍ଷରୁ ସେମାନଙ୍କୁ ବଦନାମ କରିବାକୁ ବିଜେଡି ଚେଷ୍ଟା କରୁଛି ବୋଲି ଅଭିଯୋଗ ହେବା ପରେ ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କହିଛନ୍ତି, ଏଭଳି ଅଭିଯୋଗ ଦୁର୍ଭାଗ୍ୟଜନକ ଏବଂ ନିରାଧାର। ଓଡ଼ିଶାର ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ୱର୍ଗତ ଢୋଲକିଆ ୩ଥର ବିଧାନସଭାକୁ ନିର୍ବାଚିତ ହୋଇଯାଇଛନ୍ତି। ନୂଆପଡ଼ାର ବିକାଶ କାମ ବିଜେଡି ସରକାର ସମୟରେ ହୋଇଛି। ଏବେ ସ୍ୱର୍ଗତ ଢୋଲକିଆଙ୍କ ଅବର୍ତ୍ତମାନରେ ଯେଉଁ କଥା କୁହାଯାଉଛି ତା'ର କୌଣସି ଆଧାର ନାହିଁ। ଢୋଲକିଆବାବୁଙ୍କ ଦେହାନ୍ତ ପରେ ତାଙ୍କ ପୁଅ ଗଣମାଧ୍ୟମରେ ☞ପୃଷ୍ଠା-୪

# ଆଜି ଦେଖାଦେବ 'ସୁପରମୁନ୍'



**ଭୁବନେଶ୍ୱର,୪।୧୧ (ବନ୍ଦନା ସେଠୀ)**

କାର୍ତ୍ତିକ ପୂର୍ଣ୍ଣିମା ବୁଧବାର ସନ୍ଧ୍ୟାରେ ଆକାଶରେ ଚଳିତ ବର୍ଷର ଦ୍ୱିତୀୟ ସୁପରମୁନ୍ ଦେଖାଯିବ। ଏହା ସାଧାରଣ ଦିନର ପୂର୍ଣ୍ଣଚନ୍ଦ୍ରଠାରୁ ପ୍ରାୟ ୭% ବଡ଼ ଏବଂ ୧୫% ଉଜ୍ଜ୍ୱଳ ଦେଖାଯିବ। ଏହା ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ ଏବଂ ଏହାକୁ ଖାଲି ଆଖିରେ ଦେଖି ହେବ। ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରେ ଆକାଶ ମେଘମୁକ୍ତ ଥିଲେ, ଏହାକୁ ଖାଲି ଆଖିରେ ରାତି ସାରା ଦେଖି ହେବ। ସୁପରମୁନ୍‌ର କୌଣସି ପ୍ରଭାବ ପୃଥିବୀ ତଥା ଆମ ଉପରେ ପଡ଼େ ନାହିଁ।

୧୯୭୯ରେ ସୁପରମୁନ୍ ଶବ୍ଦଟି ପ୍ରଥମେ ଆମେରିକାର ଜ୍ୟୋତିଷୀ ରିଚାର୍ଡ ନଲ୍ ପ୍ରଚଳନ କରିଥିଲେ। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୭.୫ ଦିନରେ ଥରେ ଏକ ଅଣ୍ଡାକୃତି ପଥରେ ବୁଲିଥାଏ। ପ୍ରାୟ ୨୯ ଦିନରେ ଥରେ ଏକ ପୂର୍ଣ୍ଣିମା ପଡ଼ିଥାଏ। ଅଣ୍ଡାକୃତି ପଥରେ ବୁଲୁଥିବାରୁ ସବୁଠାରୁ ନିକଟରେ ଥିଲାବେଳେ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ଥାଏ। ଜ୍ୟୋତିଷୀ ରିଚାର୍ଡ ନଲ୍‌ଙ୍କ ପରିଭାଷାରେ ଚନ୍ଦ୍ର ଆମଠାରୁ ସାଧାରଣ ଦୂରତାର ୧୦% ବା ତା'ଠାରୁ କମ୍ ଦୂରତାରେ ଥିବା ସମୟରେ ପୂର୍ଣ୍ଣିମା ପଡ଼ିଲେ ତାହାକୁ 'ସୁପରମୁନ୍' କୁହାଯାଏ। ଅର୍ଥାତ୍ ଯଦି ଚନ୍ଦ୍ର ଆମଠାରୁ ୩.୬୦ ଲକ୍ଷ କିଲୋମିଟର ବା ତା'ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣିମା ପଡ଼େ, ତା'ହେଲେ ସେହି ଚନ୍ଦ୍ରକୁ ସୁପରମୁନ କୁହାଯାଏ। ସେ ସମୟରେ ତାହା ଆମକୁ ବଡ଼ ଓ ଉଜ୍ଜ୍ୱଳ ଦେଖାଯାଏ। ପ୍ରାୟ ☞ପୃଷ୍ଠା-୪

# ୧ ପ୍ରତିଶତ ଧନୀ ଭାରତୀୟଙ୍କ ସମ୍ପତ୍ତି ୬୨% ବଢ଼ିଛି

**ନୂଆଦିଲ୍ଲୀ,୪।୧୧ (ପି.ଟି.)**


ସାରା ବିଶ୍ୱରେ ଆର୍ଥିକ ଅସମାନତା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଧନୀ ଓ ଗରିବଙ୍କ ମଧ୍ୟରେ ଉକ୍ତ ତାରତମ୍ୟ ଏପରି ବଢ଼ିଯାଇଛି ଯେ, ଏହା ଗଣତାନ୍ତ୍ରିକ ସ୍ଥିରତା, ଆର୍ଥିକ ଆଘାତ ପ୍ରତିରୋଧ ସାମର୍ଥ୍ୟ ଏବଂ ଜଳବାୟୁ ସହଯୋଗ ପ୍ରତି ବିପଦ ସୃଷ୍ଟି କରିଛି। ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଦେଶରେ ସର୍ବାଧିକ ଧନ ଥିବା ୧% ବ୍ୟକ୍ତିଙ୍କ ସମ୍ପତ୍ତି ୨ ଦଶନ୍ଧି ମଧ୍ୟରେ ୬୨% ବୃଦ୍ଧି ପାଇଛି। ନୋବେଲ ପୁରସ୍କାର ବିଜେତା ଜୋସେଫ୍ ଷ୍ଟିଗ୍ଲିଟ୍‌ଜଙ୍କ ଦ୍ୱାରା ପ୍ରସ୍ତୁତ ତଥା ଜି-୨୦ ସମର୍ଥିତ ଏକ ସଦ୍ୟ ରିପୋର୍ଟରେ ଏହା ପ୍ରକାଶ ପାଇଛି।

୨୦୨୪ ଡିସେମ୍ବର ୧ରୁ ୨୦୨୫ ନଭେମ୍ବର ୩୦ ପର୍ଯ୍ୟନ୍ତ ଜି୨୦ରେ ଅଧ୍ୟକ୍ଷତା କରୁଥିବା ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରସ୍ତୁତ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ସାରା ବିଶ୍ୱରେ ୧% ସର୍ବାଧିକ ଧନୀଙ୍କ ସମ୍ପତ୍ତି ୪୧% ବଢ଼ିଛି। ଏହି ଅବଧି ମଧ୍ୟରେ ଅଧା ଗରିବଙ୍କ ସମ୍ପତ୍ତି ମାତ୍ର ୧%ରେ ସୀମିତ ରହିଛି। ରିପୋର୍ଟରେ ଏହାକୁ ବୈଶ୍ୱିକ ଜରୁରୀ ସ୍ଥିତି ବୋଲି ଅଭିହିତ କରାଯାଇଛି। ଭାରତ ଓ ଚାଇନା ଭଳି ଦେଶରେ ଏଭଳି ବ୍ୟବଧାନ ବଢ଼ିଥିବାବେଳେ ଅଧିକାଂଶ ରାଷ୍ଟ୍ରରେ ଅର୍ଥିକ ଅସମାନତା ବ୍ୟାପକ ହୋଇଛି। ବିଶ୍ୱର ପ୍ରାୟ ଅର୍ଦ୍ଧାଧିକ ଦେଶରେ ୧ ପ୍ରତିଶତ ସବୁଠୁ ଧନୀ ଅଧିକରୁ ଅଧିକ ସମ୍ପତ୍ତି ଠୁଳ କରିବାରେ ଲାଗିଛନ୍ତି। ଏହି ଦେଶଗୁଡ଼ିକର ଜନସଂଖ୍ୟା ବିଶ୍ୱର ୭୪%। ଭାରତରେ ଶୀର୍ଷ ୧ ପ୍ରତିଶତଙ୍କ ସମ୍ପତ୍ତିର ସାନ୍ଦ୍ରତା ଚାଇନାର ୫୪ ପ୍ରତିଶତଠାରୁ ଅଧିକ ରହିଛି ବୋଲି ଜୟତି ଘୋଷ, ୱିନିଏ ବ୍ୟାନ୍‌ୟିମା ଓ ଇମ୍ରାନ୍ ଭଲୋଡିଆ ସାମିଲ ଥିବା ବିଶେଷଜ୍ଞ କମିଟି ଦର୍ଶାଇଛି। ଅତ୍ୟଧିକ ଅସମାନତା ଦୂର ପାଇଁ ଏକ ଅନ୍ତର୍ଜାତୀୟ କମିଟି ଗଠନ କରାଯିବା ଉଚିତ ବୋଲି ଏଥିରେ ସୁପାରିସ କରାଯାଇଛି।

# ସ୍ୱାମୀଙ୍କ ମୁହଁ ଫଟୋଶପ୍ କରି ଟ୍ରୋଲ୍ ହେଲେ ପ୍ରେସ୍ ସଚିବ

**ୱାଶିଂଟନ୍,୪।୧୧**

ଆମେରିକା ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ ତାଙ୍କ ୬୦ ବର୍ଷୀୟ ସ୍ୱାମୀଙ୍କ ମୁହଁକୁ ଫଟୋଶପିଙ୍ଗ୍ କରି ଅନ୍‌ଲାଇନରେ ଟ୍ରୋଲ୍ ହୋଇଛନ୍ତି। କାରୋଲିନ୍ ପୋଷ୍ଟ କରିଥିବା ହାଲୋୱିନ୍ ଫଟୋଗୁଡ଼ିକରେ ତାଙ୍କ ସ୍ୱାମୀ ନିକୋଲାସ୍ ରିସିଓଙ୍କ ମୁହଁ ଚିକ୍କଣ ଓ ଯୁବସୁଲଭ ଦେଖାଯାଉଛି। ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର ହୋଇଥିବା ଉକ୍ତ ଫଟୋଗୁଡ଼ିକ ହ୍ୱାଇଟ୍ ହାଉସ୍ ଏବଂ ନାଭାଲ ଅବ୍‌ଜରଭେଟୋରୀରେ ହାଲୋୱିନ୍ ପାଳନ ବେଳେ ନିଆଯାଇଥିଲା। ସେଠାରେ କାରୋଲିନ୍ ଏବଂ ନିକୋଲାସ୍ ସେମାନଙ୍କ ୧୬ ମାସର ପୁଅ ନିକୋଙ୍କ ସହ ପୋଜ୍ ଦେଇଥିଲେ। ୟୁଜରମାନଙ୍କ ଛଣ୍ଣାଣ ଆଖିରେ ନିକୋଲାସ୍‌ଙ୍କ ଚେହେରାରେ ହୋଇଥିବା ଅସଙ୍ଗତି ତୁରନ୍ତ ଧରାପଡ଼ିଯାଇଥିଲା। ତାଙ୍କ ମୁହଁକୁ ଯୁବସୁଲଭ ଲୁକ୍ ଦେବା ପାଇଁ ଅତ୍ୟଧିକ ରଙ୍ଗ ବୋଳାଯାଇଥିବାବେଳେ ହାତକୁ ଦେଖିଲେ ବୟସର ଛାପ ସ୍ପଷ୍ଟ ବାରିହୋଇ ପଡୁଛି। ଏଭଳି ଫଟୋ ଏଡିଟିଂ ସୋସିଆଲ ମିଡିଆରେ ଝଡ଼ ସୃଷ୍ଟି କରିଛି। ଏହି ଦମ୍ପତିଙ୍କ ବୟସ ବ୍ୟବଧାନ ୩୨ ବର୍ଷ ହୋଇଥିବାବେଳେ ☞ପୃଷ୍ଠା-୪



ସ୍ୱାମୀ ନିକୋଲାସ୍ ରିସିଓ, ପୁଅ ନିକୋଙ୍କ ସହ ଆମେରିକା ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍।



ଉତ୍ତରାଖଣ୍ଡର ୨୫ତମ ପ୍ରତିଷ୍ଠା ଦିବସ ପାଇଁ ସପ୍ତାହବ୍ୟାପୀ ଉତ୍ସବ ପାଳନ ଅବସରରେ ମଙ୍ଗଳବାର ରୁଦ୍ରପ୍ରୟାଗସ୍ଥିତ ନଦୀରେ ନୌଚାଳନା ରାଲିରେ ପ୍ରତିଯୋଗୀମାନେ ଭାଗ ନେଇଛନ୍ତି।

# ଗୋପୀଚାନ୍ଦ ହିନ୍ଦୁଜାଙ୍କ ପରଲୋକ

ଲଣ୍ଡନ,୪।୧୧



ଗୋପୀଚାନ୍ଦ ପି ହିନ୍ଦୁଜା

ହିନ୍ଦୁଜା ଗ୍ରୁପ୍‌ର ଅଧ୍ୟକ୍ଷ ଗୋପୀଚାନ୍ଦ ପି ହିନ୍ଦୁଜାଙ୍କର ମଙ୍ଗଳବାର ଲଣ୍ଡନରେ ପରଲୋକ ଘଟିଛି। ବ୍ୟବସାୟ ଜଗତର ଏହି ବର୍ଷୀୟାନ୍ ନେତାଙ୍କୁ ୮୫ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ଏକ ଯୁଗର ଅନ୍ତ ଘଟିଲା ବୋଲି ତାଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି।

ଗୋପୀଚାନ୍ଦ ହେଉଛନ୍ତି ହିନ୍ଦୁଜା ପରିବାରର ଦ୍ୱିତୀୟ ପିଢ଼ି ସଦସ୍ୟ। ତାଙ୍କ ବଡ଼ଭାଇ ଶ୍ରୀଚାନ୍ଦଙ୍କର ୨୦୨୩ ମେ'ରେ ପରଲୋକ ଘଟିବା ପରେ ଗୋପୀଚାନ୍ଦ ଅଧ୍ୟକ୍ଷ ଭାର ଗ୍ରହଣ କରିଥିଲେ। ଗୋପୀଚାନ୍ଦଙ୍କ ସ୍ତ୍ରୀ ସୁନିତା ଏବଂ ୨ ପୁଅ ସଞ୍ଜୟ ଓ ଧୀରଜ ତଥା କନ୍ୟା ରୀତା ଅଛନ୍ତି। ଗୋପୀଚାନ୍ଦ ହିନ୍ଦୁଜା ଓ ତାଙ୍କ ପରିବାର ବ୍ରିଟେନ୍‌ର ସବୁଠୁ ଧନୀ ବ୍ୟକ୍ତି ଭାବେ ଚଳିତବର୍ଷ ଆରମ୍ଭରେ ପ୍ରକାଶିତ ସନ୍‌ଡେ ଟାଇମ୍ସ ଧନୀ ତାଲିକାରେ ସ୍ଥାନ ପାଇଥିଲେ। ତାଙ୍କ ସମ୍ପତ୍ତି ପରିମାଣ ୩୫.୫ ବିଲିୟନ୍ ପାଉଣ୍ଡ ବୋଲି ଆକଳନ କରାଯାଇଥିଲା। ଜିପି ଭାବେ ପରିଚିତ ଗୋପୀଚାନ୍ଦ ହିନ୍ଦୁଜା ଗ୍ରୁପ୍ ସମେତ ବ୍ରିଟେନ୍‌ରେ ହିନ୍ଦୁଜା ଅଟୋମୋଟିଭ୍ ଲିଃର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ୧୯୫୯ରେ ସେ ମୁମ୍ବାଇରେ ପରିବାର ଉଦ୍ୟୋଗରୁ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୪ରେ ଗଲ୍ଫ ଅଏଲ୍‌କୁ ଅଧିଗ୍ରହଣ କରିବା ତାଙ୍କର ଗୁରୁତ୍ୱପୂର୍ଣ୍ଣ ରଣନୈତିକ ନିଷ୍ପତ୍ତି ଥିଲା। ୧୯୮୭ରେ ସେ ଅଶୋକ ଲେଲାଣ୍ଡକୁ କିଣିଥିଲେ, ଯାହା ଭାରତରେ ପ୍ରଥମ ପର୍ଯ୍ୟାପ୍ତ ଏନ୍‌ଆର୍‌ଆଇ ନିବେଶ ଥିଲା। ଏହି ଉଦ୍ୟୋଗ ଏବେ ଭାରତର ସବୁଠୁ ଉଲ୍ଲେଖଯୋଗ୍ୟ କର୍ପୋରେଟ୍ ସଫଳତା ଭାବେ ସ୍ୱୀକୃତି ପାଇଛି। ଜଣେ ଦୂରଦର୍ଶୀ ନେତା ଭାବେ ଜିପି ହିନ୍ଦୁଜା ଗ୍ରୁପ୍‌ର ବ୍ୟବସାୟକୁ ଶକ୍ତି ଏବଂ ଭିତ୍ତିଭୂମି କ୍ଷେତ୍ରକୁ ବଢ଼ାଇଥିଲେ ଓ ଭାରତରେ କେତେକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିଥିଲେ। ୧୯୫୯ରେ ମୁମ୍ବାଇର ଜୟହିନ୍ଦ୍ କଲେଜରୁ ସ୍ନାତକ ପରେ ଗୋପୀଚାନ୍ଦ ଓ୍ୱେଷ୍ଟମିନିଷ୍ଟର ୟୁନିଭର୍ସିଟିରୁ ଆଇନରେ ଡକ୍ଟରେଟ୍ ଏବଂ ଲଣ୍ଡନର ରିଚ୍‌ମଣ୍ଡ କଲେଜରୁ ଅର୍ଥନୀତିରେ ଡକ୍ଟରେଟ୍ କରିଥିଲେ। ମୁମ୍ବାଇରେ ମୁଖ୍ୟାଳୟ ଥିବା ହିନ୍ଦୁଜା ଗ୍ରୁପ୍ ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସ ଶକ୍ତି, ଗଣମାଧ୍ୟମ, ଟ୍ରକ୍, ଲୁବ୍ରିକାଣ୍ଟ ଏବଂ କେବୁଲ୍ ଟିଭି ଆଦି ବିଭିନ୍ନ କ୍ଷେତ୍ରରେ ଏକ ବୃହତ୍ ବହୁରାଷ୍ଟ୍ରୀୟ କର୍ପୋରେଶନ ଭାବେ କାର୍ଯ୍ୟ କରୁଛି। ଏହା ବିଶ୍ୱବ୍ୟାପୀ ପ୍ରାୟ ୨ ଲକ୍ଷ ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିଛି।

## ୪ ଉତ୍ତର-ପୂର୍ବାଞ୍ଚଳ ଦଳର ମିଶ୍ରଣ ନିଷ୍ପତ୍ତି

ନୂଆଦିଲ୍ଲୀ,୪।୧୧(ପି.ଟି.)

ଉତ୍ତର-ପୂର୍ବାଞ୍ଚଳ ସମସ୍ୟାଗୁଡ଼ିକର ସମାଧାନ ପାଇଁ ମିଳିତ ସ୍ୱର ଉତ୍ତୋଳନ କରିବା ଲାଗି ସେଠାର ୪ଟି ଦଳ ମିଶି ଏକ ନୂଆ ଆଞ୍ଚଳିକ ଶକ୍ତି ଭାବେ ଗୋଟିଏ ରାଜନୈତିକ ଦଳ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମେଘାଳୟ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ ପିପୁଲ୍ସ ପାର୍ଟି ଅଧ୍ୟକ୍ଷ କର୍ନାଡ ସାଙ୍ଗDମାଙ୍କ ସମେତ ୪ ଦଳର ନେତା ମଙ୍ଗଳବାର ଏହା ଘୋଷଣା କରିଛନ୍ତି। ଅନ୍ୟ ନେତାଙ୍କ ମଧ୍ୟରେ ଟିପ୍ରା ମୋଥା ନେତା ପ୍ରଦ୍ୟୋଦ ମାନିକ୍ୟ, ପିପୁଲ୍ସ ପାର୍ଟି ନେତା ଡାନିଏଲ୍ ଲାଙ୍ଗ୍‌ଥାସା ଏବଂ ଭାଜପା ମୁଖପାତ୍ର ମୋନଲୁମୋ କିକୋନ୍ ମିଳିତ ବିବୃତିରେ ସ୍ୱାକ୍ଷର କରିଛନ୍ତି। ପ୍ରସ୍ତାବିତ ଦଳ ଗଠନ ଲାଗି ଆବଶ୍ୟକ ପଦକ୍ଷେପ ନିମନ୍ତେ ବିଚାରବିମର୍ଶ ଲାଗି ଏକ କମିଟି ଗଠନ ହୋଇଛି। ତେବେ ଏହି ପ୍ରସ୍ତାବିତ ରାଜନୈତିକ ଦଳରେ ମିଜୋରାମର ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ, ନାଗାଲାଣ୍ଡର ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି ଏବଂ ଅସୋମ ଗଣ ପରିଷଦ ସାମିଲ ହୋଇନାହାନ୍ତି।

# ବିହାର ନିର୍ବାଚନ ପ୍ରଥମ ପର୍ଯ୍ୟାୟ ପ୍ରଚାର ଶେଷ

- ଦିନକ ପରେ ୧୨୧ ଆସନରେ ଭୋଟ
- ଏନ୍‌ଡିଏ ବିପୁଳ ଭୋଟରେ ଜିତିବ: ମୋଦି
- ଧାନ, ଗହମ ଏମ୍‌ଏସ୍‌ପି ଉପରେ ବୋନସ୍ ଘୋଷଣା କଲେ ତେଜସ୍ୱୀ

ପାଟନା,୪।୧୧



ନରେନ୍ଦ୍ର ମୋଦି



ତେଜସ୍ୱୀ ଯାଦବ

ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ମତଦାନ ଗୁରୁବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ମଙ୍ଗଳବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୨୧ଟି ଆସନରେ ଭୋଟ ଗ୍ରହଣ ହେବାକୁ ଯାଉଛି। ପ୍ରଚାରର ଅନ୍ତିମ ଦିନରେ ଉଭୟ ଏନ୍‌ଡିଏ ଏବଂ ମହାମେଣ୍ଟର ପ୍ରମୁଖ ନେତାମାନେ ବିଭିନ୍ନ ସ୍ଥାନରେ ରାଲି ଓ ରୋଡ୍ ଶୋ' କରି ନିଜ ଦଳର ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏନ୍‌ଡିଏ ବିପୁଳ ଭୋଟରେ ବିଜୟୀ ହୋଇ କ୍ଷମତା ବଜାୟ ରଖିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ୋକ୍ତି କରିଥିବାବେଳେ ବିରୋଧୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କୃଷକମାନଙ୍କ ସ୍ଥିତିରେ ଉନ୍ନତି ଏବଂ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।

ଉଭୟ ଶାସକ ଓ ବିରୋଧୀ ଦଳର ନେତାମାନେ ଶେଷ ଦିନରେ ଭୋଟରଙ୍କୁ ପ୍ରଲୋଭିତ କରିବାରେ କୌଣସି ସୁଯୋଗ ହାତଛଡ଼ା କରି ନ ଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ୩ଟି ରାଲିରେ ଯୋଗଦେଇଥିବାବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ୫ଟି ସଭା କରିଥିଲେ। ସେହିପରି ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଗୋଟିଏ ରାଲି ଓ ଗୋଟିଏ ରୋଡ୍ ଶୋ' କରିଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ୩ଟି ସଭାରେ ଭାଷଣ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର ମହିଳା ଭାଜପା କର୍ମୀମାନଙ୍କ ସହ ଭର୍ଚୁଆଲି କଥା ହୋଇଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କେତେକ ସଭାରେ ଉଦ୍‌ବୋଧନ ଦେଇଥିଲେ। ଶେଷ ଦିନରେ ତେଜସ୍ୱୀ କେତେଗୁଡ଼ିଏ ରାଲିରେ ଉଦ୍‌ବୋଧନ ଦେବା ସହ ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ଧାନ କ୍ୱିଣ୍ଟାଲ ପ୍ରତି ଏମ୍‌ଏସ୍‌ପି (ସର୍ବନିମ୍ନ ସହାୟକ ମୂଲ୍ୟ) ଉପରେ ୩୦୦ ଟଙ୍କା ଏବଂ ଗହମ ଉପରେ ୪୦୦ ଟଙ୍କା ବୋନ୍‌ସ ଦେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଶେଷ ଦିନରେ ପ୍ରଚାରରେ ସାମିଲ ହୋଇଥିଲେ।

ପ୍ରଥମ ପର୍ଯ୍ୟାୟରେ ତେଜସ୍ୱୀ ଯାଦବଙ୍କ ରାଘୋପୁର, ତେଜପ୍ରତାପ ଯାଦବଙ୍କ ମହୁଆ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କ ତାରାପୁର ଆସନରେ ମତଦାନ ହେବାକୁ ଯାଉଛି। ଅନ୍ୟ ପ୍ରମୁଖ ଆସନ ମଧ୍ୟରେ ରହିଛି ଭାଜପା ଟିକେଟରେ ଗାୟିକା ମୈଥିଳି ଠାକୁର ଲଢୁଥିବା ଆଲିନଗର, ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ ଲଖିସରାଇ, ଜେଡିୟୁ ପ୍ରାର୍ଥୀ ତଥା ବାହୁବଳୀ ନେତା ଅନନ୍ତ ସିଂଙ୍କ ମୋକାମା, ଗ୍ୟାଙ୍ଗଷ୍ଟରରୁ ନେତା ହୋଇଥିବା ମହମ୍ମଦ ଶାହାବୁଦ୍ଦିନଙ୍କ ପୁଅ ଓସାମା ଶାହବଙ୍କ ରଘୁନାଥପୁର। ଓସାମା ଆର୍‌ଜେଡିରୁ ଲଢୁଛନ୍ତି। ବିରୋଧୀ ପ୍ରାର୍ଥୀ ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲାରେ ଅନନ୍ତ ସିଂ ଗିରଫ ହୋଇଛନ୍ତି। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାର ଅବଶିଷ୍ଟ ୧୨୨ ଆସନରେ ଆସନ୍ତା ୧୧ ତାରିଖରେ ମତଦାନ ହୋଇ ୧୪ ତାରିଖରେ ଭୋଟଗଣତି କରାଯିବ।

## ଜେଡିୟୁ ନେତା ଲଲନଙ୍କ ନାମରେ ମାମଲା

ପାଟନା,୪।୧୧

ବିହାର ବିଧାନସଭା ନିର୍ବାଚନ ପ୍ରଚାର ବେଳେ ବିରୋଧୀ ଦଳ ନେତାମାନଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା କେନ୍ଦ୍ରମନ୍ତ୍ରୀ ତଥା ଜେଡିୟୁ ନେତା ରାଜୀବ ରଞ୍ଜନ ସିଂ 'ଲଲନ'ଙ୍କ ବିରୋଧରେ ଏତଲା ଦାଏର ହୋଇଛି। ମୋକମା ନିର୍ବାଚନ ମଣ୍ଡଳୀରେ ଗିରଫ ଜେଡିୟୁ ପ୍ରାର୍ଥୀ ଅନନ୍ତ ସିଂଙ୍କ ପାଇଁ ପ୍ରଚାର ବେଳେ ଲଲନ ବିରୋଧୀ ଦଳର ନେତାମାନଙ୍କୁ ଟାର୍ଗେଟ କରି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଭୋଟ ଦିନ ବିରୋଧୀଙ୍କୁ ଭୟଭୀତ କରାଇବା ପାଇଁ ଲଲନ ଏନ୍‌ଡିଏ ସମର୍ଥକମାନଙ୍କୁ କହୁଥିବାର ଏକ ଭିଡିଓରୁ ଶୁଣିବାକୁ ମିଳିଛି। ପାଟନା ଜିଲା ପ୍ରଶାସନ ଉକ୍ତ ଭିଡିଓ ଫୁଟେଜ୍‌କୁ ଯାଞ୍ଚ କରୁଛି। ତଦନ୍ତ ପରେ ଲଲନଙ୍କ ବିରୋଧରେ ଭାରତୀୟ ନାଗରିକ ସୁରକ୍ଷା ଆଇନ ଏବଂ ଜନପ୍ରତିନିଧି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି ଡିକ୍ ଚେନିଙ୍କ ପରଲୋକ



ଓ୍ୱାଶିଂଟନ,୪।୧୧

ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି ଡିକ୍ ଚେନିଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ ନିମୋନିଆ, ହୃଦ୍‌ଘାତ ଆଦି ବିଭିନ୍ନ ରୋଗରେ ପୀଡ଼ିତ ଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଡିକ୍ ବହୁ ଦଶନ୍ଧି ଧରି ହ୍ୱାଇଟ୍ ହାଉସ୍ ଚିଫ୍ ଅଫ୍ ଷ୍ଟାଫ୍, କଂଗ୍ରେସ ସଦସ୍ୟ, ପ୍ରତିରକ୍ଷା ସଚିବ ଏବଂ ଉପରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ। ଜର୍ଜ ଡବ୍ଲ୍ୟୁ ବୁଶ୍ ୨୦୦୧ରୁ ୨୦୦୯ ପର୍ଯ୍ୟନ୍ତ ୨ ଥର ରାଷ୍ଟ୍ରପତି ହୋଇଥିବାବେଳେ ଡିକ୍ ଉପରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ। ଜୁନିୟର ବୁଶ୍‌ଙ୍କ ବାପା ତଥା ପୂର୍ବତନ ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲ୍ୟୁ. ବୁଶ୍‌ଙ୍କ ପ୍ରଶାସନରେ ମଧ୍ୟ ଡିକ୍ କାମ କରିଥିଲେ ଏବଂ ପର୍ସିଆନ୍ ଗଲ୍ଫ ଓ୍ୱାର ବେଳେ ପ୍ରତିରକ୍ଷା ମୁଖ୍ୟ ଭାବେ ସଶସ୍ତ୍ର ବଳର ନେତୃତ୍ୱ ନେଇଥିଲେ।

## ମାନବବିହୀନ ଗଗନଯାନରେ ରହିବ ବ୍ୟୋମିତ୍ର ରୋବୋ

ବେଙ୍ଗାଲୁରୁ,୪।୧୧

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଗଗନଯାନ ମିଶନର ଅଂଶସ୍ୱରୂପ ୩ଟି ମାନବବିହୀନ ସାଟେଲାଇଟ୍‌ମିଶନ ପାଇଁ ଯୋଜନା ରହିଛି। ପ୍ରଥମ ମାନବବିହୀନ ମିଶନ ଡିସେମ୍ବରରେ ଆରମ୍ଭ ହେବ। ତଦନୁଯାୟୀ ଉକ୍ତ ଯାନରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ମାନବ ଆକୃତିର ବ୍ୟୋମିତ୍ର ରୋବୋ ପ୍ରଥମେ ମହାକାଶକୁ ଛଡ଼ାଯିବ ବୋଲି ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ୍ କହିଛନ୍ତି। ଗଗନଯାନ ମିଶନର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲାଣି। ଗଗନଯାନର ପ୍ରସ୍ତୁତିର ଅଂଶ ସ୍ୱରୂପ ପ୍ରଥମ ମାନବବିହୀନ ମିଶନକୁ ଏଲ୍‌ଭିଏମ୍‌୩ ରକେଟ୍ ସହାୟତାରେ ମହାକାଶକୁ ପଠାଯିବ।

## ପ୍ରଦୂଷଣ ରୋକିବାକୁ କ'ଣ କରିଛ ଜଣାଅ

ନୂଆଦିଲ୍ଲୀ,୪।୧୧(ପି.ଟି.)

### ସିଏକ୍ୟୁଏମ୍‌କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ସ୍ଥିତି ଅଧିକ ଖରାପ ହେଉଥିବାବେଳେ ଏହାକୁ ରୋକିବା ଦିଗରେ ଏପର୍ଯ୍ୟନ୍ତ କ'ଣ ପଦକ୍ଷେପ ନିଆଯାଇଛି, ସବିଶେଷ ବିବରଣୀ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ସୁପ୍ରିମକୋର୍ଟ ସୋମବାର ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଦୂଷଣ ସ୍ତର ଅତ୍ୟନ୍ତ ଗମ୍ଭୀର ହେବା ପର୍ଯ୍ୟନ୍ତ ଅପେକ୍ଷା ନ କରି ଆୟୋଗ ସକ୍ରିୟ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ଦୀପାବଳି ସମୟରେ ଦିଲ୍ଲୀର ଅନେକ ବାୟୁ ଗୁଣବତ୍ତା ପର୍ଯ୍ୟବେକ୍ଷଣ କେନ୍ଦ୍ର କାର୍ଯ୍ୟ କରୁ ନ ଥିଲା ବୋଲି ଗଣମାଧ୍ୟମ ରିପୋର୍ଟକୁ ନେଇ ଆମିକସ୍ କ୍ୟୁରି ଅପରାଜିତା ସିଂ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦିଲ୍ଲୀର ୩୭ ପର୍ଯ୍ୟବେକ୍ଷଣ କେନ୍ଦ୍ର ମଧ୍ୟରୁ ଦୀପାବଳି ଦିନ ମାତ୍ର ୯ଟି କାର୍ଯ୍ୟକ୍ଷମ ଥିଲା। ସିଏକ୍ୟୁଏମ୍ ସ୍ପଷ୍ଟ ତଥ୍ୟ ଏବଂ କାର୍ଯ୍ୟଯୋଜନା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଆମିକସ୍ କ୍ୟୁରି ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ।


## ଅଭିଯୁକ୍ତଙ୍କୁ ଗୁଳିକରି ଗିରଫକଲା ପୋଲିସ

କୋଏମ୍ବାଟୁର,୪।୧୧

### କୋଏମ୍ବାଟୁର ଗଣବଳାତ୍କାର ମାମଲା

କୋଏମ୍ବାଟୁରରେ ଜଣେ ୨୦ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାରେ ପୋଲିସ ସୋମବାର ରାତିରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ତଲାସି ଅଭିଯାନ ବେଳେ ଅଭିଯୁକ୍ତମାନେ ଜଣେ କନ୍‌ଷ୍ଟେବଲଙ୍କ ଉପରେ ଆକ୍ରମଣ କରି ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କ ଗୋଡ଼କୁ ଗୁଳି କରିଥିଲା। ଗିରଫ ଅଭିଯୁକ୍ତମାନଙ୍କ ଘର ସିବାଗଙ୍ଗାଇ ଜିଲାରେ। ସେମାନେ ଦିନ ମଜୁରିଆ ହୋଇଥିବାବେଳେ ସେମାନଙ୍କ ନାମରେ ଅପରାଧ ରେକର୍ଡ ରହିଛି। ଆହତ ଅଭିଯୁକ୍ତ ଓ କନ୍‌ଷ୍ଟେବଲଙ୍କୁ କୋଏମ୍ବାଟୁର ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା କରାଯାଇଛି। ରବିବାର ରାତି ପ୍ରାୟ ୧୧ଟା ବେଳେ ଛାତ୍ରୀ ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହ କାର୍ ଯୋଗେ କୋଏମ୍ବାଟୁର ବିମାନବନ୍ଦର ନିକଟ ବୃନ୍ଦାବନ ନଗରକୁ ଆସିଥିବାବେଳେ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ପୁରୁଷବନ୍ଧୁଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରେ ସେମାନେ ଛାତ୍ରୀ ଜଣକୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇ ଛୁରି ଦେଖାଇ ଭୟଭୀତ କରିବା ସହ ବଳାତ୍କାର କରିଥିଲେ। ପୁରୁଷବନ୍ଧୁଙ୍କ ଚେତା ଫେରିବା ପରେ ସେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ।

# '୮ଡି ସହର'



ବେଜିଂ

ଚାଇନାର ଚୋଙ୍ଗକିଙ୍ଗ ସହ '୮ଡି ସହର' ଭାବରେ ଜଣାଶୁଣା। ସେଠାରେ ପ୍ରତ୍ୟେକ ଦିଗରେ କିଛି ଘଟୁଥିବା ପରି ମନେହୁଏ। ଏହାର ରାସ୍ତାଗୁଡ଼ିକ ପଜଲ ସଦୃଶ, କୋଠା ମଧ୍ୟଦେଇ ଟ୍ରେନ୍ ଯାତାୟାତ କରେ, ରାତିରେ ସମଗ୍ର ସହର ଚଳଚ୍ଚିତ୍ର ପରି ଦେଖାଯାଏ।

ଯଦି ପ୍ରଥମେ ଚାଇନାର ଚୋଙ୍ଗକିଙ୍ଗରେ ପାଦ ଦିଅନ୍ତି, ତେବେ ଅନୁମାନ କରିପାରିବେ ନାହିଁ ଯେ ଏହା ଏକ ପ୍ରକୃତ ସହର କି ଏକ ବିଜ୍ଞାନପ୍ରସୂତ କାଳ୍ପନିକ ଚଳଚ୍ଚିତ୍ରର ସେଟ୍। ସେଥିପାଇଁ ଏହାକୁ '୮ଡି ସହର' କୁହାଯାଏ। ଏଠାକାର ରାସ୍ତାଗୁଡ଼ିକ ଉପରକୁ ଓ ତଳକୁ ଯାଏ ଏବଂ କୋଠାଗୁଡ଼ିକ ପରସ୍ପର ସହିତ ଅନେକ କାହାଣୀ ଉପରେ ଓ ତଳେ ସଂଯୋଗ କରେ।

ଏହି ସହର ଦକ୍ଷିଣ-ପଶ୍ଚିମ ଚାଇନାର ୟାଙ୍ଗଜେ ଏବଂ ଜିଆଲିଙ୍ଗ ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ। ଏହାର ସବୁଠାରୁ ଆକର୍ଷଣୀୟ ବୈଶିଷ୍ଟ୍ୟ ହେଉଛି ମୋନୋରେଲ ଟ୍ରେନ୍ ଯାହା କୋଠାର ଭିତର ଦେଇ ଗତି କରେ। ଲିଜିବା ଷ୍ଟେଶନରେ ଟ୍ରେନ୍ ସିଧା ଏକ କୋଠା ଦେଇ ଯାଏ ଏବଂ ଆଶ୍ଚର୍ଯ୍ୟଜନକ ଭାବରେ ଏଠାକାର ବାସିନ୍ଦାମାନେ କେବେ ଅଭିଯୋଗ କରନ୍ତି ନାହିଁ, ବରଂ ଏହା ସେମାନଙ୍କର ପରିଚୟ ପାଲଟିଛି। ଏହି ସହର ୮ ନିୟୁତରୁ ଅଧିକ ଲୋକଙ୍କ ବାସସ୍ଥାନ ଏବଂ ଏକ ପାହାଡ଼ିଆ ଅଞ୍ଚଳରେ ଥିବା ସତ୍ତ୍ୱେ ଏହାର ପରିବହନ ବ୍ୟବସ୍ଥା ଉତ୍କୃଷ୍ଟ। ଏଠାରେ ବହୁସ୍ତରୀୟ ରାସ୍ତା ବ୍ୟବସ୍ଥା ଏତେ ଉନ୍ନତ ଯେ, କେତେକ ଜାଗାରେ ଗୋଟିଏ ସ୍ଥାନରେ ପାଞ୍ଚ କିମ୍ବା ଛଅ ମହଲା ରାସ୍ତା ଅଛି, ଯାହା ବିଭିନ୍ନ ଦିଗକୁ ନେଇଥାଏ। ଏହି କାରଣରୁ ମାନଚିତ୍ର ମଧ୍ୟ କେତେକ ସମୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ। ଯେତେବେଳେ ରାତିରେ ସହର ଆଲୋକିତ ହୁଏ, ଏହାର ରାସ୍ତା, ପୋଲ ଏବଂ କୋଠା ପରିଦର୍ଶକମାନଙ୍କୁ ଫିଲ୍ମର ଏକ ସହରର ଝଲକ ଦିଏ। ସେଥିପାଇଁ ଅନେକ ଲୋକ ଏହାକୁ ବିଶ୍ୱର ସାଇବରପଙ୍କ ସହର ବୋଲି କୁହନ୍ତି। ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ, ଚୋଙ୍ଗକିଙ୍ଗ ଚାଇନାର ସ୍ମାର୍ଟ ସହର ମଧ୍ୟରୁ ଅନ୍ୟତମ। ଏହାର ସ୍ମାର୍ଟ ଟ୍ରାଫିକ ସିଷ୍ଟମ, ମୁହଁ ଚିହ୍ନଟ କ୍ୟାମେରା, ଏଆଇ-ଆଧାରିତ ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ହାଇ-ସ୍ପିଡ ୫ଜି ନେଟୱର୍କ ଏହାକୁ ବିଶ୍ୱଠାରୁ ବର୍ଷ ବର୍ଷ ଆଗରେ ରଖିଛି। ଏଠାରେ ପ୍ରତ୍ୟେକ ଟ୍ରାଫିକ ଲାଇଟ ଏବଂ କ୍ୟାମେରା ପରସ୍ପର ସହ ଜଡିତ, ଯାହା ପୋଲିସ ଉପସ୍ଥିତି ବିନା ମଧ୍ୟ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ଅନୁମତି ଦିଏ।

କେବଳ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ନୁହେଁ ବରଂ ସ୍ଥାପତ୍ୟ ଦୃଷ୍ଟିରୁ ମଧ୍ୟ ଚୋଙ୍ଗକିଙ୍ଗ ବିଶ୍ୱର ସବୁଠାରୁ ଜଟିଳ ସହର ମଧ୍ୟରୁ ଅନ୍ୟତମ ଭାବେ ବିବେଚନା କରାଯାଏ। ଏଠାରେ ଅନେକ କୋଠା ଗୋଟିଏ ପାହାଡ଼ରୁ ଅନ୍ୟ ପାହାଡ଼କୁ ମଧ୍ୟ ଲମ୍ବିଥାଏ।

ଫୁରସତ୍

## ବିଠାବାଈଙ୍କ ବାୟୋପିକ୍‌ରେ ଶ୍ରଦ୍ଧା



ଶ୍ରଦ୍ଧା କପୁର

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ମହାରାଷ୍ଟ୍ରର ପ୍ରସିଦ୍ଧ କଳାକାର ବିଠାବାଈ ନାରାୟଣଗାଓଁକରଙ୍କ ଜୀବନୀ ଉପରେ ଆଧାରିତ ଏକ ବାୟୋପିକ୍ 'ଇଥା' ପାଇଁ ଶୁଟିଂ ଆରମ୍ଭ କରିଛନ୍ତି। ଲକ୍ଷ୍ମଣ ଉଟେକରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଦିନେଶ ବିଜାନଙ୍କ ମ୍ୟାଡକ୍ ଫିଲ୍ମସ ଦ୍ୱାରା ପ୍ରଯୋଜିତ।

ମରାଠୀ ଲୋକରଙ୍ଗମଞ୍ଚର ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ବିଠାବାଈ ଅନ୍ୟତମ। କଳାତ୍ମକ ପ୍ରତିଭା ଏବଂ ବ୍ୟକ୍ତିଗତ ଚ୍ୟାଲେଞ୍ଜରେ ପରିପୂର୍ଣ୍ଣ ତାଙ୍କ ଜୀବନ ନୂତନ କଳାକାରଙ୍କୁ ପ୍ରେରଣା ଦେବ। ଶ୍ରଦ୍ଧାଙ୍କ ନିଖୁଣ ଅଭିନୟ 'ଇଥା'ରେ ଦେଖିବାକୁ ମିଳିବ।

ଶ୍ରଦ୍ଧା କପୁରଙ୍କୁ ଶେଷ ଥର ପାଇଁ 'ସ୍ତ୍ରୀ ୨' ଫିଲ୍ମରେ ଦେଖିବାକୁ ମିଳିଥିଲା। ୨୦୨୪ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ଏକ ବଡ଼ ସଫଳତା ପାଇ ୮୮୪ କୋଟି ଆୟ କରିଥିଲା। 'ସ୍ତ୍ରୀ ୨' ପରେ, ସେ ଏବେ ବିଠାବାଈଙ୍କ ବାୟୋପିକ୍ ଉପରେ କାମ ଆରମ୍ଭ କରିଛନ୍ତି। ପ୍ରଶଂସକମାନେ ଶ୍ରଦ୍ଧାଙ୍କୁ ପୁଣି ଥରେ ବଡ଼ ପରଦାରେ ଧମାକା କରୁଥିବା ଦେଖିବାକୁ ଉତ୍ସାହିତ ଅଛନ୍ତି।




# ୭ରେ ସବୁ ଶିକ୍ଷାନୁଷ୍ଠାନରେ 'ବନ୍ଦେ ମାତରମ୍'

ଭୁବନେଶ୍ୱର,୪।୧୧ (ରବିନାରାୟଣ ଜେନା)

ବଙ୍କିମଚନ୍ଦ୍ର ଚଟୋପାଧ୍ୟାୟଙ୍କ ଲିଖିତ ଓ ଭାରତର ରାଷ୍ଟ୍ରୀୟ ଗାନ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବକୁ ସାରା ରାଜ୍ୟରେ ଶ୍ରଦ୍ଧାର ସହ ପାଳନ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବକୁ ସାରା ରାଜ୍ୟରେ ପାଳନ କରାଯିବାକୁ ରହିଥିବାବେଳେ ପ୍ରତ୍ୟେକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରରେ ଏହା ପାଳନ କରାଯିବ। ଏହି ସମୟରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ବନ୍ଦେ ମାତରମ୍ ଗାନ କରିବାକୁ ହେବ ବୋଲି ସଚିବ ପତ୍ରରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ ଯେ, ୧୮୭୫ ମସିହା ନଭେମ୍ବର ୭ରେ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଲିଖିତ ଆନନ୍ଦ ମଠ ଉପନ୍ୟାସରେ ଏହା ସ୍ଥାନିତ ହୋଇଥିଲା। ତେଣୁ ଏହାକୁ ରାଜ୍ୟ ସାରା ପାଳନ କରାଯିବାକୁ ସଚିବ ବିଜୟକେତନ ଉଭୟ ବିଭାଗୀୟ ସଚିବଙ୍କ ପତ୍ର ଲେଖି ଦର୍ଶାଇଛନ୍ତି।

# ଦେଢ଼ କୋଟି ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

ଜଟଣୀ,୪।୧୧ (ରବୀନ୍ଦ୍ରନାଥ ମହାକୁଡ଼)

ଦେଢ଼ କୋଟି ଟଙ୍କା ଠକେଇ ଅଭିଯୋଗରେ ଜଟଣୀ ଥାନା ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଝାଡ଼ଖଣ୍ଡର ଇଷ୍ଟ ସିଂହଭୂମ୍ ଜିଲା ସୋନାରୀ ଥାନା ଅଧୀନ କାଗଲ ନଗରର ସୁବ୍ରତ ବାରିକ(୩୧)। ତେବେ ସେ ଜଟଣୀ ଥାନା ଅଧୀନ ଖୋଲାଦ୍ୱାର ମୌଜାର ୧୦୦ ଏକର୍ସ ମେଟ୍ରୋ ଡୁପ୍ଲେକ୍ସ ନଂ.୧୨ରେ ରହୁଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୫୦୭/୨୫)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଅଭିଯୋଗକାରୀ କ୍ରିଷ୍ଣା ମୋଦି ଓଲା ଏବଂ ଉବେର ବ୍ୟବସାୟ କରୁଥିଲେ। ୨୦୨୩ ମସିହାରେ ଓଲା ପ୍ଲାଟଫର୍ମ ମାଧ୍ୟମରେ କ୍ରିଷ୍ଣାଙ୍କ ସହ ଅଭିଯୁକ୍ତ ସୁବ୍ରତଙ୍କ ପରିଚୟ ହୋଇଥିଲା।

# ପୋଲିଓ ଇଞ୍ଜେକ୍ସନ ନେଇ ଶିଶୁ ମୃତ୍ୟୁ ଅଭିଯୋଗ

ବାସୁଦେବପୁର,୪।୧୧ (କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମୁଣ୍ଡା ପଞ୍ଚାୟତ ନନ୍ଦପାଟଣା ଗ୍ରାମର ରାଜାରାମ ଜାନାଙ୍କ ୩ ମାସର ଝିଅ ରାଜଶ୍ରୀଙ୍କର ପୋଲିଓ ଇଞ୍ଜେକ୍ସନ ନେବା ପରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ନାୟକାଣିଡିହୀ ଥାନାରେ ରାଜାରାମଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ରାଜଶ୍ରୀଙ୍କୁ ନଣ୍ଡାପାଟଣା ଅଙ୍ଗନୱାଡି କେନ୍ଦ୍ରରେ ପୋଲିଓ ଇଞ୍ଜେକ୍ସନ ଦିଆଯାଇଥିଲା। ସନ୍ଧ୍ୟାରେ ତାଙ୍କୁ ଜ୍ୱର ଆସିବାରୁ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ଶିଶୁକନ୍ୟା ରାତିରେ ମା' ସହ ଡାକ୍ତରଖାନାରେ ଶୋଇଥିଲେ। ମଙ୍ଗଳବାର ସକାଳେ ଡାକ୍ତର ରାଉଣ୍ଡରେ ଆସିଥିବା ବେଳେ ପରୀକ୍ଷା କରି ଶିଶୁକନ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୩୦/୨୫) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# କଳାହାଣ୍ଡିକୁ ଶସ୍ୟ ଶ୍ୟାମଳା କରିଥିଲେ ରାଜୀବ:କଂଗ୍ରେସ

ଭୁବନେଶ୍ୱର,୪।୧୧ (ରବିନାରାୟଣ ଜେନା)

ଦୁର୍ଭିକ୍ଷ କବଳିତ କଳାହାଣ୍ଡିକୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଶସ୍ୟଶ୍ୟାମଳା କରିଥିଲେ ବୋଲି କଂଗ୍ରେସ କହିଛି। କଂଗ୍ରେସଭବନଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍ପି ଅନନ୍ତ ସେଠୀ କହିଛନ୍ତି, ନୂଆପଡା ଉପନିର୍ବାଚନ ପାଇଁ ବିଜେଡି-ଭାଜପା ନିଜ ଭିତରେ ବୁଝାମଣାକରି ପ୍ରାର୍ଥୀ ଦେଇଛନ୍ତି। ତେବେ ସୋମବାର ନୂଆପଡା ଗସ୍ତ ଅବସରରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଯେଉଁ ବିଷୋଦ୍‌ଗାର କରିଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ନବୀନ ବାବୁ ଦୀର୍ଘ ୨୫ ବର୍ଷ ଧରି ଭାଜପା ସହିତ ବୁଝାମଣା କରି ଓଡ଼ିଶାବାସୀଙ୍କୁ ପ୍ରତାରଣା କରି ଆସିଲେ। ଏବେ ସେ ଭୋଟ ଚୋରି ପ୍ରସଙ୍ଗ ଉଠାଇ ଭାଜପାକୁ ଟାର୍ଗେଟ କରୁଛନ୍ତି, ଯାହାକି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ ଚୋରିକୁ ଦେଶରେ ଏକ ଆନ୍ଦୋଳନରେ ପରିଣତ କରି ସାରିଛନ୍ତି।

ଏଥିସହ ସେ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ତାଙ୍କ ସମୟରେ ମରୁଡି ପ୍ରପୀଡ଼ିତ କଳାହାଣ୍ଡି ଗସ୍ତରେ ଆସି କୋମନା ଯାଇଥିଲେ। ସେଠାରେ ଲୋକଙ୍କ ଦୁରବସ୍ଥା ଦେଖି ତାଙ୍କ ହୃଦୟ ବ୍ୟଥିତ ହୋଇଥିଲା। ଫଳରେ ସେ କେବିକେ ଯୋଜନାର ଶୁଭାରମ୍ଭ କରିଥିଲେ। ଇନ୍ଦ୍ରାବତୀ, ପତୋରା, ତିଖାଲୀ ଆଦି ବୃହତ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରି ଚିର ମରୁଡି ପ୍ରପୀଡ଼ିତ ଅବିଭକ୍ତ କଳାହାଣ୍ଡିକୁ ଶସ୍ୟ ଶ୍ୟାମଳା କରିଥିଲେ। ହେଲେ ଭାଜପା ଆଦିବାସୀ ମୁଖ୍ୟମନ୍ତ୍ରୀ କରିଛି ବୋଲି ଭାଷଣ ଦେଉଥିବା ବେଳେ 'ପେସା' ଆଇନକୁ ଏପର୍ଯ୍ୟନ୍ତ ଲାଗୁ କରି ପାରୁନାହିଁ। କାରଣ ଜଙ୍ଗଲ, ଜମି, ଜଳ ଆଦାନୀଙ୍କ ହାତରେ ଟେକିବା କଷ୍ଟକର ହେବ, ସେଥିପାଇଁ 'ପେସା' ଆଇନ ଲାଗୁ କରୁନାହାନ୍ତି ବୋଲି ଅନନ୍ତ କହିଛନ୍ତି।

# ଜେଲ ଗଲେ ସାର୍ପ ଶୁଟର କୁରୁପତି, ଉମା ବିଷୋୟୀ

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୪।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଧରାପଡିଥିବା ସାର୍ପ ଶୁଟର କୁରୁପତି ଭୂୟାଁ ଏବଂ ସହଯୋଗୀ ଉମା ବିଷୋୟୀଙ୍କୁ ବୈଦ୍ୟନାଥପୁର ପୋଲିସ ପଚରାଉଚରା ପରେ ମଙ୍ଗଳବାର ରାତିରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ଜାମିନ ଆବେଦନ ଖାରଜ ପରେ ଉଭୟଙ୍କୁ ରାତି ୯ଟାରେ ବ୍ରହ୍ମପୁର ଏସଡିଜେଏମ୍ କୋର୍ଟରେ ହାଜର ପରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଛି। ଏହି ମାମଲାରେ ପୂର୍ବରୁ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ପୂର୍ବତନ ମେୟର ଶିବଶଙ୍କର ଦାଶଙ୍କ ସମେତ ୧୪ ଜଣ ଗିରଫ ହୋଇ ସାରିଛନ୍ତି। ମଣ୍ଡଳ କାରାଗାରରେ ଏବେ ଉକ୍ତ ମାମଲାର ଗିରଫ ହୋଇ ୧୬ ଜଣ ଅଛନ୍ତି। ତେବେ ଉମା ଓ କୁରୁପତିଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି। ପୀତବାସଙ୍କୁ ହତ୍ୟା ପାଇଁ ବିହାରରୁ ଆସିଥିବା ୨ ଜଣ ସାର୍ପ ଶୁଟର ବ୍ରହ୍ମପୁରରୁ ଫେରିଯିବା ପରେ ଦିଗହପହଣ୍ଡି ଥାନା ଅନ୍ତର୍ଗତ ବନ୍ଥପଲ୍ଲୀର କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନଙ୍କୁ ଉମା ବିଷୋୟୀ ହତ୍ୟା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଏଥିପାଇଁ ଉମା ବିଷୋୟୀ ଉଭୟଙ୍କୁ ୮ ଲକ୍ଷ ଟଙ୍କା ଦେଇଥିଲା। ସେହିପରି ଉମା ବିଷୋୟୀ ହିଁ କୁରୁପତି ଓ ଚିଣ୍ଟୁଙ୍କୁ ଦେଶୀ ବନ୍ଧୁକ ଓ ନକଲି ନମ୍ବର ବିଶିଷ୍ଟ ବାଇକ୍ ଯୋଗାଇ ଦେଇଥିଲେ। ହତ୍ୟା ଘଟଣା ପରେ ଉମା ଓ କୁରୁପତି ଜୟପୁର ଯାଇ ୪ ଦିନ ରହିବା ପରେ ସେଠାରୁ ବାହାର ରାଜ୍ୟକୁ ଫେରାର ହୋଇ ଯାଇଥିଲେ। ପୋଲିସ ଉଭୟଙ୍କୁ କାବୁ କରିବାକୁ ଓଡ଼ିଶା ବାହାରେ ଡେରା ପକାଇଥିଲା। ସୋମବାର ଉଭୟ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ଯୁକ୍ତ୨ ଫର୍ମପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର,୪।୧୧ (ଅନୁରାଧା ମହାରଣା)

ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ଫର୍ମପୂରଣ ଅବଧି ବୃଦ୍ଧି ହୋଇଛି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ମିଳିଛି। ବିନା ଜରିମାନାରେ ଫର୍ମପୂରଣ ଅବଧି ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ପରିଷଦ ପକ୍ଷରୁ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଓ ପ୍ରଧାନ ଶିକ୍ଷକଙ୍କୁ ଚିଠି ଲେଖିଛନ୍ତି। ବିନା ଜରିମାନାରେ ଉଭୟ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ପାଇଁ ପଞ୍ଜୀକରଣ ଏବଂ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ ଓ ଫି ଆଦାୟର ଶେଷ ତାରିଖ ନଭେମ୍ବର ୧୧କୁ ଘୁଞ୍ଚାଇ ଦିଆଯାଇଛି। ସେହିପରି ନଭେମ୍ବର ୧୩ରୁ ୧୮ ତାରିଖ ମଧ୍ୟରେ ପଞ୍ଜୀକରଣ ଓ ଫର୍ମପୂରଣ କଲେ ଛାତ୍ରୀଛାତ୍ରଙ୍କୁ ୨୦୦ ଟଙ୍କା ଜରିମାନା ଏବଂ ନଭେମ୍ବର ୧୯ରୁ ୨୧ ତାରିଖ ମଧ୍ୟରେ ପଞ୍ଜୀକରଣ ଓ ଫର୍ମପୂରଣ କଲେ ଛାତ୍ରୀଛାତ୍ରଙ୍କୁ ୬୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ।

# ଲୁନାକୁ ଧକ୍କାଦେଇ ଜଳିଗଲା ହାଇୱା

## ଲୁନା ଚାଳକଙ୍କ ମୃତ୍ୟୁ


ରାସ୍ତାରେ ଜଳୁଥିବା ହାଇୱା।

ଜମନକିରା, ୪।୧୧ (ରବୀନ୍ଦ୍ର ପ୍ରସାଦ ବାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଅନ୍ତର୍ଗତ ଗରିଆବାହାଲ ବୁଲାଣିରେ ମଙ୍ଗଳବାର ଅପରାହ୍ନ ସାଢ଼େ ୧ଟାରେ ଏକ ଦୁଃଖଦ ଘଟଣା ଘଟିଛି। କୁଚିଣ୍ଡାରୁ ଯାଉଥିବା ଏକ ପାଉଁଶ ବୋଝେଇ ହାଇୱା ଜମନକିରା ପଟୁ ଫାସିମାଲ ଆସୁଥିବା ଏକ ଲୁନାକୁ ଜୋରରେ ଧକ୍କା ଦେଇଥିଲା। ଲୁନା ହାଇୱା ତଳେ ପଶିଯାଇ ହଠାତ୍ ଜଳିବାକୁ ଆରମ୍ଭ କରିଥିଲା। କ୍ରମେ ଏହା ହାଇୱାକୁ ବ୍ୟାପିଥିଲା। ଏହି ଦୁର୍ଘଟଣାରେ ଲୁନା ଚାଳକ ସ୍ଥାନୀୟ ଗୁଲୁଜିପାଲି ଗ୍ରାମର ପଦ୍ମଲାଭ ଦଣ୍ଡପାଟ (୬୧)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଜମନକିରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରାଇବାକୁ ହାଇୱା ଓ ଲୁନା ଜଳିଯାଇଥିଲା। ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛନ୍ତି। ଅପରପକ୍ଷରେ ଜମନକିରା ଥାନା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଦେଇଛି। ଏନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଲକ୍ଷ୍ମୀନୃସିଂହ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୪।୧୧ (ଅଜିତ କୁମାର ମହାନ୍ତି)

କାର୍ତ୍ତିକ ମାସ ଶୁକ୍ଳପକ୍ଷ ବୈକୁଣ୍ଠ ଚତୁର୍ଦ୍ଦଶୀ ତିଥି ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ବା ଡାଳିକିଆ ବେଶ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦେଖିବାକୁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପରମ୍ପରା ଅନୁଯାୟୀ, ଶ୍ରୀକ୍ଷେତ୍ର ସ୍ଥିତ ଚକ୍ରନୃସିଂହଙ୍କ ନିକଟରୁ ମହାପ୍ରଭୁଙ୍କ ପାଖକୁ ଆଜ୍ଞାମାଳ ଆସିଥିଲା। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଅବକାଶ ନୀତି ପରେ ଲକ୍ଷ୍ମୀନୃସିଂହ ବେଶ ଆରମ୍ଭ ହୋଇଥିଲା। ସେବାୟତମାନେ ରତ୍ନଭଣ୍ଡାରରୁ ଆଣିଥିବା ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ଶ୍ରୀବିଗ୍ରହଙ୍କୁ ସଜ୍ଜିତ କରିଥିଲେ। ସୋଲ ଓ ଜରିରେ ଡାଳି କରାଯାଇ ସେଥିରେ ରଙ୍ଗବେରଙ୍ଗର ଫୁଲ ସବୁ ଚତୁର୍ଦ୍ଧାବିଗ୍ରହଙ୍କ ଶ୍ରୀମସ୍ତକରେ ଲଗାଯାଇଥିଲା। ଏହି ଡାଳି ମଝିରେ ଠିଆପାଖୁଡ଼ା ଆକୃତିର ସ୍ୱର୍ଣ୍ଣକିଆ ଖଞ୍ଜା ଯାଇଥିଲା। ସେହିପରି ଠାକୁରମାନେ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର, କିରୀଟ, କୁଣ୍ଡଳ, ଚନ୍ଦ୍ରିକା ସହ ପ୍ରଭୁ ଶ୍ରୀବଳଭଦ୍ର ହସ୍ତରେ ହଳମୁଷଳ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଶଙ୍ଖ ଓ ଚକ୍ର ଧାରଣ କରିଥିଲେ। ଗୋପାଳ ବଲ୍ଲଭ, ବାଲଭୋଗ ଓ ସକାଳ ଧୂପ ଶେଷହେବା ପର୍ଯ୍ୟନ୍ତ ଏହି ବେଶ ରହିଥିଲା। ରତ୍ନସିଂହାସନରେ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶକୁ ଦର୍ଶନ କରି ଶ୍ରଦ୍ଧାଳୁମାନେ କୃତାର୍ଥ ହୋଇଥିଲେ।

# ଉତ୍କଳ ବିଲ୍ଡର୍ସରେ ଆୟକର ଚଢ଼ାଉ

ଭୁବନେଶ୍ୱର,୪।୧୧ (ସତ୍ୟଜିତ ରାଉତ)

**୧୪ରୁ ଊର୍ଦ୍ଧ୍ୱ ସ୍ଥାନରେ ଯାଞ୍ଚ, ୧୨୦ ଅଫିସର ନିୟୋଜିତ**

ଟିକସ ହେରଫେର ଅଭିଯୋଗରେ ଉତ୍କଳ ବିଲ୍ଡର୍ସ ଆୟକର ବିଭାଗର ସ୍କାନରକୁ ଆସିଛି। ମଙ୍ଗଳବାର ଉତ୍କଳ ବିଲ୍ଡର୍ସର ୧୪ରୁ ଊର୍ଦ୍ଧ୍ୱ ସ୍ଥାନରେ ଆୟକର ବିଭାଗ ପକ୍ଷରୁ ବଡ଼ ଧରଣର ଚଢ଼ାଉ କରାଯାଉଛି। ପ୍ରାୟ ୧୦୦ କୋଟି ଟଙ୍କାର ଆୟକର ହେରଫେର ଅଭିଯୋଗ ନେଇ ଏକକାଳୀନ ଏହି ଯାଞ୍ଚ ଚାଲିଥିବା ସୂଚନା ମିଳିଛି। କୋଲକାତାର ୩ଟି ଏବଂ ଭୁବନେଶ୍ୱରର ୧୧ଟି ସ୍ଥାନରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ଏହି ଯାଞ୍ଚରେ ଆୟକର ବିଭାଗର ପ୍ରାୟ ୧୨୦ ଅଫିସର ନିୟୋଜିତ ହୋଇଥିବାବେଳେ କୌଣସି ଆଇନଶୃଙ୍ଖଳା ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ବନ୍ଧୁକଧାରୀ ସିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ସୁରକ୍ଷା ଯୋଗାଇ ଦିଆଯାଇଛି। ଚଢ଼ାଉ ବେଳେ ଉତ୍କଳ ବିଲ୍ଡର୍ସର ଆର୍ଥିକ କାରବାର ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଆୟକର ଟିମ୍ ଯାଞ୍ଚ କରିଥିବା ବେଳେ କିଛି ଦସ୍ତାବିଜକୁ ଜବତ କରିଥିବା ସୂଚନା ମିଳିଛି। ଆୟକର ଟିମ୍ ଉତ୍କଳ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ, ଆକାଉଣ୍ଟାଣ୍ଟ, ପାର୍ଟନର ଆଦିଙ୍କୁ ପଚରାଉଚରା କରି ବହୁ ତଥ୍ୟ ହାସଲ କରିଛି। ଭୁବନେଶ୍ୱରରେ ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଉତ୍କଳ ଗାଲେରିଆ ମଲ୍, ଉତ୍କଳ ହାଇଟ୍ସ, ଶହୀଦନଗରସ୍ଥିତ କାର୍ଯ୍ୟାଳୟ ଏବଂ ଆଇଜିଆଇଏସ୍ଥିତ ଏକ ପ୍ରୋଜେକ୍ଟ ଆଦି ରହିଛି। ଶହୀଦନଗରସ୍ଥିତ ମହର୍ଷି କଲେଜ ନିକଟ ମୁଖ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ସକାଳୁ ଆୟକର ବିଭାଗର ଅଧିକାରୀମାନେ ପହଞ୍ଚି ଯାଞ୍ଚ କରିଥିଲେ। ଆୟକର ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ଏହି ଚଢ଼ାଉ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବାବେଳେ ଉତ୍କଳ ବିଲ୍ଡର୍ସ ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସାମାଜିକ ଅନୁଷ୍ଠାନ ସାହାରା ଜନମଞ୍ଚ ଆନୁକୂଲ୍ୟରେ ୨୧ତମ ଐତିହ୍ୟସମ୍ପନ୍ନ କୁଆଖାଇ ବୋଇତ ବନ୍ଦାଣ ମହୋତ୍ସବ, ସ୍ଥାନ: କାଳୀଘାଟସ୍ଥିତ କୁଆଖାଇ ସେତୁ, ପାଣ୍ଡରା, ସମୟ: ପ୍ରାତଃ ୩ଟା।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଦୟାନଦୀ, ଲିଙ୍ଗିପୁର– ନାଥପୁର ଘାଟ (ଦୟାବ୍ରିଜ୍ ନିକଟ), ସମୟ: ପ୍ରାତଃ ୪ଟା।
- ୧୯ତମ ଚନ୍ଦ୍ରଶେଖରପୁର ବୋଇତ ବନ୍ଦାଣ ଉତ୍ସବ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ଲୁମ୍ବିନୀ ବିହାର, ପ୍ଲଟ ନଂ–୩୨୨,୩୨୩, ପ୍ରୋଜେକ୍ଟ ୱାଟର, ସମୟ: ପ୍ରାତଃ ୫ଟା।
- ଚୁଡ଼ଙ୍ଗଗଡ଼ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ପୁରୀ ମେନ୍ କେନାଲ, ବାରଙ୍ଗ, ସମୟ: ପ୍ରାତଃ ୫ଟା।
- ଓଏସ୍ଏପି ସପ୍ତମ ବାଟାଲିୟନ, ଚନ୍ଦ୍ରଶେଖରପୁର ପକ୍ଷରୁ ଶ୍ରୀଶ୍ରୀଚନ୍ଦ୍ରଶେଖରେଶ୍ୱର ମହାଦେବ କାର୍ତ୍ତିକପୂର୍ଣ୍ଣିମା ଉତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଓଏସ୍ଏପି ସପ୍ତମ ବାଟାଲିୟନ, କମିଶନରେଟ ପୋଲିସ ପରିସର, ସମୟ: ପ୍ରାତଃ ୫ଟା।
- ସାଂସ୍କୃତିକ ପରିଷଦ ପକ୍ଷରୁ ବିନ୍ଦୁସାଗର ବୋଇତ ବନ୍ଦାଣ ଏବଂ ସଂସ୍କୃତି ସମ୍ମାନ ୨୦୨୫ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବିନ୍ଦୁସାଗର ଉତ୍ତରେଶ୍ୱର ଘାଟ, ସମୟ: ସକାଳ ୬ଟା।
- ଗୁରୁଦ୍ୱାର ସିଂ ସଭା ପକ୍ଷରୁ ଗୁରୁ ନାନକ ଦେବ ଜୟନ୍ତୀ ପାଳନ, ସ୍ଥାନ: ୟୁନିଟ୍ ୩, ଖାରବେଳ ନଗର, ସମୟ: ସକାଳ ୯ଟା।
- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚିତ୍ରକଳା ଓ ସ୍ଥାପତ୍ୟ ପ୍ରଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସିଆର୍ଆର୍ଆଇ ଏବଂ ସିଏବିଆଇ ପକ୍ଷରୁ ଆୟୋଜିତ ଷ୍ଟେକ୍ହୋଲ୍ଡର କନ୍ସଲଟେଶନ ୱାର୍କଶପ୍, ସ୍ଥାନ: ହୋଟେଲ ମେ ଫେୟାର, ସମୟ: ପୂର୍ବାହ୍ନ ୧୦ଟା।
- ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ୨୦୨୫, ସ୍ଥାନ: ମେଡିକାଲ୍ ଛକ, ବାରଙ୍ଗ, ସମୟ: ଅପରାହ୍ନ ୫ଟା।
- ଶିକ୍ଷାସନ୍ଧାନ ପକ୍ଷରୁ ପ୍ରଫେସର ସର୍ବେଶ୍ୱର ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ସ୍ୱର୍ଣ୍ଣାଭ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା: ୬ଟା।

**କଟକ**
- ମା'ଲୋଭୀ ଠାକୁରାଣୀଙ୍କ ପ୍ରସିଦ୍ଧ ମୁଣ୍ଡନ ଯାତ୍ରା, ସ୍ଥାନ: ବିନ୍ଧାଣିମା, ଲୋଭୀ ଠାକୁରାଣୀଙ୍କ ପୀଠ, ତିଗିରିଆ, ସମୟ: ପ୍ରାତଃ ୩ଟା
- ଜିଲା ପ୍ରଶାସନ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଗଡଗଡିଆ ଘାଟ, ସମୟ: ସକାଳ ୫ଟା ୩୦।
- ଐତିହାସିକ ବାଲିଯାତ୍ରା କଟକ–୨୦୨୫ ଉଦ୍‌ଘାଟନୀ, ସ୍ଥାନ: ବାଲିଯାତ୍ରା ଉପରପଡ଼ିଆ, ସମୟ: ଅପରାହ୍ନ ୫ଟା ୩୦।

**ଖୋର୍ଦ୍ଧା**
- ବୋଇତ ବନ୍ଦାଣ କାର୍ଯ୍ୟକ୍ରମ, ସ୍ଥାନ: ହାଟ ପୋଖରୀ, ଖୋର୍ଦ୍ଧା, ସମୟ: ସକାଳ ୬ଟା।
- ବୋଇତ ବନ୍ଦାଣ ଉତ୍ସବ ଆଲୋଚନାଚକ୍ର, ସ୍ଥାନ: ଗାୟତ୍ରୀ ମନ୍ଦିର, ବିଡିଏ କଲୋନୀ, ସମୟ: ଅପରାହ୍ନ ୩ଟା ୩୦।

**ବାଲେଶ୍ୱର**
- ମା' ଭଗିଆଶୁଣି ପୀଠରେ ମହାମନ୍ତ୍ର ନାମଯଜ୍ଞ, ସ୍ଥାନ: ଭଗିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଆରୁହାବୃତ୍ତି–୨, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଗଣ୍ଡିବେଡ଼ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣ,ଖଇରା, ସମୟ:ସନ୍ଧ୍ୟା ୬ଟା।
- ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରାସପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଶିବମନ୍ଦିର ଖେଳପଡ଼ିଆ, ଗଡ଼ସାହି ବାଲିଆପାଳ, ଜଳେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ରାସ ପୂର୍ଣ୍ଣିମୀ ଉପଲକ୍ଷେ ଚଉପ୍ରହରୀ ନାମଯଜ୍ଞ, ସ୍ଥାନ: ରାଉତପଡ଼ା ରାଧାକୃଷ୍ଣ ମନ୍ଦିର, ରୂପସା, ବାଲେଶ୍ୱର, ସମୟ: ରାତି ୮ଟା।

**ଭଦ୍ରକ**
- ପଞ୍ଚକ ଉପଲକ୍ଷେ ଡଙ୍ଗା ଭସା, ସ୍ଥାନ: ମହାବୀର ଘାଟ, ଭଦ୍ରକ, ସମୟ: ଭୋର ୪ଟା।
- ବୋଇତ ବନ୍ଦାଣ, ସ୍ଥାନ: କୁଆଁସ ବାଲିଘାଟ ପଡ଼ିଆ, ସମୟ: ଭୋର ୪ଟା ୩୦।
- ରାସପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ବସନ୍ତିଆ, ବନ୍ତ, ସମୟ: ପ୍ରାତଃ ୫ଟା।
- ରାଧାକୃଷ୍ଣଙ୍କ ପୂଜା ଉତ୍ସବ, ସ୍ଥାନ: ବେଗନା, ବନ୍ତ, ସମୟ: ପ୍ରାତଃ ୫ଟା।
- ବୋଇତ ବନ୍ଦାଣ କାର୍ଯ୍ୟକ୍ରମ, ସ୍ଥାନ: ସାହୁସାହି–ସୁନ୍ଦରପୁର ରଘୁବରଦାସ ମଠ, ଧୁଷୁରୀ, ସମୟ: ସକାଳ ୭ଟା।
- ସାଗରସାଥୀ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଚୁଡ଼ାମଣି ଘାଟ, ବାସୁଦେବପୁର, ସମୟ: ସକାଳ ୭ଟା।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଗମେଇଁ ନଦୀ ଘାଟ, ଅଣ୍ଟୁଆ, ନୂଆଗାଁ, ବାସୁଦେବପୁର, ସମୟ: ସକାଳ ୭ଟା।
- ୯ମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ସକାଳ ୭ଟା।
- ମୁରୁଜ ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତିହିଡ଼ି, ସମୟ: ସକାଳ ୯ଟା।
- ଆମ ପରମ୍ପରା ଅନୁଷ୍ଠାନର ବୋଇତ ବନ୍ଦାଣ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: କାଳୀପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ:ପାଟଣା ବ୍ଲକ୍ ଅଧୀନ ରାଜନଗର ବୈତରଣୀ ନଦୀର ଶୈବ୍ୟା କାବେରୀ ଘାଟ, ସମୟ: ପ୍ରାତଃ ୪ଟା।
- କାର୍ତ୍ତିକ ପୂର୍ଣ୍ଣମୀ ବୁଡ଼, ସ୍ଥାନ: ପାଟଣା ମୁଖ୍ୟାଳୟ ପରମେଶ୍ୱର ଘାଟ ସନ୍ନିକଟ ବୈତରଣୀ ନଦୀର ଅନୁସୟା ଘାଟ, ସମୟ:ପ୍ରାତଃ ୪ଟା।
- ବୋଇତ ବନ୍ଦାଣ ଉତ୍ସବ.ସ୍ଥାନ: କାରୁବାକୀ ଘାଟ, ବଡ଼ବିଲ,ସମୟ: ପ୍ରାତଃ ୫ଟା।
- ଡେଙ୍କିକୋଟ ତୈଳିକ ବୈଶ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ,ସ୍ଥାନ: ଡେଙ୍କିକୋଟ ହାଇସ୍କୁଲ ପୋଖରୀ,ସମୟ: ସକାଳ ୬ଟା୩୦।
- ନିକଲସନ ବନ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଚମ୍ପୁଆ, ସମୟ: ସକାଳ ୯ଟା।
- ରାଜନଗର ବାଲିଯାତ୍ରା ଉଦ୍‌ଘାଟନ, ସ୍ଥାନ: ପାଟଣା ବ୍ଲକ ରାଜନଗର ବୈତରଣୀ ତଟ, ସମୟ: ଅପରାହ୍ନ ୫ଟା।
- ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପନୀ ଉତ୍ସବ,ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ:ସନ୍ଧ୍ୟା ୬ଟା।
- ସ୍ୱାମ ରାହାସ ପୂଜା କମିଟି ତରଫରୁ ଡ୍ୟାନ୍ସ ଧମାକା, ସ୍ଥାନ: ପାଟଣା ବ୍ଲକ ଅଧୀନ ସ୍ୱାମ ଶାସନ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ମା' ଭୈରବୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଚିତ୍ରଡା, ମୋରଡ଼ା, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ଦଧିହାଣ୍ଡି ଭଙ୍ଗା, ସ୍ଥାନ: ଝିଙ୍କିରିଆ, ମୋରଡ଼ା, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟମ ପ୍ରହର ନାମଯଜ୍ଞ ଓ ସଂକୀର୍ତ୍ତନ ସମାପନ, ସ୍ଥାନ:ଖୁଣ୍ଟା ଥାନା ପ୍ରାଙ୍ଗଣ, ସମୟ:ମଧ୍ୟାହ୍ନ ୧୨ଟା୩୦।
- କୁମାର ପୂର୍ଣ୍ଣିମା ଉପଲକ୍ଷେ ପ୍ରସାଦ ସେବନ, ସ୍ଥାନ:ଶ୍ୟାମାନନ୍ଦପୁର କାନପୁର, ମୋରଡ଼ା, ସମୟ: ଅପରାହ୍ନ ୧ଟା।
- ମାସିକ ସନ୍ଥ ଦିବସ, ସ୍ଥାନ:ଗୋପବନ୍ଧୁ ଭବନ, ବାରିପଦା, ସମୟ: ଅପରାହ୍ନ ୪ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ,ସ୍ଥାନ: ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣ, ମାଣତ୍ରୀ, ବଡ଼ସାହି,ସମୟ:ସନ୍ଧ୍ୟା ୬ଟା।
- ଜଗଧାତ୍ରୀ ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ (ଭଜନ ସନ୍ଧ୍ୟା), ସ୍ଥାନ: ଜଗଧାତ୍ରୀ ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ରାତି ୮ଟା।

**ବ୍ରହ୍ମପୁର**
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଗୋପାଳପୁର, ସମୟ: ପ୍ରାତଃ ୩ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ପାଣ୍ଡବ ନଗର, ପୁରୁଣା ବ୍ରହ୍ମପୁର, ସମୟ: ସକାଳ ୬ଟା।
- ୫୧ କୁଣ୍ଡିୟ ବୈଦିକ ମହାଯଜ୍ଞ, ସ୍ଥାନ: ପାଢ଼ି ସେଲିବ୍ରେସନ, ଗିରିରୋଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନେଚର ଲଭ ଯୁବ ସଂଘ ପକ୍ଷରୁ ଗୋରୁଙ୍କୁ ଖାଦ୍ୟ ବଣ୍ଟନ, ସ୍ଥାନ: ଗୋପାଳପୁର ଜଙ୍କସନ, ସମୟ: ମଧ୍ୟାହ୍ନ ୧୨ ଟା।

**ଗଞ୍ଜାମ**
- କାର୍ତ୍ତିକ ପୂର୍ଣ୍ଣମୀ ଉତ୍ସବ, ସ୍ଥାନ: ବୁଗୁଡ଼ା ବୁଦ୍ଧଖୋଲ, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ, ସ୍ଥାନ: ବୁଗୁଡ଼ା ବିରଞ୍ଚିପୁର, ସମୟ: ସକାଳ ୭ଟା ୩୫।

**ଢେଙ୍କାନାଳ**
- ସନ୍ଧ୍ୟାତାରା ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଭାଗୀରଥି ସାଗର, ନୂଆ ପୋଖରୀ, ଢେଙ୍କାନାଳ, ସମୟ: ପ୍ରାତଃ ୫ଟା।
- କପିଳାସ ମହୋତ୍ସବ ଉଦଘାଟନୀ ଉତ୍ସବ, ସ୍ଥାନ: କପିଳାସ ପୀଠ, ଢେଙ୍କାନାଳ, ସମୟ: ସକାଳ ୯ଟା।

**ଅନୁଗୋଳ**
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଆଠମଲ୍ଲିକ ଦୋଳମଣ୍ଡପ ସାହି ରାସମଣ୍ଡପ, ସମୟ: ସକାଳ ୬ଟା।
- ହରି ହାଟ, ସ୍ଥାନ: ଆଠମଲ୍ଲିକ ନୀଳକଣ୍ଠପଡ଼ା ରାସମଣ୍ଡପ, ସମୟ: ସକାଳ ୯ଟା।
- ନିଃଶୁଳ୍କ ଅପେରା ପ୍ରଦର୍ଶନ, ସ୍ଥାନ: ଆଠମଲ୍ଲିକ ନୀଳକଣ୍ଠପଡ଼ା ରାସମଣ୍ଡପ, ସମୟ: ରାତି ୯ଟା।

**ଜଗତ୍‌ସିଂହପୁର**
- ପାରାଦୀପ ବନ୍ଦର ପକ୍ଷରୁ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ, ସ୍ଥାନ: ୱେଟ୍ ବେଶିନ, ମେରାଇନ ବର୍ଥ, ପାରାଦୀପ ବନ୍ଦର, ସମୟ: ସକାଳ ୯ଟା।
- ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବ୍ରହ୍ମାକୁମାରୀ ଆଶ୍ରମରେ ହବିଷ ମିଳନ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଚାଲିଥିବା ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବାଲିଫ୍ଲଟ, ଅଠରବାଙ୍କୀ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଶ୍ରୀବଳଦେବଜୀଉଙ୍କ ପଦ୍ମବେଶ, ସ୍ଥାନ: ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା।
- ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡ଼ା ସହର, ଲୁଣାନଦୀ ତଟ, କଳପଡ଼ା, କେନ୍ଦ୍ରାପଡ଼ା, ମା' ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ, ମହାନଦୀ ଘାଟ, ବାହାକୁଦ, ମହାକାଳପଡ଼ା, ଶାସନୀପଡା ସେତୁ, ମାର୍ଶାଘାଇ, ସମୟ: ସକାଳ ୭ଟା।

**ଯାଜପୁର**
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଧବଳଗିରି ପଞ୍ଚମୁଖି ହନୁମାନ ମନ୍ଦିର ପରିସର, ସମୟ: ପ୍ରାତଃ ୫ଟା।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଯାଜପୁର ରୋଡ ବ୍ୟାସ ସରୋବର, ସମୟ: ସକାଳ ୮ଟା।
- ବନ୍ଦେ ଉତ୍କଳ ଜନନୀ ପକ୍ଷରୁ ୪୧ତମ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ : ଧର୍ମଶାଳା ବ୍ଲକର ଶ୍ୟାମସୁନ୍ଦର ପୁଷ୍କରିଣୀ, ସମୟ: ପୂର୍ବାହ୍ନ ୧୦ଟା।
- ଗୋକର୍ଣ୍ଣେଶ୍ୱର ବାଲିଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ : ଧର୍ମଶାଳା ବ୍ଲକ ଅଧୀନ ଗୋକର୍ଣ୍ଣେଶ୍ୱର ମନ୍ଦିରର ବ୍ରାହ୍ମଣୀ ନଦୀତଟ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ପଞ୍ଚକ ଅବସରରେ କାଞ୍ଚି ଅଭିଯାନ ବେଶ, ସ୍ଥାନ: ଓଡ଼ଗାଁ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ପ୍ରାତଃ ୪ଟା।
- କାର୍ତ୍ତିକେଶ୍ୱର ପୂଜା, ସ୍ଥାନ: ନୟାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ପ୍ରାତଃ ୫ଟା।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସୁନାମୁହିଁ ପର୍ଯ୍ୟଟନ ପୀଠ, ସମୟ: ସକାଳ ୭ଟା।
- ଜଗନ୍ନାଥ ମହପ୍ରଭୁଙ୍କ କାର୍ତ୍ତିକ ପୂର୍ଣ୍ଣିମାରେ ପଦ୍ମ ବେଶ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାରେ ଅଁଳା ନବମୀ ଯାତ୍ରାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତର ଭୀମରା ପାହାଡ଼, ସମୟ: ସକାଳ ୭ଟା।
- ଶରତ ରାସ ଯାତ୍ରା ମହୋତ୍ସବର ୫ମ ଦିବସରେ ପଶା ଖେଳ ଓ ରାଇ ରାଜା, ସ୍ଥାନ: ଦଶପଲ୍ଲା ସହରର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ: ସକାଳ ୭ଟା।
- ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: କଣ୍ଟିଲୋ ନୀଳମାଧବ କ୍ଷେତ୍ର ମହାନଦୀ କୂଳ ; ଖଣ୍ଡପଡା ବ୍ଲକ ବନମାଳୀପୁର, ସମୟ: ସକାଳ ୭ଟା।
- ପଞ୍ଚଦଶ ଭାଗବତ ପାରାୟଣର ପୂର୍ଣ୍ଣାହୁତି, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆଁପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟାରୁ ସନ୍ଧ୍ୟା ୮ଟା।
- ପଞ୍ଚକ ଅବସରରେ ଗଜ ଉଦ୍ଧାରଣ ବେଶ, ସ୍ଥାନ: କଣ୍ଟିଲୋ ନୀଳମାଧବ କ୍ଷେତ୍ର, ସମୟ: ସକାଳ ୭ଟାରୁ ଅପରାହ୍ନ ୩ଟା।
- ଭାଗବତ ସପ୍ତାଙ୍ଗର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ମନ୍ଦିର ; ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ ପୀଠ ; ଭାପୁର ବ୍ଲକ ପଥରଚକଡା ପଞ୍ଚାୟତର ନାରାୟଣୀ ପୀଠ, ସମୟ: ସକାଳ ୯ଟା।
- ୨ୟ ବୈଦିକ ଦେବ ଯଜ୍ଞ ଓ ପଞ୍ଚକ ଜ୍ଞାନ ଜ୍ୟୋତି ପାରାୟଣ ପର୍ବର ଉଦ୍‌ଯାପନ ଉତ୍ସବ, ସ୍ଥାନ: କଣ୍ଟିଲୋ କୁଞ୍ଜବିହାରୀପୁର ପାଟଣା, ସମୟ: ସକାଳ ୯ରୁ ରାତ୍ର ୯ଟା।
- ପଞ୍ଚକ ଉତ୍ସବ, ସ୍ଥାନ: ଭାପୁର ବ୍ଲକ ପଥରଚଗଡାର ନାରାୟଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଠକେଇ ସଚେତନତା, ସ୍ଥାନ: ନୟାଗଡ଼ ବ୍ଲକ ବାଲୁଗାଁ ୟୁନାଇଟେଡ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ୧୩ତମ ଓଡ଼ଗାଁ ଓପେନ ରାପିଡ୍ ଚେସ ଟୁର୍ଣ୍ଣାମେଣ୍ଟ ୨୦୨୫, ସ୍ଥାନ: ଓଡ଼ଗାଁ ବ୍ଲକ ରୋଡ କଲ୍ୟାଣୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବୋଇତ ବନ୍ଦାଣ ଯାତ୍ରୋତ୍ସବରୁ ୪ର୍ଥ ଦିବସରେ ସାଂସ୍କୃତିକ ଆସର, ସ୍ଥାନ: ନୟାଗଡ଼ ପୁରୁଣା ସହରର ମା' ଦକ୍ଷୀଣକାଳୀଙ୍କ ପଡ଼ିଆ, ସମୟ:ସନ୍ଧ୍ୟା ସାଢ଼େ ୫ଟାରୁ ରାତି ୧୦ଟା।
- ପଞ୍ଚକ ଅବସରରେ ଲଡୁବାବାଙ୍କ କୈଳାସ ପର୍ବତ ଉତ୍ପାଟନ ବେଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ସନ୍ଧ୍ୟା ସାଢ଼େ ୫ଟାରୁ ରାତି ୧୦ଟା।
- ଜଗନ୍ନାଥ ଜୀଉ ବିଜେଙ୍କ ରାଜାଧି ରାଜାବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହର, ସମୟ: ସନ୍ଧ୍ୟା ୬ଟାରୁ ରାତି ୧୦ଟା।
- ରାଜ ରାଜେଶ୍ୱରୀ ବେଶ, ସ୍ଥାନ: କଣ୍ଟିଲୋ ନୀଳମାଧବ କ୍ଷେତ୍ର, ସମୟ: ସନ୍ଧ୍ୟା ୭ଟାରୁ ରାତି ୧୦ଟା।
- ଖଣ୍ଡପଡ଼ା କାର୍ତ୍ତିକେଶ୍ୱର ପୂଜାର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ରଥଗଡ଼ା ଛକ, ସମୟ: ସନ୍ଧ୍ୟା ୭ଟା।
- ପଞ୍ଚକ ଅବସରରେ ବାଦିପାଲାର ଉଦ୍‌ଯାପନୀ, ସ୍ଥାନ: ଖଣ୍ଡପଡା ବ୍ଲକ ଗଡିଆସାହି ପଥରଗଣ୍ଡ ରାମମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ମୁକ୍ତାକାଶ ନାଟକ ମହୋତ୍ସବର ଉଦ୍‌ଯାପନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବାଣପୁର ମହାନଦୀକୂଳ, ସମୟ: ସନ୍ଧ୍ୟା ୭ଟା।
- କାର୍ତ୍ତିକ ମହୋତ୍ସବର ଉଦ୍‌ଯାପନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ: ରାତି ୯ଟା।

**ରାୟଗଡ଼ା**
- ନାଗାବଳୀ ନଦୀରେ ବୋଇତ ବନ୍ଦାଣ, ସ୍ଥାନ: ରାୟଗଡ଼ା, ସମୟ: ସକାଳ ୪ଟା।
- ମୁନିଖୋଲ ପ୍ରିମିୟର ଲିଗ୍ ସିଜନ–୨ କ୍ରିକେଟ ଲିଗ୍ ଉଦଘାଟନ, ସ୍ଥାନ: ମୁନିଖୋଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- କେଲିଆ ଶୈବପୀଠରେ କାର୍ତ୍ତିକ ପୂର୍ଣ୍ଣିମା, ସ୍ଥାନ: ଡାବୁଗାଁ, ସମୟ: ପ୍ରାତଃ ୫ ଟା।
- ଖାତିଗୁଡ଼ା ପୋଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତେନ୍ତୁଲିଖୁଣ୍ଟି, ସମୟ: ସକାଳ ୮ଟା।

**କୋରାପୁଟ**
- ବୋଇତ ବନ୍ଦାଣ, ସ୍ଥାନ: ଗଙ୍ଗେଇଶୁଣି ନଦୀ କୂଳ, ନନ୍ଦପୁର, ସମୟ: ପ୍ରାତଃ ୫ଟା।
- ଶାବର ଶ୍ରୀକ୍ଷେତ୍ରରେ ବୋଇତ ବନ୍ଦାଣ, ସ୍ଥାନ: ନରେନ୍ଦ୍ର ସରୋବର, କୋରାପୁଟ, ସମୟ: ପ୍ରାତଃ ୫ଟା ୩୦।
- ରାସ(କାର୍ତ୍ତିକ) ପୂର୍ଣ୍ଣିମା ପାଳନ, ସ୍ଥାନ: ଜଗନ୍ନାଥ ମନ୍ଦିର, ନନ୍ଦପୁର, ସମୟ: ପ୍ରାତଃ ୫ଟା ୩୦।
- ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: କପିଳେଶ୍ୱର ମନ୍ଦିର ପରିସର, ଚୈତନ୍ୟ ମନ୍ଦିର ପରିସର, କୋଟପାଡ଼, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଓସିସି ନଗର, ସେମିଳିଗୁଡ଼ା, ସମୟ: ସକାଳ ୭ଟା।
- କାର୍ତ୍ତିକ ପୂର୍ଣ୍ଣିମା ନେଇ କଳସ ଯାତ୍ରା, ସ୍ଥାନ: ଗୌତମନଗର ପଞ୍ଚମୁଖୀ ହନୁମାନ ମନ୍ଦିର, କୋରାପୁଟ,ସମୟ: ସକାଳ ୭ଟା ୩୦।
- ରାଜ୍ୟସ୍ତରୀୟ ଟି ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପନ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରସାଦ ସେବନ, ସ୍ଥାନ: ଗୌତମନଗର ପଞ୍ଚମୁଖୀ ହନୁମାନ ମନ୍ଦିର, କୋରାପୁଟ, ସମୟ: ଅପରାହ୍ନ ୧ଟା।

**ମାଲକାନଗିରି**
- କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ, ନାମଯଜ୍ଞ, ସ୍ଥାନ: କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ମନ୍ଦିର, ନଦୀ ପୋଖରୀ ଘାଟ, ସମୟ:ପ୍ରାତଃ ୪ଟା।
- ପେନସନ୍‌ଧାରୀଙ୍କ ପାଇଁ ଅବସର ପରବର୍ତ୍ତୀ ସୁରକ୍ଷିତ ଓ ନିରାବଦ ନିବେଶ ବିକଳ୍ପ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ ଟା।

**ସମ୍ବଲପୁର**
- ବ୍ରହ୍ମପୁରା ଠାକୁରଙ୍କ ରାଜରାଜେଶ୍ୱର, ସ୍ଥାନ: ଝାଡୁଆପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ସଫେଇ ଓ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : କୁଞ୍ଜେଲପଡାସ୍ଥିତ ରାଣୀବଖରୀ, ସମୟ : ସକାଳ ୮ଟା।
- ନୂତନ ଧ୍ୱଜା ରୋହଣ ନୀତି, ସ୍ଥାନ: ବ୍ରହ୍ମପୁରା ମନ୍ଦିର, ସମୟ: ସକାଳ ୯ଟା ୩୦।
- ୨ଶହ ବର୍ଷ ତମ ରାସଯାତ୍ରା, ସ୍ଥାନ: ଝୁଝୁମୁରା ଗ୍ରାମ, ସମୟ: ସକାଳ ୯ଟା ୩୦ରୁ ରାତି ୧୦ଟା।
- ଡଙ୍ଗାପାଲ ବୀର ବଜରଙ୍ଗ କ୍ରିକେଟ କ୍ଲବ ଆୟୋଜନରେ ନାବକେଳି ଉତ୍ସବ, ସ୍ଥାନ: ଡଙ୍ଗାପାଲ ଗ୍ରାମ, ସମୟ : ସନ୍ଧ୍ୟା ୬ଟା।

## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅନ୍ଧାର ରାତି, ଗୋଲମ ଜାତି।**

ଆଲୋକ ବିନା ଅନ୍ଧାର ରାତିରେ ଜଣକୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ସେହିପରି ଅଧୀନତା ସ୍ୱୀକାର କରି ପର ଘରେ ମୁଣ୍ଡ ବିକିଥିବା ଲୋକ ଅଧିକାଂଶ ସମୟରେ ବାର ହୀନସ୍ତା ହୋଇଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଳପ ତେଣ୍ଟା, ମାଇପ ଖେଣ୍ଟା, ମଠୁଆ ବଳଦ ଯା'ର, ଯମ ଘର ଯାଇ କି ଫଳ ମିଳିବ, ନିଇତି ମରଣ ତାହାର।**

ଅଳପ ଟଙ୍କା ପଇସା ବ୍ୟକ୍ତିକୁ ଅକଳରେ ପକେଇ ଦେଇଥାଏ। ସବୁ କ୍ଷେତ୍ରରେ ସେ ନାଚାର ହୋଇଯାଇଥାଏ। ଖେଣ୍ଟେଇକରି କଥା କହୁଥିବା ଘରଣୀ ମୁଣ୍ଡ ବ୍ୟଥାର କାରଣ ପାଲଟିଥାଏ। ଏପରି ସ୍ତ୍ରୀ ଥିଲେ ଘରେ ଅଶାନ୍ତି ହେବା ସୁନିଶ୍ଚିତ। ସେହିପରି ମଠୁଆ ହଳ ଚାଷବାସ କରିବାରେ ଅନ୍ତରାୟ ସୃଷ୍ଟି କରିବସୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ରାଜେନ୍ଦ୍ରଙ୍କ ମୃତ୍ୟୁର...

ଯେତେବେଳେ ରାଜେନ୍ଦ୍ରଙ୍କ କିଡ୍‌ନୀ ପ୍ରତିରୋପଣ ହେଲା ସେତେବେଳେ ପ୍ରଥମେ ଯଦି ତାହା ଦେବାକୁ କିଏ ଆଗକୁ ଆସିଥିଲା ସେ ହେଉଛି ଜୟ। ଏହାପରେ ଯଦି କେହି ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଉଛି ସେଥିରୁ ଜଣାପଡୁଛି ଏମାନେ କେଉଁ ସ୍ତରକୁ ଯାଇ କିଭଳି ରାଜନୀତି କରୁଛନ୍ତି। ଢୋଲକିଆ ପରିବାରର ଗୋଟିଏ ଲକ୍ଷ୍ୟ ରାଜେନ୍ଦ୍ର ଢୋଲକିଆଙ୍କ ସେବା କାର୍ଯ୍ୟ ଆଗକୁ ନେବା ଏବଂ ନୂଆପଡ଼ାର ବିକାଶ କରିବା ବୋଲି କଳ୍ପନା କହିଛନ୍ତି। ଅନ୍ୟପଟେ ନବୀନ ପଟ୍ଟନାୟକ ସୋମବାର ଦେଇଥିବା ବେଇମାନ ଶବ୍ଦ ଉପରେ ଟିପ୍ପଣୀ ରଖି ଜୟ କହିଛନ୍ତି, ତାଙ୍କ ବାପା ମେଡିକାଲରେ ଥିବାବେଳେ ନବୀନ ଦେଖିବାକୁ ଆସି ନ ଥିଲେ। ତାଙ୍କ ରଣନୀତି କ'ଣ ଥିବ ଯେଉଁଥିଲାଗି ସେ ବେଇମାନ ଶବ୍ଦ ବ୍ୟବହାର କରିଥିବେ। ସେ ଜଣେ ପିତୃତୁଲ୍ୟ ଲୋକ, ତାଙ୍କୁ କିଛି କହିବାକୁ ଚାହୁଁନାହିଁ ବୋଲି ଜୟ କହିଛନ୍ତି।

### ଦିଲ୍ଲୀରେ କ'ଣ...

କ'ଣ ବିବୃତି ରଖିଥିଲେ ତା'ର ଆତ୍ମସମୀକ୍ଷା କରନ୍ତୁ। ସେତେବେଳେ ସେ ସ୍ପଷ୍ଟ ଭାବେ କହିଥିଲେ ନବୀନ ପଟ୍ଟନାୟକ ଏବଂ ବିଜୁ ବିଚାରଧାରା ସହିତ ଅଛନ୍ତି। ବିଜେଡିରୁ ପ୍ରାର୍ଥୀ ହେବାକୁ ନବୀନବାବୁ ତାଙ୍କୁ ଆଶୀର୍ବାଦ କରିଛନ୍ତି। କ'ଣ ତାଙ୍କର ଦିଲ୍ଲୀରେ ଡିଲ୍ ହେଲା ଯେଉଁଥିଲାଗି ସେ ବିଜେଡି ଛାଡ଼ି ଭାଜପାକୁ ଗଲେ ସେକଥା ସେ ସ୍ପଷ୍ଟ କରନ୍ତୁ। ସ୍ୱର୍ଗତ ଢୋଲକିଆ ବିଜେଡିର ଜଣେ ଅତ୍ୟନ୍ତ ଲୋକପ୍ରିୟ ନେତା। ଲମ୍ବା ସମୟ ଧରି ନବୀନବାବୁଙ୍କ ଘନିଷ୍ଠ ସହଯୋଗୀ ଭାବେ ନୂଆପଡ଼ାର ବିକାଶକୁ ଆଗକୁ ନେଇଥିଲେ। ଏବେ ତାଙ୍କ ମତ ମନ୍ତବ୍ୟ ବଦଳିବା ପଛରେ କେଉଁ ପ୍ରକାର ଡିଲ୍ ରହିଛି ସେକଥା ନୂଆପଡ଼ାବାସୀଙ୍କ ଆଗରେ ରଖନ୍ତୁ। ରାଜେନ୍ଦ୍ର ଢୋଲକିଆଙ୍କ ବିଚାରଧାରାକୁ ହତ୍ୟାକରି ଜୟ ଢୋଲକିଆଙ୍କ ରାଜନୈତିକ ରୁଟି ସେକିବାର ଚେଷ୍ଟା ଓ ଅପଚେଷ୍ଟା ସଫଳ ହେବ ନାହିଁ ବୋଲି ସେ କହିଛନ୍ତି। ସଞ୍ଜୟ ଆହୁରି କହିଛନ୍ତି, ଢୋଲକିଆବାବୁ ଅସୁସ୍ଥ ଥିବାବେଳେ ନବୀନବାବୁ ନିରନ୍ତର ଭାବେ ତାଙ୍କ ସହ ଯୋଗାଯୋଗରେ ଥିଲେ। ତାଙ୍କ ଦେହାନ୍ତ ପରେ ମରଶରୀର କିପରି ଆସି ନୂଆପଡ଼ାରେ ପହଞ୍ଚିବ ସେଥିପାଇଁ ବିଜେଡି ସଭାପତି ଚାର୍ଟାର୍ଡ ଫ୍ଲାଇଟ୍ ବ୍ୟବସ୍ଥା କରିଥିଲେ। ତାଙ୍କ ଏକାଦଶାହ ଭଲରେ କରିବାକୁ ବିଜେଡି ସହଯୋଗ କରିଥିଲା।

### ଆଜି ଦେଖାଦେବ...

ପ୍ରତ୍ୟେକ ବର୍ଷ ଏଭଳି ଘଟଣା ୨ ରୁ ୪ ଥର ଘଟିଥାଏ। ୨୦୨୫ରେ ମୋଟ୍ ୩ ସୁପରମୁନ ଦେଖାଯିବ। ପୂର୍ବରୁ ଥରେ ସୁପରମୁନ୍ ଦେଖାଯାଇଥିବାବେଳେ ଦ୍ୱିତୀୟ ସୁପରମୁନ୍ ନଭେମ୍ବର ୫ ଓ ଶେଷ ସୁପରମୁନ୍ ଡିସେମ୍ବର ୪ରେ ଦେଖାଯିବ। ସେହିପରି ୨୦୨୬ରେ ମୋଟ୍ ୩ଟି ସୁପରମୁନ୍ ଯଥାକ୍ରମେ ଜାନୁଆରୀ ୩, ନଭେମ୍ବର ୨୪ ଓ ଡିସେମ୍ବର ୨୩ରେ ଦେଖାଯିବ।

### ସ୍ୱାମୀଙ୍କ ମୁହଁ ଫଟୋଶପ୍...

ଫଟୋଶପ୍ କରାଯାଇଥିବା ଫଟୋକୁ ନେଇ ଅନେକ ହଜାର ୟୁଜର ବିଭିନ୍ନ ମତାମତ ଦେଇଛନ୍ତି। କାରୋଲିନ୍ ତାଙ୍କ ସ୍ୱାମୀଙ୍କୁ କେତେ ଦଶନ୍ଧି ସାନ ଦେଖାଇବାକୁ ଉଦ୍ୟମ କରିଥିବା କେତେକ ସୋସିଆଲ ମିଡିଆରେ ଲେଖିଛନ୍ତି। ନିକୋଲାସ୍‌ଙ୍କ ଡିଜିଟାଲି ପରିବର୍ତ୍ତିତ ଫଟୋକୁ ନେଇ ବିବାଦ ଦେଖାଦେଇଛି। କାରୋଲିନ୍ ତାଙ୍କଠାରୁ ୩ ଦଶନ୍ଧି ବଡ଼ ନ୍ୟୁ ହାମ୍ପଶାୟାର ରିଅଲ୍ ଇଷ୍ଟେଟ ଡେଭେଲପର ନିକୋଲାସ୍‌ଙ୍କୁ ବିବାହ କରିବାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଦୀର୍ଘଦିନ ହେଲା କୌତୂହଳ ଦେଖାଦେଇଥିଲା।

### ୨୬ ପରେ ଶୀତ...

ଉପରେ ତର୍ଜମା କରାଯିବ। ଏହାପରେ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ପୁନର୍ବାର ଯାଞ୍ଚ କରାଯିବ। ବିଭିନ୍ନ ବିଭାଗର ଅତିରିକ୍ତ ବଜେଟ୍ ପ୍ରସ୍ତାବ ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ମନ୍ତ୍ରୀ ପରିଷଦ ବୈଠକରେ ଏହାକୁ ଅନୁମୋଦନ ଦିଆଯିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ ଯେ,ଚଳିତବର୍ଷ ରାଜ୍ୟ ସରକାର ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରିଥିଲେ। ଯାହାକି ଗତ ଆର୍ଥିକବର୍ଷ(୨୦୨୪–୨୫) ତୁଳନାରେ ପ୍ରାୟ ୧୫ହଜାର କୋଟି ଟଙ୍କା ଅଧିକ ରହିଥିଲା। ଉକ୍ତ ବର୍ଷ ୨ଲକ୍ଷ ୬୫ହଜାର କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ ହୋଇଥିଲା। ୨୦୨୫–୨୬ରେ ସରକାର କରିଥିବା ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ୍ ମଧ୍ୟରେ ପ୍ରଶାସନିକ ଖର୍ଚ୍ଚ ୧ଲକ୍ଷ ୮ହଜାର କୋଟି ଟଙ୍କା ରହିଥିବାବେଳେ କାର୍ଯ୍ୟକ୍ରମ ବାବଦକୁ ୧ଲକ୍ଷ ୭୦ହଜାର କୋଟି ଟଙ୍କା ରହିଥିଲା। ଏହାସହିତ ବିପର୍ଯ୍ୟୟ ମୁକାବିଲା ଲାଗି ୪ହଜାର କୋଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ଲାଗି ୮ହଜାର କୋଟି ଟଙ୍କାର ବଜେଟ୍ ଅଟକଳ କରାଯାଇଥିଲା। ତେବେ ଏଥିମଧ୍ୟରୁ ଅଗଷ୍ଟ ସୁଦ୍ଧା ପ୍ରାୟ ୬୪ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେଥିମଧ୍ୟରେ ସର୍ବାଧିକ ଅର୍ଥ ବିଭାଗ ୧୪ହଜାର ୫୨୪କୋଟି ଖର୍ଚ୍ଚ କରିଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୯୮୬୭.୭୮କୋଟି, ସ୍ୱାସ୍ଥ୍ୟ ବିଭାଗ ୬,୨୨୯କୋଟି, କୃଷି ବିଭାଗ ୫୦୯୫କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏହାବାଦ୍ ଅନ୍ୟସମସ୍ତ ବିଭାଗ ବଜେଟ୍ ଧାର୍ଯ୍ୟ ଖର୍ଚ୍ଚ ତୁଳନାରେ କମ୍ ଥିବା ପରିଲକ୍ଷିତ ହୋଇଥିଲା। ତେବେ ୨୦୨୪–୨୫ ଆର୍ଥିକବର୍ଷ ତୁଳନାରେ ଚଳିତ ୨୦୨୫–୨୬ ବର୍ଷର ଅକ୍ଟୋବର ସୁଦ୍ଧା ଖର୍ଚ୍ଚ ପରିମାଣ ୧୩% ବୃଦ୍ଧି ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**: ଆଜିର ଚନ୍ଦ୍ର ରାଶିରେ ଅବସ୍ଥାନ କରି ହସଖୁସିରେ ସମୟ ଅତିବାହିତ କରିବାର ସୁଯୋଗ ସୃଷ୍ଟି କରିବେ। ପରିବାର, ଯାନବାହନ, ପରିବହନ ଏବଂ ଶିଳ୍ପ କ୍ଷେତ୍ରରେ ସନ୍ତୋଷଜନକ ଫଳ ପ୍ରଦାନ କରିବେ। ବିଗତ ଦିନର ସମସ୍ୟା ସମାଧାନର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସ୍ୱାସ୍ଥ୍ୟ ଠିକ୍ ଥିଲେ ମଧ୍ୟ ଔଷଧ ସେବନର ଆବଶ୍ୟକତା ରହିବ।

**ବୃଷ**: ଶୁକ୍ର ସପ୍ତମାଧିପ ମଙ୍ଗଳଙ୍କ ନକ୍ଷତ୍ରରେ ଅବସ୍ଥାନ କରିଥିବାରୁ ଆଦୌ ଆଶା କରି ନ ଥିବା କୌଣସି ଜିନିଷ କିମ୍ବା ଖବର ପାଇ ଖୁସି ହେବେ। କୌଣସି ଅପରିଚିତ ବ୍ୟକ୍ତିଙ୍କ ଖୋସାମଦିଆ କଥାରେ ପ୍ରଭାବିତ ହେବା ଠିକ୍ ହେବନାହିଁ। ଅଫିସ୍ କାମରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହେବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ।

**ମିଥୁନ**: ଚତୁର୍ଥାଭାବ ଶୁଭ ଯୁକ୍ତ ଯୋଗୁ ଅନ୍ୟମାନଙ୍କ ସାହାଯ୍ୟ ସହଯୋଗ ଲାଭ କରି କାର୍ଯ୍ୟ ହାସଲ କରିବେ। ଗତକାଲିର କଳିତକରାଳ ବିଷୟର ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିପାରନ୍ତି। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ବିବାଦୀୟ ପରିସ୍ଥିତି କିମ୍ବା ମାଲି ମକଦ୍ଦମାରେ ସଫଳତା ପାଇବେ ନାହିଁ।

**କର୍କଟ**: କର୍ମାଧିପତି ସ୍ୱଗୃହରେ ରହିଥିବାରୁ କାର୍ଯ୍ୟ ସାଧନରେ ସଫଳତା ହାସଲ କରିବେ। ନିଜ ଲୋକଙ୍କ ତରଫରୁ ସହଯୋଗ ପାଇବାରେ ଅସୁବିଧା ରହିବ ନାହିଁ। ନିର୍ମାଣାଧୀନ ଗୃହ, ରାସ୍ତାକାମ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଆଲୋଚନା, ଚୁକ୍ତିପତ୍ର, କ୍ଷେତ୍ରରେ ସୁଫଳ ପାଇବା ସହ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅପରାଜିତ ରହିବେ।

**ସିଂହ**: ରବିଙ୍କ ବଳହୀନତାଜନିତ ରୁଗ୍ଣ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦୁଶ୍ଚିନ୍ତାର କାରଣ ହେବ। ବନ୍ଧୁଙ୍କ ସହାୟତାରେ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଉପକୃତ ହେବେ। ପଡ଼ୋଶୀ ଆପଣଙ୍କ ଉପରେ ଅଭିମାନ କରି ରାଗରେ ଜରଜର ହୋଇପାରନ୍ତି।

**କନ୍ୟା**: ଆଜିର ଶୁଭଗ୍ରହମାନଙ୍କ ସ୍ଥିତିରୁ ଆପଣ ଚେଷ୍ଟା କରୁଥିବା କୌଣସି କାମ ଅଟକିବ ନାହିଁ। ତଥାପି ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ କିନ୍ତୁ ସମାଧାନର କୌଣସି ଉପାୟ ପାଇବେ ନାହିଁ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହୋଇପାରନ୍ତି।

**ତୁଳା**: ଶୁକ୍ର ଓ ଚନ୍ଦ୍ରଙ୍କ ପାରସ୍ପରିକ ଦୃଷ୍ଟିଜନିତ ଭଲ ଓ ମନ୍ଦର ମିଶ୍ରିତ ଅନୁଭବକୁ ନେଇ ଦିନଟି ଅତିବାହିତ ହେବ। କାମ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ ସମ୍ପନ୍ନ ହେବ ନିଜ ପାଇଁ ସେଭଳି ହୋଇ ନ ପାରେ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ଆବଶ୍ୟକତା ପୂରଣ ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇପାରନ୍ତି।

**ବିଛା**: ଦ୍ୱିତୀୟ ଭାବ ମନ୍ଦଗ୍ରହ ଶନିଙ୍କ ଦୃଷ୍ଟିରେ ରହିଥିବାରୁ ଆପଣଙ୍କ ନୀରବତା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ରାସ୍ତାରେ ପାଦଦେଇ ଅସୁବିଧାରେ ପଡ଼ିପାରନ୍ତି। କାରବାର ବୃଦ୍ଧି ହେତୁ ଆତ୍ମତୃପ୍ତି ଲାଭ କରିବେ। ଧାର୍ମିକ ହିତୈଷୀଙ୍କ ପ୍ରିୟପାତ୍ର ହୋଇପାରନ୍ତି।

**ଧନୁ**: ଅଷ୍ଟମସ୍ଥ ସ୍ୱସ୍ଥାନହନ୍ତା ବୃହସ୍ପତିଙ୍କ ପ୍ରଭାବରୁ ସମସ୍ୟା ସମାଧାନ ସାଙ୍ଗକୁ ଅର୍ଥଲାଭର ସମ୍ଭାବନା ରହିଛି। ମୂଳା ନକ୍ଷତ୍ର ସକାଶେ ପାରିବାରିକ କଳହ, କଚେରି ମାମଲାର ଟେନ୍‌ସନ୍‌ଜନିତ ଅସ୍ଥିରତା ସୃଷ୍ଟି ହେବ। ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇ ପାରନ୍ତି।

**ମକର**: ଗୁରୁଙ୍କ ଶୁଭଦୃଷ୍ଟି ଗୁରୁତ୍ୱପୂର୍ଣ୍ଣ କାମରେ ଦୂରଯାତ୍ରା କରିବା ସକାଶେ ଅନୁକୂଳ ପରିବେଶ ସୃଷ୍ଟି କରିବେ। ଅନୁରାଧା ଯେତେ ଭଲ କାମ କଲେ ମଧ୍ୟ ଶତ୍ରୁତା, ଅସୁସ୍ଥତା ପ୍ରଭୃତି ଦୁଶ୍ଚିନ୍ତାଗ୍ରସ୍ତ ହେବେ। ପିଲାଙ୍କ ବିଷୟ, ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିବ। ଅଫିସରେ ଛୋଟ ଘଟଣାକୁ ବଡ଼ ଆକାରରେ ଚିନ୍ତା କରି ସମୟ ନଷ୍ଟ କରିପାରନ୍ତି।

**କୁମ୍ଭ**: ଭାଗ୍ୟସ୍ଥାନର ଅନୁକୂଳତାଜନିତ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ ପୂର୍ବକ ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ସମ୍ଭାବନାକୁ ଏଡ଼ି ହେବ ନାହିଁ। ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପୂର୍ବଭାଦ୍ର ସକାଶେ ଦିନଟି କିଛି ସୁଖ ଓ କିଛି ଦୁଃଖ ମଧ୍ୟରେ କଟିବାର ସମ୍ଭାବନା ରହିଛି।

**ମୀନ**: ଆଜି ଆପଣଙ୍କ ରାଶିର ଦ୍ୱିତୀୟା ଚନ୍ଦ୍ର ପ୍ରଭାବରେ ପ୍ରିୟଜନଙ୍କ ଆଦରଣୀୟ ହେବେ। ପରିବାରର ସମସ୍ୟା ସମାଧାନରେ ବନ୍ଧୁଙ୍କ ସହ ଆଲୋଚନା କରି କୌଣସି ସିଦ୍ଧାନ୍ତରେ ଉପନୀତ ହେବେ। ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ ମାଙ୍ଗଳିକ କାମରେ ବ୍ୟସ୍ତ ରହିପାରନ୍ତି। ଆତ୍ମୀୟତାର ସହ ଜନ ହିତକର କାମ କରି ପ୍ରଶଂସିତ ହେବେ।

ଆଜି ନଭେମ୍ବର ୫ ତାରିଖ। କାର୍ତ୍ତିକ ପୂର୍ଣ୍ଣିମା ବୁଧବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜ ରାଜେଶ୍ୱରବେଶ। କାର୍ତ୍ତିକେଶ୍ୱର ପୂଜା, ବାଲିଯାତ୍ରା, କେଦାର ବ୍ରତ, କାର୍ତ୍ତିକ ବ୍ରତ ଉଦ୍‌ଯାପନ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ। ରାଶିନକ୍ଷତ୍ର–ଅଶ୍ୱିନୀ/ମେଷ, ଦିବା ଘ.୦୯.୩୯ମି. ଗତେ, ଭରଣୀ/ମେଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୩ମି. ଗତେ ଘ.୦୮.୦୮ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁକାଳ।

# ରାଜେନ୍ଦ୍ର ଢୋଲକିଆ ବିଜେଡି ନା ଭାଜପାର



ବିଜେଡି ବ୍ୟାନରରେ ରାଜେନ୍ଦ୍ର ଢୋଲକିଆ।



ଭାଜପା ବ୍ୟାନରରେ ରାଜେନ୍ଦ୍ର ଢୋଲକିଆ ।

**ନୂଆପଡ଼ା ଉପନିର୍ବାଚନ**

**ନୂଆପଡ଼ା,୪।୧୧ (ପୀତାମ୍ବର ସାହୁ)**

ନୂଆପଡ଼ାରୁ ୪ଥର ବିଧାୟକ ହୋଇଥିବା ରାଜେନ୍ଦ୍ର ଢୋଲକିଆ (ରାଜୁ ଭାଇ)ଙ୍କ ମୃତ୍ୟୁ ପରେ ଏବେ ହେଉଛି ଉପନିର୍ବାଚନ। ଏଥିପାଇଁ ୩ ପ୍ରମୁଖ ଭାଜପା, ବିଜେଡି ଓ କଂଗ୍ରେସ ସମେତ ଅନ୍ୟଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। ବିଜେଡିରୁ ଲଗାତର ଭାବେ ବିଧାୟକ ହୋଇଥିବା ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ତାଙ୍କ ପୁଅ ଜୟ ଢୋଲକିଆ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ଏକ ପ୍ରକାର ସ୍ଥିର ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗଦେଇ ଦଳର ପ୍ରାର୍ଥୀ ହୋଇଛନ୍ତି। ଏହାପରେ ବିଜେଡିର ସବୁ ଅଙ୍କ ବଦଳି ଯାଇଥିଲା। ଦଳ ଆଉ ସ୍ଥାନୀୟ ନେତାଙ୍କ ଉପରେ ଭରସା ନ କରି ପୂର୍ବତନ ମନ୍ତ୍ରୀ ତଥା ଅତାବିରା ଅଞ୍ଚଳର ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିଛି। ଆସନ୍ତା ୧୧ ତାରିଖରେ ଏହି ଉପନିର୍ବାଚନ ହେବ। ଏଣୁ ପ୍ରଚାର ମୈଦାନରେ ଏବେ ସବୁ ଦଳ ମସଗୁଲ ଅଛନ୍ତି। ପ୍ରତ୍ୟହ ନିର୍ବାଚନକୁ ନେଇ ବିଭିନ୍ନ ଦଳ ମଧ୍ୟରେ ଲାଗି ରହିଛି ଆରୋପ ପ୍ରତ୍ୟାରୋପ। ତେବେ ଗୋଟିଏ ଘଟଣାକୁ ନେଇ ଏବେ ନୂଆପଡ଼ା ରାଜନୀତିରେ ରୋଚକ ସ୍ଥିତି ଦେଖାଦେଇଛି। ରାଜେନ୍ଦ୍ର ଢୋଲକିଆ ନୂଆପଡ଼ାର ଲୋକପ୍ରିୟ ନେତା ଥିଲେ। ତେଣୁ ଏବେ ପ୍ରଚାର ବେଳେ ଉଭୟ ଭାଜପା ଓ ବିଜେଡି ସେମାନଙ୍କ ବ୍ୟାନର, ପୋଷ୍ଟର ଓ ସଭାସମିତିରେ ରାଜେନ୍ଦ୍ରଙ୍କ ଫଟୋ ବ୍ୟବହାର କରୁଛନ୍ତି। ଏହାକୁ ନେଇ ଭୋଟର ଓ ସାଧାରଣ ଲୋକେ ଦ୍ୱନ୍ଦ୍ୱରେ ଥିବା ଦେଖିବାକୁ ମିଳୁଛି। ପ୍ରକୃତରେ ରାଜେନ୍ଦ୍ର କାହାର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ବିଜେଡି ତା'ର ସଭାସମିତି ଓ ବ୍ୟାନର, ପୋଷ୍ଟରରେ ଦଳର ଦିବଂଗତ ନେତା ରାଜେନ୍ଦ୍ର ଢୋଲକିଆଙ୍କ ଫଟୋ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ପ୍ରଚାର ସମୟରେ ବିଜେଡି ପ୍ରାର୍ଥିନୀ ଓ ଅନ୍ୟ ନେତାମାନେ ରାଜେନ୍ଦ୍ର ବିଜେଡିର ବୋଲି କହୁଛନ୍ତି। ସେ ବିଜେଡି ବିଧାୟକ ଥିଲେ। ଏପରି କି ବିଜେଡିର ବିଧାୟକ ଥିଲା ବେଳେ ସେ ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମଧ୍ୟ ଥିଲେ। ସେ ଦଳରେ ଥାଇ ନବୀନ ପଟ୍ଟନାୟକଙ୍କ ସହ ମିଶି ନୂଆପଡ଼ା ପାଇଁ ଅନେକ ଲୋକାଭିମୁଖୀ କାମ କରିଛନ୍ତି। ନିର୍ବାଚନ ମଣ୍ଡଳୀ ପ୍ରତି ତାଙ୍କ ଅବଦାନ ବହୁତ ବୋଲି କହୁଛନ୍ତି। ତେଣୁ ରାଜେନ୍ଦ୍ର ବିଜେଡିର ବୋଲି ସେମାନେ ଦାବି କରୁଛନ୍ତି। ଅନ୍ୟପକ୍ଷରେ ଜୟ ଢୋଲକିଆ ଭାଜପାରେ ଯୋଗଦେଇ ପ୍ରାର୍ଥୀ ହେଲା ଦିନଠାରୁ ଭାଜପା ତା'ର ପ୍ରତି କାର୍ଯ୍ୟକ୍ରମରେ ଏପରି କି ଦଳର ନିର୍ବାଚନୀ ପ୍ରଚାରରେ ଲାଗିଥିବା ବ୍ୟାନର, ପୋଷ୍ଟରରେ ରାଜେନ୍ଦ୍ରଙ୍କ ଫଟୋ ବ୍ୟବହାର କରୁଛି। ସାଧାରଣତଃ ଲୋକେ ରାଜେନ୍ଦ୍ରଙ୍କୁ ବିଜେଡିର ବୋଲି ଜାଣିଥିଲେ। ଏବେ ପୁଣି ଭାଜପା ତାଙ୍କ ଫଟୋ ବ୍ୟବହାର କରୁଛି। ତେଣୁ ବିଶେଷକରି ଗାଁ ଗହଳିର ଲୋକେ ରାଜେନ୍ଦ୍ର କେଉଁ ଦଳର ବୋଲି ପ୍ରଶ୍ନ କରୁଛନ୍ତି। କିଛିଦିନ ପୂର୍ବରୁ ନୂଆପଡ଼ା ଜିଲାପାଳ ବିଜେଡି ନିର୍ବାଚନୀ ପ୍ରଚାରରେ ରାଜେନ୍ଦ୍ରଙ୍କ ଫଟୋ ବ୍ୟବହାର ନ କରିବାକୁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ତେବେ ବିଜେଡି ଏହାକୁ ବିରୋଧ କରିଥିଲା। ଏହାକୁ ଅବମାନନା କରି ବିଜେଡି ଏବେ ମଧ୍ୟ ରାଜେନ୍ଦ୍ରଙ୍କ ଫଟୋ ବ୍ୟବହାର କରୁଛି।

ଗତ ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସ୍ନେହାଙ୍ଗିନୀଙ୍କ ପାଇଁ ପ୍ରଚାର କରିବାକୁ କୋମନାର ତରବୋଡକୁ ଆସିଥିଲେ। ସେହି ସଭାରେ ଖଡ଼ିଆଳର ବିଧାୟକ ଅଧିରାଜ ପାଣିଗ୍ରାହୀ ଏହି ପ୍ରସଙ୍ଗ ଉଠାଇଥିଲେ। ରାଜୁଭାଇ ଦୀର୍ଘଦିନ ଧରି ବିଜେଡିରେ ଥିଲେ। ସେ କେବେ ହେଲେ ଭାଜପାକୁ ଯାଇ ନ ଥିଲେ। ବିଜେଡି ତାଙ୍କୁ ମନ୍ତ୍ରୀ କରିଥିଲା। ଏପରି କି ତାଙ୍କ ମର ଶରୀରରେ ବିଜେଡିର ପତାକା ଦିଆଯାଇଥିଲା। ବିଜେଡି ତାଙ୍କ ଶ୍ରଦ୍ଧାଞ୍ଜଳି ସଭା ମଧ୍ୟ ଆୟୋଜନ କରିଥିଲା। ତେଣୁ ରାଜୁ ଭାଇ ଢୋଲକିଆ ବିଜେଡିର ବୋଲି କହିବା ସହିତ ତାଙ୍କ ଫଟୋକୁ କେବଳ ବିଜେଡି ହିଁ ବ୍ୟବହାର କରିବାର ଅଧିକାର ଅଛି ବୋଲି କହିଥିଲେ। ନବୀନ ପ୍ରଚାର କରି ଫେରିଯିବାର ଦିନକ ପରେ ରାଜେନ୍ଦ୍ରଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ ବିଜେଡି ପ୍ରତି ଆରୋପ ଲଗାଇଛନ୍ତି। ରାଜେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ସମୟରେ ବିଜେଡି ନେତାମାନେ କେବେ ଦିନେ ବି ପଚାରିଲେ ନାହିଁ। ଏପରି କି ସ୍ୱାସ୍ଥ୍ୟାବସ୍ଥା କଥା ବୁଝିବା ପାଇଁ ଫୋନଟିଏ ମଧ୍ୟ କଲେ ନାହିଁ କି ଡାକ୍ତରଖାନାର ଚିକିତ୍ସା କଥା ମଧ୍ୟ ବୁଝିଲେ ନାହିଁ। ବିଜେଡିର ଅଣଦେଖା ତାଙ୍କ ସ୍ୱାମୀ ରାଜୁ ଭାଇଙ୍କ ମୃତ୍ୟୁର ଅନ୍ୟତମ କାରଣ ବୋଲି ସେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ଯେଉଁ ଦଳରେ ତାଙ୍କ ସ୍ୱାମୀ ୨୪ ବର୍ଷ ଧରି ରହିଥିଲେ ସେହି ଦଳ ଏବେ ତାଙ୍କ ପୁଅକୁ ଅଙ୍ଗୁଳି ଉଠାଇବା ସମ୍ବେଦନଶୀଳ ରାଜନୀତି ନୁହେଁ। ରାଜୁ ଭାଇ ଢୋଲକିଆଙ୍କ ଫଟୋ କିଏ ଓ କେଉଁଠି ବ୍ୟବହାର କରିବ ତାହା କେବଳ ତାଙ୍କ ପରିବାରର ଅଧିକାର। ରାଜୁ ଭାଇଙ୍କ ମୃତ୍ୟୁ ପରେ ତାଙ୍କ ଫଟୋ ବ୍ୟବହାର କରିବା ବିଜେଡିର ନୈତିକ ଭାବେ ଭୁଲ। ଏହାକୁ ଆମେ ବିରୋଧ କରୁଛୁ ବୋଲି ସେ କହିଛନ୍ତି।

# ନବୀନଙ୍କ ପ୍ରଚାର ପରେ ବିଜେଡି ଶିବିରରେ ଉତ୍ସାହ

**ନୂଆପଡ଼ା,୪।୧୧ (ପୀତାମ୍ବର ସାହୁ)**

ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରଚାର ମୈଦାନ କମ୍ପୁଛି। ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ଦଳର ପ୍ରାର୍ଥୀ ସମେତ ଅନ୍ୟ ପ୍ରାର୍ଥୀମାନେ ନିଜ ଢଙ୍ଗରେ ପ୍ରଚାର କରୁଛନ୍ତି। ଏହି କ୍ରମରେ ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରଚାର ମୈଦାନକୁ ଓହ୍ଲାଇଥିଲେ। ନିର୍ବାଚନମଣ୍ଡଳୀର କୋମନା ବ୍ଲକ ତରବୋଡଠାରେ ଏକ ସାଧାରଣ ସଭାରେ ଯୋଗଦେଇ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି ସଭାରେ ସେ ଭାଜପା ଉପରେ ବର୍ଷିଥିଲେ। ପ୍ରଥମଥର ପାଇଁ ସେ ଭାଜପା ଉପରେ ଏଭଳି ବର୍ଷିଥିବା ଆଲୋଚନା ହେଉଛି। ଉକ୍ତ ସଭାରେ ପ୍ରାୟ ୨୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିବା କୁହାଯାଉଛି। ତେବେ ନବୀନଙ୍କ ପ୍ରଚାର ପରେ ବିଜେଡି ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଛି। ବିଜେଡିର ଜଣେ ଯୁବ ନେତାଙ୍କ କହିବା କଥା ହେଲା ନବୀନଙ୍କ ପ୍ରଚାର ପରେ ଦଳର ସ୍ଥିତି ଏବେ ପୂର୍ବ ଅପେକ୍ଷା ଅଧିକ ସୁଦୃଢ଼ ହୋଇଛି। ଦଳର ବରିଷ୍ଠ ସଦସ୍ୟ ତଥା ରେଢାଖୋଲ ବିଧାୟକ ପ୍ରଶାନ୍ତ ଆଚାର୍ଯ୍ୟ କହିଛନ୍ତି, ନୂଆପଡ଼ାରେ ପୁଣି ଶଙ୍ଖ ବାଜିବ। ଆମେ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବୁ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ପ୍ରକାଶ କରିଛନ୍ତି।



ସେହିପରି ପୂର୍ବତନ ମନ୍ତ୍ରୀ ତଥା କନ୍ଧମାଳ ଜିଲା ବିଜେଡି ସଭାପତି ପଦ୍ମନାଭ ବେହେରା ମଧ୍ୟ ନବୀନଙ୍କ ପ୍ରଚାର ପରେ ଦଳର ସ୍ଥିତି ଆହୁରି ମଜଭୁତ ହୋଇଛି ବୋଲି କହିଛନ୍ତି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନୂଆପଡ଼ା ପାଇଁ ଅନେକ କାମ କରିଛନ୍ତି। ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ନୂଆପଡ଼ାକୁ ଜିଲା କରିଥିଲେ। ଏଠାରେ ଯାହା ସବୁ ଉନ୍ନତି ହୋଇଛି ତାହା ବିଜେଡି ସମୟରେ ହୋଇଛି। ବିଜେଡିର ସ୍ନେହାଙ୍ଗିନୀଙ୍କୁ ବିଜୟୀ କରିବେ ବୋଲି ଲୋକେ ମନସ୍ଥ କରିସାରିଥିବା ସେ ପ୍ରକାଶ କରିଛନ୍ତି। ନବୀନଙ୍କ ପ୍ରଚାର ପରେ ଯୁବ ବିଜେଡି ନେତାମାନେ ବେଶ ସକ୍ରିୟ ହୋଇପଡିଥିବା ଦେଖିବାକୁ ମିଳିଛି। ବିଜେଡିର ବିଜୟ ନିଶ୍ଚିତ ବୋଲି ସେମାନେ କହିବୁଲୁଛନ୍ତି। ମାତ୍ର ବିରୋଧୀ ଭାଜପା ଓ କଂଗ୍ରେସ ନବୀନଙ୍କ ପ୍ରଚାର କୌଣସି ପ୍ରଭାବ ପକାଇବ ନାହିଁ ବୋଲି କହୁଛନ୍ତି।

# ଆରୋପ ପ୍ରତ୍ୟାରୋପରେ ଚାଲିଛି ପ୍ରଚାର

**ନୂଆପଡ଼ା,୪।୧୧ (ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନରେ ପ୍ରମୁଖ ଦଳର ଆରୋପ ପ୍ରତ୍ୟାରୋପ ମଧ୍ୟରେ ପ୍ରଚାର ଚାଲିଛି। ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ପଛରେ ନାହାନ୍ତି। ସେମାନେ ମଧ୍ୟ ନିର୍ବାଚନୀ ବୈତରଣୀ ପାରିହେବା ପାଇଁ ଦିନରାତି ଏକ କରିଦେଇଛନ୍ତି । ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ମଇଦାନକୁ ଆସି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ଭୋଟ ଭିକ୍ଷା କଲା ପରେ ଅନ୍ୟ ପ୍ରମୁଖ ଦଳ ମଧ୍ୟରେ ଛନକା ପଶିଛି। ସେମାନେ ରଣନୀତିକୁ ଆହୁରି ଶାଣିତ କରିବା ପାଇଁ ଯୋଜନା କରୁଛନ୍ତି। ପୂର୍ବରୁ ନୂଆପଡା ନିର୍ବାଚନ ମଣ୍ଡଳୀ ବିଜେଡିର ଗଡ ରହିଥିଲା। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ୪ଥର ବିଧାୟକ ହୋଇଛନ୍ତି। ତାଙ୍କ ଦେହାନ୍ତ ପରେ ପୁଅ ଜୟ ଢୋଲକିଆ ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ଏହା ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିବାବେଳେ ଖୋଦ ପୂର୍ବତନ ମୁଖ୍ୟମନ୍ତ୍ରୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା କୁହାଯାଉଛି। ଅନ୍ୟପକ୍ଷରେ କଂଗ୍ରେସ ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ନୂଆପଡାରେ ଡେରା ପକାଇଥିବାବେଳେ ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ ପଦଯାତ୍ରା କରି ଭୋଟ ଭିକ୍ଷା କରୁଛନ୍ତି। ବିଜୟ ଲକ୍ଷ୍ୟ ରଖି କଂଗ୍ରେସ ଆଗକୁ ହେଭିୱେଟ ନେତାମାନଙ୍କୁ ପ୍ରଚାର ମଇଦାନକୁ ଆଣିବା ପାଇଁ ପ୍ରସ୍ତୁତି ଚଳାଇଛି। ସେହିପରି ଭାଜପା ପ୍ରାର୍ଥୀ ଜୟଙ୍କ ବିଜୟ ପାଇଁ ଉପକୂଳିଆ ନେତା, ମନ୍ତ୍ରୀ, ବିଧାୟକ ସହ ସିନେ ତାରକା ଦିନରାତି ଏକ କରିଦେଉଛନ୍ତି। ଆଗକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ବହୁ ହେଭିୱେଟ ନେତା ଆସି ଜୟଙ୍କ ପାଇଁ ପ୍ରଚାର କରିବେ ବୋଲି ସୂଚନା ମିଳିଛି।

GN ସାମଗ୍ରୀ ଏବଂ ସେବା କର ନେଟ୍‌ୱର୍କ
କର୍ପୋରେଟ୍ କାର୍ଯ୍ୟାଳୟ: ୪ର୍ଥ ମହଲା, ଇଷ୍ଟ ୱିଙ୍ଗ୍, ୱାର୍ଲ୍ଡ ମାର୍କ-୧, ଏରୋସିଟି, ଦିଲ୍ଲୀ-୧୧୦ ୦୩୭, ଟେଲି: ୦୧୧-୪୯୧୧୧୨୦୦, www.gstn.org.in
ଟେଣ୍ଡର ବିଜ୍ଞପ୍ତି
ସାମଗ୍ରୀ ଏବଂ ସେବା କର ନେଟ୍‌ୱର୍କ (ଜିଏସ୍‌ଟିଏନ୍), ଏକ ସରକାରୀ ଉଦ୍ୟୋଗ, ନିମ୍ନଲିଖିତ ସାମଗ୍ରୀ/ସେବା ପାଇଁ ଯୋଗ୍ୟ ବ୍ୟବସାୟ ପ୍ରତିଷ୍ଠାନ/କମ୍ପାନୀଠାରୁ ବିଡ୍ ଆହ୍ୱାନ କରୁଛି:

| ସବିଶେଷ | ବିଡ୍ ଦାଖଲର ଶେଷ ତାରିଖ ଓ ସମୟ |
| --- | --- |
| ଉଚ୍ଚସ୍ତରୀୟ ଲାପ୍‌ଟପ୍ ଓ ଡେସ୍କଟପ୍‌ର ଯୋଗାଣ ଓ ସ୍ଥାପନା ପାଇଁ ଟେଣ୍ଡର | ୧୮ ନଭେମ୍ବର, ୨୦୨୫ ୧୫.୦୦ ଘଟିକା ପର୍ଯ୍ୟନ୍ତ |

ଟେଣ୍ଡର/ଆର୍‌ଏଫ୍‌ପି ଦସ୍ତାବିଜ ଏବଂ ସମ୍ବନ୍ଧିତ ଜରୁରୀ ସୂଚନା ଜିଏସ୍‌ଟିଏନ୍ ୱେବ୍‌ସାଇଟ୍ www.gstn.org.inରୁ ଡାଉନ୍‌ଲୋଡ୍ କରାଯାଇପାରିବ। କୌଣସି ସଂଶୋଧନ/ଶୁଦ୍ଧିପତ୍ର ଜିଏସ୍‌ଟିଏନ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ।
CBC 15319/12/0004/2526 ସଞ୍ଜୟ ଶର୍ମା, ଉପାଧକ୍ଷ (ପି ଆଣ୍ଡ ସି)

# ନୂଆପଡ଼ା ଭୋଟରେ ଆଧାରକୁ ଅନୁମତି

**ଭୁବନେଶ୍ୱର,୪।୧୧ (ରବିନାରାୟଣ ଜେନା)**

ନୂଆପଡ଼ା ଉପନିର୍ବାଚନ ବେଳେ ମତଦାତାମାନେ ବୁଥ୍ କେନ୍ଦ୍ରକୁ ଅନ୍ୟାନ୍ୟ ୧୨ଟି ପ୍ରମାଣପତ୍ର ସହିତ ଆଧାରକାର୍ଡକୁ ପରିଚୟପତ୍ର ଭାବେ ଦର୍ଶାଇ ପାରିବେ। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଧାରକାର୍ଡକୁ ଏଥର ଅନୁମତି ମିଳିଛି। ଫଳରେ ଆଧାରକାର୍ଡକୁନେଇ ଲାଗିରହିଥିବା ଦ୍ୱନ୍ଦ୍ୱରେ ଯବନିକା ପଡ଼ିଛି।

ସୂଚନାଯୋଗ୍ୟ, ନୂଆପଡ଼ା ଉପନିର୍ବାଚନ କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହିକ୍ରମରେ ନଭେମ୍ବର ୧୧ରେ ହେବାକୁ ଥିବା ମତଦାନ ଲାଗି କେଉଁସବୁ ପରିଚୟପତ୍ର ଲୋକେ ସାଥିରେ ନେଇପାରିବେ ସେ ସଂକ୍ରାନ୍ତରେ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ତାଲିକା ପ୍ରସ୍ତୁତ ହୋଇଛି। ଭାରତରେ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ୧୨ଟି ପରିଚୟ ପତ୍ରକୁ ପୂର୍ବରୁ ମତଦାନ କେନ୍ଦ୍ର ଲାଗି ସ୍ୱୀକୃତି ରହିଥିବା ବେଳେ ଏବେ ଏଥିରେ ଆଧାରକାର୍ଡକୁ ସଂଲଗ୍ନ କରାଯାଇଛି। ଫଳରେ ଲୋକେ ୧୩ଟି ପରିଚୟପତ୍ର ନେଇ ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେଇପାରିବେ ବୋଲି ଜଣାଯାଇଛି।

ସୂଚନା ଅନୁଯାୟୀ, ମତଦାନ ବେଳେ ପୂର୍ବରୁ ଭୋଟର ପରିଚୟପତ୍ର ସହିତ ପାନ୍ କାର୍ଡ, ଦିବ୍ୟାଙ୍ଗ ପରିଚୟପତ୍ର, ଫଟୋ ଲାଗିଥିବା ଚାକିରି ପରିଚୟପତ୍ର, ଫଟୋ ଲାଗିଥିବା ବ୍ୟାଙ୍କ ପାସବୁକ୍, ପୋଷ୍ଟ ଅଫିସ ପାସ୍ ବୁକ୍, ଶ୍ରମମନ୍ତ୍ରଣାଳୟ ଯୋଜନା ଅଧୀନରେ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସ୍‌ପୋର୍ଟ, ଏନ୍‌ପିଆର୍ ଅନ୍ତର୍ଗତ ଆର୍‌ଜିଆଇ ଦ୍ୱାରା ପ୍ରଦତ୍ତ ସ୍ମାର୍ଟକାର୍ଡ, ପେନ୍‌ସନ ଦସ୍ତାବିଜ୍, ଏମ୍‌ପି, ବିଧାୟକ ବିଧାନସଭା ପରିଷଦର ସଦସ୍ୟଙ୍କୁ ଦିଆଯାଇଥିବା ସରକାରୀ ପରିଚୟପତ୍ର ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜବ୍ କାର୍ଡ ରହିଥିବା ବେଳେ ଏଥିରେ ଏବେ ଆଧାରକାର୍ଡ ସଂଲଗ୍ନ କରାଯାଇଛି। ତେବେ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୋଟିଏ ପଟେ ଭାରତ ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଜ୍ଞାନେଶ କୁମାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ନେଇ ତାଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ କହିଛନ୍ତି, ଆଧାରକାର୍ଡ କୌଣସି ଲୋକର ଜନ୍ମ ପରିଚୟପତ୍ର, ଆବାସ କିମ୍ବା ନାଗରିକ ପ୍ରମାଣପତ୍ର ନୁହେଁ। ଏହା ମାଧ୍ୟମରେ ଜଣେ ଲୋକଙ୍କୁ ଭାରତର ନାଗରିକ ଭାବେ ବିବେଚନା କରାଯାଇ ପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଧାରକାର୍ଡକୁ ନେଇ ଥିବା ଦ୍ୱନ୍ଦ୍ୱକୁ ସ୍ପଷ୍ଟ କରାଯାଇଛି। ସିଇଓ ଆର୍. ସନ୍ଥ ଗୋପାଳନ୍ କହିଛନ୍ତି ଯେ, କୌଣସି ଲୋକର ନାଗରିକତ୍ୱ କିମ୍ବା ଆବାସିକ ଓ ଜନ୍ମ ପ୍ରମାଣପତ୍ର ଭାବେ ଆଧାରକାର୍ଡକୁ ଗ୍ରହଣ କରାଯିବ ନାହିଁ। ଯଦି ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ପୂର୍ବରୁ ରହିଛି(ଯେ କୌଣସି ଆଧାରରେ) ତେବେ ସେ କ୍ଷେତ୍ରରେ ଆଧାରକାର୍ଡକୁ କେବଳ ଫଟୋ ପରିଚୟପତ୍ର ଭାବେ ବିବେଚନା କରାଯାଇ ପାରିବ। ଯାହା ଫଳରେ ମତଦାନ ସାବ୍ୟସ୍ତ କରିବାରେ ନାଗରିକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବନାହିଁ।

# ବିଶ୍ୱଶାନ୍ତି ମହାଯଜ୍ଞରେ ସାମିଲହେଲେ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ

**କାଏମା,୪।୧୧ (ଶିବପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ନୀଳାଦେଇପୁର ଗ୍ରାମର ଜ୍ଞାନେଶ୍ୱର ପୀଠରେ ବିଶ୍ୱଶାନ୍ତି ରୁଦ୍ରମହାଯଜ୍ଞ ରବିବାରଠାରୁ ଆରମ୍ଭ ହୋଇଛି। ଏଥିରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ତ୍ରୀ ପ୍ରିୟଙ୍କା ମାରାଣ୍ଡି ସାମିଲହୋଇ ପୂଜାର୍ଚ୍ଚନା କରିଛନ୍ତି। ଗ୍ରାମବାସୀଙ୍କ ନିମନ୍ତ୍ରଣକ୍ରମେ ସେ ଆସି ପହଞ୍ଚିଥିଲେ। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପୂଜକ ଆଲୋକ ପଣ୍ଡା ଓ ସହଯୋଗୀଙ୍କ ମନ୍ତ୍ର ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀଙ୍କ ଗସ୍ତ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ୫ ତାରିଖ ବୁଧବାର ଏହାର ପୂର୍ଣ୍ଣାହୁତି ହେବ ବୋଲି ସୂଚନା ଦିଆଯାଇଛି।


ଜ୍ଞାନେଶ୍ୱର ପୀଠରେ ପ୍ରିୟଙ୍କା ମାରାଣ୍ଡି ପୂଜାର୍ଚ୍ଚନା କରୁଛନ୍ତି।

# ୩ ବରିଷ୍ଠ କଂଗ୍ରେସ ନେତାଙ୍କ ଗୁପ୍ତ ମନ୍ତ୍ରଣା


ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ସହ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଆଲୋଚନା କରୁଛନ୍ତି।

**ନରସିଂହଙ୍କ ଘରେ ପହଞ୍ଚିଲେ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା**

**ବଲାଙ୍ଗୀର, ୪।୧୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବିଭିନ୍ନ ପ୍ରସଙ୍ଗକୁ ନେଇ ସମ୍ପ୍ରତି ରାଜ୍ୟ ରାଜନୀତି ଜୋର ଧରିଛି। ଏତିକି ବେଳେ ରାଜ୍ୟ କଂଗ୍ରେସର ୩ ବରିଷ୍ଠ ନେତାଙ୍କ ମିଳିତ ଆଲୋଚନା ବା ଗୁପ୍ତ ମନ୍ତ୍ରଣା ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ବଲାଙ୍ଗୀରସ୍ଥିତ ଘରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପହଞ୍ଚିଥିଲେ। ତିନିଜଣଙ୍କ ମଧ୍ୟରେ ବେଶ୍ କିଛି ସମୟ ଧରି ଆଲୋଚନା ହୋଇଥିଲା। କେଉଁ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଏହି ବରିଷ୍ଠ ନେତାମାନେ ଆଲୋଚନା କରିଥିଲେ ତାହା ସ୍ପଷ୍ଟ ଜଣାପଡି ନ ଥିଲେ ମଧ୍ୟ କଂଗ୍ରେସ ଦଳର ଅନ୍ତର୍ଦ୍ୱନ୍ଦ୍ୱ ଏବଂ ରାଜ୍ୟ ରାଜନୀତିର ସାମ୍ପ୍ରତିକ ସ୍ଥିତିକୁ ନେଇ ସେମାନେ ଆଲୋଚନା କରିଥିବା ଚର୍ଚ୍ଚାର ବିଷୟ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରଦେଶ କଂଗ୍ରେସ କମିଟିରେ ନେତୃତ୍ୱ ପରିବର୍ତ୍ତନ ପରେ ବରିଷ୍ଠ ନେତାମାନଙ୍କୁ ଅଣଦେଖା କରାଯାଉଥିବା ଓ ଦଳ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଥିବା ଚର୍ଚ୍ଚାର ବିଷୟ ହୋଇଆସିଛି। ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କୁ ମଧ୍ୟ ଅଣଦେଖା କରାଯାଉଥିବା ବିଭିନ୍ନ ସମୟରେ ଗଣମାଧ୍ୟମରେ ଚର୍ଚ୍ଚା ହୋଇଛି। ମିଶ୍ରଙ୍କୁ ରାଜ୍ୟ କଂଗ୍ରେସ ଦଳର କୌଣସି ଗୁରୁତ୍ୱପୂର୍ଣ୍ଣ କମିଟିରେ ନିଆଯାଇନାହିଁ କି ତାଙ୍କୁ କୌଣସି ଗୁରୁଦାୟିତ୍ୱ ଦିଆଯାଇନାହିଁ। ଦଳର ପାର୍ଲାମେଣ୍ଟାରୀ ଏଫାୟାର୍ସ କମିଟିରେ ମଧ୍ୟ ନରସିଂହଙ୍କୁ ନିଆଯାଇନାହିଁ। ଏହି କମିଟିରେ ନରସିଂହଙ୍କୁ ରଖିବା ପାଇଁ ରାଜ୍ୟର ବରିଷ୍ଠ କଂଗ୍ରେସ ନେତା ପ୍ରସ୍ତାବ ରଖିବା ସତ୍ତ୍ୱେ ଏହା କାର୍ଯ୍ୟକାରୀ ହୋଇନାହିଁ। ରାଜ୍ୟ କଂଗ୍ରେସରେ ଏବେ ଦଳୀୟ କନ୍ଦଳ ବଢ଼ିବାରେ ଲାଗିଥିବା ଚର୍ଚ୍ଚାର ବିଷୟ ହୋଇଛି। ସମ୍ପ୍ରତି ନୂଆପଡା ଉପନିର୍ବାଚନ ବି ଚାଲିଛି। ଏଭଳି ସମୟରେ ଦୁଇ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ଓ ଜୟଦେବ ପୂର୍ବତନ ମନ୍ତ୍ରୀ ନରସିଂହଙ୍କ ଘରେ ସାକ୍ଷାତ ଆଲୋଚନା କରିବା ଚର୍ଚ୍ଚାର ବିଷୟ ହୋଇଛି।



# ମୃତ୍ୟୁ, ଧନ, କ୍ଷମତା

ସିଭିଲ୍ ସର୍ଭିସ ବୃତ୍ତିର ମୋହ ଅଧିକାଂଶ ଭାରତୀୟଙ୍କୁ ଏମିତି ଘାରିଛି ଯେ, ପିଲା ଟିକେ ଭଲ ମାର୍କ ରଖିଲେ ମାତାପିତା, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକ ସେମାନଙ୍କୁ ଏଭଳି ମାର୍କାଦିଆ ପଦବୀ ପାଆନ୍ତୁ ବୋଲି ଆଶା କରୁଛନ୍ତି। ଜୀବନରେ ସ୍ୱପ୍ନ ପୂରଣ କରିପାରି ନ ଥିବା ଅଭିଭାବକ ବର୍ଗ ପିଲାମାନଙ୍କ ମଧ୍ୟରେ ତାହାକୁ ସାକାର କରିବା ଦିଗରେ ଲାଗି ପଡୁଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଏଇ ଯେମିତି ନିର୍ବାଚନ ଆସିଲେ ଅନେକ ସମୟରେ ଶୁଣିବାକୁ ମିଳିଥାଏ 'ମୁଁ ମୋ ନେତା ବା ମାତାପିତାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବି'। ଏଠି ଦଳର ନେତା କିମ୍ବା ରାଜନୀତିରେ ନିଜ ମାତାପିତା ସ୍ୱର୍ଗବାସ କରିଥିଲେ ସେମାନଙ୍କ ଦାୟାଦଙ୍କ ମୁହଁରେ ଏଭଳି ଭାଷା ପୂରାଇ ଦିଆଯାଇ ନିର୍ବାଚନ ସଫଳତା କାମନା କରାଯାଇଥାଏ। କ୍ୱଚିତ ଶୁଭାକାଂକ୍ଷୀ ଥିବେ ଯେଉଁମାନେ ନୂଆ କରି କ୍ୟାରିୟର ଗଢ଼ିବାକୁ ଯାଉଥିବା ଆଶାୟୀଙ୍କୁ ଆଶ୍ୱାସନା ଦେଉଥିବେ ଯେ 'ତୁ ତୋ ଦକ୍ଷତା ଅନୁଯାୟୀ ଯାହା ହେବାକୁ ଚାହୁଁଛୁ, ତା' କର'। ଏଠି ଗୋଟେ କଥା ବରିଷ୍ଠ ବର୍ଗଙ୍କୁ କୁହାଯାଇପାରେ- ପିଲାମାନଙ୍କୁ ନିଜ ଭବିଷ୍ୟତ ନିଜେ ନିର୍ଣ୍ଣୟ କରିବାକୁ ଛାଡ଼ିଦିଆଯିବା ଉଚିତ।

ଏହି ସ୍ତମ୍ଭର ଏଭଳି ଉପକ୍ରମଣିକା ଅବତାରଣା ପଛରେ ଉତ୍ତର ପ୍ରଦେଶର ବିଜ୍‌ନୌର ଜିଲାରେ ଏମ୍‌ଟେକ୍ ଡିଗ୍ରୀ ହାସଲ କରିଥିବା ଜଣେ ବିଦ୍ୟାର୍ଥୀ ୩ ନଭେମ୍ବରରେ ଗଙ୍ଗା ନଦୀକୁ ଡେଇଁ ପଡ଼ିବା ଘଟଣାକୁ ଦର୍ଶାଉଛି। ୨୪ ବର୍ଷୀୟା ଲଳିତା ସିଂ ତାଙ୍କ ୧୩ ବର୍ଷୀୟା ଭଉଣୀଙ୍କ ସହ ଗଙ୍ଗା ବ୍ୟାରେଜ୍ ନିକଟକୁ ପ୍ରାତଃଭ୍ରମଣରେ ଯାଇଥିଲେ। ଭଉଣୀଙ୍କୁ ଫାଟକ ନମ୍ବର ୨୪ରେ ଅପେକ୍ଷା କରିବାକୁ କହି ତତ୍‌କ୍ଷଣାତ୍ ଗଙ୍ଗା ନଦୀକୁ ଡେଇଁ ପଡ଼ିଲେ। ତାଙ୍କୁ ଖୋଜାଖୋଜି କରାଯିବା ପରେ ସେ ମିଳି ନ ଥିଲେ। ଲଳିତାଙ୍କ ଏଭଳି ପଦକ୍ଷେପ ନେବା ସଂକ୍ରାନ୍ତରେ ତାଙ୍କ ପିତା କହିଛନ୍ତି ଯେ, ଝିଅ ଚଳିତ ବର୍ଷକୁ ମିଶାଇ ସିଭିଲ୍ ସର୍ଭିସ ପରୀକ୍ଷାରେ ତୃତୀୟ ଥର ପାଇଁ ଅକୃତକାର୍ଯ୍ୟ ହୋଇଥିଲେ। ପିତାଙ୍କ ଏତକ ସୂଚନା ଅନେକ କିଛି ବିଷୟକୁ ଦର୍ଶାଉଛି। ଆମେ ଏଠାରେ ବସି ପ୍ରକୃତ କାରଣ କହିବା କଷ୍ଟକର। କିନ୍ତୁ ପିତାଙ୍କ ପ୍ରତିକ୍ରିୟାକୁ ତର୍ଜମା କଲେ ନିଶ୍ଚିତ ଭାବେ ତାଙ୍କ ଝିଅ ସିଭିଲ୍ ସର୍ଭିସ ପ୍ରସ୍ତୁତି ଚାପରେ ରହିଆସିଥିବା ବୁଝାପଡୁଛି। ଆଇଆଇଟି କାନପୁରରୁ ଏମ୍‌ଟେକ୍ କରିଥିବା ଲଳିତା ନିଶ୍ଚିତ ଭାବେ ଜଣେ ମେଧାବୀ ଛାତ୍ରୀ। ଦୁଃଖର ବିଷୟ ଯେ ଲଳିତା ନିଜ ଜୀବନ ନେବା ସହିତ ଅନ୍ୟ ଜଣେ ଅଜଣା ପିଲାର ଆଇଆଇଟି ସ୍ୱପ୍ନକୁ ଭାଙ୍ଗିଥିବେ। ଏଭଳି ସ୍ଥଳେ ଆଇଆଇଟି ଭଳି ଉଚ୍ଚ ଇଞ୍ଜିନିୟରିଂ ପ୍ରତିଷ୍ଠାନରୁ କୃତିତ୍ୱ ଅର୍ଜନ କରିଥିବା କିମ୍ବା ଡାକ୍ତରୀ ପାଠ ପଢ଼ିଥିବା ବିଦ୍ୟାର୍ଥୀଙ୍କୁ ସିଭିଲ୍ ସର୍ଭିସ ପରୀକ୍ଷା ଦେବାକୁ ବାରଣ କରାଯିବା ଦରକାର। ଏହା ବିରୋଧରେ ଯଦି ନାଗରିକର ସ୍ୱାଧୀନତା ପ୍ରଶ୍ନ ଉଠେ ସେଭଳି ଛାତ୍ରୀଛାତ୍ର ସମ୍ପୃକ୍ତ ଅନୁଷ୍ଠାନକୁ ବିପୁଳ ପରିମାଣର ଆର୍ଥିକ କ୍ଷତିପୂରଣ ଦେବା ଲାଗି ନାମଲେଖା ସମୟରେ ଚୁକ୍ତି କରାଯିବା ଆବଶ୍ୟକ।

ସମସ୍ତେ ଜାଣନ୍ତି ଭାରତରେ ସିଭିଲ ସର୍ଭିସକୁ ଅତି ମାତ୍ରାରେ ଗ୍ଲୋରିଫାଏ ବା ମହିମାମଣ୍ଡିତ କଲା ଭଳି ଉଚ୍ଚ ସ୍ତରକୁ ନିଆଯାଇଥିବାରୁ ସେଥିପ୍ରତି ଆକର୍ଷଣ ଯଥେଷ୍ଟ ରହିଛି। ଦେଖିବାକୁ ଗଲେ କମ୍ବଳ ତଳେ ରହିଥିବା ସତ୍ୟତାକୁ ବୁଝିବା ଦରକାର। ଏହା ଆଜିର ଭାରତରେ କାହାଠାରେ ଲୁକ୍କାୟିତ ନାହିଁ। ସିଭିଲ ସର୍ଭିସ ଅର୍ଥାତ୍ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଇତ୍ୟାଦି ତିନି ଅକ୍ଷରିଆ ପଦବୀ ହାସଲ ପାଇଁ ମାତାପିତା ଏବଂ ପରିବାରବର୍ଗ ପିଲାଙ୍କୁ ବାଧ କରିବା ପଛରେ ମୂଳ କାରଣ ହେଲା ଅପର୍ଯ୍ୟାପ୍ତ ଅର୍ଥ ଓ କ୍ଷମତା।

ସମସ୍ତେ ଜାଣନ୍ତି ଭାରତରେ ସିଭିଲ ସର୍ଭିସକୁ ଅତି ମାତ୍ରାରେ ଗ୍ଲୋରିଫାଏ ବା ମହିମାମଣ୍ଡିତ କଲା ଭଳି ଉଚ୍ଚ ସ୍ତରକୁ ନିଆଯାଇଥିବାରୁ ସେଥିପ୍ରତି ଆକର୍ଷଣ ଯଥେଷ୍ଟ ରହିଛି। ଦେଖିବାକୁ ଗଲେ କମ୍ବଳ ତଳେ ରହିଥିବା ସତ୍ୟତାକୁ ବୁଝିବା ଦରକାର। ଏହା ଆଜିର ଭାରତରେ କାହାଠାରେ ଲୁକ୍କାୟିତ ନାହିଁ। ସିଭିଲ ସର୍ଭିସ ଅର୍ଥାତ୍ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଇତ୍ୟାଦି ତିନି ଅକ୍ଷରିଆ ପଦବୀ ହାସଲ ପାଇଁ ମାତାପିତା ଏବଂ ପରିବାରବର୍ଗ ପିଲାଙ୍କୁ ବାଧ କରିବା ପଛରେ ମୂଳ କାରଣ ହେଲା ଅପର୍ଯ୍ୟାପ୍ତ ଅର୍ଥ ଓ କ୍ଷମତା। ସମସ୍ତେ ବୁଝିଲେଣି ଯେ ସରକାରୀ କ୍ଷମତା ପାଇଲେ ସ୍ୱାଭାବିକ ଭାବେ ଓ ଆପଣାଛାଏଁ ଅର୍ଥ ମାଡ଼ିଆସିବ। ସମଗ୍ର ପରିବାର ସବୁ ପ୍ରକାର ସୁବିଧାସୁଯୋଗ ପାଇବା ସହିତ ଅତି ଶୀଘ୍ର ଧନୀ ହୋଇଯାଇ ପାରିବେ। ଅବସର ନେଲାବେଳକୁ ସେହି ଅଫିସର ତୁନି ହୋଇ ଘରେ ବସିବାର ପ୍ରୟୋଜନ ନ ଥାଏ। ଯେକୌଣସି ରାଜନୈତିକ ଦଳର କବାଡ଼ ବାଡ଼େଇଲେ ରାଜ୍ୟ ସଭା ହେଉ କିମ୍ବା ଅନ୍ୟ କୌଣସି ପଦବୀ ଥୁଆ ରହିଥାଏ। କାର୍ଯ୍ୟକାଳ ସମୟରେ ଯଦି ବଡ଼ ଘରୋଇ କମ୍ପାନୀକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିବାର ସୁଯୋଗ ମିଳିଥାଏ, ତେବେ ଅବସର ପରେ ସେହି କମ୍ପାନୀ ଯାଚିକରି ଚାକିରି ଦେଇଥାଏ। ସରକାରୀ ଅଫିସରଙ୍କ କ୍ଷମତା ସମଗ୍ର ଭାରତବର୍ଷରେ ଏକ ବିଶେଷ ମାନସିକତା ପୋଷଣ କରୁଥିବା ପରିବାର ପାଇଁ ଅତ୍ୟନ୍ତ ଆକର୍ଷଣୀୟ।

# ଅତୀତର ସ୍ମୃତି-ଭବିଷ୍ୟତର ନକ୍ସା



ମୋହନ ଚରଣ ମାଝୀ

ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା। ଖାଲି ସନାତନୀ ଧର୍ମ ବିଶ୍ୱାସର ଏକ ପ୍ରମୁଖ ଦିବସଟିଏ ନୁହେଁ। ମହାନ୍ ଓଡ଼ିଆ ସଭ୍ୟତା, ସଂସ୍କୃତି ତଥା ଆର୍ଥିକ ପ୍ରଗତିର ମୂକସାକ୍ଷୀ ଭଳି ଦିନଟିଏ। ଆଜି ଦିନ ଅତୀତର ସ୍ମୃତିକୁ ତାଜା କରୁଛି। ବଡ଼ି ଭୋରରୁ ଆପଣମାନେ ସାମିଲ ହୋଇଥିବେ ଡଙ୍ଗାଭସା ଓ ବୋଇତ ବନ୍ଦାଣ ପରି କାର୍ଯ୍ୟକ୍ରମରେ। ଆମର ସାଧବ ପୁଅ ସାତ ଦରିଆ ତେର ନଈ ଡେଇଁ ବିଦେଶରେ ବେପାର ବଣିଜ କରି ଓଡ଼ିଶାକୁ ଧନଧାନ୍ୟରେ ପରିପୂର୍ଣ୍ଣ କରିଥିବା ସ୍ମୃତିର ଦିନ ଆଜି। ଏହି ପବିତ୍ର ଦିନରେ ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ଅତୀତର ନିଅଁ ଉପରେ ଠିଆହୋଇ ଅଭିନନ୍ଦନ ଜଣାଉଛି। ପୁଣି ଓଡ଼ିଶାର ହୃତ ଗୌରବ ଫେରାଇ ଆଣିବା ପାଇଁ ଓଡ଼ିଆ ଜାତିର ସଂକଳ୍ପକୁ ଦୋହରାଉଛି।

ମୋର ସ୍ପଷ୍ଟ ମନେଅଛି, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପ୍ରଥମ ପାଳି ଶାସନରେ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱରରେ ଜନସଭା କରୁଥାନ୍ତି। ଓଡ଼ିଶାର ଯଶକୀର୍ତ୍ତି ଚାରଣ କରି ସେ ମହାକବି କାଳିଦାସଙ୍କ ମହାକାବ୍ୟ କୁମାର ସମ୍ଭବମ୍‌ର ଅବତାରଣା କରିଥିଲେ। ତାଙ୍କ ମହାକାବ୍ୟରେ ମହାକବି କାଳିଦାସ କଳିଙ୍ଗର ସମ୍ରାଟଙ୍କୁ ମହୋଦଧିପତି, ଅର୍ଥାତ୍ ସମୁଦ୍ରର ରାଜା ଭାବରେ ବର୍ଣ୍ଣନା କରିଥିବା ଜନ ସମୁଦ୍ର ସାମ୍ନାରେ ଅବତାରଣା କରିଥିଲେ। ବିଜେପିର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଭାବରେ ଏହି ବିଶାଳ ଜନସଭାରେ ସାମିଲ ହେବାର ସୌଭାଗ୍ୟ ମୋର ଥିଲା। କଳିଙ୍ଗର ରାଜା-ମହାକବି କାଳିଦାସ-ମହୋଦଧିପତି ଶବ୍ଦରେ ସମବେତ ବିଶାଳ ଜନସମୁଦ୍ରରେ ସତେ ଯେମିତି ବଡ଼ ଜୁଆର ଆସିବାର ସ୍ମୃତି ଆଜି ବି ମୋ ମନରେ ତାଜା ଅଛି। ଓଡ଼ିଶାର ଗୌରବମୟ ପରମ୍ପରା ଓ ଆର୍ଥିକ ପ୍ରଗତିର କାହାଣୀ ଆହୁରି ଅଧିକରୁ ଅଧିକ ଜାଣିବା ପାଇଁ ମୋ ମନରେ ଉତ୍ସୁକତା ଜାଗିଥିଲା। ଲୋକଙ୍କ ହୃଦୟର କଥା କହିଲେ କେମିତି ଲୋକଙ୍କ ମନକୁ ବିଜୁଳି ବେଗରେ ଛୁଇଁପାରେ ସେଦିନ ମୁଁ ମର୍ମେ ମର୍ମେ ଅନୁଭବ କରିଥିଲି।

ଆଜି ଦିନରେ ମୁଁ ଓଡ଼ିଶାର ବନ୍ଦର ନଗରୀ ପାରାଦୀପଠାରେ ଐତିହାସିକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ତଥା କଟକର ଐତିହାସିକ ବାଲିଯାତ୍ରା କାର୍ଯ୍ୟକ୍ରମଗୁଡ଼ିକରେ ଯୋଗଦେବାର ଅଛି। ଏହି ଐତିହାସିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଜଣେ ସାଧାରଣ ଓଡ଼ିଆ ଭାବରେ ମୁଁ ବେଶ୍ ଗର୍ବିତ। ମୁଖ୍ୟମନ୍ତ୍ରୀ ଭାବରେ ଆପଣମାନେ ଓଡ଼ିଶାର ବିକାଶର ମଙ୍ଗ ଧରାଇଛନ୍ତି। ସାରା ବିଶ୍ୱରେ ଅର୍ଥନୈତିକ ସ୍ଥିତିରେ ଏବେ ଏକ ପ୍ରକାର ଅନିଶ୍ଚିତତା ଦେଖା ଦେଇଛି।

ଶକ୍ତିଶାଳୀ ଦେଶଗୁଡ଼ିକ ମଧ୍ୟରେ ବିବାଦ ଓ ଯୁଦ୍ଧସ୍ଥିତି ବିଶ୍ୱର ଅର୍ଥନୀତିକୁ ଅନେକ ଆହ୍ୱାନର ସାମ୍ନା କରିବାକୁ ପଡୁଛି। ଏ ସବୁ ଭିତରେ ଦେଶର ଜନପ୍ରିୟ ନେତା ତଥା ଗରିବ କଲ୍ୟାଣର ସୂତ୍ରଧର ନରେନ୍ଦ୍ର ମୋଦୀ ଦେଶକୁ ଆଜି ଦିନରେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି କରାଇବାରେ ସଫଳ ହୋଇଛନ୍ତି। ଆଉ ବର୍ଷ କେଇଟା ଭିତରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ, ଏହା ବିଶ୍ୱର ବିଭିନ୍ନ ଆର୍ଥିକ ମାମଲାର ବିଶେଷଜ୍ଞମାନଙ୍କ ସହମତି।

ସମୁଦ୍ର ପଥରେ ବିଦେଶ ଯାତ୍ରା କରି ବେପାର ବଣିଜ କରିବା ଓଡ଼ିଆଙ୍କ ଡିଏନ୍‌ଏରେ ରହିଛି। ସାରା ଦେଶ ମୋଦିଜୀଙ୍କ ନେତୃତ୍ୱରେ ଯେତେବେଳେ ଦ୍ରୁତ ଆର୍ଥିକ ପ୍ରଗତି କରୁଛି ଆମେ ଓଡ଼ିଆମାନଙ୍କୁ ଆମର ଅତୀତର ପୃଷ୍ଠଭୂମି ଉପରେ ଆର୍ଥିକ ପ୍ରଗତିର ରାସ୍ତା ଖୋଜିବାର ସମୟ ଆସିଛି। ମୁଁ ରାଜ୍ୟ ସରକାରଙ୍କ ମୁଖିଆ ଭାବରେ କାର୍ତ୍ତିକ ପୂର୍ଣ୍ଣିମା ସହ ଓଡ଼ିଆଙ୍କ ଭାବଗତ ସମ୍ପର୍କର କଥା ତ କହିବି। ତା' ସହ ଆମର ନଦୀ ଓ ସମୁଦ୍ର ଆଧାରରେ

**ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ**

ପୁଣି ଓଡ଼ିଶାକୁ କେମିତି ଆର୍ଥିକ ପ୍ରଗତିର ଶୀର୍ଷକୁ ନେଇପାରିବା ତା'ର ପରିକଳ୍ପନା ଓ ବିଜେପିର ନୂଆ ସରକାର ଆସିବା ପରେ ନିଆଯାଇଥିବା ନୂଆ ପଦକ୍ଷେପ ଓ କ୍ରିୟାନ୍ୱୟନ ସମ୍ପର୍କରେ ମଧ୍ୟ ମୋର ପ୍ରିୟ ରାଜ୍ୟବାସୀ ବିଶେଷ ଭାବରେ ଯୁବପିଢ଼ିଙ୍କ ସହ ଭାବର ଆଦାନ ପ୍ରଦାନ କରିବି।

ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟ ମତ, ବିକାଶ ଭି ବିରାସତ ଭି। ବିକାଶ ଆସୁ ମାତ୍ର ଆମର ଐତିହ୍ୟ ଓ ପରମ୍ପରାକୁ ମଧ୍ୟ ତା' ସହ ଆମେ ପ୍ରଫୁଲ୍ଲିତ, ପ୍ରସ୍ଫୁଟିତ କରି ରଖିବାକୁ ପଡ଼ିବ। ମୋଦିଜୀଙ୍କ ମାର୍ଗଦର୍ଶନରେ ଓଡ଼ିଶାର ନକ୍ସା ପ୍ରସ୍ତୁତ। ସେ ବିଷୟରେ କହିବି ମାତ୍ର ସାଧବ ପୁଅଙ୍କ ବିଦେଶ ଯାତ୍ରା ଉପରେ ଆଉ ଦୁଇ ପଦ କହି ମୁଁ ଆମ ସରକାରଙ୍କ ଯୋଜନା ବିଷୟରେ ଉଲ୍ଲେଖ କରିବି। ଇତିହାସକାରମାନେ ତଥ୍ୟ ବାହାର କରିଛନ୍ତି, ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ କଳିଙ୍ଗର ଜଣେ ରାଜକୁମାର ସିଂହଳରେ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ଏହା ବୌଦ୍ଧ ପୋଥିରୁ ମିଳିଥିବା ତଥ୍ୟ ବୋଲି ବିଶେଷଜ୍ଞଙ୍କର ମତ। ଲଢ଼େଇ କରି ନୁହେଁ, ଲୋକଙ୍କ ସ୍ନେହ ଓ ଶ୍ରଦ୍ଧାରେ ସେ ସେଠି ଶାସନ କରିଥିଲେ। ସମ୍ରାଟ ଅଶୋକଙ୍କ ପୁଅ ମହେନ୍ଦ୍ର ଏବଂ ଝିଅ ସଙ୍ଘମିତ୍ରା ଓଡ଼ିଶାର ତାମ୍ରଲିପ୍ତ ବନ୍ଦରରୁ ବିଦେଶକୁ ବୌଦ୍ଧ ମତ ପ୍ରଚାର କରିବାକୁ ବାହାରିଥିବା ଇତିହାସକାରଙ୍କ ତଥ୍ୟ।

ଓଡ଼ିଶାର ସାଂସ୍କୃତିକ ଏବଂ ଧାର୍ମିକ ପରମ୍ପରାର ଛାପ ଆଜି ବି ଶ୍ରୀଲଙ୍କା, ଜାଭା, ସୁମାତ୍ରା, ବୋର୍ଣିଓ ଆଦି ସ୍ଥାନରେ ବିଦ୍ୟମାନ। ଇଣ୍ଡୋନେସିଆର ଏକ ସ୍ଥାନର ନାମ କୌଲିଙ୍ଗମ। ଇତିହାସ କହେ ଗୋଟିଏ ସମୟରେ ବଙ୍ଗୋପସାଗରର ନାମ କଳିଙ୍ଗ ସାଗର ଥିଲା। କଳିଙ୍ଗା - ସାହାସିକା ଏହା ଥିଲା ଓଡ଼ିଶାର ମୂଳ ଅଧିବାସୀଙ୍କର ଅନ୍ତଃରାଷ୍ଟ୍ରୀୟ ପରିଚୟ।

ଆମ ବିରାସତକୁ ଆଧାର କରି ବିକାଶର ରାସ୍ତାରେ ଆଗେଇବା ପାଇଁ ମୋ ସରକାର ବଦ୍ଧପରିକର। ଆମର ପୁରୁଣା ଦିନଗୁଡ଼ିକରେ ଓଡ଼ିଶା ବନ୍ଦର ଆଧାରିତ ଅର୍ଥନୀତିରେ ସାରା ବିଶ୍ୱରେ ଅଗ୍ରଣୀ ଥିଲା। ମାଣିକପାଟଣା, ତାମ୍ରଲିପ୍ତ, ପାଲୁର ଆଦି ଆମ ଇତିହାସର ସତ୍ୟ।

ଗତ କିଛିଦିନ ତଳେ ମୁଁ ମୁମ୍ବାଇଠାରେ 'ଇଣ୍ଡିଆ ମେରିଟାଇମ ଉଇକ୍' କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାକୁ ବନ୍ଦର ଆଧାରିତ ଅର୍ଥନୀତିରେ ଖାଲି ଆମ ଦେଶରେ ନୁହେଁ ବରଂ ସମଗ୍ର ବିଶ୍ୱରେ ଏକ ଶକ୍ତିଶାଳୀ ଭୂଖଣ୍ଡ ଭାବରେ ଗଢ଼ିତୋଳିବା ପାଇଁ ପ୍ରସଙ୍ଗ ଉଲ୍ଲେଖ କରିଥିଲି। ଆଜିର ଏହି ପବିତ୍ର ଦିନରେ ମୋ ସରକାରଙ୍କର ପ୍ରତିବଦ୍ଧତାକୁ ଆପଣଙ୍କ ସାମ୍ନାରେ ପୁଣି ପ୍ରକାଶ କରୁଛି।

ଆମର ବର୍ତ୍ତମାନ ଓ ଆଗକୁ କ୍ରିୟାନ୍ୱିତ ହେବାକୁ ଥିବା ବନ୍ଦର ସମୂହ ଆମର ଅର୍ଥନୀତିରେ ଇଞ୍ଜିନ ଭଳି କାମ କରିବ। ଆଗାମୀ ଅଢ଼େଇ ଦଶନ୍ଧି ଧରି ଆମ ବନ୍ଦର ଆମ ଯୁବପିଢ଼ିଙ୍କ ପାଇଁ ରୋଜଗାର, ସ୍ୱରୋଜଗାର ତଥା ବଡ଼ ମାତ୍ରାରେ ଉଦ୍ୟମୀ କରିବାର ରାସ୍ତା ଖୋଲିବ। ପୂର୍ବ ଭାରତର ଉପକୂଳରେ ଓଡ଼ିଶାର ରଣନୈତିକ ଅବସ୍ଥିତିର ଫାଇଦା ନେବାର ବେଳ ଆସିଛି । ଉଚିତ ନୀତି ଓ ସଠିକ ମାର୍ଗରେ ଡବଲ ଇଞ୍ଜିନ ସରକାରର ଯୋଜନାବଦ୍ଧ କାର୍ଯ୍ୟକ୍ରମ ଓଡ଼ିଶାରୁ ବୈଶ୍ୱିକ ଶକ୍ତିମାନଙ୍କ ସହ ଲଢ଼ି ଆମ ରାଜ୍ୟ ଏବଂ ଦେଶ ପାଇଁ ସମୁଦ୍ର ଆଧାରିତ ଅର୍ଥନୀତିରେ ବଡ଼ ସମ୍ଭାବନା ସୃଷ୍ଟି କରିବାକୁ ଯାଉଛି ବୋଲି ମୁଁ ମୋର ପ୍ରିୟ ରାଜ୍ୟବାସୀଙ୍କୁ ଭରସା ଦେବାକୁ ଚାହୁଁଛି।

ପାରାଦୀପ, ଧାମରା ଓ ଗୋପାଳପୁର ଏହି ତିନୋଟି ବନ୍ଦର ଆମର କାର୍ଯ୍ୟକ୍ଷମ। ଏହା ସହ ଅସ୍ତରଙ୍ଗ, ଜଟାଧାରୀ ମୁହାଣ, ସୁବର୍ଣ୍ଣରେଖା ଓ ବାହୁଦାଠାରେ ନୂଆ ବନ୍ଦର ନିର୍ମାଣର କ୍ଷେତ୍ର ପ୍ରସ୍ତୁତି ସରିଛି। ଆମ ରାଜ୍ୟର ବନ୍ଦରଗୁଡ଼ିକର ମାଲ ନିୟନ୍ତ୍ରଣ କ୍ଷମତାକୁ ୫୦୦ ନିୟୁତ ଟନକୁ ବୃଦ୍ଧି କରିବା ପାଇଁ କଠିନ ପରିଶ୍ରମ କରୁଛୁ। ଏହି ବନ୍ଦର ସହ ତିନୋଟି ଶିପ୍ ଆଙ୍କର ପଏଣ୍ଟ ମଧ୍ୟ ଓଡ଼ିଶାର ସାମୁଦ୍ରିକ ଅର୍ଥନୀତିର ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହେବ। ଏହା ସହ ଆମର ଧର୍ମର ସହର ପୁରୀଠାରେ କ୍ରୁଜ ଟର୍ମିନାଲ ପ୍ରତିଷ୍ଠା ହେବାକୁ ଯାଉଛି। ଏହା ରାଜ୍ୟର ଅର୍ଥନୀତିକୁ ନୂଆ ଦିଶା ଦେଖାଇବା ସହ ଦେଶବିଦେଶ ସମୂହ ସହିତ ବାଣିଜ୍ୟିକ ସମ୍ପର୍କରେ ନୂତନ ଦିଗନ୍ତ ଆଣିଦେବ। ବଡ଼ ବନ୍ଦର ସହ ରାଜ୍ୟର ବଡ଼ ସୁଦୀର୍ଘ ଉପକୂଳରେ ଆଉ ୧୪ଟି କ୍ଷୁଦ୍ର ବନ୍ଦର ନିର୍ମାଣର ଯୋଜନାକୁ ପୂର୍ଣ୍ଣାଙ୍ଗ ରୂପରେଖ ଦିଆଯାଉଛି।

ଓଡ଼ିଶା ସମୁଦ୍ରକୁ ଆଧାର କରି ବନ୍ଦର ଆଧାରିତ ଅର୍ଥନୀତିରେ ଖାଲି ଆଗେଇବ ନାହିଁ। ବରଂ ଆମର ଦୀର୍ଘ ୫୭୫ କିଲୋମିଟର ସୁଦୀର୍ଘ ବେଳାଭୂମି ଆମ ରାଜ୍ୟକୁ ଦେଶର ନୀଳ ଅର୍ଥନୀତିର ପ୍ରାଣକେନ୍ଦ୍ର କରିବାର ସମ୍ଭାବନା ରଖିଛି। ବନ୍ଦର ଆଧାରିତ ଶିଳ୍ପାୟନ ଓ ଏହି ପ୍ରକ୍ରିୟାରେ ନୂଆ ଓଡ଼ିଶାର ନୂଆପିଢ଼ି ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ଲାଗି ମୋ ସରକାର ତରଫରୁ ମୁଁ ଆପଣଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଉଛି। ସମୁଦ୍ର ଆଧାରିତ ରପ୍ତାନି ତଥା ଉପକୂଳ ପର୍ଯ୍ୟଟନର ନୂଆ ସମ୍ଭାବନା ଆମେ ଖୋଜୁଛୁ।

୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ସମୟରେ ଦେଶକୁ ବିକଶିତ ଅର୍ଥନୀତି କରିବା ମୋଦିଜୀଙ୍କ ପଣ। ଆମେ ଆମ ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶ ଗଠନ ୧୦୦ ବର୍ଷ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଢ଼ିବାର ସ୍ୱପ୍ନ ଦେଖିଛୁ। ମୁଁ ନିଶ୍ଚିତ ଜନଭାଗୀଦାରିରେ ଆମ ରାଜ୍ୟ ଓଡ଼ିଶା ୨୦୪୭ ସୁଦ୍ଧା ଦେଶକୁ ବିକଶିତ ଭାରତ ନିର୍ମାଣରେ ବଡ଼ ଭୂମିକା ଗ୍ରହଣ କରିବ। ଆମର ବିକାଶର ଅବଧାରଣାର ମୂଳମନ୍ତ୍ର ସାଧାରଣ ଗରିବ ଲୋକଙ୍କ ପାଖରେ ବିକାଶକୁ ସଠିକ ମାତ୍ରାରେ ପହଞ୍ଚାଇବା। ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ହେଉ ବା ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ। ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ସବୁ ଜନ ବିକାଶ ଯୋଜନାର ଅନ୍ତଃସ୍ୱର। ଆମେ ଓଡ଼ିଆମାନେ ଶତାବ୍ଦୀ ଶତାବ୍ଦୀ ଧରି ପିଢ଼ି ପରେ ପିଢ଼ି ଡଙ୍ଗା ଭସାଇ ଆମର ବିରାସତ, ସଭ୍ୟତା ଓ ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି। ଏବେ ଡବଲ ଇଞ୍ଜିନ ସରକାର ନୂଆ ଉତ୍ସାହ ନୂଆ ଆଗ୍ରହ ସହ ଓଡ଼ିଶାର ବିରାସତକୁ ବିଶ୍ୱାସରେ ପରିଣତ କରିବାକୁ ବଦ୍ଧ ପରିକର। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ଆମର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ମନେପକାଇବା ସହ ବିକଶିତ ଓଡ଼ିଶା ଗଢ଼ିବାରେ ଆପଣଙ୍କର ସହଯୋଗ କାମନା କରୁଛି। ବନ୍ଦେ ଉତ୍କଳ ଜନନୀ !

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ମହୋତ୍ସବ ମାହାତ୍ମ୍ୟ



କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ

ଉତ୍ସବ ଲୋକଙ୍କ ମନରେ ନୂଆ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଥାଏ। ମହତ୍ ବା ମହାନ୍, ବୃହତ୍ ବା ଉତ୍କୃଷ୍ଟ ଉତ୍ସବକୁ ମହୋତ୍ସବ କୁହାଯାଏ। ଏହା କଳା- ସାହିତ୍ୟ- ସଂସ୍କୃତିର ମିଳନ ସ୍ଥଳ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଏପରିକି ବ୍ଲକରୁ ଆରମ୍ଭ କରି ଜିଲା ଏବଂ ରାଜ୍ୟସ୍ତରରେ ଅନେକ ମହୋତ୍ସବ ପ୍ରତିବର୍ଷ ଆୟୋଜନ ହେଉଛି। ମହୋତ୍ସବ ସାଂସ୍କୃତିକ ବିଭବ ସକାଶେ ବୈଚାରିକ ଓ ବୌଦ୍ଧିକ ଚିନ୍ତନ ସୃଷ୍ଟି କରେ। ଏହା ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ସକାଶେ ଆବଶ୍ୟକ। ମହୋତ୍ସବ ଶାନ୍ତି-ମୈତ୍ରୀ ଓ ପ୍ରଗତିର ବାର୍ତ୍ତା ବାଣ୍ଟେ। ସଂସ୍କୃତି ଓ ସଭ୍ୟତାକୁ ବାନ୍ଧି ରଖିବାର ରଜ୍ଜୁ ହେଉଛି ମହୋତ୍ସବ। ଏହା ସମାଜରେ ସାଂସ୍କୃତିକ ଉତ୍କର୍ଷତା ସୃଷ୍ଟି କରେ। ମଣିଷକୁ ଅନ୍ଧାରରୁ ଆଲୋକକୁ ନେଇଯାଏ। ମହୋତ୍ସବ ମା' ମାଟି ଓ ମାତୃଭାଷା ପ୍ରତି ମମତ୍ୱବୋଧ ରଚନା କରେ। ଅଧିକନ୍ତୁ ସାମାଜିକ ସମନ୍ୱୟ ସୃଷ୍ଟିକରେ।

ମହୋତ୍ସବ ଗୋଟିଏ ଜାତିର ଯଶ ଓ ମାହାତ୍ମ୍ୟର ମାନଦଣ୍ଡ। ଏହା ମାଧ୍ୟମରେ ମାଟିର ଅସ୍ମିତା ବା ସ୍ୱାଭିମାନ ଏବଂ ସମାଜର ସମ୍ମାନ ସଂପ୍ରସାରିତ ହୁଏ। ଏହା ଉତ୍କୃଷ୍ଟ ଓ ମୂଲ୍ୟବୋଧ ସମାଜ ଗଠନରେ ସହାୟକ ହୁଏ। ମହୋତ୍ସବ ଜୀବନ ଉତ୍ତରଣର ଶିଡ଼ିହେତୁ ସୃଜନଶୀଳତାର ଅଭିବୃଦ୍ଧି କରେ। ମହୋତ୍ସବ ଜନଚେତନାର ଅନ୍ତଃସ୍ୱର କାରଣରୁ ମାଟି ଓ ମଣିଷର କଥା କହେ। ମହୋତ୍ସବ ରାଷ୍ଟ୍ରୀୟ ଚିନ୍ତନ ସହ ବିଶ୍ୱଭାବନା ଏବଂ ମାନବବାଦ ଚେତନା ସୃଷ୍ଟିକରେ। ସମାଜ ସଭ୍ୟତାର ପ୍ରତିବିମ୍ବକୁ ମହୋତ୍ସବ ପ୍ରତିଫଳନ କରିଥାଏ। ଏହା ସାଂସ୍କୃତିକ ସଂହତି ସୃଷ୍ଟିକରେ। ନିରାଶା ଭିତରେ ଆଶା ସଞ୍ଚାର କରେ। ନୂତନ ପ୍ରତିଭାଧରଙ୍କୁ ପ୍ରତିଷ୍ଠିତ କରିଥାଏ। ମହୋତ୍ସବ ସମାଜ ପାଇଁ ସଞ୍ଜୀବନୀ ହୋଇ ପ୍ରଗତିଶୀଳ ଚେତନା ସୃଷ୍ଟିକରି ଆତ୍ମ ଆବିଷ୍କାର ମଣିଷ ଗଢ଼େ। ରାଜ୍ୟ/ରାଷ୍ଟ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବାରେ ସହାୟକ ହୁଏ।

ଓଡ଼ିଶାର ତିରିଶ ଜିଲାରେ ସ୍ଥାନେ ସ୍ଥାନେ ମହୋତ୍ସବ ଅନୁଷ୍ଠିତ ହେଉଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଓଡ଼ିଶା ରାଜ୍ୟ 'ପୁସ୍ତକ ମହୋତ୍ସବ' ଭୁବନେଶ୍ୱରଠାରେ ଆୟୋଜିତ ହୋଇ ବୌଦ୍ଧିକ ଚେତନାକୁ ଶାଣିତ କରୁଛି। ପୁନଶ୍ଚ କଳିଙ୍ଗ ମହୋତ୍ସବରୁ କୋଣାର୍କ ମହୋତ୍ସବ ଏବଂ ବେଳାଭୂମି ମହୋତ୍ସବ ପର୍ଯ୍ୟନ୍ତ ଆୟୋଜିତ ହୋଇ ଜାତି ଉର୍ଜାର ଅସରନ୍ତି ଭଣ୍ଡାରକୁ ଉନ୍ମୋଚନ କରୁଛି। ସଂଗୀତ, ନୃତ୍ୟ, ନାଟକ ଗୌରବର ଐତିହ୍ୟକୁ ଉଜାଗର କରୁଛି। ସମାଜରେ ସକାରାତ୍ମକ ଭାବନାକୁ କ୍ରିୟାଶୀଳ କରୁଛି ମହୋତ୍ସବ।

ଅନେକେ କୁହନ୍ତି, ମହୋତ୍ସବ ଅଞ୍ଚଳରେ ଭାଇଚାରା ସୃଷ୍ଟି କରି ସମ୍ପର୍କକୁ ସୁଦୃଢ଼ କରେ। ମାତ୍ର ମହୋତ୍ସବ ଗଣପର୍ବରେ ପରିଣତ ନ ହୋଇ ଜଣପର୍ବ/ଦଳପର୍ବରେ ପରିଣତ ହେଲେ ଭାଇଚାରା ନଷ୍ଟ ହୁଏ। ମହୋତ୍ସବ ଦୀର୍ଘାୟୁ ହେବା ପରିବର୍ତ୍ତେ ଅଳ୍ପାୟୁ ହୋଇଥାଏ। ଅନ୍ୟକୁ ଅନୁକରଣରେ ମହୋତ୍ସବ ସ୍ୱତନ୍ତ୍ରତା ନ ଥାଏ, ମୂଲ୍ୟହୀନ ହୋଇଯାଏ। ଏହାର ଛବି ମଳିନ ଦେଖାଯାଏ। ପୁନଶ୍ଚ ମହୋତ୍ସବରେ ନିଜ ନିଜ ଭିତରେ ଆୟୋଜିତ ବିଭିନ୍ନ ସମ୍ବର୍ଦ୍ଧନା ପର୍ବ ପ୍ରହସନରେ ପରିଣତ ନ ହେଉ। ଯୋଗ୍ୟ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ମୂଲ୍ୟବାନ ସମ୍ବର୍ଦ୍ଧନା ଉତ୍ତରକୁ ଅଣଦେଖା କରାନଯାଉ। ସେମାନଙ୍କୁ କହିବାକୁ ସୁଯୋଗ ଦିଆଯାଉ। ପୁଣି ପ୍ରତିଭାବାନ୍ ଯୁବଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଉ। ସର୍ବୋପରି ଆଦର୍ଶ ମୂଲ୍ୟବୋଧର ଭଲ ଲୋକଙ୍କୁ ମହୋତ୍ସବରେ କର୍ମକର୍ତ୍ତା କରାଯାଉ। ମହୋତ୍ସବ କାର୍ଯ୍ୟାନ୍ୱୟନ ଶୃଙ୍ଖଳିତ ଏବଂ ଗଣତାନ୍ତ୍ରିକ ହେଉ। କଙ୍କଡ଼ା ପରି ପରସ୍ପର ଗୋଡ଼ଟଣା ନୀତି ନ ରହୁ। ଅସହିଷ୍ଣୁତା କାରଣରୁ ଭିନ୍ନ ଶିକ୍ଷକ ସଂଘ ସୃଷ୍ଟି ପରି ମହୋତ୍ସବ ଭିନ୍ନ ଦ୍ୱିତୀୟ ଅନୁଷ୍ଠାନ ତିଆରି ନ ହେଉ। ତା'ପରେ ମହୋତ୍ସବ ମାହାତ୍ମ୍ୟର ଜାତି ହିତ ପରିବର୍ତ୍ତେ ବ୍ୟକ୍ତିଗତ ଲାଭ-କ୍ଷତିର ହିସାବ ଅଧିକ ନରହୁ। ମହୋତ୍ସବ ବ୍ୟବସାୟରେ ପରିଣତ ନ ହେଉ। ଚାନ୍ଦା ଆତ୍ମସାତ୍ ଉଦ୍ଦେଶ୍ୟକର୍ତ୍ତାଙ୍କର ନ ରହୁ। ତା'ପରେ ଚିନ୍ତାଶୀଳ ବୁଦ୍ଧିଜୀବୀ, ଶିକ୍ଷାବିତ୍, ମୂଲ୍ୟବୋଧ ଆଦର୍ଶର ଉତ୍ତମ ଏବଂ ନିର୍ମଳ ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଉ। ମହୋତ୍ସବର ମହତ୍ତ୍ୱ ଏବଂ ମୂଲ୍ୟବୋଧକୁ ଗୁରୁତ୍ୱ ନଦେଇ କେବଳ ରାଜନୈତିକ ଫାଇଦାକୁ ଲକ୍ଷ୍ୟ ରଖାନଯାଉ। ମାତ୍ର ଅଧୁନା ମହୋତ୍ସବ ମିଳନ ପର୍ବ ନ ହୋଇ ମେଳିର ପର୍ବରେ ପରିଣତ ହେଉଛି। ଅଧିକ ରାଜନୈତିକ ଅଭିସନ୍ଧି ରହୁଛି। ଅହଂଶ୍ରେଷ୍ଠ ଭାବନାରେ ମହୋତ୍ସବ ମଞ୍ଚ ଗଢ଼ି ନିଜକୁ ବିଜ୍ଞାପିତ କରାଯାଉଛି। ଏଥିପ୍ରତି ସଂଗଠକ ଓ ସଂଯୋଜକବୃନ୍ଦ ସଚେତନ ଏବଂ ସତର୍କ ରହିବା ଆବଶ୍ୟକ। କର୍ମକର୍ତ୍ତା ପ୍ରତିଦିନ ମଞ୍ଚ ଚଢ଼ିବା ବସିବା ପ୍ରଥାର ପରିବର୍ତ୍ତନ ହେଉ। ସଭାପତି ସମେତ ସ୍ୱଳ୍ପ ସଦସ୍ୟ ପ୍ରତି ଅଧିବେଶନର ମୁଖ୍ୟକାର୍ଯ୍ୟ ନିର୍ବାହକ ଦାୟିତ୍ୱ ନ ନିଅନ୍ତୁ। ଗଣତାନ୍ତ୍ରିକ ପଦ୍ଧତିରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ କାର୍ଯ୍ୟକ୍ରମ ଆୟୋଜନ ହେଉ। ବିଶେଷତଃ କିଣା/ଆମଦାନୀ ସଂସ୍କୃତିରେ ଜାତିର ଅସ୍ମିତା ନ ଥାଏ, ସେଥିପ୍ରତି ଧ୍ୟାନ ଦିଆଯାଉ। ସ୍ୱଦେଶୀ ସାଂସ୍କୃତିକ ସ୍ଥାନୀୟ କାର୍ଯ୍ୟକ୍ରମ ସଂଯୋଜିତ ହେଉ। ମହୋତ୍ସବ ମାଧ୍ୟମରେ ଅପସଂସ୍କୃତି ସମାଜକୁ ପ୍ରବେଶ ନ କରୁ। ଭଡ଼ାରେ ଅନ୍ୟ ସଂସଦ ଦ୍ୱାରା କବିତା ପାଠ ଉତ୍ସବ, ଆଲୋଚନାଚକ୍ର ଆଦି ଆୟୋଜନ ନହେଉ। ଜଣେ ବ୍ୟକ୍ତି ଯେତେ ବଡ଼ ହୁଅନ୍ତୁ ପଛେ ସବୁଦିନରେ ସମ୍ମାନିତ ବକ୍ତା/ ଅତିଥି ନ ହୁଅନ୍ତୁ। ଏ ସବୁରେ ମହୋତ୍ସବ ମାହାତ୍ମ୍ୟ ଊଣା ହୁଏ। ଏଣୁ ଆୟୋଜିତ ସଂଗଠନର ଶୁଦ୍ଧତା, ସ୍ୱଚ୍ଛତା, ସମାନତା, ନିରପେକ୍ଷତା, ନିଃସ୍ୱାର୍ଥପରତା ମୂଳମନ୍ତ୍ର ହେଉ। ସର୍ବୋପରି ମହୋତ୍ସବକୁ ସାର୍ବଜନୀନ ଓ ଗଣତାନ୍ତ୍ରିକ ତଥା ଶୃଙ୍ଖଳିତ କରି ଏହାର ମହତ୍ତ୍ୱ-ମହିମା-ମହକ ଏବଂ ମୂଲ୍ୟବୋଧର ସୁରକ୍ଷା ଓ ସମୃଦ୍ଧି ସକାଶେ ଗୁରୁତ୍ୱ ଦିଆଯାଉ।



**ରାଜ୍ୟ ସମ୍ମାନିତ ଶିକ୍ଷକ, ଭଣ୍ଡାରିପୋଖରୀ**
**ମୋ: ୯୮୫୩୫୮୯୯୮୯**

## ଏଇ ଭାରତରେ

ଦେଶରେ ସବୁ ଗାଁକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କଥା ଯେତେ ପ୍ରଚାର କରାଯାଉଛି ତାହାର ସଫଳତା ସେହି ସ୍ତରରେ ପହଞ୍ଚିପାରୁନାହିଁ। ଏହି କ୍ରମରେ ସରକାରଙ୍କ ବିଫଳତାକୁ ଦୂରକରିବା ପାଇଁ ଯେଉଁ କେତୋଟି ବେସରକାରୀ ସଂସ୍ଥା ଉଦ୍ୟମ କରୁଛନ୍ତି। ସେମାନଙ୍କ ମଧ୍ୟରେ କୋଲକାତାର ମେଘଦୂତ ଫାଉଣ୍ଡେଶନର ପଦକ୍ଷେପ ଉଲ୍ଲେଖନୀୟ। ଏହାର ପ୍ରଚେଷ୍ଟାରେ ପଶ୍ଚିମବଙ୍ଗ ବୀରଭୂମ ଜିଲା ରାସପୁର ଗାଁରେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଉଛନ୍ତି। ଏହି ଗାଁରେ ୧୦୦ ପରିବାରରେ ରହୁଛନ୍ତି ୩୦୦୦ରୁ ଊର୍ଦ୍ଧ୍ୱ ଲୋକ। ମହିଳାମାନେ ଗାଁଠାରୁ ଦୂରରେ ଥିବା ଟ୍ୟୁବ୍‌ୱେଲରୁ ପ୍ରଦୂଷିତ କଣିକା ଥିବା ପାଣି ଆଣୁଥିଲେ। ମେଘଦୂତ ପକ୍ଷରୁ ଗାଁରେ ୱାଟର ଫିଲ୍‌ଟ୍ରେଶନ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ କମ୍ୟୁନିଟି ଟ୍ୟାପ୍ ମାଧ୍ୟମରେ ପାଣି ଯୋଗାଯାଉଛି। ଏବେ ଗ୍ରାମବାସୀ ଦିନକୁ ଦୁଇଥର ଏହି ପ୍ଲାଣ୍ଟରୁ ପିଇବା ପାଣି ନେଉଛନ୍ତି। ଜୟଦୀପ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଫାଉଣ୍ଡେଶନର ପଦକ୍ଷେପ ନିଶ୍ଚିତ ଭାବେ ପାନୀୟ ଜଳ ସଙ୍କଟ ଦୂରକରିବା ସକାଶେ ଏକ ନୂଆ ରାସ୍ତା ଦେଖାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୫ ନଭେମ୍ବର ୧୯୭୬**

- ଆଇଏଏସ୍ ପାହ୍ୟାକୁ ଉନ୍ନୀତ କରାଯିବା ପାଇଁ ପ୍ରସ୍ତୁତ ତାଲିକାରେ ବାଦ୍ ଦିଆଯାଇଥିବା ନେଇ ଆବେଦନ କରିଥିବା ପ୍ୟାରୀମୋହନ ସାମନ୍ତରାୟଙ୍କ କ୍ଷେତ୍ରରେ ହାଇକୋର୍ଟ ଦେଇଥିବା ରାୟ ସୁପ୍ରିମକୋର୍ଟରେ ଖାରଜ।
- ତ୍ରିପୋଲିଠାରେ ଭାରତ ଏବଂ ଲିବ୍ୟା ମଧ୍ୟରେ ସହଯୋଗ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ଏ ଶୋଭା ମୋର ମଉଳେ ନାହିଁ
ଏ ସୁଖେ ନାହିଁ କ୍ଲେଶ
ପୁରୁଣା ନୋହେ ନବୀନ ଚିର
ସାଜେଁ ମୁଁ ଯେଉଁ ବେଶ ।
-(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | | | 5 |
| | 8 | | | | 4 | | | |
| 4 | | | 3 | | | | | 6 |
| | 7 | 3 | | | | | | |
| | | | | | 8 | | 4 | |
| | | 8 | | 1 | | | | |
| | 5 | | | | | 9 | | |
| | 6 | 2 | 4 | 3 | | | | |
| | 9 | | 7 | | 2 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 3 | 1 | 7 | 2 | 4 | 5 | 8 |
| 2 | 7 | 5 | 4 | 8 | 9 | 3 | 1 | 6 |
| 1 | 8 | 4 | 3 | 5 | 6 | 2 | 9 | 7 |
| 9 | 4 | 6 | 8 | 3 | 7 | 5 | 2 | 1 |
| 8 | 3 | 2 | 9 | 1 | 5 | 6 | 7 | 4 |
| 7 | 5 | 1 | 6 | 2 | 4 | 9 | 8 | 3 |
| 3 | 2 | 8 | 5 | 6 | 1 | 7 | 4 | 9 |
| 4 | 1 | 7 | 2 | 9 | 3 | 8 | 6 | 5 |
| 5 | 6 | 9 | 7 | 4 | 8 | 1 | 3 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀନିବାସ ବିହାରରେ ସ୍ୱେରେଜ୍ କେବେ

ମହାଶୟ,

ପୁରୀ ଶ୍ରୀନିବାସ ବିହାର (ମୌଜା- ମାର୍କଣ୍ଡେଶ୍ୱରସାହି) ଅଞ୍ଚଳ ଶ୍ରୀସେତୁଠାରୁ ମାତ୍ର ଅଳ୍ପ କେତେ ଗଜ ଦୂରରେ ଥିଲେ ମଧ୍ୟ ଦୀପତଳ ଅନ୍ଧାର ନ୍ୟାୟରେ ଜାତୀୟ ରାଜପଥ ସନ୍ନିକଟ ପ୍ରଥମ ବସ୍ତି ଓ ୨ୟ ବସ୍ତିରେ ନା ଅଛି ସବୁଦିନିଆ ଡ୍ରେନ୍ ନା ସ୍ୱେରେଜ ସିଷ୍ଟମ୍। ସୁଷମ ଯୋଗାଣ ଦ୍ୱାରା ବର୍ଷାଜଳ, ଘର ଧୁଆଧୋଇ ପାଣି ରାସ୍ତାରେ ଲହଡ଼ିମାରି ଅନ୍ୟ କାହା ଦ୍ୱାରା ଆଗକୁ ଗଲେ ବଚସା ଓ ହାତାହାତି ପର୍ଯ୍ୟନ୍ତ କଥା ଯାଉଛି। ଏଣେ ସ୍ୱେରେଜ ସିଷ୍ଟମ ନ ଥିବାରୁ ୪/୬ ମାସରେ ପାଇଖାନା ଟାଙ୍କି ପୂର୍ଣ୍ଣ ହେଲେ ଶ୍ରୀନିବାସ ବିହାର ବସ୍ତି-୧ ଏବଂ ବସ୍ତି-୨ ବାସିନ୍ଦା ସ୍ଥଳ ବିଶେଷରେ ତିନି ହଜାର/ପାଞ୍ଚ ହଜାର ଦଣ୍ଡ ଗଣୁଛନ୍ତି। ବହୁ ବସ୍ତିବାସୀ ଘର ନଳାପାଣି ବାଧହୋଇ ମୋଟର ପାଇପ୍ ଲଗାଇ ଯତ୍ରତତ୍ର ଛାଡୁଛନ୍ତି। ପୁରୀ ପୌରସଂସ୍ଥା, ଜିଲା ପ୍ରଶାସନ, ପି.କେ.ଡି.ଏ ଓ ସର୍ବୋପରି ନଗର ଉନ୍ନୟନ ବିଭାଗ ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ନେବେ କି ?

**- ଡି. ପି. ତ୍ରିପାଠୀ, ଶ୍ରୀନିବାସ ବିହାର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଗାୟତ୍ରୀ ଶକ୍ତିପୀଠରେ ବାର୍ଷିକ ଉତ୍ସବରେ ରକ୍ତଦାନ

ରମ୍ଭା,୪।୧୧(ବନବାସୀ ସେଠୀ)

ଗଞ୍ଜାମ ଜିଲାର ଅଗ୍ରଣୀ ଆଧ୍ୟାତ୍ମିକ ଅନୁଷ୍ଠାନ ଗାୟତ୍ରୀ ଶକ୍ତିପୀଠ ରମ୍ଭାର ୪୦ ବର୍ଷ ପୂର୍ତ୍ତି ଅବସରରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପଞ୍ଚାନନ ଖଟୁଆଙ୍କ ତତ୍ତ୍ୱାବଧାନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଶାନ୍ତିକୁଞ୍ଜ ହରିଦ୍ୱାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋକୁଳ ଚନ୍ଦ୍ର ନାହାକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଗଞ୍ଜାମ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ବାନାମ୍ବର ପଲେଇ, ସହ ସଂଯୋଜକ ରବିନାରାୟଣ ସେନାପତି, ସଂଯୋଜକ ବିଜୟ ମିସ୍ତ୍ରୀ, କେ. ସତ୍ୟନାରାୟଣ ଆଚାରୀ ଯୋଗ ଦେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ରମ୍ଭା ସରସ୍ୱତୀ ଶିଶୁ ମନ୍ଦିର, ବିବେକାନନ୍ଦ ଶିଶୁ ମନ୍ଦିର ସନ୍ତୋଷପୁର, ରଘୁନାଥପୁର, ରମ୍ଭା ହାଇସ୍କୁଲ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷକେନ୍ଦ୍ର ସବୁଲିଆ ଆଦି ଶିକ୍ଷନୁଷ୍ଠାନର ଏକ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଋଷିକୁଲ୍ୟାରେପୋତି ହୋଇଛି ପୋତାଗଡ଼ ପାଚେରି

ଗଞ୍ଜାମ,୪।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ସହରସ୍ଥିତ ଋଷିକୁଲ୍ୟା ନଦୀ ପାର୍ଶ୍ୱରେ ବ୍ରିଟିଶ ଅମଳରୁ ଐତିହାସିକ ପୋତାଗଡ଼ ରହିଛି। ଏହି ଗଡ଼ ବହୁ ବର୍ଷରୁ ପୋତି ହୋଇଯିବାରୁ ଏହା ପୋତାଗଡ଼ ନାମରେ ନାମିତ ହୋଇଥିବା ସହରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ମତ ଦେଇଛନ୍ତି। ସେଠାରେ ଥିବା ହାତୀ ଘୋଡାଶାଳ ଭାଙ୍ଗି ରୁଜି ଯାଇଥିବା ବେଳେ ଅନେକ କୀର୍ତ୍ତି ପୋତି ହୋଇ ରହିଥିବା ଦେଖିବାକୁ ମିଳୁଛି। ଏଥିସହ ନଦୀ ଗର୍ଭରେ ପୋତାଗଡ଼ର ପୋତାଗଡ଼କୁ ଲାଗି ଋଷିକୁଲ୍ୟା ଭଗ୍ନ ପାଚେରି ପୋତି ହୋଇ ରହିଥିବା ବେଳେ ଏବେ ମଧ୍ୟ ପାଚେରିର କିଛି ଅଂଶ ଦେଖିବାକୁ ମିଳିଛି। ସବୁବେଳେ ନଦୀ ପାଣିରେ ପାଚେରିଟି ରହିଥିଲେ ବି ସତେଜ ଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଏହି ଐତିହାସିକ ପୋତାଗଡ଼ର ପୁନରୁଦ୍ଧାର କାର୍ଯ୍ୟ ଓ ଉନ୍ନତୀକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତତ୍କାଳୀନ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ।



ପୋତାଗଡ଼ ପାଚେରୀ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ଗୋପାଳପୁର,୪।୧୧
(ନବୀନରାଜ୍ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ପଦ୍ମପୁର ପଞ୍ଚାୟତରେ ମଙ୍ଗଳବାର ଗ୍ରାମପଞ୍ଚାୟତସ୍ତରୀୟ ଜନଶୁଣାଣି ସରପଞ୍ଚ ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଶୁଣାଣିରେ ବ୍ଲକର ବହୁ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ। ୧୪୪ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ରାଜସ୍ୱ ବିଭାଗ ୪୫, ଆବାସ ଯୋଜନା ୪୧, ରେସନ କାର୍ଡ ୩୭, ସୁଭଦ୍ରା ଯୋଜନା ୩, ଉନ୍ନୟନ କାର୍ଯ୍ୟ ପାଇଁ ୧୦ ଓ ଭତ୍ତା ନିମେନ୍ତ ୧୮ ଜଣ ଅଭିଯୋଗ ପତ୍ର ଦାଖଲ କରିଥିବା ସୂଚନା ମିଳିଛି। ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ରଙ୍ଗେଇଲୁଣ୍ଡା ଏବିଡିଓ ସଂଗୀତା ନାୟକ, ରଙ୍ଗେଇଲୁଣ୍ଡା ସିଡିପିଓ ସଂଘମିତ୍ରା ମିଶ୍ର, ଏବିଇଓ ସୁକାନ୍ତ ଜେନା, ସମିତିସଭ୍ୟ ପୁଷ୍ପାରାଣୀ ଜେନା ସାମନ୍ତ, ପ୍ରକାଶ ସେଠୀ, କନିଷ୍ଠ ଯନ୍ତ୍ରୀ ଉମେଶ ଜେନା, ପିଇଓ ସୁଶାନ୍ତ ପଟ୍ଟନାୟକ, ଟଙ୍କୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତର ବଦଳିକୁ ନେଇ ବିରୋଧ କଲେ ଅଞ୍ଚଳବାସୀ

ମୋହନା,୪।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଚନ୍ଦ୍ରଗିରି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ବଦଳିକୁ ନେଇ ଅଞ୍ଚଳବାସୀ ଓ ସ୍ଥାନୀୟ ପ୍ରତିନିଧି ତୀବ୍ର ବିରୋଧ କରିଛନ୍ତି। ସ୍ୱାସ୍ଥ୍ୟସେବା ପାଇଁ ଆର. ଉଦୟଗିରି ବ୍ଲକ ଓ ମୋହନା ବ୍ଲକର ହଜାର ହଜାର ଲୋକ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର କମ ଥିବାରୁ ଗତ ୧୪।୧୦।୨୫ ରେ କେତେ ଜଣ ଡାକ୍ତରଙ୍କୁ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନ ହୋଇଥିଲା। ସେଥିରେ ଚନ୍ଦ୍ରଗିରିର ଦୁଇ ଜଣ ଅଭିଜ୍ଞ ଡାକ୍ତର ଡା. ଗିରିଜା ଶଙ୍କର ନାୟକ ଓ ଡା. ଶିବାନନ୍ଦ ବେହେରାଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସା କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ଅଞ୍ଚଳବାସୀ ଖବର ପାଇଥିଲେ। ଏହାର ପ୍ରତିବାଦ କରି ସେହି ଦୁଇ ଅଭିଜ୍ଞ ଡାକ୍ତରଙ୍କୁ ପୁନଃ ଏଠାରେ ଅବସ୍ଥାପିତ କରିବା ଦାବିରେ ଶତାଧିକ ଲୋକ ଓ ସରପଞ୍ଚ ରଜନୀ ପ୍ରଧାନ, ଜନପ୍ରତିନିଧିମାନେ ଏକାଠି ହୋଇ ମୋହନା ବିଧାୟକ ଦଶରଥୀ ଗମାଙ୍ଗ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶରେ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଏନ. ଜୟ ପ୍ରକାଶଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ ଦୁଇ ଡାକ୍ତରଙ୍କୁ ପୁନଃ ଏଠାକୁ ନ ଆଣିଲେ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଘେରାଉ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମୁବାରକ ଅଲ୍ଲୀଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ୧୪ତାରିଖରୁ ଡେପୁଟେସନ ହୋଇଥିବା ଦୁଇ ଡାକ୍ତର ଏଯାଏ ଏଠାରେ କାର୍ଯ୍ୟରେ ଯୋଗ ଦେଇନାହନ୍ତି।

# ଦୌଡ଼କୁଦ, ଯୋଗାସନ ପ୍ରତିଯୋଗିତା ଉଦ୍‌ଯାପିତ

ଛତ୍ରପୁର, ୪।୧୧ (ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ଛତ୍ରପୁର ସ୍ଥିତ ଅନସ୍ଲୋ ହାଇସ୍କୁଲ ଖେଳ ପଡ଼ିଆରେ ୬୯ତମ ଜିଲା ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ ଯୋଗାସନ ପ୍ରତିଯୋଗିତା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଜିଲା। ଶିକ୍ଷା ଅଧିକାରୀ ପ୍ରଭାତୀ ପରିଡ଼ା ଓ ବସନ୍ତ ପଣ୍ଡା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ, ଛତ୍ରପୁର ସବଡ଼ିଭିଜନ କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନର ଛତ୍ରପୁର ବ୍ଲକ୍ ସମ୍ପାଦକ ପ୍ରକାଶ ଚନ୍ଦ୍ର ଯୋଗଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ୨୨ଟି ବ୍ଲକ୍‌ର ୧୭ ଓ ୧୪ ବର୍ଷରୁ କମ ବାଳିକା ତଥା ବାଳକ ବର୍ଗର ପ୍ରତିଯୋଗିମାନେ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଏଥିରେ ରଙ୍ଗେଇଲୁଣ୍ଡା ଓ ସାନ ଖେମୁଣ୍ଡି ବ୍ଲକ୍ ବହୁ କ୍ରୀଡ଼ାବିତମାନେ ପୁରସ୍କୃତ ହୋଇଛନ୍ତି। ପ୍ରତିଯୋଗିତାରେ ଭଲ କ୍ରୀଡ଼ା ପ୍ରଦର୍ଶନ କରିଥିବା ୨୫ରୁ ଅଧିକା କ୍ରୀଡ଼ାବିତ ମାନେ ଆସନ୍ତା ୧୦ ତାରିଖ ବାଲେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

## ରାଜ୍ୟସ୍ତରୀୟ ଡ୍ୟାନ୍ସ ପ୍ରତିଯୋଗିତା
# ଆଦର୍ଶୀ, ଶ୍ରେୟାଂଶୀଙ୍କ ସଫଳତା

ବୁଗୁଡ଼ା,୪।୧୧(କାଳିଚରଣ ଦାଶ)

ରାଜ୍ୟସ୍ତରୀୟ ଡ୍ୟାନ୍ସ ପ୍ରତିଯୋଗିତାରେ ବୁଗୁଡ଼ା ନିୟୁଏରା ପବ୍ଲିକ ସ୍କୁଲର ଆଦର୍ଶୀ ଓ ଶ୍ରେୟାଂଶୀ ସଫଳତା ଅର୍ଜନ କରିଛନ୍ତି। ଜଟଣୀସ୍ଥିତ ଶିବାନ୍ସ ଡ୍ୟାନ୍ସ ଏକାଡେମୀ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଡ୍ୟାନ୍ସ ପ୍ରତିଯୋଗିତା ଶିବାଂଶ ଟ୍ୟାଲେଣ୍ଟ ଆୱାର୍ଡରେ ବୁଗୁଡ଼ା ମହାପାତ୍ର ସାହି ନିବାସୀ ପ୍ରହ୍ଲାଦ ପାତ୍ର ଓ ପୁଷ୍ପା ପାତ୍ରଙ୍କ କନ୍ୟା ଆଦର୍ଶୀ ରାଣୀ ସମାକାଳୀନ ନୃତ୍ୟ ସିନିଅର ଗ୍ରୁପରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲକ୍ଷ୍ମଣ ଡାକୁଆ ଓ ଶୁଭାଙ୍ଗିନୀ ଡାକୁଆଙ୍କ କନ୍ୟା ଶ୍ରେୟାଂଶି ଓଡ଼ିଶୀ ନୃତ୍ୟ ସବ ଜୁନିଅର ଗ୍ରୁପରେ ପ୍ରଥମ ସ୍ଥାନ ଅଧିକାର କରି ବୁଗୁଡ଼ା ପାଇଁ ଗୌରବ ଆଣିଛନ୍ତି। ଆଦର୍ଶୀ ରାଣୀ ଓ ଶ୍ରେୟାଂଶିଙ୍କ ଏପରି ସଫଳତା ପାଇଁ ତାଙ୍କୁ ନିୟୁଏରା ପବ୍ଲିକ ସ୍କୁଲ କର୍ତ୍ତୃପକ୍ଷ, ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଶୁଅଛୁଟିଛି।

# ଶେରଗଡ଼ରେ ଅଭିଯୋଗ ଶୁଣାଣି

ଶେରଗଡ଼,୪।୧୧
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ଖିରିଡା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ମଙ୍ଗଳବାର ସ୍ଥାନୀୟ ରାଜୀବଗାନ୍ଧୀ ସେବାକେନ୍ଦ୍ର ଗୃହରେ ଅନୁଷ୍ଠିତ ହୋଇଛି। ତହସିଲଦାର ତ୍ରିଦେବ ରଥ ଅଧ୍ୟକ୍ଷତା କରିଥିଲେ। ଏବିଡିଓ ସୁଧାଂଶୁ ଶେଖର ତରାଇ, ଥାନା ଅଧିକାରୀ ବରେନ୍ଦ୍ର ଶିଆଳ ସିଡ଼ିପିଓ ମମତାଞ୍ଜଳୀ ପଣ୍ଡା, ସହକାରୀଯନ୍ତ୍ରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଉପସ୍ଥିତ ରହି ୬୮ଟି ଅଭିଯୋଗ ଶୁଣାଣି କରିଥିଲେ। ଏହା ମଧ୍ୟରେ ରାଶନ କାର୍ଡ ପାଇଁ ୨୨ଟି ଅଭିଯୋଗ ଆସିଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୧୮ଟି, ଭତ୍ତା ପାଇଁ ୩ଟି, ସୁଭଦ୍ରା ଯୋଜନା ପାଇଁ ୩ଟି,ଏମ୍‌ଜିଏନଆରଇଜିଏସ୍ ୩ଟି, ଗୋଷ୍ଠୀଗତ ସମାସ୍ୟା ୧୭ଟି ଓ ତହସିଲ ଓ ବିଶ୍ୱକର୍ମା ଯୋଜନା ପାଇଁ ଗୋଟିଏ ଲେଖାଏ ଅଭିଯୋଗ ଆସିଥିଲା। ଶୁଣାଣିରେ ଖିରିଡା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ପାଚେରି ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଅଭିଯୋଗଗୁଡିକୁ ସମାଧାନ ଲାଗି ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ଜିପିଓ ରବି କୁମାର ଓ ସହକାରୀ ଯୋଗାଣ ନିରୀକ୍ଷକ ବିଭୁପ୍ରସାଦ ସାହୁ, ଅଜିତ ଜେନା,ବିରୁପାକ୍ଷ ବିଷୋୟୀ, ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

## ଆବଶ୍ୟକ

ପାର୍ଟ ଟାଇମ ଘରୋଇ କାର୍ଯ୍ୟ ପାଇଁ ସଚ୍ଚୋଟ, ଦାୟିତ୍ୱବାନ କର୍ମଚାରୀ ଆବଶ୍ୟକ। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ଯୋଗାଯୋଗ ନମ୍ବର –
**9438128790,** ସ୍ଥାନ: ଭୁବନେଶ୍ୱର।

## ସର୍ବସାଧାରଣ ବିଜ୍ଞପ୍ତି

**ଭାରତ କୃଷକ ସମାଜ**ର ସଭ୍ୟମାନଙ୍କୁ ସେମାନଙ୍କର ଯୋଗାଯୋଗ ବିବରଣୀ ସହ ନାମ, ସଦସ୍ୟତା ନମ୍ବର, ସାମ୍ପ୍ରତିକ ଠିକଣା ଓ ଟେଲିଫୋନ୍ ନମ୍ବର (ଠିକଣା ପ୍ରମାଣର ପ୍ରତିଲିପି ସହ) **ପଞ୍ଜୀକୃତ ଠିକଣା: ଏ-୧, ନିଜାମୁଦ୍ଦିନ ୱେଷ୍ଟ, ନୂଆଦିଲ୍ଲୀ-୧୧୦୦୧୩ କିମ୍ବା ଇମେଲ୍: ho@bks.org.in, ଟେଲି: ୦୧୧-୪୧୪୦୨୨୭୮**ରେ ଅପଡେଟ୍ କରିବା ଲାଗି ଅନୁରୋଧ କରାଯାଉଛି।
ସଭ୍ୟମାନଙ୍କୁ ନିମ୍ନ ଅନୁଯାୟୀ ପ୍ରଯୁଜ୍ୟ ବାର୍ଷିକ ଦେୟ ଜମା କରିବା ପାଇଁ ଅନୁରୋଧ କରାଯାଉଛି:
**ସାଧାରଣ ସଭ୍ୟ ₹୧୦୦,**
**କର୍ପୋରେଟ୍ ସଭ୍ୟ ₹୧୦୦୦୦,**
**ଆନୁଷ୍ଠାନିକ ସଭ୍ୟ ₹୧୦୦୦।**
ସଭ୍ୟମାନଙ୍କ ଦ୍ୱାରା ଯାଞ୍ଚକରିବା ପାଇଁ ସଂଶୋଧିତ ସମ୍ବିଧାନ ପଞ୍ଜୀକୃତ କାର୍ଯ୍ୟାଳୟରେ ଉପଲବ୍ଧ।

## FAKIR MOHAN UNIVERSITY
Vyasa Vihar, Balasore, 756089

No.Estt. (T)-II-45/2025/7998 Date:04.11.2025

### WALK-IN-INTERVIEW

A Walk-in-Interview for engagement of 06 (Six) Nos. of teaching faculty on contractual basis in the P.G.Department of Education, Fakir Mohan University, Balasore for Integrated Teacher Education Programme (ITEP) to be engaged from the academic session 2026-27 under Self-Financing mode.

The Walk-in-Interview will be held in the Mini Conference Hall, Administrative Building, Fakir Mohan University, Nuapadhi Campus, Balasore on **Dt.08.11.2025, at 2.00 PM**. The tenure of the post is initially for one year and may be extended on year-to-year basis with one day break subject to satisfactory performance. In no circumstances the appointed contractual teachers shall claim for regular teaching posts and for this they have to give an undertaking on Non-Judicial Stamp Paper. For all purposes, they shall abide by Self-Financing Course Guidelines of the University.

The University reserves the right to cancel the Walk-in-Interview without assigning any reason thereof. For further details on number of posts, eligibility criteria and salary etc., please visit University website: https://fmuniversity.nic.in.

**By Order of the Vice Chancellor**
**Sd./- Registrar**

# ଖାରିଆ ପଞ୍ଚାୟତରେ ଅଭିଯୋଗ ଶୁଣାଣି

ଆସିକା, ୪।୧୧
(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ୍‌ର ଖାରିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଲିପିନା ଦାଶଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ବିଡିଏ ସମ୍ପାଦକ ରମେଶ ହାଂସଦା, ଆସିକା ତହସିଲଦାର ସଙ୍ଗୀତା ସେନ୍, ସରପଞ୍ଚ ଜୟନ୍ତୀ ସାହୁ, ସମିତିସଭ୍ୟା ସୌଦାମିନି ନାହାକ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରାଜଶ୍ରୀ ସାହୁଙ୍କ ସମେତ ଯୋଗାଣ, ବନବିଭାଗ, ଜୀବିକା ମିଶନ୍ ଆଦି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏତଦ୍ ଅବସରରେ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ଜନସାଧାରଣ ୬୦ଟି ଅଭିଯୋଗ ଦାଖଲ କରିଥିବା ଜଣାପଡିଛି। ସେଥି ମଧ୍ୟରେ କେବଳ ଭତ୍ତା ସମ୍ବନ୍ଧିୟ ୩୦ଟି ଅଭିଯୋଗ ରହିଥିଲା ବେଳେ ରାସନ କାର୍ଡ, ମହାତ୍ମା ଜାତୀୟ କର୍ମନିଯୁକ୍ତି ଯୋଜନା, ଗ୍ରାମାଞ୍ଚଳ ଗୃହ ନିର୍ମାଣ, ସୁଭଦ୍ରା ଯୋଜନା ସାଙ୍ଗକୁ ବିଦ୍ୟୁତ୍ ବିଭାଗ, କୃଷି ବିଭାଗ, ପରିମଳ ବ୍ୟବସ୍ଥା ଓ ରାସ୍ତା କଡର ଆଲୁଅ ବ୍ୟବସ୍ଥା ସମ୍ପର୍କରେ ଅଭିଯୋଗମାନ ରହିଥିବା ଜଣାପଡିଛି।

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଏନ୍)/II/ଗାର୍ଡେନ୍ ରିଚ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି । ଟେଣ୍ଡର ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ ହୋଇଯିବ । **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୫୮୬-ଜିଆରସି-ସିଇ-ସି-II-୧୯-୨୦୨୫; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦ.ପୂ. ରେଳପଥର ଚକ୍ରଧରପୁର ମଣ୍ଡଳରେ ସିନି-କାନ୍ଦ୍ରା ଷ୍ଟେଶନ ମଧ୍ୟରେ ପ୍ରସ୍ତାବିତ ୩ୟ ଓ ୪ର୍ଥ ଲାଇନ୍ ସଂକ୍ରାନ୍ତରେ ସିନି ଓ କାନ୍ଦ୍ରା ଷ୍ଟେଶନର ୟାର୍ଡ ରିମଡେଲିଂ; **ଆନୁମାନିକ ମୂଲ୍ୟ: ₹୭୪.୨୭ କୋଟି; ବିଡ୍ ଅମାନତ: ₹୩୮,୭୩,୭୦୦.୦୦; ସମାପ୍ତି ଅବଧି: ୨୪ ମାସ; ବନ୍ଦ ହେବା ତାରିଖ: ତା୨୭।୧୧।୨୦୨୫ ।** ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ତଥା ଅନଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି ।"
**(PR-803)**

# ଧୂମୁଛାଇରେ ଅଭିଯୋଗ ଶୁଣାଣି

ବେଲଗୁଣ୍ଠା,୪।୧୧
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଧୂମୁଛାଇ ପଞ୍ଚାୟତ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବେଲଗୁଣ୍ଠା ତହସିଲଦାର ତଥା ବିଡିଓ କଳାକୃଷ୍ଣ ପ୍ରଧାନ. ଇନ୍ସପେକ୍ଟର ଅଭୟ ପ୍ରସାଦ ପ୍ରଧାନ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସରପଞ୍ଚ ରଶ୍ମିତା ସ୍ୱାଇଁ, ପିଇଓ ସୁଚୀଲଗ୍ନା ସ୍ୱାଇଁ, ଯୋଗାଣ ସହାୟିକା ଶୁଭସ୍ମିତା ସାହୁ, ସୁପରଭାଇଜରଙ୍କ ସମେତ ଅନ୍ୟ ଅଧିକାରୀ ଓ ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ରାଶନ୍ କାର୍ଡ୍, ଜମିଜମା, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ସମସ୍ୟା ନେଇ ୫୬ ଅଭିଯୋଗ ପଞ୍ଜୀକୃତ କରଯାଇଥିବା ବେଳେ ୫୩ ଅଭିଯୋଗ ଫଇସଲା ହୋଇଛି।

## ପୂର୍ବ ତଟ ରେଳପଥ
### 'ଇ' କ୍ରୟ ପ୍ରଣାଳୀ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : **www.ireps.gov.in** ରେ ଅପଲୋଡ୍ କରାଯାଇଛି ।

ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/KUR/EP/2024-25/11 ତା.03.11.2025ରିଖ

**01. ଟେଣ୍ଡର ନଂ. 81256365 :** ସାମଗ୍ରୀ ଗୁଡ଼ିକର **ସଂକ୍ଷିପ୍ତ ବିବରଣୀ :** ବସ୍ତୁର ବିବରଣୀ ଅନୁଯାୟୀ ଲିଫ୍ ସ୍ପ୍ରିଙ୍ଗ, **ପରିମାଣ : 60000 ଗୋଟି।**

**02. ଟେଣ୍ଡର ନଂ. 81256385 :** ସାମଗ୍ରୀ ଗୁଡ଼ିକର **ସଂକ୍ଷିପ୍ତ ବିବରଣୀ :** ବସ୍ତୁର ବିବରଣୀ ଅନୁଯାୟୀ ଗାଲ୍‌ଭାନାଇଜଡ୍ ପ୍ଲେଟ ସ୍କ୍ର, **ପରିମାଣ : 164710 ଗୋଟି।**

**03. ଟେଣ୍ଡର ନଂ. 81256265A :** ସାମଗ୍ରୀ ଗୁଡ଼ିକର **ସଂକ୍ଷିପ୍ତ ବିବରଣୀ :** ବସ୍ତୁର ବିବରଣୀ ଅନୁଯାୟୀ ମୋଟା ୱେବ୍ ସୁଇଚ୍ ପାଇଁ ୱେଜେସ୍, **ପରିମାଣ : 60000 ଗୋଟି।**

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : **24.11.2025, 1500 ଘଟିକା** (ସମସ୍ତ ଟେଣ୍ଡର ପାଇଁ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-762/Q/25-26

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

ବୁଗୁଡ଼ା,୪।୧୧
(କାଳିଚରଣ ଦାଶ)

ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଦ୍ୱିତୀକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିର ଅବସରରେ ମାତ୍ର ବ୍ୟକ୍ତିଗତ ୭ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଗୁଡ଼ିକର ସମାଧାନ ହୋଇଥିଲା। ଏଥିରେ ସିଡିପିଓ ବବିତା କୁମାରୀ ପଣ୍ଡା, ବାଘୁଆ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱ ଜୀବନ ମହାପାତ୍ର, ଏଟିଓ ସୁନନ୍ଦ ଶେଖର ସାହାଣୀ, କୃଷି ଅଧିକାରୀ ହରପ୍ରିୟା ବେହେରା, ଆରଡବ୍ଲୁଏସ୍ଏସ୍ ଯନ୍ତ୍ରୀ ରାମା ରାଓ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଜ୍ୟୋତିଷ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

## वरीय पुलिस अधीक्षक का कार्यालय
## पूर्वी सिंहभूम, जमशेदपुर



अज्ञात मृतक पुरूष, उम्र–करीब 25 वर्ष।

### आवश्यक सूचना

सर्व साधारण को सूचित किया जाता है कि दिनांक–31.10.2025 को बोड़ाम थानान्तर्गत डिमना लेक फाटक के समीप 11 फीट गहरे पानी में **एक अज्ञात पुरूष, उम्र–करीब 25 वर्ष** का शव बरामद हुआ है। संबंधित थाना के पुलिस पदाधिकारियों द्वारा आसपास के स्थानीय लोगों से पुछताछ किया गया लेकिन उक्त शव का **पहचान/ शिनाख्त** नहीं हो पाया है। शिनाख्त नहीं होने के कारण मृतक के परिजनों को सूचित नहीं किया जा सका है। **अज्ञात मृतक पुरूष का हुलिया निम्न प्रकार है:–**

**उम्र–करीब 25 वर्ष, कद–05 फीट 06 इंच, बाल–काला, चेहरा पर हल्का दाढ़ी, पहनावा–काला रंग का ट्रोजर एवं फुल आस्तिन का काला सर्ट उसपर बुन्दा हल्का सफेद, आसमानी रंग का अण्डरवियर COMFY कम्पनी का एवं गला में काला रंग का बधी टाईप का धागा।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

**वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006**
**पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228**
**पुलिस उपाधीक्षक, पटमदा : 9431706496**
**थाना प्रभारी, बोड़ाम : 9430774617**

वरीय पुलिस अधीक्षक, पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

PR.NO.365253 Police(25-26):D

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
बैंक ऑफ महाराष्ट्र Bank of Maharashtra भारत सरकार का उद्यम एक परिवार एक बैंक

**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: cmrecovery_bbsr@mahabank.co.in

## ଡିମାଣ୍ଡ ନୋଟିସ୍

ଆମ୍ଭେ ନିମ୍ନଦର୍ଶିତ ରଣଗ୍ରହୀତାମାନଙ୍କୁ ଜଣାଇ ଦେଉଅଛୁ ଯେ ଆପଣମାନେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସମ୍ପୃକ୍ତ ଶାଖା** ଗୁଡ଼ିକରୁ ନିମ୍ନ ରଣ ସୁବିଧା ଗୁଡ଼ିକ ମଞ୍ଜୁରୀ ପ୍ରାପ୍ତ କରିଛନ୍ତି। କଥିତ ପ୍ରାପ୍ତ ରଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ୍ୟ ଦେଇଛନ୍ତି। ଆମ୍ଭର ବାରମ୍ବାର ଦାବୀ ସତ୍ତ୍ୱେ, ଆପଣମାନେ ଆପଣମାନଙ୍କର ବକେୟା ଦେୟ ପରିଶୋଧ କରୁନାହାନ୍ତି। ଏଣୁ କିସ୍ତି / ସୁଧ / ମୂଳ ରଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟଗୁଡ଼ିକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଅଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସମ୍ପୃକ୍ତ ଶାଖାର** ରଣଗ୍ରହୀତା/ସହ-ରଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ରେଜିଷ୍ଟର୍ଡ ଡାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ରଣଗ୍ରହୀତା/ସହ-ରଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ପ୍ରକାର / ରଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ବାଲେଶ୍ୱର ଶାଖା /** ରଣଗ୍ରହୀତାମାନେ: ୧) ଶ୍ରୀ ଜୟନ୍ତ କୁମାର ମହାନ୍ତି, ପିତା: ମହେଶ୍ୱର ମହାନ୍ତି, ସା: କୁଡ଼େଇ, ନଦୀଗାଁ, ପୋ: ସୋରୋ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୪୫ / ସହ-ରଣଗ୍ରହୀତାମାନେ: ୧) ମିସ୍ ଟ୍ୱିଙ୍କିଲ ମହାନ୍ତି, ପିତା: ଶ୍ରୀ ଜୟନ୍ତ କୁମାର ମହାନ୍ତି, ସା: କୁଡ଼େଇ, ନଦୀଗାଁ, ପୋ: ସୋରୋ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୪୫, ୨) ଶ୍ରୀମତୀ ସାଗରିକା ମହାନ୍ତି, ସ୍ୱାମୀ: ଶ୍ରୀ ଜୟନ୍ତ କୁମାର ମହାନ୍ତି, ସା: କୁଡ଼େଇ, ନଦୀଗାଁ, ପୋ: ସୋରୋ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୪୫, ଅନ୍ୟ ଠିକଣା: ସା: ଗୋପାଳପୁର, ମାଣିତ୍ରୀ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୪୫ | ଏଚ୍ଏସ୍‌ଜି- ମହାସୁପ ପିଆରଆଇଓ- ରୁରାଲ / ଟ.୨୦,୦୦,୦୦୦/-, ସମ୍ପତ୍ତି ବିପକ୍ଷରେ ମିଆଦୀ ରଣ / ଟ.୫,୦୦,୦୦୦/- | ୦୩.୧୦.୨୦୨୫ / ୦୮.୧୦.୨୦୨୫ / ୦୮.୧୦.୨୦୨୫ ସୁଦ୍ଧା ଟ.୨୩,୬୫,୮୦୨.୦୦ + ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀ ଜୟନ୍ତ କୁମାର ମହାନ୍ତିଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗୋପାଳପୁର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ବାଲେଶ୍ୱର, ସବ୍-ଡିଷ୍ଟ୍ରିକ୍ଟ: ସୋରୋ, ଗ୍ରାମ: କୁଡ଼େଇ, ପ୍ଲଟ୍ ନଂ.: ୫୭୦/୬୯୬ ଏବଂ ୫୭୦/୬୮୮/ ୭୮୮, ଖାତା ନଂ.: ୧୮୧/୨୪୦, ପରିମିତ କ୍ଷେତ୍ର: ଏକର୦.୮୦ ଡିସିମିଲି ଏବଂ ଏହାର ଚରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ଫକୀର ନାୟକଙ୍କ ପ୍ଲଟ୍, ଉତ୍ତର: ନରେନ୍ଦ୍ର ରାଉତଙ୍କ ପ୍ଲଟ୍, ଦକ୍ଷିଣ: ଗଣେଷ ପାତ୍ରଙ୍କ ପ୍ଲଟ୍, ସହିତ ପରିମିତ କ୍ଷେତ୍ର ଏକର୦.୮୦ଡିସିମିଲିରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ |
| **ରାଉରକେଲା ଶାଖା /** ରଣଗ୍ରହୀତାମାନେ: ୧) ଶ୍ରୀ ଶିବ ସାଗର ଚୌବେ, ପିତା: ଶ୍ରୀ ଜଗଦମ୍ବା ପ୍ରସାଦ ଚୌବେ, ଠିକଣା- ସା: କ୍ୱାର୍ଟର: ଏଚ୍-୪/୧୮, ସିଭିଲ ଟାଉନସିପ, ସିଟି: ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୦୪, ୨) ମେସର୍ସ ମା ବିନ୍ଧ୍ୟବାସିନୀ, ଏହାକୁ ପ୍ରତିନିଧିତ୍ୱ କରୁଥିବା ସ୍ୱତ୍ୱାଧିକାରୀ: ଶ୍ରୀ ଶିବ ସାଗର ଚୌବେ, ଠିକଣା-୧: ୟୁ.ୟୁ. ୧୬, ସିଭିଲ ଟାଉନସିପ, ସିଟି: ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୦୪, ଠିକଣା-୨: ଟାଉନ ୟୁନିଟ୍ ନଂ. ୧, ଖାତା ନଂ.: ୧୦୬୭/୩୧୩୬, ପ୍ଲଟ୍ ନଂ.: ୨୨୯୭/୮୬୦୨, ଏକାତାଲି, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା, ଓଡ଼ିଶା, ପିନ୍-୭୬୮୨୦୨ / ସହ-ରଣଗ୍ରହୀତା: ଶ୍ରୀମତୀ ସୁମନ ଦେବୀ, ସ୍ୱାମୀ: ଶ୍ରୀ ଶିବ ସାଗର ଚୌବେ, ଠିକଣା- ସା: କ୍ୱାର୍ଟର: ଏଚ୍-୪/୧୮, ସିଭିଲ ଟାଉନସିପ, ସିଟି: ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୦୪ | ଏଚ୍ଏସ୍‌ଜି- ମହାସୁପ ପିଆରଆଇ- ୟୁଆଣ୍ଡ ମେଟ୍ରୋ / ଟ.୨୫,୦୦,୦୦୦/-, ନଗଦ ରଣ- ଏସ୍ଏମ୍ଇ(ଆରଟି,ବିଇ, ପିଏସ୍ଇ, ଆରଟିଓ)- <=୨୫ଲକ୍ଷ / ଟ.୫,୦୦,୦୦୦/- | ୨୮.୦୯.୨୦୨୫ / ୦୮.୧୦.୨୦୨୫ / ୦୮.୧୦.୨୦୨୫ ସୁଦ୍ଧା ଟ.୩୧,୧୮,୧୭୪.୯୪ + ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀ ଶିବ ସାଗର ଚୌବେଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନଂ. ୧, ଖାତା ନଂ.: ୧୦୬୭/୩୧୩୬, ପ୍ଲଟ୍ ନଂ.: ୨୨୯୭/ ୮୬୦୨, ଏକାତାଲି, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା, ଓଡ଼ିଶା, ପିନ୍-୭୬୮୨୦୨, ପରିମିତ କ୍ଷେତ୍ର: ୨୪୪୦.୦୦ ବର୍ଗଫୁଟ, ଏହାର ଚରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୨୨୯୭ (ଅଂଶ), ପଶ୍ଚିମ: ପ୍ଲଟ୍ ନଂ. ୨୨୯୭ (ଅଂଶ), ଉତ୍ତର: ପ୍ଲଟ୍ ନଂ. ୨୨୯୭ (ଅଂଶ), ଦକ୍ଷିଣ: ରାସ୍ତା, ସହିତ ପରିମିତ କ୍ଷେତ୍ର ୨୪୪୦ ବର୍ଗଫୁଟରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ |
| **ସମ୍ବଲପୁର ଶାଖା /** ରଣଗ୍ରହୀତା/ଜାମିନ୍‌ଦାରମାନେ: ୧) ଶ୍ରୀ ମନୋଜ କୁମାର ଛନ୍ଦ, ପିତା: ଶ୍ରୀ ଅଯୋଧ୍ୟା ଛନ୍ଦ, ୨) ଶ୍ରୀ ଅଯୋଧ୍ୟା ଛନ୍ଦ, ପିତା: ଏ ପରମେଶ୍ୱର ଛନ୍ଦ, ୩) ସରୋଜ ଛନ୍ଦ, ପିତା: ଶ୍ରୀ ଅଯୋଧ୍ୟା ଛନ୍ଦ, ସମସ୍ତଙ୍କ ଠିକଣା- ସା/ପୋ: ବଦୁଆପାଲି, ଥାନା: ଧମା, ଧମା ରୋଡ୍, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୧୧୭, ୪) ଶ୍ରୀମତୀ ରୁକୁଣୀ କ୍ଷେତୀ, ପିତା: ଶ୍ରୀ ଅଯୋଧ୍ୟା ଛନ୍ଦ, ସା: ପୁଡାପରା, ପୋ: ସାଲେସିଂହ, ଧମା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୧୧୭, ୫) ଶ୍ରୀମତୀ ଶକୁନ୍ତଳା ଛନ୍ଦ, ସା/ପୋ: ବଦୁଆପାଲି, ଥାନା: ଧମା, ଧମା ରୋଡ୍, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୧୧୭ | ଏଚ୍ଏସ୍‌ଜି- ମହାସୁପ ପିଆରଆଇ-ୟୁଆଣ୍ଡ ମେଟ୍ରୋ / ଟ.୧୦,୦୦,୦୦୦/-, ଏଚ୍ଏସ୍‌ଜି- ମହାସୁପ ପିଆରଆଇ-ୟୁଆଣ୍ଡ ମେଟ୍ରୋ / ଟ.୬,୦୦,୦୦୦/-, ନଗଦ ରଣ / ଟ.୪,୫୦,୦୦୦/-, ମିଆଦୀ ରଣ (ଜିଇସିଏଲ) / ଟ.୪୯,୦୦୦/- ମିଆଦୀ ରଣ / ଟ.୪,୫୦,୦୦୦/- | ୧୭.୦୯.୨୦୨୫ / ୦୬.୧୦.୨୦୨୫ / ୦୬.୧୦.୨୦୨୫ ସୁଦ୍ଧା ଟ.୩୦,୫୮,୪୭୨.୨୬ + ସେବାବଦ ପରବର୍ତ୍ତୀ ସୁଧ | ଜମି ଏବଂ ସେଠାରେ ନିର୍ମିତ ଗୃହର ସମସ୍ତ ଅଂଶବିଶେଷ ଯାହାର ସମୁଦାୟ ପରିମିତ କ୍ଷେତ୍ର: ଏକର୧୨.୫୦ ଡିସିମିଲି, ଖାତା ନଂ.: ୫, ବିଭିନ୍ନ କିସମର ୬ଟି ପ୍ଲଟ୍, ପ୍ଲଟ୍ ନଂ.: ୨୭୭, କ୍ଷେତ୍ର: ଏକର୦.୧୪୦ ଡିସିମିଲି, ପ୍ଲଟ୍ ନଂ.: ୨୭୯, କ୍ଷେତ୍ର: ଏକର୦.୫୧୦ ଡିସିମିଲି, ପ୍ଲଟ୍ ନଂ.: ୧୩୩୧, କ୍ଷେତ୍ର: ଏକର୧୦.୫୪୦ ଡିସିମିଲି, କିସମ: କୃଷି, ପ୍ଲଟ୍ ନଂ.: ୧୩୨୯, କ୍ଷେତ୍ର: ଏକର୦.୧୧୦ ଡିସିମିଲି, କିସମ: ପଥର ଚଟାଣ, ଅଣ ଚକ ପ୍ଲଟ୍ ନଂ.: ୨୭୮, କ୍ଷେତ୍ର: ଏକର୧.୧୭୦ ଡିସିମିଲି, କିସମ: ଘରବାରି ଏବଂ ପ୍ଲଟ୍ ନଂ.: ୪୬୬, କ୍ଷେତ୍ର: ଏକର୦.୦୩୦ଡିସିମିଲି, କିସମ: ଘର, ମୌଜା: ବଦୁଆପାଲି, ନଂ.-୧୬, ତହସିଲ: ମାନେଶ୍ୱର, ନଂ.-୩୦୬, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ |

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ) ଅନୁଯାୟୀ ବ୍ୟାଙ୍କ ଏହାର ଅଧିକାର କ୍ଷୁର୍ଣ୍ଣ ନକରି କ୍ଷମତା ପ୍ରୟୋଗ କରିବ। ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି, ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ଆପଣ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସେବାବଦ ପରବର୍ତ୍ତୀ ସୁଧ ଓ ଅନ୍ୟାନ୍ୟ ଦେୟ ପଇଠ କରନ୍ତୁ, ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟାନ୍ୟ ଅଧିକାରକୁ କ୍ଷୁର୍ଣ୍ଣ ନକରି ଏହାର କ୍ଷମତା ପ୍ରୟୋଗ କରିବ ଏବଂ/ କିମ୍ବା ସମ୍ପତ୍ତି ସମ୍ବନ୍ଧୀୟ କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ଅନୁଯାୟୀ ବ୍ୟାଙ୍କ ଏହାର ସମସ୍ତ କ୍ଷମତା ପ୍ରୟୋଗ କରି ସମ୍ପତ୍ତିକୁ ଦଖଲ ନେବାକୁ ବାଧ୍ୟ ହେବ ଏବଂ ସେବାବଦ ପରବର୍ତ୍ତୀ ସମସ୍ତ ଖର୍ଚ୍ଚ, ଆଇନଗତ ଦେୟ କିମ୍ବା ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ନିମନ୍ତେ ଆପଣ ଦାୟୀ ରହିବେ। ଆକ୍ଟ ଅନ୍ତର୍ଗତ ଉପଲବ୍ଧ ଥିବା କ୍ଷମତାଗୁଡ଼ିକ: **କ)** ରଣଗ୍ରହୀତାଙ୍କ ବନ୍ଧକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ରଣ ରାଶି ଆଦାୟ କରିପାରିବେ। **ଖ)** ବନ୍ଧକ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣକରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରି ରଣ ରାଶି ଆଦାୟ କରିପାରିବେ। **ଗ)** ବନ୍ଧକଧାରୀ ରଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହା ପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ। **ଘ)** କୌଣସି ବ୍ୟକ୍ତିଙ୍କୁ ଯିଏ କି ରଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ରଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କକୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ରଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ। ସୂଚନା ଯୋଗ୍ୟ ଯେ ଆକ୍ଟର ଧାରା ୧୩ (୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପ୍ରାପ୍ତି ପରେ ଆମର ପ୍ରାକ୍ ଲିଖିତ ଅନୁମତି ବିନା ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୪.୧୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

ରେଜିଷ୍ଟର୍ ଅଫ୍ ଫାର୍ମରେ ଏସ୍ଏଲ୍ ନଂ.୨୬୦୫୩୭ ଅନ୍ତର୍ଗତ ପଞ୍ଜୀକୃତ ହୋଇଥିବା **"ମେସର୍ସ ଓଡ଼ିଶା ୱାନ୍"** ନାମ ଓ ଶୈଳୀ ଅଧୀନସ୍ଥ ଭାଗୀଦାରି ପ୍ରତିଷ୍ଠାନ ବର୍ତ୍ତମାନ ନିମ୍ନଲିଖିତଙ୍କ ମଧ୍ୟରେ ଭାଗୀଦାରିତା ନଂ. ୪୦୪୬୫, ତାରିଖ: ୦୬ ଜୁଲାଇ, ୨୦୨୨ର କବଲା ଜରିଆରେ ପୁନର୍ଗଠିତ ହୋଇଛି: ଶ୍ରୀମତୀ ସସ୍ମିତା ସାହୁ, ପିତା: ସୁଦର୍ଶନ ସାହୁ, ବୟସ ପ୍ରାୟ ୩୪ ବର୍ଷ; ବାସିନ୍ଦା ପ୍ଲଟ୍ ନଂ. ୧୫୦୭, ନୂଆପଲ୍ଲୀ, ଭୁବନେଶ୍ୱର–୭୫୧୦୧୨, ଓଡ଼ିଶା (ପ୍ୟାନ୍ ନଂ.: ବିୟୁକ୍ୟୁପିଏସ୫୪୦୯ଏ), ଏତଦ୍‌ପଶ୍ଚାତ୍ "ପ୍ରଥମ ଭାଗ"ର ପକ୍ଷ ଭାବେ ଉଲ୍ଲିଖିତ, ନିରବଚ୍ଛିନ୍ନ ଭାଗୀଦାର।

ଏବଂ

ଶ୍ରୀ ଜ୍ୟୋତିରଞ୍ଜନ ପରିଡ଼ା, ପିତା: ଶଙ୍କର ଚରଣ ପରିଡ଼ା, ବୟସ ପ୍ରାୟ ୩୯ ବର୍ଷ, ବାସିନ୍ଦା: ଫ୍ଲାଟ୍ ନଂ.– ୦୦୧, ନୂଆପଲ୍ଲୀ, ଇନ୍ଦିରା ମଇଦାନ ପାଖ, ଭୁବନେଶ୍ୱର–୭୫୧୦୧୨, ଓଡ଼ିଶା (ପ୍ୟାନ୍ ନଂ. ଏଡବ୍ଲ୍ୟୁଆରପିପି୯୭୨୪ଏଚ୍) । ଏତଦ୍‌ପଶ୍ଚାତ୍ "ଦ୍ୱିତୀୟ ଭାଗ"ର ପକ୍ଷ ଭାବେ ଉଲ୍ଲିଖିତ, ନିରବଚ୍ଛିନ୍ନ ଭାଗୀଦାର।

ଏବଂ

ଯେ, ଏହି ଭାଗୀଦାରିତା ଦଲିଲ ତାରିଖ: ୬ ଜୁଲାଇ ୨୦୨୨ରେ ଅନ୍ତର୍ଭୁକ୍ତ ନିୟମ ଏବଂ ସର୍ତ୍ତାବଳୀକୁ ମେସର୍ସ ଓଡ଼ିଶା ୱାନ୍ ପ୍ରତିଷ୍ଠାନ ଦ୍ୱାରା ହାତକୁ ନିଆଯାଇଥିବା/ନିଆଯିବାକୁ ଥିବା ସମସ୍ତ ପ୍ରକଳ୍ପ ପାଇଁ ସମସ୍ତ ଭାଗୀଦାରଙ୍କ ଦ୍ୱାରା ଅନୁପାଳନ କରାଯିବ।

## ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ
### ୨୦୨୩ର SLP(C) ନଂ. ୬୭୬୮ ଏହି ବିଷୟର ମାମଲା

ପ୍ରାଧାପକ,
କେନ୍ଦ୍ରୀୟ ବିଦ୍ୟାଳୟ ବନାମ ସୋମନାଥ ମାଝୀ ଏବଂ ଅନ୍ୟାନ୍ୟ

ଉପରୋକ୍ତ ପ୍ରସଙ୍ଗରେ ଭାରତର ମାନ୍ୟବର ସୁପ୍ରିମକୋର୍ଟ ଦ୍ୱାରା ପ୍ରତିପକ୍ଷଙ୍କୁ ଆବେଦନର ନୋଟିସ୍ ଅନେକ ତାରିଖରେ ଜାରି କରାଯାଇଥିଲା କିନ୍ତୁ ଆବଶ୍ୟକୀୟ ଅନୁଧାନ ସତ୍ତ୍ୱେ କେଉଁଠାରେ ଅଛନ୍ତି ତାହା ଜଣା ନ ଥିବାରୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ।

ଧ୍ୟାନ ଦିଅନ୍ତୁ ଯେ ମାନ୍ୟବର କୋର୍ଟ ୦୧।୧୦।୨୦୨୫ ତାରିଖର ଏକ ଆଦେଶ ଦ୍ୱାରା ଏହି ସାର୍ବଜନୀନ ନୋଟିସ୍ ପ୍ରକାଶନ ମାଧ୍ୟମରେ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ତେଣୁ, ଉପରୋକ୍ତ ମାମଲା ଶୁଣାଣି ପାଇଁ ସ୍ଥିର ହେବା ପରେ, ଆପଣଙ୍କୁ ସୋମନାଥ ମାଝୀ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ୨୪।୧୧।୨୦୨୫ ସକାଳ ୧୦.୩୦ ସମୟରେ ମାନ୍ୟବର ସୁପ୍ରିମକୋର୍ଟରେ ହାଜର ହେବାକୁ ପଡ଼ିବ, ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ମାମଲାର ଶୁଣାଣି ଏବଂ ନିଷ୍ପତ୍ତି ନିଆଯିବ।

(ଏସ୍. ରାଜପ୍ପା, ଆର୍. ଗୋୱରୀଶଙ୍କର, ଜି. ଧିବ୍ୟଶ୍ରୀ)
ଭାରତୀୟ ଏଲଆଇସି ପାଇଁ ଓକିଲ ଚାମ୍ବର ନମ୍ବର ୫୨,
ପୁରୁଣା ଓକିଲଙ୍କ ଚାମ୍ବର ବ୍ଲକ, ସୁପ୍ରିମକୋର୍ଟ କମ୍ପାଉଣ୍ଡ
ନୂଆଦିଲ୍ଲୀ – ୧୧୦୦୦୧, (ଏମ୍): ୯୮୧୦୦୬୩୯୪୬
ଇମେଲ୍: **advocaterajappa@gmail.com**

ତାରିଖ: ........୧୧.୨୦୨୫
ସ୍ଥାନ: ନୂଆଦିଲ୍ଲୀ

## GOVERNMENT OF CHHATTISGARH
## WATER RESOURCES DEPARTMENT
### OFFICE OF THE EXECUTIVE ENGINEER, MANIYARI WATER RESOURCES DIVISION, MUNGELI, DISTT.: MUNGELI (C.G.)
### e-PROCUREMENT TENDER NOTICE

eProcurement Portal: **https://eproc.cgstate.gov.in**
**(FIRST CALL)**

**NIT No. 12/SAC/2025-26** **Dated: 03.11.2025**

Online tenders are invited for the following works upto 24.11.2025 at 17.30 hour.
Balance work of Canal of Maniyari Barrage Scheme under Pathariya Block District Mungeli.
System Tender No. 178484, Probable Amount of Contract Rs.279.68 Lakhs.
**(As per SOR on 22.08.2022)**

The details can be viewed & downloaded online directly from the Government of Chhattisgarh integrated e-Procurement portal **(https://eproc.cgstate.gov.in)** from date 10.11.2025 at 17.31 hours (IST) onwards.

**Note:** All eligible/interested contractors/bidders are mandated to get enrolled on the integrated e-Procurement portal **(https://eproc.cgstate.gov.in)** and get approval on specific vendor class from PWD under centralized contractor/supplier registration in order to download the tender documents and participate in the subsequent bidding process.

**Sd./- Executive Engineer**
**Maniyari W.R. Division, Mungeli**
**Distt.: Mungeli (C.G.)**

G-252604528/3

## ମାଣିକପୁର ପଞ୍ଚାୟତରେ ଶୁଣାଣି ହେଲା ୩୧ଟି ଅଭିଯୋଗ

ଧରାକୋଟ (ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଧରାକୋଟ ବ୍ଲକରେ ଜନ ଶୁଣାଣି କାର୍ଯ୍ୟକ୍ରମ ମାଣିକପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାର୍ଣ୍ଡି, ଏବିଡ଼ିଓ ସୁଶୀଲ ପଟ୍ଟନାୟକ, ସରପଞ୍ଚ ଉର୍ବଶୀ ବିଶୋୟୀ, ସମିତି ସଭ୍ୟା ଇନ୍ଦୁ ନାଇକ,ଅନୁପମା ମହାପାତ୍ର, ସହକାରୀ ଯନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଯୋଗାଣ ଅଧିକାରୀ ସଂଜୟ ମଲ୍ଲିକ, ବିଏସ୍‌ଏସ୍‌ଓ ସଚିନ ପାତ୍ର, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ରାକେଶ ମାଝୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଆସିଥିବା ୩୧ଟି ଅଭିଯୋଗର ଶୁଣାଣି କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଟାଇଲ ମିସ୍ତ୍ରିଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ, ୪।୧୧(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ନିକଟ ସୋମପୁରରେ ଏକ ଘର ଟାଇଲ ପକାଉଥିବା ବେଳେ ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ଥାନା ଚାଞ୍ଚରାପଲ୍ଲୀ ଗ୍ରାମର ପପୁ ଗୌଡ (୧୯)। ପପୁ ଓ ଅନ୍ୟ ଜଣେ ଶ୍ରମିକ ଏକ ନିର୍ମାଣାଧୀନ ଘରର ଟାଇଲ ବିଛା କାର୍ଯ୍ୟ କରୁଥିବା ବେଳେ କୌଣସି କାରଣରୁ ପପୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ହିଞ୍ଜିଳି ପୋଲିସ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ୍ ନଂ. ୨୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନା ପଠାଯାଇଛି।

### ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ବାଲିଗୁଡା,୪।୧୧(ସଞ୍ଜୟ ପାଣିଗ୍ରାହି)

କାର୍ତ୍ତିକ ଶେଷ ସୋମବାର ଥିବାରୁ ମନ୍ଦିର ଦର୍ଶନ ପାଇଁ ବାଲିଗୁଡା ପଣଷପୋଡି ସାହିର କିଛି ମହିଳା ଅଟୋ ଯୋଗେ ଫୁଲବାଣୀ ବଲସକୁମ୍ପା ମନ୍ଦିରକୁ ଯାଇଥିଲେ। ଠାକୁର ଦର୍ଶନକରି ଫେରିବା ସମୟରେ ସାରଙ୍ଗଡ ଥାନ ନିକଟ ଦାସିଗୁଡା ଠାରେ ଜଣେ ମହିଳା ନମିତା ନାୟକଙ୍କୁ ବାନ୍ତି ହୋଇଥିଲା। ଚଳନ୍ତା ଅଟୋରେ ବସି ବାହରକୁ ମୁଣ୍ଡକାଢି ବାନ୍ତି କରିଥିଲେ । ଏହି ସମୟରେ ବିପରତ ଦିଗରୁଏକ ଟ୍ରକ ଆସୁଥିଲା। ଏହି ମହିଳାଙ୍କୁ ମୁଣ୍ଡରେ ଧକ୍କା ଦେଇଥିଲା। ଫଳରେ ମହିଳା ଜଣଙ୍କ ଅଟୋରୁ ବାହାରକୁ ଛିଟିକି ପଡି ଜୀବନ ଚାଲିଯାଇଛି। ଟ୍ରକଟି ଫଟଣା ସ୍ଥଳରୁ ଫେରାର ହୋଇଯାଇଛି। ଏହାପରେ ପୋଲିସ ଏହି ଘଟଣା ଜାଣିପାରି ଘଟଣା ସ୍ଥଳକୁ ଯାଇ ମୃତଦେହକୁ ଜବତ କରି ବ୍ୟବଛେଦ ନିମନ୍ତେ ଉପଖଣ୍ଡ ଚିକିତ୍ସାଳୟ ବାଲିଗୁଡାକୁ ପଠାଇଛି।

### ଅଲୋଡ଼ା ହେଲା ଶିଶୁ

ଜଗନ୍ନାଥ ପ୍ରସାଦ,୪।୧୧(ବିଭୁ ପ୍ରସାଦ ପଟ୍ଟନାୟକ)

ଅଲୋଡ଼ା ହୋଇଛି ଏକ ସଦ୍ୟଜାତ ଶିଶୁ। ଶିଶୁର ମୃତଦେହ ରାସ୍ତା କଡ଼ ନାଳରେ ଭାସୁଛି। ଏଭଳି ଏକ ଅଭାବନୀୟ ଦୃଶ୍ୟ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ବ୍ଲକ ଖମାରପଲ୍ଲୀ ପଞ୍ଚାୟତ ପଟାଧାର ଗ୍ରାମ ନିକଟ ପମ୍ପ ହାଉସ ଗୃହ ପଛପଟ ରାସ୍ତାରେ ଥିବା ଗୁହାଣିଆ ନାଳରେ ଦେଖିବାକୁ ମିଳିଛି। ଶିଶୁଟି ଜନ୍ମ ହେବାର କିଛି ଘଣ୍ଟା ପରେ ତାକୁ କେହି ଏହି ନାଳରେ ଫୋପାଡ଼ିଥିବା ଅନୁମାନ କରାଯାଉଛି। ଘଟଣା ପ୍ରଘଟ ପରେ ଘଟଣା ସ୍ଥଳରେ ବହୁ ସଂଖ୍ୟକ ଲୋକଙ୍କ ଭିଡ ହୋଇଥିଲା। ଏନେଇ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ପାଖରେ କୌଣସି ସୂଚନା ନାହିଁ। ସିଡିପିଓ ଭି.ମଣିମାଳାଙ୍କୁ ପଚାରିବାରୁ ସେ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିବା କହିଛନ୍ତି।

### ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଧରାକୋଟ,୪।୧୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବିଇଓଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଇଓ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଏବଂ ଏବିଇଓ ସୌରୀ ଶଙ୍କର ବେହେରାଙ୍କ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଡିଓ ସଂଗ୍ରାମ କେଶରୀ ଜେନା, ଅନ୍ୟତମ ଅତିଥି ଭାବେ ତହସିଲଦାର ଲମ୍ବୋଦର ମାର୍ଣ୍ଡି, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଇଓ ବୃଷକେତୁ ଦାସ, ସମ୍ମାନିତ ଅତିଥି ରୂପେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜିତ ସେଠୀ,ଏବିଇଓ ବିଭୂତି ଭୂଷଣ ପାତ୍ର, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଗୀତାଞ୍ଜଳି ସାହୁ, ସନ୍ତୋଷ ବେହେରା, ବିରୁପାକ୍ଷ ପରିଡା, ମନୋଜ ବେହେରା, ପ୍ରଫୁଲ୍ଲ ବେହେରା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ବାହାର କରିବା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରର ୧୪ଟି କ୍ଲଷ୍ଟରର ୪୧୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଚୟନକର୍ତ୍ତା ଭାବରେ ଅଜିତ ସେଠୀ, ହେମନ୍ତ ସେଠୀ, ବସନ୍ତ ଗୌଡ଼ ଉପସ୍ଥିତ ଥିଲେ। ଶିକ୍ଷକ ଯୋଗି ଭୋଇ ଓ ପଞ୍ଚାନନ ବେହେରା ମିଳିତ ପରିଚାଳନା କରିଥିଲେ। ପୂର୍ବତନ ଏବିଇଓ ସୀମାଞ୍ଚଳ ବେହେରା, ଶିକ୍ଷକ ରାଜେନ୍ଦ୍ର ଗୌଡ଼ଙ୍କ ସମେତ ସମସ୍ତ ସିଆରସିସି, ଶିକ୍ଷୟିତ୍ରୀଶିକ୍ଷକ, ସହଯୋଗ କରିଥିଲେ।

# ରାଷ୍ଟ୍ର ଗଠନରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ୩ ଦିନିଆ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଆସିକା/ଭଞ୍ଜନଗର,୪।୧୧ (ସୁରେନ୍ଦ୍ର ନାଥ ସାହୁ/ବାବୁଲା ପ୍ରଧାନ)




ଗଞ୍ଜାମ ଜିଲାସ୍ତରୀୟ ୩ ଦିନିଆ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ମଙ୍ଗଳବାର କେନ୍ଦୁପଦର ନିମିନା ବୃନ୍ଦାବନ ଚନ୍ଦ୍ର କଲେଜରେ ଉଦ୍‌ଘାଟିତ ହୋଇଛି। ଉତ୍ସବକୁ ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ସମାଜସେବାରେ ବ୍ରତୀ ରୁହନ୍ତୁ। ଉତ୍ତର ଘୁମୁସର ବନଖଣ୍ଡରେ ୨୨ ବର୍ଗ କିଲୋମିଟର ଜଙ୍ଗଲ ଇତିମଧ୍ୟରେ ବୃଦ୍ଧି ପାଇଛି। ଦକ୍ଷିଣ ଘୁମୁସର ବନଖଣ୍ଡରେ ୨୨ ଏବଂ ବ୍ରହ୍ମପୁର ବନଖଣ୍ଡରେ ୮ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧିପାଇଛି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ବଢୁଛି। ଆଗାମୀ ଦିନରେ ଅନ୍ୟ ସହରରେ ମଧ୍ୟ ଏହି ସମସ୍ୟା ଦେଖା ଦେଇପାରେ। ତେଣୁ ବର୍ତ୍ତମାନଠୁ ଆମେ ସତର୍କ ହୋଇ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ପଡିବ। ହାତୀ ସମେତ ସମସ୍ତ ବନ୍ୟପ୍ରାଣୀର ସୁରକ୍ଷା କରିବାକୁ ପଡିବ। ତେଣୁ ଆମେ ସମସ୍ତେ ଜଣେ ଜଣେ ପରିବେଶ ଯୋଦ୍ଧା ଭାବେ କାର୍ଯ୍ୟ କରିବାକୁ ଡିଏଫଓ ମହାନ୍ତି ଆହ୍ୱାନ କରିଥିଲେ। ବରିଷ୍ଠ ସ୍ୱେଚ୍ଛାସେବୀ ମଧୁସୂଦନ ଦାସ, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଅଧିକାରୀ ଡ. ଜୟନ୍ତ ପଣ୍ଡା, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗଣେଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିକଶିତ ଭାରତର ସର୍ବାଙ୍ଗୀନ ଉନ୍ନତି ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାରଣ ସେମାନେ ଦେଶର ଆଗାମୀ ଭବିଷ୍ୟତ। ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ଏହି ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ନିଶ୍ଚିତ ସହାୟତା କରିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏଥିସହ ପରିବେଶ ସୁରକ୍ଷା, ବୃକ୍ଷ ରୋପଣ, ସାହାଯ୍ୟ ମନୋବୃତ୍ତି, ସର୍ବୋପରି ନିଃସ୍ୱାର୍ଥପର ଭାବେ ସେବା କରି ଅନ୍ୟର ହୃଦୟକୁ ଜିତିବାକୁ ଅତିଥିମାନେ ଉପସ୍ଥିତ ଛାତ୍ରାଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। କଲେଜ ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଉଦିତ ନାରାୟଣ ଦାସ ସ୍ୱାଗତ ସୂଚନା ଭାଷଣ ଦେଇଥିଲେ। ଯୋଜନା ଅଧିକାରୀ ଶିଳୁ ସେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିବିରରେ ଜିଲାର ବିଭିନ୍ନ କଲେଜରୁ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଜାତୀୟ ସେବା ଯୋଜନା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଏବଂ କେନ୍ଦୁପଦର ଜାତୀୟ ସେବା ଯୋଜନା ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଚାଲିଛି। ଏହି ଅବସରରେ ଜଗନ୍ନାଥପ୍ରସାଦ କଲେଜ ଯୋଜନା ଅଧିକାରୀ ଡ. ପ୍ରମୋଦ ଚୌଧୁରୀ, ବୁଗୁଡା କଲେଜର ରବିନ୍ଦ୍ରନାଥ ପୋଲେଇ, ଗାଲେରି ଯୋଜନା ଅଧିକାରୀ ଦୁର୍ଗା ମାଧବ ଦାସ, ବେଲଗୁଣ୍ଠାର ପିକି ପାତ୍ର, ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ସସ୍ମିତା ଦାସ, ବି.ପ୍ରଧାନ, ପୋଲସରା କଲେଜର ଶେଖ ଫରିଦ, ସାବିତ୍ରୀ ମହିଳା ମହାବିଦ୍ୟାଳୟର ଜୟଲକ୍ଷ୍ମୀ ରଥ, କ୍ଷେତ୍ରୀୟବରପୁର କଲେଜର ସିମାଞ୍ଚଳ ମହାପାତ୍ର, ଆସ୍କା କଲେଜର ଚିତ୍ତରଞ୍ଜନ ବେହେରା, ସୋରଡା କଲେଜର ଡ ହୃଷୀକେଶ ପାଣିଗ୍ରାହୀ, ଖେମୁଣ୍ଡି କଲେଜର ଗୋପୀନାଥ ଦାସ, ବାଲିପଦର କଲେଜର ମିନତି ଆଚାର୍ଯ୍ୟ, ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଆସିକାର ଡ. ଜୟପ୍ରଦା ମହାପାତ୍ର, ଦିଗିପୁର କଲେଜର ସୁଧୀର ପଟ୍ଟନାୟକ, ଦିଗପହଣ୍ଡି ବିଜୁ ପଟ୍ଟନାୟକ ମହିଳା କଲେଜର ଜାତୀୟ ସେବା ଯୋଜନା ଅଧିକାରୀ ଡ. ସୁଜାତା କୁମାରୀ ପାତ୍ର ଉପସ୍ଥିତ ଥିଲେ। କେନ୍ଦୁପଦର କଲେଜର ଅଧ୍ୟାପିକା ସ୍ୱପ୍ନରାଣୀ ପଟ୍ଟନାୟକ, ଶୁଭଶ୍ରୀ ସାହୁ, ରାଜେଶ୍ୱରୀ ରଥ, ସୁଜାତା ଟେଟେ, କେ.ସ୍ମିତା ପାତ୍ର, ଯାଜ୍ଞସିନୀ ପ୍ରଧାନ, ଅଧ୍ୟାପକ ଅଜିତ ମୁଖି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




ଛତ୍ରପୁର, ୪।୧୧ (ଦିଲ୍ଲୀପ ସାମଲ)

ଛତ୍ରପୁର ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧକ୍ଷ କିରଣ କୁମାରୀ ଦାସ, ଉପାଧ୍ୟକ୍ଷ ଏସ. ଶାରଦା ରେଡ୍ଡୀ, ଛତ୍ରପୁର ଏନ୍‌ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ଆର.ସନ୍ତୋଷ ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ, ଛତ୍ରପୁର ବିଡିଓ ସସ୍ମିତ ସଂଗ୍ରାମଜିତ ସାହୁ, ବିଏଫ୍‌ଓ ଗିରୀଶ ଚନ୍ଦ୍ର ମହାରଣା, ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ସସ୍ମିତା ସ୍ୱାଇଁ ଯୋଗଦେଇ ସରକାରଙ୍କ ଯୋଜନାଗୁଡିକର କିପରି ସୁବିଧା ହିତାଧିକାରୀମାନେ ପାଇବେ ସେଥିପାଇଁ ସମସ୍ତେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି କହିଥିଲେ। ଏହି ଶିବିରରେ ଛତ୍ରପୁର ବ୍ଲକ୍‌ର ୧୮ଟି ପଞ୍ଚାୟତ ଓ ଏନ୍‌ଏସିର ବିଭିନ୍ନ ୱାର୍ଡରୁ ଆସିଥିବା ୨୬୦ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ନାମ ପଞ୍ଜୀକୃତ ହୋଇଥିଲା। ୩ଜଣଙ୍କୁ ଟ୍ରାଇ ସାଇକେଲ, ୨ଜଣଙ୍କୁ ହ୍ୱିଲ ଚେୟାର, ୨ଜଣଙ୍କୁ ସିପି ଚେୟାର ଏବଂ ୨ଜଣଙ୍କୁ ଏମ୍‌ଏସ୍‌ଆଇଇଡି କିଟ୍ ଦିଆଯାଇଥିଲା। ଏହା ସହ ୧୨ ଜଣଙ୍କୁ ବସ୍ ଓ ଟ୍ରେନ୍ ପାସ, ୫୬ ଜଣଙ୍କୁ ୟୁଡି ଆଇଡି କାର୍ଡ, ୨୫ ବ୍ୟାଙ୍କ ଋଣ ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ୫ଜଣଙ୍କୁ ରାଶନ କାର୍ଡ ନିମନ୍ତେ ଚିହ୍ନଟ କରାଯାଇଥିବା ବେଳେ ୨ଜଣଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ଏବଂ ବହୁ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଛତ୍ରପୁର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଜଗମୋହନ ସେନାପତି, ଓଡିଶା ଜୀବିକା ମିଶନର ପ୍ରକଳ୍ପ ସଂଯୋଜିକା ମାନିନୀ ଜେନାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଲାଭର ବଶବର୍ତ୍ତୀ ନ ହେବାକୁ ଆହ୍ୱାନ

## ପୋଲିସର ସାଇବର ଆପରାଧିକ ସଚେତନତା

ପରୁଷୋତ୍ତମପୁର,୪।୧୧(ସବିତା ମିଶ୍ର)




ଉପସ୍ଥିତ ଅତିଥିଙ୍କ ସହ କୃତି ଛାତ୍ରୀଛାତ୍ର।

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପୋଲିସ ପକ୍ଷରୁ ସାଇବର ଅପରାଧଜନିତ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ତାରାତାରିଣୀ କଲେଜ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ଆଇଆଇସି ରାଜେଶ ନାୟକ ସଂଯୋଜନା କରିଥିଲେ। ଏହି ଅବସରରେ ସଚେତନତା ରଥକୁ ଛାତ୍ରୀଛାତ୍ରମାନେ ସମ୍ବର୍ଦ୍ଧନା ଦେଇ ବିରାଟ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ଏଥିରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ ପୌରୋହିତ୍ୟକରି ସମାଜରେ ଘଟୁଥିବା ସାଇବର ଅପରାଧ ଯୋଗୁ କିପରି ନିରୀହ ଲୋକେ ଠକେଇର ଶିକାର ହୋଇ ସର୍ବସ୍ୱାନ୍ତ ହୋଇପଡୁଛନ୍ତି, ଏଥିରୁ ବର୍ତ୍ତିବା ସହ ନିଜ ଧନଜୀବନକୁ ସୁରକ୍ଷିତ ରଖିବା ଲାଗି ବିଭିନ୍ନ ପ୍ରକାରର ପରାମର୍ଶ ଦେଇ ସଚେତନତା କରିଥିବା ଷ୍ଟେଟ ବ୍ୟାଙ୍କର ସହକାରୀ ଶାଖା ପରିଚାଳକ ତାପଶ ବାଗ, ଅବିନାଶ ମାରାଣ୍ଡି, ବରିଷ୍ଠ ଓକିଲ ସ୍ୱରାଜ୍ୟ ପାଣିଗ୍ରାହୀ, ସୀମାଞ୍ଚଳ ମିଶ୍ର, ସିଏଚଏସଇ ଭୁବନେଶ୍ୱର ଏନ୍‌ଏସ୍‌ଏସ୍‌ର ସଂଯୋଜକ ଡ. ବିଶ୍ୱମୋହନ ଜେନା, ଗଞ୍ଜାମ ଜିଲା ସଂଯୋଜକ ସୁନୀଲ ମୁନି, ଅଧ୍ୟାପିକା ନମ୍ରତା ମିଶ୍ର, ନାଇଡୁ ମୋହନ, ମିନାକ୍ଷି ଦାଶ, ଯଶବନ୍ତ ପାନ, ପ୍ରସାଦ ବେହେରା, ଅନିଲ ସାହୁ, ସ୍ୱାଗତିକା ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ ଥାନା ଏସ୍‌ଆଇ ସୁଶାନ୍ତ କୁମାର ମିଶ୍ର ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

## ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ରଣପୁରକୁ ହରାଇଲା ଛତ୍ରପୁର

ଛତ୍ରପୁର, ୪।୧୧ (ଦିଲ୍ଲୀପ ସାମଲ)

ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିଅମଠାରେ ଚାଲିଥିବା ୪ର୍ଥ ଏଡିଶନ ଓଡ଼ିଶା ନାଭାଲ ଟାଟା ୧୪ ବର୍ଷରୁ ବାଳକ ହକି ଗ୍ରାସରୁଟ ଚମ୍ପିୟାନଶିପ୍‌ରେ ମଙ୍ଗଳବାର ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳି ଛତ୍ରପୁର ଟିମ୍ ୪–୦ ଗୋଲରେ ନୟାଗଡ଼ ଜିଲା ରଣପୁରର ହକି ଗ୍ରାସରୁଟ ଟିମ୍‌କୁ ହରାଇଛି। ବୁଧବାର ତୃତୀୟ ଲିଗ୍ ମ୍ୟାଚ୍‌ରେ କଟକ ହକି ପ୍ରଶିକ୍ଷଣ କେନ୍ଦ୍ରର ଟିମ୍ ସହିତ ଛତ୍ରପୁର ଟିମ୍ ମୁକାବିଲା କରିବ ବୋଲି କୋଚ୍ ମନୋଜ କୁମାର ସ୍ୱାଇଁ କହିଛନ୍ତି। ଏହି ଚମ୍ପିୟାନଶିପ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୩୭ ଟିମ୍ ଭାଗ ନେଇଛନ୍ତି। ଏଥିରୁ ଯେଉଁ ଖେଳାଳିମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ନେଇ ଏକ ଟିମ୍ କରାଯିବ। ଉକ୍ତ ଟିମ ଆଗାମୀ ଦିନରେ ଲକ୍ଷ୍ନୌଠାରେ ହେବାକୁ ଥିବା ପ୍ରତିଯୋଗିତାକ ଯିବେ।

# ଜିଲାପାଳ ଶୁଣିଲେ ୭୯ ଅଭିଯୋଗ

ପାରଳାଖେମୁଣ୍ଡି,୪।୧୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଶବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଶୁଣାଣିରେ ଜଲାପାଳ ମଧୁମିତା, ଏସ୍‌ପି ଯତୀନ୍ଦ୍ର ପଣ୍ଡା, ଜିଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଶଙ୍କର କେରକେଟା ଯୋଗଦେଇ ପାରଳାଖେମୁଣ୍ଡି ପୌରପରିଷଦ ସମେତ କେରାଣ୍ଡି, କତଲକଇଠା,ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତରୁ ଗ୍ରାମବାସୀଙ୍କ ଠାରୁ ୭୯ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଏଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଅଭିଯୋଗ ୬୨ଟି ଥିବା ବେଳେ ଗ୍ରାମ ସମସ୍ୟାଭିତ୍ତିକ ୧୭ଟି ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମ୍‌ଜିଏନଆରଇଜିଏସ୍, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସାସ୍ଥ୍ୟବୋ ସମ୍ପର୍କିତ ଅଭିଯୋଗ ରହିଥିଲା। ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଅନୁପ ପଣ୍ଡା, ଗୋଷାଣୀ ବିଡିଓ ଗୋର ଚନ୍ଦ୍ର ପଟ୍ଟନାୟକ, ସ୍ଥାନୀୟ ତହସିଲଦାର ନାରାୟଣ ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହିଞ୍ଜିଳି ବିଜେଡିର ପ୍ରସ୍ତୁତି ବୈଠକ

ହିଞ୍ଜିଳିକାଟୁ, ୪।୧୧(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ବ୍ଲକ୍ ସାରୁ କଲ୍ୟାଣ ମଣ୍ଡପ ପରିସରରେ ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ରନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଗାମୀ ଦିନରେ ପଞ୍ଚାୟତସ୍ତରୀୟ ବୈଠକ ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା। ଆସନ୍ତା ୧୦ ତାରିଖରେ ଦଳ ପକ୍ଷରୁ ପଦଯାତ୍ରା, ପଥପ୍ରାନ୍ତ ସଭା ଅନୁଷ୍ଠିତ କରିବାକୁ ସ୍ଥିର କରାଯାଇଛି। ସ୍ଥାନୀୟ ସମସ୍ୟା ସହ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଓ ବ୍ୟାପକ ହରିଲୁଟ ଅଭିଯୋଗରେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ଉକ୍ତ ବୈଠକରେ ବିଧାୟକଙ୍କ ଜିଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୌରାଧକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ପୌର ପ୍ରତିନିଧି ପ୍ୟାରୀମୋହନ ପାଢୀ, ବ୍ଲକ୍ ସଭାପତି ଦୁର୍ଗାମାଧବ ମହାନ୍ତି, ନିଳମଣି ପଟ୍ଟନାୟକ, କୃଷ୍ଣ ଭଉଳ, ମନୋଜ ପଲେଇ, ନିଳାଞ୍ଚଳ ସାହୁ, ଅଜିତ ପାତ୍ର, ରାମକୃଷ୍ଣ ଗୌଡ ଏ. ସୁଦର୍ଶନଙ୍କ ସମେତ ଦଳର ବହୁ କର୍ମକର୍ତ୍ତା ଓ ନେତା ଉପସ୍ଥିତ ଥିଲେ।

# ଟ୍ରକରେ ପିଟି ହେଲା ଅଟୋ, ମହିଳା ମୃତ, ୩ ଗୁରୁତର

ଗଞ୍ଜାମ,୪।୧୧(ଅଖିଳ ତରାଇ)–

ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳ ୧୬ ନଂ. ଜାତୀୟ ରାଜପଥର ପାଲୁର ଜଙ୍କସନ ନିକଟରେ ଏକ ଛିଡା ହୋଇଥିବା ଟ୍ରକରେ ଅଟୋ ପିଟି ହୋଇ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ରଞ୍ଜୁ ବେହେରା (୫୦)। ତାଙ୍କ ପରିବାରର ଦୁଇଜଣ ଓ ଅଟୋ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି, ଅଟୋ (ନଂ. ଓଡି ୦୭ ଏନ ୬୫୦୫) ଗୋଟିଏ ପରିବାରର ୩ଜଣ ଯାତ୍ରୀଙ୍କୁ ଧରି ଖଲ୍ଲିକୋଟରୁ ଛତ୍ରପୁର ଅଭିମୁଖେ ଯାଉଥିବା ବେଳେ ପାଲୁର ଜଙ୍କସନ ନିକଟରେ ଖରାପ ହୋଇ ରାସ୍ତା କଡରେ ଛିଡା ହୋଇଥିବା ଟ୍ରକ (ଓଡି ୦୭ ଏଆର ୨୮୬୦) ପଛପଟୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଅଟୋରେ ଥିବା ୪ ଜଣଯାକ ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର ଛତ୍ରପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ରଞ୍ଜୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ତିନି ଆହତ ହେଲେ ମୃତକଙ୍କ ସ୍ୱାମୀ କୈଳାସ ବେହେରା, ପୁଅ ଶଙ୍କର ବେହେରା ଏବଂ ଅଟୋ ଡ୍ରାଇଭର ବାଲ୍ମୀକି ପାହାନ (୪୭)। ସମସ୍ତଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି।

## ବୋଇତ ବନ୍ଧାଣ ପାଇଁ ପ୍ରସ୍ତୁତି

ଗୋପାଳପୁର,୪।୧୧ (ନବୀନରାଜ୍ ଆଚାରୀ)

ବୋଇତ ବନ୍ଧାଣ ପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଅନୁସାରେ ମଙ୍ଗଳବାର ଗଞ୍ଜାମ ଜିଲାପାଳ ଭି.କିର୍ତ୍ତି ଭାସନ ଓ ଏସ୍‌ପି ଡ଼.ଶର୍ବଣା ବିବେକ୍ ଏମ୍, ବିଏମସି କମିଶନର ପ୍ରଥମେଶ୍ ଅରବିନ୍ଦ୍ ରାଜଶ୍ରୀକେ, ଉପଜିଲାପାଳ ଅବିନାଶ କୁମାର ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ବୋଇତ ଭସାଇବାର ସ୍ଥାନ, ପାର୍କିଂ ସ୍ଥାନ ଓ ପେଣ୍ଡାଲକୁ ମଙ୍ଗଳବାର ପରିଦର୍ଶନ କରିଥିଲେ। ଏହି ଅବସରରେ ପୁରୁଣା ସର୍କିଟ୍ ହାଉସରେ ଖବରଦାତା ସମ୍ମିଳନୀ ହୋଇଥିଲା। ଜିଲାପାଳ କହିଥିଲେ, ପୂର୍ବ ବର୍ଷ ବୋଇତ ବନ୍ଧାଣ ମହୋତ୍ସବ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ମଧ ବେଳାଭୂମିରେ ବୁଧବାର ଠାରୁ ପ୍ରତିଦିନ ସନ୍ଧ୍ୟା ୫ଟାରୁ ୮ଟା ପର୍ଯ୍ୟନ୍ତ ତିନିଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏକ ମିନି ପଲ୍ଲିଶ୍ରୀ ମେଳା, ଖାଦ୍ୟ ମେଳା ମଧ ଆୟୋଜନ କରାଯିବ। ଜିଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଫୁଲବାଣୀ,୪।୧୧ (ରାକେଶ କୁମାର ରାଉତ)

ଫୁଲବାଣୀ ସ୍ଥିତ ଏଜେଓ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଏଥିରେ ୩୧ଟି ପ୍ରତିଯୋଗିତାରେ ୪୫୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୩୬ ଜଣ ପ୍ରତିଯୋଗି ଏବଂ ସ୍ୱତନ୍ତ୍ର ପ୍ରତିଯୋଗିତାରେ ବେଲପଦର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜିଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଇଓ ରଞ୍ଜନ କୁମାର କହଁର, ଏବିଇଓ ମାନସ ରଞ୍ଜନ ଦାସ, ବିଆର୍‌ସିସି ଧନେଶ୍ୱର କହଁର, ଏବିଇଓ ସୀମାଦ୍ରି କହଁର, ଜିଲା ଶିକ୍ଷକ ସଂଘ ସଭାପତି ସନ୍ତୋଷ ଦିଗାଲ, ଦୀଦେଶ ବେହେରା, ଏନ୍‌ପିଏସ୍ ସଂଘ ସଭାପତି ସରୋଜ ସେଠୀ ଅତିଥି ଭାବେ ଯୋଗଥିଲେ। ଉଦ୍‌ଯାପନୀ ଉତ୍ସବରେ ପିଏ ଆଇଟିଡିଏ ଗଦାଧର ପାତ୍ର, ପୌର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ବିଡିଓ ସୌମ୍ୟରଞ୍ଜନ ପାତ୍ର, ଜିଲା ଶିକ୍ଷାଧିକାରୀ ରାଜେଶ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ।

# ଆଡୁ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ବରିଷ୍ଠ ନାଗରିକଙ୍କ ନିଆରା ପରମ୍ପରା

ଗଞ୍ଜାମ,୪।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମଙ୍ଗଳବାର ଆଡୁ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବୃନ୍ଦାବନ ପଣ୍ଡା ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ସେମିଫାଇନାଲ ଖେଳ ଅନୁଷ୍ଠିତ ହେବା ସହ ବୁଧବାର ଫାଇନାଲ ଖେଳ ହେବାର ଅଛି। ମୋଟ ୮ଟି ଦଳ ଏଥିରେ ଅଂଶ ଗ୍ରହଣ କରିଛନ୍ତି। ଗଞ୍ଜାମ ସହରରେ ଏହି ଟୁର୍ନାମେଣ୍ଟ କାର୍ତ୍ତିକ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହେଉଥିଲା। ଏହାକୁ ବଞ୍ଚାଇବା ପାଇଁ ବରିଷ୍ଠ ନାଗରିକ ପରିଷଦ ଗତ ୩ବର୍ଷ ହେଲା ଆରମ୍ଭ କରିଛି। ଏଥିରେ ବରିଷ୍ଠ ସଦସ୍ୟ ତ୍ରିନାଥ ପାଣିଗ୍ରାହୀ, ପତିତପାବନ ମହାପାତ୍ର, ସଭାପତି ରବୀନ୍ଦ୍ର ପଣ୍ଡା, ଉପସଭାପତି ଅରୁଣ ପଣ୍ଡା, ସମ୍ପାଦକ ବିନୋଦ ଚନ୍ଦ୍ର ମହାପାତ୍ର, କୋଷାଧକ୍ଷ ବିପ୍ର ଚରଣ ମହାପାତ୍ର, ବ୍ରଜ ସୁନ୍ଦର ପାଣିଗ୍ରାହୀ, ଲିଙ୍ଗରାଜ ପଟ୍ଟନାୟକ, ଗୌରୀ ଶଙ୍କର ପାଢ଼ୀ, ଶରତ ଦାସ, ମଙ୍ଗରାଜ ପଣ୍ଡା, ବସନ୍ତ ସାବତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମ



ଫୁଲବାଣୀ, ୪।୧୧ (ରାକେଶ କୁମାର ରାଉତ)

ଜିଲା ସମଗ୍ର ଶିକ୍ଷା ଓ ପିଏମଶ୍ରୀ ଯୋଜନା ଆନୁକୂଲ୍ୟରେ ଜିଲାର ୨୦ଟି ପିଏମଶ୍ରୀ ସ୍କୁଲକୁ ନେଇ ଜିଲାସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମ ବିଇଡି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ଫୁଲବାଣୀ ପିଏ ଆଇଟିଡିଏ ଗଦାଧର ପାତ୍ର, ଜିଲା ଶିକ୍ଷାଧିକାରୀ ରାଜେଶ ସ୍ୱାଇଁ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସତ୍ୟଜିତ ଦାସ, ଏବିଇଓ ମାନସ ରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୧୨ଟି ବ୍ଲକ୍‌ର ୨୦ଟି ପିଏମଶ୍ରୀ ସ୍କୁଲକୁ ପ୍ରତିନିଧିତ୍ୱ କରୁଥିବା ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଦେଶର ସଂସଦ ଉପରେ ଛାତ୍ରୀଛାତ୍ରଙ୍କ ଜ୍ଞାନ ଓ ଧାରଣା ଉପରେ ପ୍ରଶ୍ନୋତ୍ତର ହୋଇଥିଲା। ଛାତ୍ରୀଛାତ୍ରମାନେ ସାଂସଦ ରୂପରେ ବିଭିନ୍ନ ରାଜ୍ୟର ପ୍ରସଙ୍ଗ ଏବଂ ସେଗୁଡିକ ସମ୍ଭାବ୍ୟ ସମାଧାନ ଉପରେ ନିଜ ମତ ଉପସ୍ଥାପନ କରିଥିଲେ। ସହକାରୀ ପ୍ରଫେସର କୁଶ ନାୟକ, ସହକାରୀ ପ୍ରଫେସର ଅବନୀକାନ୍ତ କହଁର ଓ କ୍ଷୀର ସାଗର ରଣା ଉପସ୍ଥିତ ରହି ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଫିରିଙ୍ଗିଆ ନେଡିପଦର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଜି.ଉଦୟଗିରି ହବାକ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ଚକାପାଦ ଲାଇନପଡା ବିବି ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ।


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ସୂର୍ଯ୍ୟନଗର ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ସୂର୍ଯ୍ୟନଗର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ସୂର୍ଯ୍ୟନଗର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଶ୍ରୀ ଜଗନ୍ନାଥ ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମିଶ୍ର,** ପିତା: ଶ୍ରୀ ଭବାନୀ ଶଙ୍କର ମିଶ୍ର / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ପୁଷ୍ପାଞ୍ଜଳି ମିଶ୍ର,** ସ୍ୱାମୀ: ଶ୍ରୀ ପ୍ରଦୀପ କୁମାର ମିଶ୍ର, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ଏଚ୍‌ଆଇଜି ୧୨୭, କେ୬, କଳିଙ୍ଗ ବିହାର, ପାତ୍ରପଡା, ଖୋର୍ଦ୍ଧା-୭୫୧୦୧୯ | ଟ.୮୦,୯୩,୬୦୪/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୭.୨୦୨୫ / ୦୪.୧୧.୨୦୨୫ | **ଶ୍ରୀ ପ୍ରଦୀପ କୁମାର ମିଶ୍ରଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୧/୨୨୮, ସର୍ଭେ ନଂ./ ଖାତା ନଂ.: ୫୫/୫୩, ମୌଜା: ସାନ୍ତରାପୁର, ଏସ୍‌ଆରଓ/ ତହସିଲ: ଜଟଣୀ, ରେଜିଷ୍ଟ୍ରେସନ୍ ସବ୍-ଡିଷ୍ଟ୍ରିକ୍ଟ: ଜଟଣୀ ଅଧିନ ଏବଂ ଜିଲ୍ଲା: ଖୋର୍ଦ୍ଧା, ରେଡଙ୍ଗକୁ ଏନ୍‌ଏଚ୍-୫ ରାସ୍ତା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୭୦, ଦକ୍ଷିଣ: ପ୍ଲଟ୍ ନଂ.: ୭୬, ପୂର୍ବ: କବିତା ନାୟକ, ପଶ୍ଚିମ: ଯୁଧିଷ୍ଠିର ମଲ୍ଲିକ |
| **ଋଣଗ୍ରହୀତାମାନେ: ୧) ଶ୍ରୀ ମନୋଜ କୁମାର ରାଓ, ୨) ଶ୍ରୀ ଲକ୍ଷ୍ମଣ ରାଓ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ପୁଷ୍ପାଞ୍ଜଳି ରାଓ,** ସ୍ୱାମୀ: ଶ୍ରୀ ମନୋଜ କୁମାର ରାଓ, **୨) ଶ୍ରୀମତୀ ରାଜେଶ୍ୱରୀ ରାଓ,** ସ୍ୱାମୀ: ଶ୍ରୀ ଲକ୍ଷ୍ମଣ ରାଓ, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୯୯୩, ତ୍ରିନାଥ ବିହାର, ପାଇକ ନଗର, ଡେଲଟା ଛକ ନିକଟ, ୟୁନିଟ୍-୬, ଭୁବନେଶ୍ୱର | ଟ.୬,୦୦,୭୧୧/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୮.୦୭.୨୦୨୫ / ୦୪.୧୧.୨୦୨୫ | **ଶ୍ରୀ ଲକ୍ଷ୍ମଣ ରାଓଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୯୯୩, ସର୍ଭେ ନଂ./ ଖାତା ନଂ.: ୧୩, ମୌଜା: ବରମୁଣ୍ଡା, ଡିଷ୍ଟ୍ରିକ୍ଟ: ଖୋର୍ଦ୍ଧା ଅଧିନ ଏବଂ ଏସ୍‌ଆରଓ: ଭୁବନେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ବି.ଡି. ବେହେରା, ଦକ୍ଷିଣ: ପ୍ଲଟ୍ ନଂ.: ୧୪୧୬, ପୂର୍ବ: ଏ.ଏସ୍. ରାୟ, ପଶ୍ଚିମ: ପ୍ଲଟ୍ ନଂ.: ୧୪୧୦ ଏବଂ ୧୪୧୨ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୪.୧୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ବାଇକ୍-ଟ୍ରକ ମୁହାଁମୁହିଁ ଧକ୍କା, ଯୁବକ ମୃତ

ଭଞ୍ଜନଗର,(ବାବୁଲା ପ୍ରଧାନ): ଆଉ ୫ଶହ ମିଟର ଯାଇଥିଲେ ଘରେ ପହଞ୍ଚିଥାନ୍ତେ। ମାତ୍ର ସେତିକି ହେଲାନି, ରାସ୍ତା କଡରେ ତାଙ୍କୁ ଛକି ବସିଥିଲା ମୃତ୍ୟୁ। ଏପରି ଘଟଣା ଘଟିଛି ଗଞ୍ଜାମ ଜିଲା ଭଞ୍ଜନଗର ଦଶପଲ୍ଲା ମୁଖ୍ୟ ରାସ୍ତାର କୁଲାଡ ଉପର ବାଗଦେବୀ ମନ୍ଦିର ସମ୍ମୁଖରେ। ଏଠାରେ ଏକ ବାଇକ୍ ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ବାଇକ୍‌ରେ ଭଞ୍ଜନଗରରୁ ନିଜ କୁଲାଡ ଗ୍ରାମ ଅଭିମୁଖେ ଫେରୁଥିବା ଶଙ୍କର ମହାରଣା (୪୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ମହିଳାଙ୍କ ଘରୁ ୮ ଭରି ସୁନା ଗହଣା ଚୋରି

ବ୍ରହ୍ମପୁର, ୪।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅନ୍ତର୍ଗତ ପ୍ରେମନଗରରେ ରହୁଥିବା ଜନୈକା ମହିଳା ତୃପ୍ତିରାଣୀଙ୍କ ତାଲାବନ୍ଦ ଘରୁ ଚୋରି ହୋଇଛି। ଆଲମୀରା ଭାଙ୍ଗି ୮ ଭରି ଓଜନର ସୁନା ଅଳଙ୍କାର ଓ ଟଙ୍କା ଚୋରି କରି ନେଇଯାଇଛନ୍ତି। ଏନେଇ ଗୃହକର୍ତ୍ତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୫୪୯/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତୃପ୍ତିରାଣୀ ଗତ ୨ତାରିଖ ପୂର୍ବାହ୍ନରେ କୌଣସି କାମରେ ବାହାରକୁ ଯାଇଥିଲେ। ଅପରାହ୍ନ ଦୁଇଟା ବେଳେ ସେ ଘରକୁ ଫେରଥିଲେ। ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଆଲମୀରାରେ ଥିବା ସମସ୍ତ ଆସବାବପତ୍ର ଘର ଭିତରେ ବିଛାଇ ହୋଇ ପଡିଥିବା ବେଳେ ଲକରରେ ଥିବା ୮୦ ଗ୍ରାମର ସୁନା ଅଳଙ୍କାର ଓ ନଗଦ ୧୫ ହଜାର ଟଙ୍କା ଗାୟବ ଥିଲା। ତାଙ୍କ ଅଭିଯୋଗ ଅନୁସାରେ ପୋଲିସ ଅଂଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

### ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଓ ମାଲିକ ଗିରଫ

ବ୍ରହ୍ମପୁର,୪।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ପୋଲିସ ହରିଡାଖଣ୍ଡି ଅଞ୍ଚଳରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ବେଆଇନ ବାଲି ଚୋରା ଚାଲାଣ ଅଭିଯୋଗରେ ସଂପୃକ୍ତ ଟ୍ରାକ୍ଟରର ଚାଳକ ଓ ମାଲିକଙ୍କୁ ମଧ୍ୟ ଗିରଫ କରାଯାଇଛି । ସେମାନେ ହେଲେ ରାଉଳ ସୁକୁଣ୍ଡାର ଶିଶିର ଦାସ ଓ ଟ୍ରାକ୍ଟରର ମାଲିକ ତଥା ପୁରୁଣା ବ୍ରହ୍ମପୁରର ଦିନବନ୍ଧୁ ଚୌଧୁରୀ । ଏ ନେଇ ବଡବଜାର ଥାନାରେ ଏକ ମାମଲା ରୁଜୁ ହୋଇଛି । ସୋମବାର ବଡବଜାର ଥାନା ପୋଲିସ ପକ୍ଷରୁ ପୁରୁଣା ବ୍ରହ୍ମପୁର ଅଞ୍ଚଳରେ ପାଟ୍ରୋଲିଂ ଚାଲିଥିବା ବେଳେ ହରିଡାଖଣ୍ଡି ଛକରୁ ପୁରୁଣା ବ୍ରହ୍ମପୁର ଆଡକୁ ଏକ ବାଲି ବୋଝେଇ ଟ୍ରାକ୍ଟର ଯାଉଥିଲା। ସେହି ଟ୍ରାକ୍ଟରକୁ ଅଟକାଇ ବାଲି ପରିବହନ ପାଇଁ ଅନୁମତି ପତ୍ର ଯାଞ୍ଚ ପରେ ଚାଳକଙ୍କ ନିକଟରେ କୌଣସି ପ୍ରକାର କାଗଜପତ୍ର ନଥିବା ଜଣାପଡିଥିଲା। ଟ୍ରାକ୍ଟରର ମାଲିକ ଦୀନବନ୍ଧୁଙ୍କ କହିବା ପ୍ରକାରେ ଟ୍ରାକ୍ଟର ଚାଳକ ଶିଶିର ସୁକୁଣ୍ଡାରୁ ବାଲି ଆଣି ମେଣ୍ଟୁଛକ ଠାରେ ଅନଲୋଡ କରିବାକୁ ଯାଉଥିବା ପୋଲିସକୁ ଜଣାଇଥିଲା ।ହେଲେ ଏଥିପାଇଁ ଶିଶିର ନିକଟରେ କୌଣସି ଟ୍ରାଞ୍ଜିଟ ପାସ କିମ୍ବା ଫର୍ମ ନଥିଲା । ସେହିକ୍ରମରେ ପୋଲିସ ଟ୍ରାକ୍ଟରକୁ ଜବତ କରିବା ସହ ଶିଶିରଙ୍କୁ କାବୁ କରିଥିଲା । ଏହାପରେ ବାଲି ଚୋରା ଚାଲାଣ ପାଇଁ ଶିଶିରଙ୍କୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗରେ ଦୀନବନ୍ଧୁଙ୍କ ଗିରଫ କରାଯାଇଥିଲା ।

### ପାତ୍ରପୁରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ପାତ୍ରପୁର,୪।୧୧(ଉମା ଚରଣ ନେପାକ)

ଚିକିଟୀ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ପାତ୍ରପୁର ବ୍ଲକରେ ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସାମନ୍ତିଆପଲ୍ଲୀ ପଞ୍ଚାୟତ ଚୁଡିଆଲାଞ୍ଜି ଓ ଆମ୍ବଗାଁ ମଧ୍ୟସ୍ଥଳିସ୍ଥିତ ଗୋଇମୁଣ୍ଡି ମନ୍ଦିରଠାରୁ ପଦଯାତ୍ରା ବାହାରି ଜୟନ୍ତୀପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣଠାରେ ଆୟୋଜିତ ସଭା ସ୍ଥଳରେ ପହଞ୍ଚିଥିଲା। ରାଜ୍ୟରେ ଶାସନ କରୁଥିବା ଭାଜପାର ବିଫଳତା ସମ୍ପର୍କରେ ବିଭିନ୍ନ ନାରା ଦେଇ ପଦଯାତ୍ରା ପରିକ୍ରମା କରିଥିଲା। ସଭାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତ୍ରୀ ଉଷାଦେବୀ, ଯୁବନେତା ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ବରିଷ୍ଠ ନେତା ବାପୁଜୀ ବିଷୋୟୀ, ସଚ୍ଚିଦାନନ୍ଦ ରାଜଗୁରୁ, ଇଶ୍ୱରୁ ଦୁର୍ଯ୍ୟୋଧନ ରେଡ୍ଡୀ, ସମିତିସଭ୍ୟା ଅମିତା ପ୍ରଧାନ, ଏନ ସାନ୍ତାମା ଓ ଭଗବାନ ସେଠୀ ମଞ୍ଚାସୀନ ଥିଲେ। ବିଜେଡି ନେତା ଶ୍ରୀରୂପ ଦେଓ କହିଲେ, ବିଜେଡି କର୍ମୀ ଓ ସମର୍ଥକଙ୍କ କୌଣସି ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ପୋଲିସ ଗ୍ରହଣ କଲେ ଏହାକୁ ବିଜେଡି ବରଦାସ୍ତ କରିବ ନାହିଁ । ପାତ୍ରପୁର ବ୍ଲକର ପଦାଦିଗି, ପାତ୍ରପୁର, ସାମନ୍ତିଆପଲ୍ଲୀ, ଜୟନ୍ତୀପୁର, ବି. ନୂଆଗାଁ ଓ ଗୁଡିପଦର ପଞ୍ଚାୟତର ସରପଞ୍ଚମାନେ ଗତ ଦୁଇ ବର୍ଷ ମଧ୍ୟରେ ୮୨,୭୩, ୨୪୭ ଟଙ୍କାର ଫଲ୍ସ ବିଲ କରିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ବିଜେଡିର ୨୪ ବର୍ଷର ସରକାର ସମୟରେ ଚିକିଟିରେ ହୋଇଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ମନେ ପକାଇ ନବୀନ ପଟ୍ଟନାୟକଙ୍କ ହାତ ମୁଠା ଟାଣ କରିବାକୁ ଉପସ୍ଥିତ ନେତାମାନେ ଆହ୍ୱାନ ଦେଇଥିଲେ । ପଦଯାତ୍ରାରେ ଜିଲା ପରିଷଦ ସଭ୍ୟା ଯୋଶଦା ଶବର, ସରପଞ୍ଚ ଭଗବତୀ ପାଣିଗ୍ରାହୀ, ଶଶାଙ୍କ ପାଣିଗ୍ରାହୀ, କେ ଜ୍ୟୋତି ରେଡ୍ଡୀ ଓ ଦମୟନ୍ତୀ, ଯୁବ ସଭାପତି ଚ. ଧର୍ମା ରେଡ୍ଡୀଙ୍କ ସମେତ ବହୁ ଯୁବ ଛାତ୍ର ମହିଳା ସାମିଲ ହୋଇଥିଲେ। ଯୁବ ନେତା ସରୋଜ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

# ବିକଶିତ ହେବ ୬ଜି ପ୍ରଯୁକ୍ତିବିଦ୍ୟା କ୍ଷେତ୍ର

## ସଫଳ ହେଲା ଓଡ଼ିଆ ପ୍ରଫେସରଙ୍କ ଗବେଷଣା

ବ୍ରହ୍ମପୁର,୪।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ସିଲଚରସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ ଇଞ୍ଜିନୀୟରିଂ ବିଭାଗରେ କାର୍ଯ୍ୟରତ ସହକାରୀ ପ୍ରଫେସର ଡ. ପ୍ରବୀଣ ପଟ୍ଟନାୟକ ୫ଜି ଓ ୬ଜି ଯୋଗାଯୋଗ କ୍ଷେତ୍ରରେ ଗବେଷଣା କରି ସଫଳ ହୋଇଛନ୍ତି। ତାଙ୍କ ଗବେଷଣାର ଶୀର୍ଷକ ଥିଲା ଡେଭଲପମେଣ୍ଟ ଅଫ ଏଫିସିଏଣ୍ଟ ଜଏଣ୍ଟ ଆଣ୍ଟିନା ଆଣ୍ଡ ୟୁଜେର ସେଡୁଲିଂ ସ୍କିମ୍‌ସ ଫର୍ ମେସିଭ (ମିମୋ) ଲିମିଟେଡ ଫିଡ୍‌ବେକ ବ୍ରଡକାଷ୍ଟ ଚ୍ୟାନେଲ୍ସ ଫର ୫ଜି ଆଣ୍ଡ ବିୟଣ୍ଡ କମ୍ୟୁନିକେସନ ସିଷ୍ଟମ। ଏଥି ପାଇଁ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଦ୍ୱାରା ଅନୁଦାନ ମିଳିଥିଲା। ୨୦୨୧ରେ ଗବେଷଣା ଆରମ୍ଭ ହୋଇ ୨୦୨୫ରେ ଏହା ସରିଥିଲା। ଏହି ଗବେଷଣାଟି ଭବିଷ୍ୟତର ଇଲେକ୍ଟ୍ରୋନିକ୍ସ ଯୋଗାଯୋଗ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ସନ୍ଧାନ ବହନ କରୁଛି। ଆଗାମୀଦିନର ୬ଜି ଟେକ୍ନୋଲୋଜିରେ ଆଣ୍ଟିନା ଚୟନ ଓ ୱାୟାରଲେସ ନେଟୱାର୍କରେ ସିଷ୍ଟମ କ୍ଷମତାବୃଦ୍ଧି କ୍ଷେତ୍ରରେ ଏହା ସହାୟକ ହେବ। ଡ଼ ପଟ୍ଟନାୟକଙ୍କର ଏହି ଗବେଷଣାରେ ସଫ୍ଟ କମ୍ପ୍ୟୁଟିଙ୍ଗ ପ୍ରଣାଳୀ ସଂଯୋଜିତ ହୋଇଛି, ଯାହା ଜଟିଳ ଚ୍ୟାନେଲ ପରିବେଶରେ ଉନ୍ନତ



ଡ. ପ୍ରବୀଣ ପଟ୍ଟନାୟକ

କ୍ଷମତାର ନେଟୱର୍କ ସେବା ପ୍ରଦାନ ଉଦ୍ୟମ କରିବ। ଭବିଷ୍ୟତରେ ୬ଜି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରକୁ ଏହି ଉଦ୍ଭାବନ ବିକଶିତ କରିବ। ମିମୋ ଆର୍କିଟେକ୍ଚର୍ ବିକାଶ ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ଡ.ପଟ୍ଟନାୟକ ଆଶା କରୁଥିବା କହିଛନ୍ତି। ଦେଶର ପ୍ରମୁଖ ଆଇଆଇଟି ଖଡ଼ଗପୁର, କାନପୁର, ହାଇଦ୍ରାବାଦର ଗବେଷକ, ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଅଧିକାରୀ ଓ ଦେଶର କିଛି ପ୍ରମୁଖ କମ୍ପାନୀର ନିର୍ଦ୍ଦେଶକଙ୍କୁ ନେଇ ଗଠିତ ପ୍ରୋଜେକ୍ଟ ରିଭ୍ୟୁ ଷ୍ଟିଅରିଂ ଗ୍ରୁପ ଦ୍ୱାରା ଏହି ଗବେଷଣା ପ୍ରଶଂସିତ ହୋଇଛି । ଏହି ପ୍ରକଳ୍ପକୁ ଡ଼. ପଟ୍ଟନାୟକ ୧୧ ଅନ୍ତର୍ଜାତୀୟ ଜର୍ଣ୍ଣାଲରେ ପ୍ରକାଶ କରିବା ସହ ୯ ଅନ୍ତର୍ଜାତୀୟ ପେଟେଣ୍ଟ ମଧ୍ୟ କରିଛନ୍ତି। ଗଞ୍ଜାମ ଜିଲା ବ୍ରହ୍ମପୁର ସହର ନିବାସୀ, ଡ଼ ପଟ୍ଟନାୟକଙ୍କ ଏମ.ଟେକରେ ସ୍ୱର୍ଣ୍ଣ ପଦକ ପାଇବା ସହ ଆଇଆଇଟି ପାଟନାରୁ ହାଇ ଭାଲ୍ୟୁ ଡକ୍ଟୋରାଲ ଫେଲୋଶିପ ସହିତ ପିଏଚଡି କରିଛନ୍ତି। ୨୦୨୨ରେ ସିଲଚର ନିଟ ଦ୍ୱାରା ଡିଷ୍ଟିନଗୁଇସଡ ଫାକଲ୍ଟି ସମ୍ମାନ ପାଇଛନ୍ତି। ଏହା ବ୍ୟତୀତ ବର୍ତ୍ତମାନ ଡ଼. ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ଅନୁଦାନ ପ୍ରାପ୍ତ 'କ୍ୱାଣ୍ଟମ ମେସିନ ଲର୍ଣ୍ଣିଂ ଫର ନେଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ ଆପ୍ଲିକେସନ'ରେ ଗବେଷଣା ରତ ଅଛନ୍ତି।




କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା କଡରେ ମହିଳାମାନେ ବୋଇତ କିଣୁଛନ୍ତି। (ଫଟୋ: ସମୀର)

### ଏମକେସିଜିକୁ ପୁଣି ଚକ୍ଷୁ ମିଳିଲା

ବ୍ରହ୍ମପୁର,୪।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଗନ୍ନାଥ ବିହାର ପ୍ରଥମ ଗଳିର ୯୬ ବର୍ଷ ବୟସ୍କ ଏସ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ବାର୍ଦ୍ଧକ୍ୟ ଯୋଗୁଁ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ସଦସ୍ୟଙ୍କ ପ୍ରେରଣା ଫଳରେ ତାଙ୍କ ସ୍ତ୍ରୀ ଏସ.ମାହେଶ୍ୱରୀ ପାତ୍ର , ୩ ପୁଅ ଏସ.ନାଗେଶ୍ୱର ପାତ୍ର, ଏସ.କାମେଶ୍ୱର ପାତ୍ର ଏସ.ଗଣେସୱର ପାତ୍ର ସୂର୍ଯ୍ୟନାରାୟଣଙ୍କ ଚକ୍ଷୁଦୁଇଟିକୁ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ଚକ୍ଷୁ ବିଭାଗକୁ ଦାନ କରିଛନ୍ତି। ଚକ୍ଷୁବିଭାଗର ଚକ୍ଷୁବିଶେଷଜ୍ଞ ଡ.ମାନସ ରଞ୍ଜନ ରାଉତ ଓ ଡ.ପିଙ୍କି ଶିଶିର ପାଣିଗ୍ରାହୀ ଚକ୍ଷୁ ସଂଗ୍ରହ କରିଥିଲେ। ତାଙ୍କ ଆତ୍ମୀୟ ସ୍ୱଜନ ଉପସ୍ଥିତି ଥିଲେ। କ୍ଲବର ସଭ୍ୟ ଭି.ଭେଙ୍କଟରତ୍ନମ ରାଜୁ, କେ.ନନ୍ଦେଶ୍ୱ ସେନାପତି ଓ କେ. ସାଇ କିରଣ ସହଯୋଗ କରିଥିଲେ।

# ଜମି ବିକ୍ରି ନାଁରେ ୫ ଲକ୍ଷ ଠକେଇ

## ଜେଲରେ ଥିବା ବିଲଡର ଓ ସହଯୋଗୀଙ୍କ ନାମରେ ମାମଲା

ବ୍ରହ୍ମପୁର,୪।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଜମି ଜାଲିଆତି ମାମଲାରେ ଗିରଫ ହୋଇ ଜେଲରେ ଥିବା ବିଲଡର ଦୀଲିପ ପଶୁପାଳକ ଓ ତାଙ୍କ ସହଯୋଗୀ ପ୍ରଦୀପ କୁମାର ପାଣିଗ୍ରାହୀ ନାମରେ ନୂଆ ମାମଲା ରୁଜୁ ହୋଇଛି । ନିମଖଣ୍ଡି ଥାନା ଅନ୍ତର୍ଗତ ଜଣେ ବ୍ୟକ୍ତିଙ୍କୁ ମାର୍ଥାପଲ୍ଲୀ ଅଞ୍ଚଳରେ ଜମି ଦେବାକୁ କହି ଉଭୟେ ୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି । ଏହାବାଦ ଅଭିଯୁକ୍ତ ପ୍ରଦୀପ ପାଣିଗ୍ରାହୀ ମାର୍ଥାପଲ୍ଲୀ ମୌଜାରେ ଥିବା ଏକ ଜମି ଦେବାକୁ କହି ଜଣେ ବ୍ୟକ୍ତିଙ୍କ ଠାରୁ ୪ ଲକ୍ଷ ଠକି ନେଇଥିବା ଅଭିଯୋଗ ହୋଇଛି । ନିମଖଣ୍ଡି ଥାନା ମାର୍ଥାପଲ୍ଲୀର ଏମ. ପର୍ଶୁରାମ ଜାନୁଆରୀ ମାସରେ ନିଜ ଅଞ୍ଚଳରେ ଏକ ଚାଷ ଜମି କିଣିବାକୁ ଚେଷ୍ଟା ଚଳାଇଥିଲେ । ପୂର୍ବରୁ ଦୀଲିପ ଓ ପ୍ରଦୀପ ସେହି ଅଞ୍ଚଳରେ ଜମି କାରବାର କରୁଥିବାରୁ ପର୍ଶୁରାମ ଉଭୟଙ୍କୁ ଜାଣିଥିଲେ। କଥାବାର୍ତ୍ତା ପରେ ସେହି ଅଞ୍ଚଳର ଖାତା ନଂ. ୨୪୧ରେ ଥିବା ଏକ ବଡ ଜମିକୁ ପର୍ଶୁରାମ ନାମରେ ପଞ୍ଜିକରଣ କରାଇଦେବେ ବୋଲି ଉଭୟ ପ୍ରତିଶ୍ରୁତି ଦେଇଥିଲେ । ୫ ଲକ୍ଷ ଟଙ୍କା ଅଗ୍ରୀମ ଦେଲେ ଜମି ମାଲିକଙ୍କ ସହ କଥାବାର୍ତ୍ତା ହୋଇ ୬ ମାସ ମଧ୍ୟରେ ତାଙ୍କ ନାମରେ ପଞ୍ଜିକରଣ କରାଇଦେବେ ବୋଲି ସେମାନେ ତାଙ୍କୁ କହିଥିଲେ। ସେହିକ୍ରମରେ ପର୍ଶୁରାମ ଉଭୟଙ୍କୁ ୫ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଦେଇଥିଲେ । ହେଲେ ପ୍ରତିଶ୍ରୁତି ମୁତାବକ ୬ ମାସ ପରେ ମଧ୍ୟ ଉକ୍ତ ଜମି ପର୍ଶୁରାମଙ୍କ ନାମରେ ପଞ୍ଜିକରଣ ହୋଇପାରିନଥିଲା । ଅନ୍ୟପଟେ ଅଭିଯୁକ୍ତମାନେ ସେ ଦିଗରେ କୌଣସି ପଦକ୍ଷେପ ମଧ୍ୟ ନେଇନଥିଲେ। ଜମି ପଞ୍ଜିକରଣ ନେହେବାରୁ ସେ ବିଲଡର ଦିଲିପ ଓ ତାଙ୍କ ସହଯୋଗୀ ପ୍ରଦୀପଙ୍କୁ ୫ ଲକ୍ଷ ଟଙ୍କା ଫେରାଇ ଦେବାକୁ କହିଥିଲେ। ବାରମ୍ବାର ଟଙ୍କା ମାଗିବା ପରେ ଅଭିଯୁକ୍ତମାନେ ତାଙ୍କୁ ୫ ଲକ୍ଷ ଟଙ୍କାର ଏକ ଚେକ ଦେଇଥିଲେ। ସେହି ଚେକ ବ୍ୟାଙ୍କରେ ଜମା କରିବା ପରେ ଉକ୍ତ ଆକାଉଣ୍ଟରେ ଟଙ୍କା ନଥିବା ଜଣାପଡିଥିଲା । ଦିଲୀପ ଓ ପ୍ରଦୀପଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବା ପରେ ପର୍ଶୁରାମ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ସେହିପରି ଲୋଚାପଡା ରୋଡରେ ରହୁଥିବା କୈଳାଶ ପାତ୍ରଙ୍କୁ ମାର୍ଥାପଲ୍ଲୀ ମୌଜାରେ ଏକ ବଡ ଜମି କ୍ରୟ କରାଇଦେବେ ବୋଲି କହି ଆଜକୁ ୭ ମାସ ତଳେ ୪ ଲକ୍ଷ ଟଙ୍କା ଅଗ୍ରୀମ ନେଇଥିଲେ। ହେଲେ ପ୍ରତିଶ୍ରୁତି ମୁତାବକ ଅଭିଯୁକ୍ତ ପ୍ରଦୀପ ତାଙ୍କ ନାମରେ ଜମି ପଞ୍ଜିକରଣ କରାଇ ପାରିନଥିଲେ । ବାରମ୍ବାର ଟଙ୍କା ମାଗିବା ପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ କୈଳାଶ ନିମଖଣ୍ଡି ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗପ୍ରକାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଜ୍ୟୋତିନଗର ୫ମ ଲାଇନର ସନ୍ତୋଷ କୁମାର ଶତପଥିଙ୍କୁ ଟାଟାଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ ଜାତୀୟ ରାଜପଥ କଡରେ ୨ ଏକର(୧୦ ଭରଣ) ଜମି ବିକ୍ରି କରିବା ନାଁରେ ବିଲଡର ଦୀଲିପ ଓ ତାଙ୍କ ସହଯୋଗୀ ପ୍ରଦୀପ ୪୪ ଲକ୍ଷ ଟଙ୍କା ଠକେଇ କରି ନେଇଥିଲେ । ଏ ନେଇ ଗୋଶାଣିନୂଆଗାଁ ଥାନାରେ ଅଭିଯୋଗ ପରେ ପୋଲିସ ଉଭୟଙ୍କୁ ଗତ ୧ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ।ଉଭୟ ବର୍ତ୍ତମାନ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଥିବା ବେଳେ ଉଭୟଙ୍କ ନାମରେ ଆଉ ଏକ ଠକେଇ ମାମଲା ଯୋଡି ହୋଇଛି । ଏହି ୨ ଜଣ ବହୁ ଜମି କାରବାରରେ ସଂପୃକ୍ତ ଥିବାରୁ ଆଗାମୀ ଦିନରେ ଅଭିଯୋଗକାରୀଙ୍କ ସଂଖ୍ୟା ବଢିବାର ସମ୍ଭାବନା ଥିବା ସାଧାରଣରେ ଆଲୋଚନା ହେଉଛି ।

### ଚୋରି କରୁଥିଲେ ବାଇକ୍, ଧରିଲେ ଗାଁ ଲୋକେ

ମୋହନା,୪।୧୧(ମନ୍ମଥ ମିଶ୍ର)

ଗାଁରେ ପଶି ବାଇକ୍ ଚୋରି କରୁଥିଲେ, ଉଠିପଡିଲେ ଧରିଲେ ଗାଁ ଲୋକେ। ତିନି ଜଣ ଚୋରଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଏଭଳି ଘଟଣା ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବାରିଆବନ୍ଧ ଗାଁରେ ଦେଖିବାକୁ ମିଳିଛି । ଏହି ଗାଁରେ ସୋମବାର ରାତିରେ ତିନିଜଣ ଯୁବକ ଏକ ବାଇକ୍ (ଓଡି ୦୭ଏଜି-୦୨୬୯ )କୁ ଚୋରି କରୁଥିଲେ। ଏହି ସମୟରେ ବାଇକ ମାଲିକ ଉଷାୟ ଶବରଙ୍କ ନିଦ ଭାଙ୍ଗି ଯାଇଥିଲା । ନିଜ ବାଇକକୁ କେହି ନେଇଯାଉଥିବା ଦେଖି ପାଟି କରି ଗାଁ ଲୋକଙ୍କୁ ଡାକିଥିଲେ। ପରେ ଗ୍ରାମବାସୀ ଗୋଡ଼ାଇ ଗୋଡ଼ାଇ ୩ ଚୋରଙ୍କୁ ଧରିବାରେ ସଫଳ ହୋଇଥିଲେ । ପରେ ମୋହନା ପୋଲିସ ଖବରପାଇ ବାରିଆବନ୍ଧରେ ପହଞ୍ଚିଥିଲା। ଗ୍ରାମବାସୀ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଜିମା ଦେଇଥିଲେ। ସେମାନଙ୍କଠାରୁ ବାଇକ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଦୁଇଜଣ ତାମିଲନାଡୁର ଟୁଟିକୋରିନ ଗ୍ରାମର ଗନ୍ଧି ନାଥନ (୨୧) ଅନ୍ୟ ଜଣେ କୁଲାଥର ଗ୍ରାମର ପି.ମାଥାମ ( ୨୨) ଏବଂ ଆଉ ଜଣେ କେରଳ ମାଲାପୁରର ପି.ଅଜିତ ( ୨୯)। ଗିରଫ ପରେ ସମସ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

# ଚାଷୀଙ୍କୁ କ୍ଷତିପୂରଣ ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଦିଗପହଣ୍ଡି,୪।୧୧
(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ବିଭିନ୍ନ ପଞ୍ଚାୟତର ଚାଷୀ ପ୍ରତିନିଧି ଏକାଠି ହୋଇ ବାତ୍ୟା 'ମୋନ୍ଥା' ଓ ଲଗାଣ ବର୍ଷାରେ କ୍ଷତି ସହିଥିବା ସବୁ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି। ସାନଖେମୁଣ୍ଡି ତହସିଲ ଅଧୀନରେ ଥିବା ଚାଷଜମିଗୁଡ଼ିକର ଧାନ, ମାଣ୍ଡିଆ, ପନିପରିବା ଫସଲ ବ୍ୟାପକ କ୍ଷତି ଘଟିଛି। ଫୁଲ, ଛତୁ ଚାଷ କରିଥିବା ଚାଷୀ ମଧ୍ୟ କ୍ଷତି ସହିଛନ୍ତି। ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସରକାରୀ ସହାୟତା ନିମନ୍ତେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସାନଖେମୁଣ୍ଡି ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଦିଲ୍ଲୀପ ଜେନାଙ୍କୁ ମଙ୍ଗଳବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକ ଅଞ୍ଚଳର ଛାମୁଆ କୃଷକ ନେତା, ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଜିଲା ପରିଷଦ ସଦସ୍ୟ ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ ଓ ପାଟପୁର ବନପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଚାଷ ଓ ଚାଷୀଙ୍କ ସ୍ଥିତି ସମ୍ପର୍କରେ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସାନଖେମୁଣ୍ଡି ଅଞ୍ଚଳରେ ହୋଇଥିବା ଖରିଫ ଧାନ, ପନିପରିବା ଓ ଅନ୍ୟାନ୍ୟ



ଅତିରିକ୍ତ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଅର୍ଥକାରୀ ଫସଲର କ୍ଷୟକ୍ଷତି ଆକଳନ ସହ ଉପଯୁକ୍ତ କ୍ଷତି ପୂରଣ ଚାଷୀଙ୍କୁ ପ୍ରଦାନ କରାଯିବା, ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ଗୋଟିଏ ୟୁନିଟ୍ ଭାବେ ଗ୍ରହଣକରି କ୍ଷୟକ୍ଷତିର ସଠିକ୍ ଆକଳନ କରାଯିବା, ବାତ୍ୟା ମୋନ୍ଥା ଓ ବର୍ଷା ପ୍ରଭାବରେ ଘର ଭାଙ୍ଗିଯାଇଥିବା ବାସହୀନ ବିପନ୍ନ ପରିବାରଙ୍କୁ କ୍ଷତିପୂରଣ ଅର୍ଥରାଶି ସହ ତୁରନ୍ତ ଆବାସ ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରିବା ସହ ଅନ୍ୟାନ୍ୟ ଦାବି ସମ୍ପର୍କରେ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସାନଖେମୁଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ସମେତ ବରିଷ୍ଠ କୃଷକ ନେତା ଶମ୍ଭୁ ପଣ୍ଡା, ପୂର୍ବତନ ସରପଞ୍ଚ ସୁବାସ ମହାପାତ୍ର, କୈଳାସ ପାତ୍ର, ଅବସରପ୍ରାପ୍ତ ଶିକ୍ଷାବିତ୍ ଲିଙ୍ଗରାଜ ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ଅମିନ ପ୍ରଧାନ, ଭଗବାନ ରାଉତ, କେ. ଶ୍ୟାମସୁନ୍ଦର ଦୋରା, ବିନାୟକ ଦାଶ, ଅଶୋକ ବେହେରା, ବୃନ୍ଦାବନ ମହାକୁଡ, ଭାସ୍କର ମହାରଣା, ଅଶୋକ ଜେନା, ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ପ୍ରଧାନ, ଜଗନ୍ନାଥ ପଣ୍ଡା ଏ. କୈଳାସ ପାତ୍ର, ଗୋଲା ସ୍ୱାଇଁ, ଗୋପାଳ ରାଉଳ ଓ ଅନ୍ୟମାନେ ଦାବିପତ୍ର ପ୍ରଦାନ ଏବଂ ଆଲୋଚନା ବେଳେ ଉପସ୍ଥିତ ଥିଲେ। ବିଭାଗ ଏ ଦିଗରେ ପଦକ୍ଷେପ ନ ନେଲେ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି।

# ଯଜ୍ଞ ହିଁ ସଂସାରର ଶ୍ରେଷ୍ଠ କର୍ମ




କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମହାରାଜ।

ବ୍ରହ୍ମପୁର,୪।୧୧(ସ୍ମୃତି ରଞ୍ଜନ ମହାଲିକ)

ଯଜ୍ଞ ହିଁ ସଂସାରର ଶ୍ରେଷ୍ଠ କର୍ମ। ଆବହମାନ କାଳରୁ ଯଜ୍ଞ ଭାରତୀୟ ସଂସ୍କୃତିର ଅଭିନ୍ନ ଅଙ୍ଗ ଭାବେ ରହି ଆସିଛି। କାରଣ ଯାଜ୍ଞାଗ୍ନିରେ ପ୍ରଦତ୍ତ ପଦାର୍ଥ ନଷ୍ଟ ହୋଇନଥାନ୍ତି ବରଂ ସୂକ୍ଷ୍ମାତିସୂକ୍ଷ୍ମ ପରମାଣୁରେ ପରିଣତ ହୋଇ ସମଗ୍ର ସଂସାରରେ ପ୍ରସାରିତ ହୋଇ ଯାଆନ୍ତି । ନିରୋଗ ଓ ସୁଖୀ ଜୀବନ ଯାପନ ପାଇଁ ମନୁଷ୍ୟକୁ ଶୁଦ୍ଧ ଜଳ, ବାୟୁ, ଖାଦ୍ୟ ଓ ପରିବେଶ ଦରକାର । ଏସବୁ ପ୍ରାପ୍ତ କରିବା ପାଇଁ ଆମକୁ ଘରେ ଘରେ ଯଜ୍ଞ କରିବାକୁ ପଡ଼ିବ। ଏହି ଯଜ୍ଞର ସୌରଭ ନିଜକୁ ଓ ଜଗତକୁ ସୁରଭିତ କରିବା ହିଁ ଆମର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ବୋଲି ବେଦ ପ୍ରଚାର ସମିତି ପକ୍ଷରୁ ଗିରି ରୋଡ ସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ବେଦ ପ୍ରବଚନ କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ବୈଦିକ ବିଦ୍ୱାନ ତଥା ଶ୍ରୁତିନ୍ୟାସର ଅଧ୍ୟକ୍ଷ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମହାରାଜ ଯୋଗ ଦେଇ କହିଛନ୍ତି। ବେଦ ପ୍ରଚାର ସମିତିର ଅଶୋକ ସୁବୁଦ୍ଧି, ଭଗବାନ ଗୌଡ଼, ଜଗନ୍ନାଥ ସୁବୁଦ୍ଧି, ପ୍ରଦୀପ ପଣ୍ଡା,ଲୋକନାଥ ମହାନ୍ତି, ସନ୍ତୋଷ କୁମାର ସାହୁ, ଓମ ପ୍ରକାଶ ମୁନି, ସୋନାଲି ରେଡ୍ଡୀ, ତେଜସ୍ୱିନୀ ପାଢ଼ୀ, ଉଷା ରେଡ୍ଡୀ ଓ ଶାରଦା ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ୫୧ କୁଣ୍ଡିୟ ବିଶ୍ୱ ଶାନ୍ତି ମହା ଯଜ୍ଞ ଆୟୋଜନ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

# କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର



ଆସରରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର,୪।୧୧(ସ୍ମୃତି ରଞ୍ଜନ ମହାଲିକ)

କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ଉପସଭାପତି ଡ ବନମାଳୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଧରାକୋଟ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଶିକ୍ଷାବିତ ସାହିତ୍ୟିକ ସୁଜିତ କୁମାର ପଣ୍ଡା ଯୋଗ ଦେଇ ଆସରକୁ ଉଦଉଦଘାଟନ କରିଥିଲେ। ସଂଗଠନ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଅତିଥି ପରିଚୟ ଦେଇଥିଲେ। ବରିଷ୍ଠ କବୟିତ୍ରୀ ତଥା ଗାଳ୍ପିକା ସର୍ଣ୍ଣମୟୀ ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ ଆସରରେ ଭିକାରୀ ଚରଣ ମହାପାତ୍ର, ଶରତ ଚନ୍ଦ୍ର ଦାସ, ବିରୁପାକ୍ଷ ଦାଶ, କୁମାର କାର୍ତ୍ତିକେଶ୍ୱର ପ୍ରଧାନ, ମନୋରଞ୍ଜନ ପାଣିଗ୍ରାହୀ, ଡ ହୃଷୀକେଶ ପଣ୍ଡା, ଅନୁପ କୁମାର ମିଶ୍ର, ଡ କୁଳମଣି ଓଝା,ମହମ୍ମଦ ଆସଲାମ, ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ସୁଚେତା ପାଣିଗ୍ରାହୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ବେଙ୍ଗାଲୁରୁରେ ମୋହନାର ଶିଶୁକନ୍ୟାଙ୍କ ଝୁଲନ୍ତା ମୃତଦେହ ଜବତ

ମୋହନା,୪।୧୧(ମନ୍ମଥ ମିଶ୍ର)

ବେଙ୍ଗାଲୁରୁରେ ୮ ବର୍ଷ ଶିଶୁକନ୍ୟାର ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଉଛନ୍ତି ଗଜପତି ଜିଲା ମୋହନା ଥାନା କୁଟିଗୁଡ଼ା ଗାଁର ଇସ୍ମାଇଲ ମାଝୀଙ୍କ ଝିଅ ଶାଳିନୀ ମାଝୀ । ଇସ୍ମାଇଲ ପରିବାର ପୋଷଣ ଲାଗି ଦାଦନ ଖଟିବାକୁ କର୍ନାଟକର ବୁଦିଗିରିକ୍ରସ ଥାନା ଅନ୍ତର୍ଗତ ଲିମ୍ବେକାରପୁରରେ ସ୍ତ୍ରୀଙ୍କୁ ଧରି ରହୁଥିଲେ। ସେଠାରେ କୁଲି ମଜୁରି କାମକରି ପରିବାର ପୋଷଣ କରୁଥିଲେ। ଝିଅ ଶାଳିନୀ ଗାଁ କୁଟିଗୁଡାରେ ଦାଦାଙ୍କ ପାଖରେ ରହି ପାଠ ପଢୁଥିଲେ। ଗତ ଦଶହରା ଛୁଟିରେ ଶାଳନୀ ମା'ବାପାଙ୍କ ପାଖକୁ ଯାଇଥିଲେ। ଏପର୍ଯ୍ୟନ୍ତ ସେ ସେଠାରେ ରହିଥିଲେ। ସୋମବାର ଅପରାହ୍ନରେ ମା'ବାପା କୁଲି କାମ କରି ଘରକୁ ଫେରି ଝିଅ ଏକ ଲୁଗା ବେକରେ ବାନ୍ଧି ଝୁଲି ରହିଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ଶାଳିନୀଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷରେ ଏତେ କମ୍ ବୟସର ଶିଶୁ କିଭଳି ଆତ୍ମହତ୍ୟା କଲା ନା ତାଙ୍କୁ କିଏ ହତ୍ୟା କରିଛି ତାହା ତଦନ୍ତ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ପରିବାର ଲୋକେ ଅତି ଗରିବ ଶ୍ରେଣୀର ହୋଇଥିବାରୁ ନିଜ ଗ୍ରାମକୁ ମୃତଦେହ ଆଣିବା ସମ୍ଭବ ହୋଇପାରୁ ନ ଥିବାରୁ ମଙ୍ଗଳବାର ଶାଳିନୀଙ୍କ ଦାଦା ଓ ଗ୍ରାମବାସୀ ମୋହନା ଥାନା ଏବଂ ବ୍ଲକ ପ୍ରଶାସନ ନିକଟରେ ମୃତଦେହ ଗ୍ରାମକୁ ଆଣିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ଅସହାୟ ବୃଦ୍ଧାଙ୍କୁ ବୃଦ୍ଧାଶ୍ରମକୁ ସ୍ଥାନାନ୍ତର

ବ୍ରହ୍ମପୁର,୪।୧୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) କମିଶନରଙ୍କ ସହଯୋଗ କ୍ରମେ ସୋମବାର ରାତ୍ରିରେ ଗୁରୁତର ଅସୁସ୍ଥ ହୋଇଥିବା ଜଣେ ଅସହାୟ ମହିଳାଙ୍କୁ ପାଲୁର ହିଲ ସ୍ଥିତ ବୃଦ୍ଧାଶ୍ରମକୁ ସ୍ଥାନାନ୍ତରଣ ହୋଇଛନ୍ତି। ବ୍ରହ୍ମପୁର ୱାର୍ଡ ନଂ.୨୫ ଅନ୍ତର୍ଗତ ବିଜିପୁର ବୋର୍ଡିଂ ସାହି ଅଂଚଳରେ ଧୁବୁଣି ମହାରଣା (୬୦) ଘରେ କାମ କରୁଥିବା ସମୟରେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୯ଟାରେ ହଠାତ ଅସୁସ୍ଥ ହୋଇପଡିଥିଲେ। ଏ ନେଇ ସ୍ଥାନୀୟ ବାସିନ୍ଦା କର୍ପୋରେଟର ନରସିଂହ ସେଠୀଙ୍କୁ ଜଣାଇଥିଲେ। କର୍ପୋରେଟର ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ମେୟର ସଂଘମିତ୍ରା ଦଳେଇଙ୍କୁ ଅବଗତ କରାଇଥିଲେ। କମିଶନର ଘଟଣା ସ୍ଥଳରେ ପହଂଚି ବୃଦ୍ଧାଙ୍କ ପ୍ରାଥମିକ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ନଗର ଚିକିତ୍ସାଳୟକୁ ପଠାଇଥିଲେ। ମଙ୍ଗଳବାର ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ପାଲୁର ହିଲ ସ୍ଥିତ ବୃଦ୍ଧାଶ୍ରମକୁ ସ୍ଥାନାନ୍ତର କରାଯାଇଥିବା ଏନୟୁଏଚଏମର ସିଟି ମ୍ୟାନେଜର ଲମ୍ବୋଦର ଦିଗାଲ ସୂଚନା ଦେଇଛନ୍ତି।




ବୃଦ୍ଧାଶ୍ରମକୁ ସ୍ଥାନାନ୍ତର ହୋଇଥିବା ବୃଦ୍ଧା।

# ବନ୍ଧୁକ ଲାଇସେନ୍ସ ପାଇବାକୁ ନିଜ ଉପରକୁ ଆକ୍ରମଣ ନାଟକ

**ରାଜଧାନୀରେ ମହିଳାଙ୍କ କାରନାମା**

■ ୩ ଅଭିଯୁକ୍ତ ଗିରଫ, ବନ୍ଧୁକ, ଜୀବନ୍ତ ଗୁଳି ଜବତ

■ ଫେରାର ଘୁଙ୍ଗୁର ମିଶ୍ରଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର,୪।୧୧(ସତ୍ୟଜିତ ରାଉତ)

ପତିଆରା ବୃଦ୍ଧି ପାଇଁ ବନ୍ଧୁକ ଲାଇସେନ୍ସ ପାଇବାକୁ ନିଜ ଉପରକୁ ଗୁଳି ମାଡ଼ କରିଥିଲେ। ଏପରିକି ସୁପାରୀ ଦେଇ ଘର ଉପରକୁ ବୋମାମାଡ଼ ମଧ କରିଥିଲେ। ଭରତପୁର ଥାନା ଅଞ୍ଚଳର ଜଣେ ମହିଳା ଏହି ଆକ୍ରମଣ ନାଟକ କରିଥିବାବେଳେ ତଦନ୍ତ ସମୟରେ କମିଶନରେଟ୍ ପୋଲିସ ହାତରେ ତାଙ୍କ କାରନାମା ଧରାପଡ଼ିଯାଇଛି। ଏହି ଘଟଣାରେ ଅଭିଯୁକ୍ତ ମହିଳାଙ୍କୁ ସହଯୋଗ କରିଥିବା ୩ଜଣ ଯୁବକଙ୍କୁ ଭରତପୁର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭରତପୁର ମୁଣ୍ଡା ସାହିରେ ରହୁଥିବା ଜଟଣୀର ଦେବାଶିଷ ମହାପାତ୍ର ଓରଫ ଦେବା (୨୪), କଳିଙ୍ଗଷ୍ଟୁଡିଓ ପାଖ ଓମକାର ବସ୍ତିରେ ରହୁଥିବା ସନ୍ତୋଷ ମହାକୁଡ଼ ଓରଫ ସାନ୍ଟୁ (୨୫) ଓ ଭରତପୁରର ଚନ୍ଦନ ନାୟକ ଓରଫ ନାଣ୍ଟୁ (୨୭)। ସେମାନଙ୍କ ନିକଟରୁ ଅପରାଧରେ ବ୍ୟବହୃତ ଗୋଟିଏ ୭.୬୫ ଏମ୍‌ଏମ୍ ସେମି ଅଟୋମେଟିକ୍ ପିସ୍ତଲ, ୭.୬୫ ଏମ୍‌ଏମ୍ ଜୀବନ୍ତ ଗୁଳି, ଗୋଟିଏ ବାଇକ ଓ ଅଟୋ ଜବତ ହୋଇଛି। କୋର୍ଟ ଚାଲାଣ ପରେ ଅଭିଯୁକ୍ତମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ମାଷ୍ଟରମାଇଣ୍ଡ ଘୁଙ୍ଗୁର ମିଶ୍ର ଫେରାର ଥିବାବେଳେ ତାଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଘୁଙ୍ଗୁର ଜଣେ ଶିଳ୍ପପତିଙ୍କ ଭଉଣୀ ବୋଲି ସୂଚନା ମିଳିଛି। ଅଭିଯୁକ୍ତ ଚନ୍ଦନ ଘୁଙ୍ଗୁରଙ୍କ ଡ୍ରାଇଭର ହୋଇଥିବାବେଳେ ତାଙ୍କ ବିରୋଧରେ ଏକାଧିକ ମାମଲା ମଧ ରହିଛି।

ସୂଚନା ଅନୁଯାୟୀ, ଘୁଙ୍ଗୁର ତାଙ୍କ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ପିଲାଙ୍କ ସହ ରହୁଛନ୍ତି। ସେ ରିଅଲ ଇଷ୍ଟେଟ୍ ସମେତ ଅନ୍ୟାନ୍ୟ ବ୍ୟବସାୟ ମଧ କରୁଛନ୍ତି। ଘୁଙ୍ଗୁର ନିଜର ପତିଆରା ଜାହିର କରିବାକୁ ବନ୍ଧୁକ ରଖିବାକୁ ଯୋଜନା କରିଥିଲେ। ବନ୍ଧୁକ ଲାଇସେନ୍ସ ପାଇଁ ସେ ପୋଲିସ ନିକଟରେ ଆବେଦନ କରିଥିଲେ। ହେଲେ ବନ୍ଧୁକ ଲାଇସେନ୍ସ ନ ମିଳିବାରୁ ଘୁଙ୍ଗୁର ନିଜ ଉପରକୁ ଆକ୍ରମଣ ପାଇଁ ନାଟକ ଯୋଜନା କରିଥିଲେ। ସେ ନିଜ ଡ୍ରାଇଭର ଚନ୍ଦନଙ୍କ ସହଯୋଗ ଲୋଡ଼ିଥିଲେ। ଏହି ଆକ୍ରମଣ ପାଇଁ ଚନ୍ଦନ ତାଙ୍କର ଦୁଇ ଅଭିଯୁକ୍ତଙ୍କୁ ଯୋଗାଡ଼ କରିଥିଲେ। ଏପରି କି ନିଜ ଘର ଉପରକୁ ବୋମାମାଡ଼ ନେଇ ଘୁଙ୍ଗୁର ଗତ ସେପ୍ଟେମ୍ବର ୧୧ରେ ଭରତପୁର ଥାନାରେ ଏତଲା ଦେଇଥିଲେ। ସେପ୍ଟେମ୍ବର ୧୦ ରାତି ପ୍ରାୟ ୧୧ଟା ବେଳେ ତାଙ୍କ ଘର ବାହାରେ ଅଜଣା ଦୁର୍ବୃତ୍ତମାନେ ଦୁଇଟି ବୋମାମାଡ଼ କରିଥିଲେ ବୋଲି ସେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୫୪୨/୨୦୨୫) ରୁଜୁ କରିଥିଲା। ସେହିପରି ଗତ ଅକ୍ଟୋବର ୪ ରାତିରେ ଦୁଇଟି ଅଟୋରେ କେତେଜଣ ଦୁର୍ବୃତ୍ତ ଆସି ଘୁଙ୍ଗୁରଙ୍କ ଘରର ପାଚେରି କାନ୍ଥକୁ ଗୁଳିମାଡ଼ କରିଥିଲେ ବୋଲି ସେ ଅଭିଯୋଗ କରିଥିଲେ। ପୋଲିସ ପୁଣି ଆଉ ଏକ ମାମଲା (ନଂ.୬୨୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ତଦନ୍ତ ବେଳେ ଘୁଙ୍ଗୁର ସହଯୋଗ ନ କରିବାରୁ ତାଙ୍କ ଉପରେ ସନ୍ଦେହ ବଢ଼ିଥିଲା। ସିସିଟିଭି ଫୁଟେଜ, ସିଡିଆର୍ ଆନାଲିସିସ୍ ଓ ଅନ୍ୟାନ୍ୟ ଦିଗକୁ ନେଇ ପୋଲିସ ତଦନ୍ତ କରିବା ପରେ ଘୁଙ୍ଗୁରଙ୍କ କାରନାମା ସାମ୍ନାକୁ ଆସିଥିଲା। ଅଭିଯୁକ୍ତ ଦେବା ବନ୍ଧୁକ ଯୋଗାଡ଼ କରିଥିବା ବେଳେ ଘୁଙ୍ଗୁର ୫ଟି ଜୀବନ୍ତ ଗୁଳି ଦେଇଥିଲେ। ସାନ୍ଟୁ ଓ ଚନ୍ଦନ ବୋମାମାଡ଼ କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ଘୁଙ୍ଗୁରଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି।




ଗିରଫ ୩ ଅଭିଯୁକ୍ତ, ଜବତ ବନ୍ଧୁକ ଓ ଗୁଳି।

# ୫ ଦିନିଆ ରିମାଣ୍ଡରେ ମାଷ୍ଟରମାଇଣ୍ଡ ଶଙ୍କର, ଅରବିନ୍ଦ

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

ବ୍ରହ୍ମପୁର, ୪।୧୧ (ସୁବାସ ଚନ୍ଦ୍ର ପାଢ଼ୀ)


ଶଙ୍କର ପୃଷ୍ଟି


ଅରବିନ୍ଦ ଦାଶ

ଓଡ଼ିଶା ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା ର୍‍ୟାକେଟ୍‌ର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶଙ୍କର ପୃଷ୍ଟି ଏବଂ ପୂର୍ବରୁ ଗିରଫ ହୋଇଥିବା ବାଲେଶ୍ୱରର ଅରବିନ୍ଦ ଦାସଙ୍କୁ କ୍ରାଇମବ୍ରାଞ୍ଚ ମଙ୍ଗଳବାର ୫ଦିନିଆ ରିମାଣ୍ଡରେ ନେଇଛି। ଉଭୟଙ୍କୁ ୮ତାରିଖ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେଇ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାର ବିଭିନ୍ନ ଦିଗକୁ ନେଇ ଅଧିକ ତଥ୍ୟ ହାସଲ କରିବ ବୋଲି ଜଣାପଡ଼ିଛି। ଶଙ୍କରଙ୍କୁ ଗତ ଶନିବାର ରାତିରେ ନେପାଳ ସୀମା ଉତ୍ତରାଖଣ୍ଡରୁ କ୍ରାଇମବ୍ରାଞ୍ଚ ଗିରଫ କରି ରବିବାର ଭୁବନେଶ୍ୱର ଆଣିଥିଲା। ପରେ ସୋମବାର ତାଙ୍କୁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ୍) ରିତିକା ଜେନାଙ୍କ କୋର୍ଟରେ ହାଜର କରିଥିଲା। ଶଙ୍କରଙ୍କ ସହ ସିଲିକନ ଟେକ୍‌ଲାବ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକଙ୍କୁ ମଧ ହାଜର କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶରେ ଉଭୟଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଥିଲା। ଅପରପକ୍ଷରେ ଶଙ୍କର ଏବଂ ଗତ ଅକ୍ଟୋବର ୫ତାରିଖରେ ଗିରଫ ହୋଇ ଜେଲରେ ଥିବା ଅରବିନ୍ଦଙ୍କୁ ୭ଦିନିଆ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ କୋର୍ଟରେ ଆବେଦନ କରିଥିବାବେଳେ ମଙ୍ଗଳବାର ଏହାର ଶୁଣାଣି କରି ୫ଦିନ ରିମାଣ୍ଡରେ ନେବାକୁ କୋର୍ଟ ଅନୁମତି ପ୍ରଦାନ କରିଥିବା ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ କହିଛନ୍ତି।

ସୂଚନାଯୋଗ୍ୟ, ଓପିଆର୍‌ବି ପକ୍ଷରୁ ପରିଚାଳିତ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ପରିଚାଳନା ଦାୟିତ୍ୱ ଆଇଟିଆଇ ଲିମିଟେଡ୍ ନାମକ ଏକ ସଂସ୍ଥା ନେଇଥିଲା। ଆଇଟିଆଇ ଲିମିଟେଡ୍‌ଠାରୁ ସିଲିକନ ସଂସ୍ଥା ଏସ୍‌ଆଇ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିଲା। ପରେ ସିଲିକନଠାରୁ ପଞ୍ଚସଫ୍ଟ ଟେକ୍‌ନୋଲୋଜିସ ସଂସ୍ଥା ଦାୟିତ୍ୱ ନେଲା। ଶଙ୍କର ଓ ସୁରେଶଙ୍କୁ ପଚରାଉଚରା ବେଳେ କ୍ରାଇମବ୍ରାଞ୍ଚକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡିଛି। ଶଙ୍କର ଦେଇଥିବା ବୟାନ ୧୦୦୦ କୋଟିର ଡିଲ୍‌କୁ ନେଇ ଏବେ ରାଜ୍ୟରେ ବିଭିନ୍ନ ଚର୍ଚ୍ଚା ଲାଗି ରହିଥିବା ବେଳେ କ୍ରାଇମବ୍ରାଞ୍ଚ ପୂର୍ବରୁ ଗିରଫ ହୋଇଥିବା ଏକାଧିକ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ଗଞ୍ଜାମ ଜିଲା ଶେରଗଡ ନିକଟ ବ୍ରାହ୍ମଣଛାଇ ଗ୍ରାମର ଶଙ୍କର ପୃଷ୍ଟି ବ୍ରହ୍ମପୁର ନିକଟସ୍ଥ ଜଗନ୍ନାଥପୁର ଜଙ୍କସନଠାରେ ଥିବା ଡିଫେନ୍ସ କଲୋନିରେ ପଞ୍ଚସଫ୍ଟ ଟେକ୍ନୋଲୋଜି ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ଖୋଲିଥିଲେ। ଏହି ସଂସ୍ଥାରେ ଶଙ୍କର ଓ ତାଙ୍କ ସ୍ତ୍ରୀ ନିର୍ଦ୍ଦେଶକ ରହିଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ୧୧ ଜଣ ଦଲାଲ ଓ ଏଜେଣ୍ଟ ରହୁଥିବା ବେଳେ ଏବେ ଶଙ୍କର ପୃଷ୍ଟି ଓ ସୁରେଶ ନାୟକଙ୍କୁ ମିଶାଇ ୧୩ ଜଣ ଅଛନ୍ତି।

# ୬ଜଣଙ୍କୁ ଉଠାଇନେଇ ପୋଲିସର ପଚରାଉଚରା

ସମ୍ବଲପୁର,୪।୧୧(ପ୍ରମୋଦ ବହିଦାର)

**କାଲୁ ବାହାଦୁର ହତ୍ୟା ଘଟଣା**

**ମୃତକଙ୍କ ନାମରେ ରହିଛି ୨୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା**

ସମ୍ବଲପୁର ଜିଲା ହୀରାକୁଦ ଗାନ୍ଧୀନଗରପଡ଼ାରେ ସୋମବାର ରାତିରେ କାଲୁ ବାହାଦୁର(୨୮)ଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରାଯାଇ ହତ୍ୟା କରାଯାଇଥିଲା। ମୃତକଙ୍କ ବଡ଼ଭାଇ ପିଣ୍ଟୁ ବାହାଦୁରଙ୍କ ଏତଲା ଆଧାରରେ ହୀରାକୁଦ ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୩(୧), ୧୦୯, ୩(୫)ରେ ଏକ ମାମଲା(ନଂ.୨୧୦/୨୫) ରୁଜୁକରି ପୋଲିସ ତଦନ୍ତ ଆରମ୍ଭ ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ୨ଟି ଦଳ ଗଠନ କରିଥିଲା। ପାରିପାର୍ଶ୍ୱିକସ୍ଥିତ ଓ ସିସି କ୍ୟାମେରା ଫୁଟେଜ ଅବଲମ୍ବନ ପୂର୍ବକ ବିଭିନ୍ନ ସ୍ଥାନରେ ଚଢ଼ାଉକରି ପୋଲିସ ୬ଜଣଙ୍କୁ ଉଠାଇନେଇ ପଚରାଉଚରା କରୁଛି। ସେମାନଙ୍କ ସହ ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଏବଂ ସେମାନଙ୍କ ଆପରାଧିକ ପୃଷ୍ଠଭୂମି କ’ଣ ତାହାର ଯାଞ୍ଚ କରାଯାଉଛି। ଅପରପକ୍ଷରେ ମୃତ କାଲୁ ବାହାଦୁରଙ୍କ ନାମରେ ହତ୍ୟା, ଲୁଟ୍, ଅପହରଣ, ଦାଦାବଟି ଆଦାୟ ଆଦି ୨୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ତଦନ୍ତ ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ । ମଙ୍ଗଳବାର ଅପରାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର ଏ ନେଇ ସୂଚନା ଦେଇଛନ୍ତି। ଅପରପକ୍ଷରେ ବ୍ୟବଚ୍ଛେଦ ପରେ କାଲୁ ବାହାଦୁରଙ୍କ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୋମବାର ରାତି ପ୍ରାୟ ସାଢ଼େ ୮ଟାରେ ମୃତ କାଲୁ ବାହାଦୁର ସହଯୋଗୀ ସତ୍ୟନାରାୟଣ ଧଳଙ୍କ ସହ ଏକ ବାଇକ୍(ଓଡି-୧୫-ଏବି-୯୯୯୩)ରେ ଯାଉଥିଲେ। ଏହି ସମୟରେ ୱେଷ୍କୋ ସବ୍‌ଷ୍ଟେଶନ ଛକ ନିକଟରେ ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ୬ ଜଣ ଯୁବକ ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଉଭୟଙ୍କୁ ବିଭିନ୍ନ ମାରଣାସ୍ତ୍ର ଓ ପଥରରେ ଆକ୍ରମଣ କରିଥିଲେ। ଏଥିରେ ଘଟଣାସ୍ଥଳରେ କାଲୁଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାଲୁଙ୍କ ମୃତଦେହ ଓ ଗୁରୁତର ଅବସ୍ଥାରେ ସତ୍ୟନାରାୟଣଙ୍କୁ ଉଦ୍ଧାରକରି ଭିମ୍‌ସାର ନେଇଥିଲେ।

# ଝିଅ କାଠଫାଳିଆ ମାଡ଼ରେ ବାପା ମୃତ, ମା’ ଗୁରୁତର

କୁତ୍ରା, ୪।୧୧ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା କିରିଙ୍ଗସେରା ପଞ୍ଚାୟତ ଭୋଗରା ଗ୍ରାମରେ ସୋମବାର ମଧରାତ୍ରିରେ ଝିଅର କାଠଫାଳିଆ ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମା’ ଫୁଲ ଲାକଡ଼ା ଗୁରୁତର ହୋଇଛନ୍ତି। ମୃତକ ହେଲେ ମିଶ୍ର ଲାକଡା (୬୦)। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଝିଅ ତୁଳସା ଲାକଡା (୩୫) ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ମଙ୍ଗଳବାର କୁତ୍ରା ଥାନାରେ ଅଭିଯୋଗହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ପଠାଇଛି।

ବିବରଣୀରୁ ପ୍ରକାଶ, ମିଶ୍ରଙ୍କ ୨ ଝିଅଙ୍କ ମଧ୍ୟରୁ ସାନ ଝିଅ ତୁଳସା କୁତ୍ରା ବ୍ଲକ୍ ଗମାଡ଼ିହିରେ ବିବାହ କରିଥିବା ବେଳେ ବଡ଼ ଝିଅ ସବିତା ରାଉରକେଲାରେ ବିବାହ କରିଛନ୍ତି। ଉଭୟ ଝିଅ କୌଣସି କାମରେ ବାପଘରକୁ ଆସିଥିଲେ। ସୋମବାର ବାପା, ମା’ ଝିଅ ସମସ୍ତେ ଗୋଟିଏ କୋଠରିରେ ଶୋଇଥିଲେ। ରାତି ପ୍ରାୟ ୧ଟା ୩୦ରେ ତୁଳସା ଏକ କାଠଫାଳିଆରେ ବାପା ଓ ମା’ଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସବିତା ଉଠିପଡ଼ିଥିଲେ। କାଠଫାଳିଆ ମାଡ଼ରେ ରକ୍ତାକ୍ତ ହୋଇଥିବା ବାପା, ମା’ଙ୍କୁ ସବିତା ପଡ଼ୋଶୀଙ୍କ ସହାୟତାରେ କୁତ୍ରା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ମିଶ୍ରଙ୍କୁ ମୃତ ଘୋଷଣା କରିଥିବାବେଳେ ଫୁଲଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ରାଉରକେଲାସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ବଡ ଝିଅ ସବିତା ଏ ସମ୍ପର୍କରେ କୁତ୍ରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୮୫/୨୦୨୫)ରୁଜୁ କରିଛି। ଅଭିଯୁକ୍ତ ଝିଅ ମାନସିକସ୍ତରରେ ଭିନ୍ନକ୍ଷମ ବୋଲି କୁହାଯାଉଥିବାବେଳେ ଡାକ୍ତରୀ ପରୀକ୍ଷା ପରେ ସେ ମାନସିକ ଭିନ୍ନକ୍ଷମ କି ନୁହେଁ, ତାହା ଜଣାପଡ଼ିବ ବୋଲି ପୋଲିସ କହିଛି।

## Business

# ଟାଟା ଷ୍ଟିଲ୍ କଳିଙ୍ଗନଗର ଫେରୋକ୍ରୋମ୍ ପ୍ଲାଣ୍ଟକୁ ଅଧିଗ୍ରହଣକଲା ଇମ୍ଫା

ଭୁବନେଶ୍ୱର,୪।୧୧ (ଅନୁରାଧା ମହାରଣା)




ଟାଟା ଷ୍ଟିଲ୍ ଲିମିଟେଡ୍ (ଓଡ଼ିଶା)ର କଳିଙ୍ଗନଗରସ୍ଥିତ ଫେରୋକ୍ରୋମ୍ ପ୍ଲାଣ୍ଟ ଅଧିଗ୍ରହଣ ପାଇଁ ଦେଶର ପ୍ରମୁଖ ପୂର୍ଣ୍ଣ ସମନ୍ୱିତ ଫେରୋ ଆଲଏଜ୍ ଉତ୍ପାଦକ ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍(ଇମ୍ଫା) ଚୁକ୍ତି ସ୍ୱାକ୍ଷର କରିଛି। ୬୧୦ କୋଟି ଟଙ୍କାର ମୂଳ କ୍ରୟ ମୂଲ୍ୟ ସହ ଏହି ଅଧିଗ୍ରହଣ ସମ୍ପୂର୍ଣ୍ଣ ଭାବେ ଆଭ୍ୟନ୍ତରୀଣ ଅର୍ଥ ସଂଗ୍ରହ ମାଧମରେ ହେବ। ୧୧୫ ଏକର ଜମିରେ ବିଦ୍ୟମାନ ୬୬ ଏମ୍‌ଭିଏ (ବାର୍ଷିକ ୧,୦୦,୦୦୦ ଟନ୍) ଏବଂ ନିର୍ମାଣଧୀନ ୩୩ ଏମ୍‌ଭିଏ (ବାର୍ଷିକ ୫୦,୦୦୦ ଟନ୍) ସହ ମୋଟ ୯୯ ଏମ୍‌ଭିଏ ଫର୍ନେସ୍ କ୍ଷମତା ଅଧିଗ୍ରହଣ ହେଉଛି। ପଞ୍ଚମ ଫର୍ନେସ୍ କାର୍ଯ୍ୟକ୍ଷମ ହେଲେ ଆହୁରି ୧,୫୦,୦୦୦ ଟନ୍ ବାର୍ଷିକ ଉତ୍ପାଦନ ବୃଦ୍ଧିପାଇବ। ଏହାଦ୍ୱାରା ଇମ୍ଫାର ମୋଟ ସ୍ଥାପିତ କ୍ଷମତା ୦.୫ ନିୟୁତ ଟନ୍ ଅତିକ୍ରମକରି ଦେଶର ସର୍ବବୃହତ୍ ଏବଂ ବିଶ୍ୱର ଷଷ୍ଠ ବୃହତ୍ତମ ଫେରୋକ୍ରୋମ ଉତ୍ପାଦକ ହେବ। କ୍ୟାପ୍ଟିଭ କ୍ରୋମ୍ ଖଣି ଓ ଗ୍ରୀନ୍‌ଫିଲ୍ଡ ସମ୍ପ୍ରସାରଣ ସହ ଆର୍ଥିକ ସଞ୍ଚୟ ଓ ସମନ୍ୱୟ ତ୍ୱରାନ୍ୱିତ ହେବ। ଆର୍ଥିକ ବର୍ଷ ୨୦୨୬-୨୭ରେ ଉତ୍ପାଦନ ପ୍ରାୟ ୪,୦୦,୦୦୦ ଟନ୍ ଏବଂ ୨୮ରେ ପ୍ରାୟ ୪,୭୫,୦୦୦ ଟନ ହେବାର ଆଶା ରହିଛି। ଅନୁମୋଦନ ସପେକ୍ଷରେ ୩ ମାସ ମଧରେ କାରବାର ସମ୍ପୂର୍ଣ୍ଣ ହେବ। ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ଏହି ଅଧିଗ୍ରହଣ ସମ୍ପ୍ରସାରଣକୁ ଦ୍ରୁତ କରିବ ଏବଂ ଘରୋଇ ବଜାର ଭାଗୀଦାରି ବଢ଼ାଇବ। ଆଭ୍ୟନ୍ତରୀଣ ଅର୍ଥଯୋଗାଣ ବାଲାନ୍ସ ଶିଟ୍‌ର ସାମର୍ଥ୍ୟ ଦର୍ଶାଉଛି। ବୋର୍ଡ ଆର୍ଥିକ ବର୍ଷ ୨୬ର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ଅନୁମୋଦନକରି ୫୦% (ପ୍ରତି ଶେୟାର ୫ ଟଙ୍କା) ମଧବର୍ତ୍ତୀ ଲାଭାଂଶ ଘୋଷଣା କରିଛି। ରାଜସ୍ୱ ୭୧୮.୬୫ କୋଟି, ଇବିଟିଡିଏ ୧୩୮.୩୪ କୋଟି (୧୯.୨୫%), ପିଏଟି ୯୮.୭୭ କୋଟି (୧୩.୭୪%), ଇପିଏସ୍ ୧୮.୩୧ ଏବଂ ରପ୍ତାନି ୬୦୩.୯୬ କୋଟି ଟଙ୍କା। କ୍ରୋମ୍ ମୂଲ୍ୟ ବୃଦ୍ଧି ଓ ଦକ୍ଷିଣ ଆଫ୍ରିକାରେ ଉତ୍ପାଦନ ହ୍ରାସ ଯୋଗୁ ଫେରୋକ୍ରୋମ୍ ମୂଲ୍ୟ ବଢ଼ିଛି ବୋଲି ପଣ୍ଡା କହିଛନ୍ତି।

# ବଜାରରେ ନୂଆ ହ୍ୟୁଣ୍ଡାଇ ଭେନ୍ୟୁ

ଭୁବନେଶ୍ୱର,୪।୧୧




ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଆଇଏଲ୍) କମ୍ପାକ୍ଟ ଏସ୍‌ୟୁଭି ସେଗ୍‌ମେଣ୍ଟରେ ଏକ ବଡ଼ ପରିବର୍ତ୍ତନ ଆଣିଛି। ସମ୍ପୂର୍ଣ୍ଣ ନୂଆ ହ୍ୟୁଣ୍ଡାଇ ଭେନ୍ୟୁ ଏବଂ ହ୍ୟୁଣ୍ଡାଇ ଭେନ୍ୟୁ ଏନ୍ ଲାଇନ ନୂଆ ଡିଜାଇନ, ଅତ୍ୟାଧୁନିକ ଟେକ୍ନୋଲୋଜି ସହ ବଜାରରେ ଉପଲବ୍ଧ ହୋଇଛି। ସମ୍ବଲପୁର ପଡ଼ିଆପଲୀ ସ୍ଥିତ ଇନ୍‌ଫିନିଟି ହ୍ୟୁଣ୍ଡାଇ ପକ୍ଷରୁ ଏହାର ବଜାର ପ୍ରବେଶ କରାଯାଇଛି। ଇନ୍‌ଫିନିଟି ହ୍ୟୁଣ୍ଡାଇର ଏମ୍‌ଡି ପୱନ ସୁଲତାନିଆ, ସିଇଓ ଅଙ୍କିତ ସୁଲତାନିଆ, ଶୋ’ରୁମ୍ ମ୍ୟାନେଜର ରାହୁଲ ରାୟ, ସେଲ୍‌ସ ହେଡ୍ କୀର୍ତ୍ତିରଞ୍ଜନ ଜେନା, ସେଲ୍‌ସ ମ୍ୟାନେଜର(ଡିଜିଟାଲ) ଦୀପକ କୁମାର ସାହୁ, ସେଲ୍‌ସ ମ୍ୟାନେଜର ସଦାନନ୍ଦ ପଟେଲ ପ୍ରମୁଖଙ୍କ ଉପସ୍ଥିତିରେ ଏହାର ଉନ୍ମୋଚନ କରାଯାଇଛି। ଏହି ଡାଇନାମିକ୍ ଏସ୍‌ୟୁଭି ଦୁଇଟି ପ୍ରତ୍ୟେକ ଡ୍ରାଇଭକୁ ଅଧିକ ସ୍ମାର୍ଟ, ସୁରକ୍ଷିତ କରିବାରେ ହ୍ୟୁଣ୍ଡାଇର ଅଗ୍ରଗତିଶୀଳ ଦୃଷ୍ଟିଭଙ୍ଗୀକୁ ପ୍ରତିଫଳିତ କରୁଛି। ଏହାର ଏକ୍ସ-ଶୋ’ରୁମ୍ ମୂଲ୍ୟ ୭,୮୯,୯୦୦ ଟଙ୍କାରୁ ଆରମ୍ଭ ହୋଇଛି। ଲଞ୍ଚ ଅବସରରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର୍ ଉନ୍‌ସୁ କିମ୍ କହିଛନ୍ତି, ଏଚ୍‌ଏମ୍‌ଆଇଏଲ୍ ସାମ୍ପ୍ରତିକ ସମୟରେ ୪୫,୦୦୦ କୋଟି ଟଙ୍କାରୁ ଅଧିକ ନିବେଶର ଘୋଷଣା କରିଛି। ଅନ୍ୟପଟେ ନୂଆ ହ୍ୟୁଣ୍ଡାଇ ଭେନ୍ୟୁ ଏବଂ ହ୍ୟୁଣ୍ଡାଇ ଭେନ୍ୟୁ ଏନ୍ ଲାଇନ ଏକ ରୋମାଞ୍ଚକର ନୂଆ ଅଧ୍ୟାୟର ଆରମ୍ଭ କରୁଛି। ଏହା ପୁଣେ କାରଖାନାରୁ ପ୍ରଥମ ଉତ୍ପାଦ ଏବଂ ୨୦୩୦ ସୁଦ୍ଧା ୨୬ଟି ଉତ୍ପାଦ ମଧ୍ୟରୁ ପ୍ରଥମ। ଏଚ୍‌ଏମ୍‌ଆଇଏଲ୍‌ର ହୋଲ୍ ଟାଇମ ଡାଇରେକ୍ଟର ଏବଂ ସିଓଓ ତରୁଣ ଗାର୍ଗ କହିଛନ୍ତି, ୨୦୧୯ରେ ପ୍ରଦର୍ଶନ ହୋଇଥିବା ହ୍ୟୁଣ୍ଡାଇ ଭେନ୍ୟୁ ୭ ଲକ୍ଷରୁ ଅଧିକ ୟୁନିଟ୍ ବିକ୍ରି ହୋଇଛି। ସୂଚନା ଥାଉକି, ଏହି ଏସ୍‌ୟୁଭିର ବୁକିଂ ପୂର୍ବରୁ ଚାଲୁ ରହିଛି। ଡେଲିଭରି ନଭେମ୍ବର ୧୫ ପରେ ଆରମ୍ଭ ହେବ। ଏହା ଭାରତରେ ନିର୍ମାଣ ହୋଇ ୩୦ରୁ ଅଧିକ ବିଦେଶ ବଜାରକୁ ରପ୍ତାନି ହେବ।

# ହୋଣ୍ଡାର ୬,୫୦,୫୯୬ ୟୁନିଟ ଗାଡ଼ି ବିକ୍ରି

ଭୁବନେଶ୍ୱର,୪।୧୧

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ୨୦୨୫ ଅକ୍ଟୋବରରେ ମୋଟ ୬,୫୦,୫୯୬ ୟୁନିଟ୍ ବିକ୍ରି କରିଛି। ଏଥିମଧରେ ୫,୯୮,୯୫୨ ୟୁନିଟ୍ ଘରୋଇ ବଜାରରେ ବିକ୍ରି ଏବଂ ୫୧,୬୪୪ ୟୁନିଟ୍ ରପ୍ତାନି ଅନ୍ତର୍ଭୁକ୍ତ ରହିଛି। ଏଚ୍‌ଏମ୍‌ଏସ୍‌ଆଇ ମୋଟ ବିକ୍ରି କ୍ଷେତ୍ରରେ ୨୦୨୪ ଅକ୍ଟୋବର ତୁଳନାରେ ୯% ଇୟର-ଅନ-ଇୟର (ୱାଇଓୱାଇ) ଅଭିବୃଦ୍ଧି ଏବଂ ୨୦୨୫ ସେପ୍ଟେମ୍ବର ତୁଳନାରେ ମୋଟ ବିକ୍ରିରେ ୧୫% ଏମ୍‌ଓଏମ୍ ଅଭିବୃଦ୍ଧି ହାସଲ କରିଛି। ୨୦୨୫ ଏପ୍ରିଲ-ଅକ୍ଟୋବର ଅବଧିରେ ଇୟର-ଟୁ-ଡେଟ (ୱାଇଟିଡି) ଅବଧି ନିମନ୍ତେ ଏଚ୍‌ଏମ୍ ଏସ୍‌ଆଇ ମୋଟ ୩୬,୪୧,୬୧୨ ୟୁନିଟ୍ ବିକ୍ରି କରିଛି, ଯେଉଁଥିରେ ଘରୋଇ ବଜାରରେ ୩୨,୭୮,୪୫୧ ୟୁନିଟ୍ ଏବଂ ରପ୍ତାନି ୩,୬୩,୧୬୧ୟୁନିଟ୍ ରହିଛି।

# ଆକ୍ସିସ ଇନକମ ପ୍ଲସ ଆର୍ବିଟ୍ରେଜ ପାସିଭ ଏଫ୍‌ଓଏଫ୍

ଭୁବନେଶ୍ୱର,୪।୧୧

ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆକ୍ସିସ୍ ଇନ୍‌କମ୍ ପ୍ଲସ୍ ଆର୍ବିଟ୍ରେଜ୍ ପାସିଭ ଏଫ୍‌ଓଏଫ୍‌କୁ ଉନ୍ମୋଚନ କରାଯାଇଛି। ଏହାର ନୂଆ ଫଣ୍ଡ ଅଫର (ଏନ୍‌ଏଫ୍‌ଓ) ନଭେମ୍ବର ୧୧ରେ ଶେଷ ହେବ। ଏହି ଫଣ୍ଡକୁ ଫିକ୍ସଡ୍ ଇନ୍‌କମ୍‌ର ମୁଖ୍ୟ ଦେବାଙ୍ଗ ଶାହ, ବରିଷ୍ଠ ଫଣ୍ଡ ମ୍ୟାନେଜର ଆଦିତ୍ୟ ପାଗାରିଆ, ବରିଷ୍ଠ ଫଣ୍ଡ ମ୍ୟାନେଜର ହାର୍ଦ୍ଦିକ ଶାହ୍ର ଓ ଫଣ୍ଡ ମ୍ୟାନେଜର କାର୍ତ୍ତିକ କୁମାର ପରିଚାଳନା କରିବେ। ଟିକସ ପରବର୍ତ୍ତୀ ରିଟର୍ନରେ ଉନ୍ନତି ଆଣିବା ଓ ପ୍ରୋଫାଇଲ ବଜାୟ ରଖିବାକୁ ଚାହୁଁଥିବା ନିବେଶକମାନଙ୍କ ପାଇଁ ନୂଆ ଫଣ୍ଡକୁ ପ୍ରସ୍ତୁତ କରାଯାଇଛି। ଏଥିରେ ପାସିଭ ଫଣ୍ଡ ଆଧାରିତ ମ୍ୟୁଚୁଆଲ ଫଣ୍ଡ ସହ ଆର୍ବିଟ୍ରେଜ୍ ଫଣ୍ଡରେ ନିବେଶର ମିଶ୍ରଣ ରହି ଏକ ହାଇବ୍ରିଡ୍ ଢାଞ୍ଚା ସୃଷ୍ଟି କରାଯିବ ଯାହାର ଲକ୍ଷ୍ୟ ହେଉଛି ମଧବର୍ତ୍ତିକାଳୀନ ଭିତ୍ତିରେ ନିରନ୍ତର ରିଟର୍ନ ପ୍ରଦାନ କରିବ। ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ବି. ଗୋପକୁମାର କହିଛନ୍ତି, ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡରେ ଆମେ ସବୁବେଳେ ଅଭିନବ, ନିବେଶକ କୈନ୍ଦ୍ରିକ ସମାଧାନ ପ୍ରଦାନ କରିବାକୁ ଧ୍ୟାନ ଦେଉଛୁ।



ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ଏକ ୱାକାଥନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସିଆର୍‌ଏମ୍ ରାହୁଲ ଦୁବେ ଓ ଏଜିଏମ୍ ଅରବିନ୍ଦ କୁମାର ଝାଙ୍କ ସହ କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ସ୍ଥାନୀୟ ଶାଖା କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ୱାକାଥନ୍

ଭୁବନେଶ୍ୱର,୪।୧୧ (ଅନୁରାଧା ମହାରଣା)




ଇଣ୍ଡିଆନ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ‘ସତର୍କତା : ଆମର ସାମୂହିକ ଦାୟିତ୍ୱ’ ସମ୍ପର୍କିତ ଏକ ୱାକାଥନ୍ କରାଯାଇଥିଲା। କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଭୁବନେଶ୍ୱରର ଉପ-ମହାପ୍ରବନ୍ଧକ ରଣଞ୍ଜୟ ସିଂ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସୁମନ କୁମାର ଏବଂ ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ବିଶ୍ୱନାଥ ଦାସ ପତାକା ଦେଖାଇ ଏହି ୱାକାଥନ୍‌ର ଶୁଭାରମ୍ଭ କରିଥିଲେ। ଅଂଶଗ୍ରହଣକାରୀମାନେ ପ୍ଲାକାର୍ଡ ଏବଂ ବ୍ୟାନର ଧରି ସଚ୍ଚୋଟତା ଏବଂ ଦୁର୍ନୀତି ନିବାରଣ ବାର୍ତ୍ତା ଦେଇଥିଲେ। ଏହି ପଦଯାତ୍ରା ଶହୀଦନଗରର ମୁଖ୍ୟ ରାସ୍ତା ଦେଇ ଯାଇଥିଲା। ଆଞ୍ଚଳିକ ପ୍ରବନ୍ଧକ ସୁମନ କୁମାର କହିଥିଲେ, ସତର୍କତା କେବଳ ଗୋଟିଏ ବିଭାଗର ଦାୟିତ୍ୱ ନୁହେଁ ବରଂ ଏହା ପ୍ରତ୍ୟେକ କର୍ମଚାରୀଙ୍କ ସାମୂହିକ କର୍ତ୍ତବ୍ୟ। ଆମର ଲକ୍ଷ୍ୟ ହେଉଛି ଏକ ସତ୍ୟନିଷ୍ଠ ଓ ପାରଦର୍ଶିତାପୂର୍ଣ୍ଣ ସଂସ୍କୃତି ଗଠନ କରିବା, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ଏକ ଦୁର୍ନୀତିମୁକ୍ତ ସମାଜ ଗଠନରେ ଯୋଗଦାନ କରିପାରିବେ ବୋଲି ସେ କହିଥିଲେ।

# ପିଏନ୍‌ବି ପାଳିଲା ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୪।୧୧




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର କଟକ ସର୍କଲ ପକ୍ଷରୁ ସ୍ୱଚ୍ଛତା ଓ ସତ୍ୟନିଷ୍ଠତାକୁ ପ୍ରୋତ୍ସାହିତ କରିବା ପାଇଁ ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳନ କରାଯାଇଛି। ଏହି ଅବସରରେ ସର୍କଲ ପକ୍ଷରୁ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର କଟକ ସର୍କଲର ସର୍କଲ ମୁଖ୍ୟ ସୁଜିତ ନେଗୀ ଉପସ୍ଥିତ ଥିଲେ। ଏହି ୱାକାଥନ୍‌ରେ ସ୍ଥାନୀୟ ଅଞ୍ଚଳର ଶାଖା ମୁଖ୍ୟ ଓ ଅଧିକାରୀମାନେ ଯୋଗଦେଇ ସ୍ୱଚ୍ଛତା ଏବଂ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିଥିଲେ। ଅଂଶଗ୍ରହଣକାରୀମାନେ ବ୍ୟାନର ଧରି ଏବଂ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ନୈତିକ ମୂଲ୍ୟବୋଧ, ସ୍ୱଚ୍ଛତା ଏବଂ ସାମାଜିକ କଲ୍ୟାଣ ଉପରେ ଗୁରୁତ୍ୱଦେବାକୁ ବାର୍ତ୍ତା ଦେଇଥିଲେ।

# ବ୍ରହ୍ମପୁର-ପୁରୀ ମଧ୍ୟରେ ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ୍

**କାର୍ତ୍ତିକ ପୂର୍ଣ୍ଣିମା ଭିଡ଼**

ଭୁବନେଶ୍ୱର,୪।୧୧ (ଅନୁରାଧା ମହାରଣା)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ଦ୍ୱାରା ବ୍ରହ୍ମପୁର ଓ ପୁରୀ ମଧ୍ୟରେ ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ ଚଳାଚଳ କରାଯାଉଛି। ୦୮୪୧୭ ବ୍ରହ୍ମପୁର-ପୁରୀ ପାସେଞ୍ଜର ସ୍ୱତନ୍ତ୍ର ଟ୍ରେନ ମଙ୍ଗଳବାର ରାତି ୮ଟା ୩୫ରେ ବ୍ରହ୍ମପୁରରୁ ଛାଡ଼ିଥିବାବେଳେ ରାତ୍ରି ୧ଟା ୩୦ରେ ପୁରୀରେ ପହଞ୍ଚିଥିଲା। ସେହିପରି ୦୮୪୧୮ ପୁରୀ-ବ୍ରହ୍ମପୁର ପାସେଞ୍ଜର ସ୍ୱତନ୍ତ୍ର ଟ୍ରେନ ବୁଧବାର ଭୋର ୩ଟାରେ ପୁରୀରୁ ବ୍ରହ୍ମପୁର ଯାତ୍ରା କରିବ। ଅନ୍ୟ ଏକ ବିଶେଷ ଟ୍ରେନ ୦୮୪୧୮ ପୁରୀ-ବ୍ରହ୍ମପୁର ପାସେଞ୍ଜର ବିଶେଷ ଟ୍ରେନ ଗୁରୁବାର ସକାଳ ୫ଟାରେ ପୁରୀରୁ ବ୍ରହ୍ମପୁର ଯାତ୍ରା କରିବ। ଏହି ଯାତ୍ରୀବାହୀ ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ବ୍ରହ୍ମପୁର ଏବଂ ପୁରୀ ମଧ୍ୟରେ ଖୋର୍ଦ୍ଧା ରୋଡ୍ ଜଙ୍କସନକୁ ବାଇପାସ୍ କରି ଜଗନ୍ନାଥପୁର, ଛତ୍ରପୁର, ଗଞ୍ଜାମ, ହୁମା, ରମ୍ଭା, ଖଲିକୋଟ, ଚିଲିକା, ବାଲୁଗାଁ, ଗଙ୍ଗାଧରପୁର, କୁହୁଡ଼ି, କାଲୁପଡ଼ାଘାଟ, ଭୁସଣ୍ଡପୁର, ନିରାକାରପୁର, ଡାପଙ୍ଗ, କାଇପଦର ରୋଡ୍, ହରିପୁରଗ୍ରାମ, ମୋଟାରି, କଣାସ ରୋଡ୍, ବୀରପୁରୁଷୋତ୍ତମପୁର ଏବଂ ମାଳତୀପାଟପୁର ଆଦି ଷ୍ଟେଶନରେ ରହଣି କରିବ।

# ବେଙ୍ଗାଲୁରୁକୁ ସ୍ୱତନ୍ତ୍ର ଟ୍ରେନ୍ ସେବା

ଭୁବନେଶ୍ୱର,୪।୧୧ (ଅନୁରାଧା ମହାରଣା)

ପର୍ବପର୍ବାଣି ସମୟରେ ଯାତ୍ରୀ ଭିଡ଼ ବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ବେଙ୍ଗାଲୁରୁ ଓ ଦକ୍ଷିଣ ଭାରତମୁଖୀ ଯାତ୍ରୀଙ୍କ ପାଇଁ ଚାହିଦା ମୁତାବକ ସ୍ୱତନ୍ତ୍ର ଟ୍ରେନ ସେବା ଚାଲୁ କରିଛି। ଏହି ସେବା ମାଧ୍ୟମରେ ଯାତ୍ରୀମାନେ ପର୍ବ ପରେ ମଧ୍ୟ ସୁବିଧାଜନକ ଭାବେ ନିଜ ଗନ୍ତବ୍ୟ ସ୍ଥଳକୁ ଫେରିପାରିବେ। ଏହି ସବୁ ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟରେ ୦୮୫୫୧/୦୮୫୫୨ ଆରକୁ-ୟେଲହଙ୍କା-ଆରକୁ ତିଓଡ଼ି, ୦୮୫୫୫/୦୮୫୫୬ ଆରକୁ-ୟେଲହଙ୍କା-ଆରକୁ ତିଓଡ଼ି ସ୍ୱତନ୍ତ୍ର ଆରକୁ ଓ ୟେଲହଙ୍କା ମଧ୍ୟରେ ଦୁଭଭାଡ଼ା, ରାଜମହେନ୍ଦ୍ରୀ, ବିଜୟୱାଡ଼ା, ଗୁଣ୍ଟୁର, ଧର୍ମଭରମ ଏବଂ ଶ୍ରୀସତ୍ୟସାଇ ପ୍ରଶାନ୍ତି ନିଲୟମ ମଧ୍ୟରେ ରହଣି କରିବ। ୦୮୫୪୩ ଶ୍ରୀକାକୁଲମ ରୋଡ୍-ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ ସ୍ୱତନ୍ତ୍ର ଟ୍ରେନ୍ ଉଭୟ ପଟୁ ଶ୍ରୀକାକୁଲମ ଏବଂ ବେଙ୍ଗାଲୁରୁ ମଧ୍ୟରେ ବିଜୟନଗରମ, ବିଶାଖାପାଟଣା, ଦୁଭଭାଡ଼ା, ରାଜମହେନ୍ଦ୍ରୀ, ବିଜୟୱାଡ଼ା, ଗୁଣ୍ଟୁର, ଧର୍ମଭରମ ଏବଂ ଶ୍ରୀସତ୍ୟସାଇ ପ୍ରଶାନ୍ତି ନିଲୟମ ମଧ୍ୟରେ ରହଣି କରିବ। ୦୮୪୬୩ ଭୁବନେଶ୍ୱର-ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ, ତିଓଡ଼ି ସ୍ପେଶାଲ ଏକ୍ସପ୍ରେସ୍ ଉଭୟ ପଟୁ ଖୋର୍ଦ୍ଧାରୋଡ଼, ବ୍ରହ୍ମପୁର, ପଲାସା, ବିଜୟନଗରମ, ଦୁଭଭାଡ଼ା, ରାଜମହେନ୍ଦ୍ରୀ, ବିଜୟୱାଡ଼ା, ଧର୍ମଭରମ ଏବଂ ଶ୍ରୀସତ୍ୟସାଇ ପ୍ରଶାନ୍ତି ନିଲୟମ ଷ୍ଟେଶନରେ ରହଣି କରିବ। ୦୮୩୩୫/୦୮୩୩୬ ସମ୍ବଲପୁର-ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ-ସମ୍ବଲପୁର, ତିଓଡ଼ି ସ୍ପେଶାଲ ସମ୍ବଲପୁର ଏବଂ ବେଙ୍ଗାଲୁରୁ ମଧ୍ୟରେ ଉଭୟ ପଟୁ ବଲାଙ୍ଗୀର, ଟିଟିଲାଗଡ଼, ରାୟଗଡ଼ା, ବିଜୟନଗରମ, ଦୁଭଭାଡ଼ା ବିଜୟୱାଡ଼ା, ଧର୍ମଭରମ ଏବଂ ଶ୍ରୀସତ୍ୟସାଇ ପ୍ରଶାନ୍ତି ନିଲୟମ ଷ୍ଟେଶନରେ ରହଣି କରିବ। ୦୮୪୪୫ କଟକ-ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ ସ୍ୱତନ୍ତ୍ର ଟ୍ରେନ୍ କଟକ ଏବଂ ବେଙ୍ଗାଲୁରୁ ମଧ୍ୟରେ ଉଭୟ ପଟୁ ଖୋର୍ଦ୍ଧା ରୋଡ଼, ବ୍ରହ୍ମପୁର, ପଲାସା, ବିଜୟନଗରମ, ଦୁଭଭାଡ଼ା, ବିଜୟୱାଡ଼ା, ଧର୍ମଭରମ ଏବଂ ଶ୍ରୀସତ୍ୟସାଇ ପ୍ରଶାନ୍ତି ନିଲୟମ ଷ୍ଟେଶନରେ ରହିବ।

# 'ସୁନାମି ପାଇଁ ପ୍ରସ୍ତୁତ ରୁହନ୍ତୁ, ପ୍ରସ୍ତୁତିରେ ବିନିଯୋଗ କରନ୍ତୁ'




ସୁନାମି ଅନେକ ସମୟରେ ପ୍ରାଣଘାତୀ ହୋଇଥାଏ। ତେଣୁ ସୁନାମିକୁ ନେଇ ପୂର୍ବ ପ୍ରସ୍ତୁତି ଏବଂ ସଚେତନତା ଅନେକ ସମୟରେ ଏହାର ଭୟାବହତାକୁ ରୋକିବାରେ ସମର୍ଥ ହୋଇଥାଏ। ଏହି କ୍ରମରେ ପ୍ରତିବର୍ଷ ନଭେମ୍ବର ୫ରେ 'ବିଶ୍ୱ ସୁନାମି ସଚେତନତା ଦିବସ' ପାଳନ କରାଯାଉଛି। ସୁନାମିର ଭୟାବହତା, ଏହାର ପ୍ରଭାବ ଏବଂ ସୁନାମିକୁ ନେଇ ପ୍ରାରମ୍ଭିକ ଚେତାବନୀର ମହତ୍ତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୫ ଡିସେମ୍ବର ୨୨ରେ ପ୍ରଥମେ ସଂଯୁକ୍ତ ରାଷ୍ଟ୍ର ମହାସଭାର ପ୍ରସ୍ତାବ ଦ୍ୱାରା ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ନଭେମ୍ବର ୫କୁ ସୁନାମି ସଚେତନତା ଦିବସ ରୂପେ ପାଳନ କରିବା ନେଇ ସ୍ଥିର କରାଯାଇଥିଲା। ଏହାପରଠାରୁ ପ୍ରତିବର୍ଷ ଏହି ଦିବସକୁ ବିଭିନ୍ନ ଦେଶରେ ପାଳନ କରାଯିବା ସହିତ ବହୁ କାର୍ଯ୍ୟକ୍ରମ ମିଡ଼ିଆ ଜରିଆରେ ସଚେତନତା ପରିବ୍ୟାପ୍ତ କରିବାକୁ ଲୋକମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏକ ତଥ୍ୟ ଅନୁଯାୟୀ, ଗତ ୧୦୦ ବର୍ଷରେ ପ୍ରାୟ ୫୮ଟି ସୁନାମି ଆସିଛି ଏବଂ ଏଥିରେ ୨,୬୦,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ସେହିପରି ୧୯୯୮ରୁ ୨୦୧୮ ମଧ୍ୟରେ ସୁନାମି ପାଇଁ ୨୦୦ ଅରବ ଡଲାର କ୍ଷତି ହୋଇଛି। ତେଣୁ ସୁନାମି ଏବଂ ଏହାର ପୂର୍ବ ମୁକାବିଲା ନେଇ ସଚେତନତା ସୃଷ୍ଟି ହେବା ନିହାତି ଆବଶ୍ୟକ। ତେବେ ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସୁନାମି ପାଇଁ ପ୍ରସ୍ତୁତ ରୁହନ୍ତୁ, ପ୍ରସ୍ତୁତିରେ ବିନିଯୋଗ କରନ୍ତୁ'।

-ବନ୍ଦନା ସେଠୀ, ଭୁବନେଶ୍ୱର

# ଚିଲିକା, ଖମ୍ଭାଟ ଉପକୂଳରେ ୨ ଆମ୍ଫିପୋଡ୍ ପ୍ରଜାତି

ବ୍ରହ୍ମପୁର, ୪।୧୧ (ସୁବାସ ଚନ୍ଦ୍ର ପାଢ଼ୀ)



ସାମୁଦ୍ରିକ ଆମ୍ଫିପୋଡ ପ୍ରଜାତିର ମାଛ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ଓ ଗୁଜରାଟର ହେମଚନ୍ଦ୍ରାଚାର୍ଯ୍ୟ ଉତ୍ତର ଗୁଜରାଟ ବିଶ୍ୱବିଦ୍ୟାଳୟ ଦ୍ୱାରା ଚିଲିକା ଲାଗୁନ ଓ ଖମ୍ଭାଟ ଉପକୂଳରୁ ୨ଟି ନୂତନ ସାମୁଦ୍ରିକ ଆମ୍ଫିପୋଡ (ଚିଙ୍ଗୁଡ଼ି ପରି କ୍ରଷ୍ଟେସିଆ) ପ୍ରଜାତିର ମାଛ ଆବିଷ୍କୃତ ହୋଇଛି। ଗତବର୍ଷ ଜାନୁଆରୀରେ ଗଞ୍ଜାମ ଜିଲା ରମ୍ଭା ନିକଟବର୍ତ୍ତୀ ଚିଲିକା ଲାଗୁନରୁ ସଂଗୃହୀତ ପ୍ରଥମ ପ୍ରଜାତି ଗ୍ରାଣ୍ଡିଡେରେଲା ଗୀତାଞ୍ଜଲିକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଡ.ଗୀତାଞ୍ଜଳି ଦାଶଙ୍କ ସମ୍ମାନାର୍ଥେ ଏହି ନାମକରଣ କରାଯାଇଛି। ସମୁଦ୍ର ବିଜ୍ଞାନ ବିଭାଗର ସହାୟକ ଅଧ୍ୟାପକ ଶେଷଦେବ ପାତ୍ରଙ୍କ ନେତୃତ୍ୱରେ ଏହି ଅନୁସନ୍ଧାନ କରାଯାଇଥିଲା। ଦ୍ୱିତୀୟ ପ୍ରଜାତି ଗ୍ରାଣ୍ଡିଡେରେଲା ଖମ୍ଭାଟେନ୍ସିସ ଗତ ବର୍ଷ ମାର୍ଚ୍ଚରେ ଗୁଜରାଟର ଖମ୍ଭାଟ ଉପକୂଳରୁ ସଂଗୃହୀତ ହୋଇଥିଲା ଏବଂ ଏହାର ପ୍ରକୃତ ସ୍ଥାନକୁ ସମ୍ମାନ ଦେଇ ଏହି ନାମ ରଖାଯାଇଛି। ଏହି ୨ଟି ପ୍ରଜାତି ମାଛର ଆକାର ୫.୫ରୁ ୬ ମି.ମି.। ଉଭୟ ଡେଟ୍ରିଟିଭୋରସ ଜୈବ ପଦାର୍ଥ ଖାଇ ପରିବେଶ ସ୍ୱାସ୍ଥ୍ୟ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଗବେଷଣ ସଂଗୃହୀତ ନମୁନାଗୁଡ଼ିକୁ ଦୁଇଟି ବିଶ୍ୱବିଦ୍ୟାଳୟ ଲାବ୍‌ରେ ପରୀକ୍ଷା କରାଯାଇଥିଲା। ଅନୁସନ୍ଧାନ ସହଯୋଗୀ ଓ ଗବେଷଣା ଛାତ୍ରୀ ଗୀତାଞ୍ଜଳି ଭୋଇ କହିଛନ୍ତି, ବିଶ୍ୱବିଦ୍ୟାଳୟ ଲାବ୍‌ରେ ବିସ୍ତୃତ ସର୍ଭେ ଓ ପରୀକ୍ଷା ପରେ ଆମେ ନିଶ୍ଚିତ ହୋଇଛୁ ଯେ, ଏହି ପ୍ରଜାତିଗୁଡ଼ିକ ବିଶ୍ୱର ଅନ୍ୟ କୌଣସି ପ୍ରଜାତିରୁ ଭିନ୍ନ ଏବଂ ନୂତନ। ଆୟର୍ଲାଣ୍ଡ ୟୁନିଭର୍ସିଟି କଲେଜ କର୍କର ଆମ୍ଫିପୋଡ ଟାକ୍ସୋନୋମିଷ୍ଟ ଆଲାନ ମାୟର୍ସଙ୍କ ଦ୍ୱାରା ଏହି ପ୍ରଜାତି ଚିହ୍ନଟ ନିଶ୍ଚିତ କରାଯାଇଛି। ଏହି ଅନୁସନ୍ଧାନ ଦଳରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଆର୍.ଜିଜଣ କୁମାର, ଗୁଜରାଟ ବିଶ୍ୱବିଦ୍ୟାଳୟରୁ ଜିଗ୍ନେଶ କୁମାର, ଏନ୍. ତ୍ରିବେଦୀ, ଡିମ୍ପଲ ଥାକର୍ ଓ ଆଲାନ ମାୟର୍ସ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ପାତ୍ର ଓ ଭୋଇଙ୍କ ଦଳ ଚିଲିକା ଓ ଜଳାଶୟରୁ ୪ଟି ଏବଂ ପଶ୍ଚିମବଙ୍ଗ ତଟରୁ ଏକ ସାମୁଦ୍ରିକ ଆମ୍ଫିପୋଡ ଆବିଷ୍କାର କରିଥିଲେ। ଇତିମଧ୍ୟରେ ନଳବନ ନିକଟବର୍ତ୍ତୀ ସାମୁଦ୍ରିକ ଶୈବାଳରୁ କ୍ୱାଡ୍ରିଭିସିଓ ଚିଲିକେନ୍ସିସ ଏବଂ ବରକୁଲ ବେଳାଭୂମିରୁ ଡେମାଓକେଷ୍ଟିଆ ଆଲାନେନ୍ସିସ ଆବିଷ୍କୃତ ହୋଇଥିଲା। ପଶ୍ଚିମବଙ୍ଗରୁ ଟାଲର୍କେଷ୍ଟିଆ ମଧ୍ୟ ଆବିଷ୍କୃତ ହୋଇଛି ବୋଲି ପାତ୍ର କହିଛନ୍ତି। ଏହି ଆବିଷ୍କାର ଓଡ଼ିଶାର ସାମୁଦ୍ରିକ ଜୈବ ବିବିଧତାର ଗୁରୁତ୍ୱ ପ୍ରମାଣିତ କରିଛି।

# ଡାକ୍ତରଖାନାରୁ ୧୧ଦିନର ଶିଶୁପୁତ୍ର ଉଦ୍ଧାର

**ସରକାରୀ ନିୟମ ଖିଲାପ କରି ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦମ୍ପତିଙ୍କ ନାମରେ ଅଭିଯୋଗ**

ନବରଙ୍ଗପୁର,୪।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଡାକ୍ତରଖାନାରୁ ଶିଶୁ ଉଦ୍ଧାର। ସରକାରୀ ନୀତି ନିୟମ ନମାନି ପୋଷ୍ୟଭାବେ ଗ୍ରହଣ କରିଥିବା ଯୁବକ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଉମରକୋଟ ଥାନାରେ ଚାଇଲ୍ଡ ଲାଇନ ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ଉମରକୋଟ ଗୁଲିପାଟଣା ଅଞ୍ଚଳର ଜାନି ସୁନୀଲ କୁମାର ୧୧ଦିନର ଶିଶୁ ପୁତ୍ରକୁ ଚିକିତ୍ସା ପାଇଁ ଉମରକୋଟ ମେଡିକାଲରେ ୪ ଦିନ ତଳେ ଭର୍ତ୍ତି କରିଥିଲେ। ଡାକ୍ତର ଶିଶୁର ଜନ୍ମ ତାରିଖ, ଟିକାକରଣ ତାରିଖ, ମାଆଙ୍କ ନାମ ଆଦି ପଚାରିଥିଲେ। କାହାର ଶିଶୁ ପୁତ୍ର ତାହା ମଧ୍ୟ ଜାନି ସୁନୀଲ କୁମାର କହିନଥିଲେ। ଏ ନେଇ ଡାକ୍ତର ସିଡିଏମ୍‌ଓ ଡା ସନ୍ତୋଷ କୁମାର ପଣ୍ଡାଙ୍କୁ ଜଣାଇଥିଲେ। ସିଡିଏମ୍‌ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଜ୍ଜନାୟକଙ୍କୁ ସୂଚନା ଦେଇଥିଲେ। ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ପରେ ତୁରନ୍ତ ଏକ ଟିମ୍ ଗଠନ କରାଯାଇଥିଲା। ଟିମ୍‌ରେ ଶିଶୁ ମଙ୍ଗଳ କମିଟି ସଭ୍ୟ ରବୀନ୍ଦ୍ର ପ୍ରଧାନ, ମ୍ୟାନେଜର ସାଗର ପଜ୍ଜନାୟକ, ଚାଇଲ୍ଡଲାଇନ କାଉନ୍‌ସିଲର ନୀହାରିକା ଟାକ୍ରୀ ଶିଶୁପୁତ୍ରକୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି ଅଧୀନରେ ରଖିଛନ୍ତି। ବେଆଇନ ଭାବେ ଶିଶୁ ପୁତ୍ରକୁ ପୋଷ୍ୟ ଗ୍ରହଣ କରିବା ଉଦ୍ଦେଶ୍ୟ ଥିବାରୁ ଥାନାରେ ଅଭିଯୋଗ କରାଯାଇଥିବା ସୂଚନା ମିଳିଛି। ସରକାରୀ ନିୟମକୁ ଖିଲାପ କରି ଏହିଭଳି ପୋଷ୍ୟ ସନ୍ତାନ ଗ୍ରହଣ କରିଥିଲେ ନିୟମ ଅନୁଯାୟୀ ନ୍ୟାୟସଙ୍ଗତ କାଗଜ ପତ୍ର କରେଇ ନିଅନ୍ତୁ। ନଚେତ ଆଗାମୀ ଦିନରେ ଧରପଗଡ଼ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଜ୍ଜନାୟକ କହିଛନ୍ତି।

# ଆଇରନ କମ୍ପାନୀରେ ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ, ସୁସ୍ଥଥିବା କହୁଛନ୍ତି କର୍ତ୍ତୃପକ୍ଷ

ଅନୁଗୋଳ,୪।୧୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଶ୍ରୀ ମେଟାଲିକ୍ ଆଇରନ କମ୍ପାନୀରେ ମଙ୍ଗଳବାର ସକାଳେ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ପୋଲିସ ସୂଚନା ଦେଉଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ସମ୍ପୃକ୍ତ ଠିକା ଶ୍ରମିକ ସୁସ୍ଥ ଥିବା କହୁଛନ୍ତି। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ପୋଲିସ ପ୍ରକାଶ କରିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟାରେ କମ୍ପାନୀର ରୋଲିଂ ମିଲ୍ ସାଇଡ୍‌ରେ ଦୁର୍ଘଟଣା ଘଟିଥିଲା। ଲୁହା ଛଡ଼ ଗଳିଯିବାରୁ ଜଣେ ଠିକା ଶ୍ରମିକ ଗୁରୁତର ହୋଇଥିଲେ। ଅନ୍ୟ ଶ୍ରମିକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ହିନ୍ଦୋଳ ନିକଟରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ କୁହାଯାଉଛି। ଏ ସମ୍ପର୍କରେ କମ୍ପାନୀର ଜଣେ ଅଧିକାରୀ ମୁକେଶ କୁମାର ସିଂ କହିଛନ୍ତି, ଦୁର୍ଘଟଣାରେ ଗୁରୁତର ହୋଇଥିବା ଶ୍ରମିକଙ୍କୁ କଟକରେ ଚିକିତ୍ସା କରାଯାଉଛି ଏବଂ ସେ ସୁସ୍ଥ ଅଛନ୍ତି। ଘଟଣା ସମ୍ପର୍କରେ ଜଣେ ଶ୍ରମିକ ନେତା କହିଛନ୍ତି, ଉକ୍ତ କମ୍ପାନୀରେ ସୁରକ୍ଷା ନିୟମ ପାଳନ କରାଯାଉନାହିଁ। ଅନେକ ସମୟରେ ଘଟୁଥିବା ଦୁର୍ଘଟଣାକୁ କମ୍ପାନୀ କର୍ତ୍ତୃପକ୍ଷ ଚାପି ଦେବାକୁ ଚେଷ୍ଟା କରୁଛନ୍ତି। ତେବେ ନିଶା ଶିଳ୍ପାଞ୍ଚଳ ପୋଲିସ ଘଟଣା ସମ୍ପର୍କରେ ତଦନ୍ତ କରୁଥିବା ପ୍ରକାଶ କରିଛି।

# କାଳୁ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟଣା: ଚିକିତ୍ସାଧୀନ ଫ୍ୟାକ୍ଟ୍ରି ମାଲିକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୪।୧୧ (ଗିରିଧାରୀ ପଣ୍ଡା)

ଗଜପତି ଜିଲା ଗୋଶାଣି ବ୍ଲକ ଗାରାବନ୍ଧ ଥାନା ଲାବଣ୍ୟଗଡ଼ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଦିପାବଳୀ ଦିନ ବିଳମ୍ବିତ ରାତିରେ କାଳୁ ଫ୍ୟାକ୍ଟ୍ରିରେ ଘଟିଥିବା ଅଗ୍ନିକାଣ୍ଡରେ ପୋଡିହୋଇ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଫ୍ୟାକ୍ଟ୍ରି ମାଲିକ ବି. ଜଗନ୍ନାଥ ରାଓଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଦିପାବଳୀ ଦିନ ରାତିରେ ଜଗନ୍ନାଥପୁରଠାରେ ଥିବା ଜଗନ୍ନାଥଙ୍କ କାଳୁ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ମାଲିକ ଜଗନ୍ନାଥ ପହଞ୍ଚି ଫ୍ୟାକ୍ଟ୍ରି ଫାଟକକୁ ଖୋଲି ଦେଇଥିଲେ। ଫଳରେ ନିଆଁ ଝାସରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଲୋକେ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ। ତାଙ୍କର ମୃତ୍ୟୁ ଘଟିଥିଲା। ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ଅଣାଯାଇଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଗାରାବନ୍ଧ ଥାନାରେ ୬୭/୨୫ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଶାନ୍ତ ସିକା କହିଛନ୍ତି।


## ODISHA JOINT ENTRANCE EXAMINATION - 2025 (OJEE -2025)

No.OJEE/641 — Date:29/10/2025

**NOTICE**

**No.h-12:** It is to inform all concerned related to MBBS/ BDS counselling for the session 2025-26. Due to some technical issue in the web portal http://ojee.nic.in (OJEE activity website) all the recent notices related to MBBS/ BDS 3rd round allotment and for other activities are published in the website www.odishajee.com. Therefore, It is hereby informed all the concerned to visit www.odishajee.com for all recent notices related to MBBS/ BDS counselling activities and keep track of the website for any updated news.

Sd./- Chairman, OJEE

OIPR-

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, BHUBANESWAR

Ph. No.-0674-23017, Fax No.-0674-23009, E.Mail I.D.-eerw_bsr@yahoo.co.in

No.O-1243
NO:-Tender-Online-BBSR Divn.-23 — Date : 27.10.2025

**e-Procurement Notice**

1. Name of the work : Constn./Repair & Renovation of other works
2. Total No. of Road & Building : 94 Nos. of works
3. Class of contractor
   a) Above Rs.20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs.40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs.1.69 lakh to Rs.30.66 lakh
5. Time for completion : As per annexure of TCN
6. Other details

| Procurement Officer | Bid Identification No. | Availability of Tender online for Bidding From | To | Date & Time of opening of tender |
|---|---|---|---|---|
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-23 | 01.11.2025 at 11.00 A.M. | 12.11.2025 up to 5.00 P.M. | 13.11.2025 at 11.00 A.M. |

Further details can be seen from the website www.tendersorissa.gov.in

Sd/- Superintending Engineer Rural Works Divn., BBSR

OIPR-

## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
### INVITATIONS FOR BIDS (IFB)

E-mail ID:cebuildings_orissa@yahoo.co.in, cebuildings@rediffmail.com Tel.-(0674)-2391523
Letter No.B-II-Rev.-18/2024 Lr.No.40740 /Bhubaneswar 25th Oct.,2025

No.B-649: **Invitation For Bids**

**REQUEST FOR PROPOSAL (RFP)**

**RFP Identification No: C.E. (B)- 27/2025-26**

Chief Engineer (Buildings-I), Odisha on behalf of Government of Odisha invites proposals from experienced and reputed Consulting firms to provide Consultancy Services for Supervision Works for the work **"Construction of New Collectorate Building, Cuttack (G/S+5 Floors) on Turnkey Basis in the State of Odisha."**

| | | |
|---|---|---|
| 1. | Supervision Consultancy Services for the work "Construction of New Collectorate Building, Cuttack (G/S+5 Floors) on Turnkey Basis in the State of Odisha." | |
| 2. | Nature of Work | Supervision Consultancy Services |
| 3. | Bid Cost | Rs.10,000/- |
| 4. | Availability of Bid documents in the website | From 03.11.2025 to 05.00 PM of 17.11.2025 |
| 5. | Pre-Bid Meeting | Dt.10.11.2025 at 11.30 AM. |
| 6. | Last date for receiving Hard Copy | Dt.24.11.2025 at 05.00 PM |
| 7. | Date of Opening of Bid | Dt.25.11.2025 at 11.00 AM |
| 8. | The Bidders have to participate in ONLINE bidding only and bidder must possess compatible Digital Signature Certificate (DSC) of Class-II or Class-III. Further details can be seen from the website: https://tenderso-disha.gov.in. Any addendum/corrigendum/cancellation of tender can also be seen in the said website. | |

Sd/- Chief Engineer (Buildings-I), Odisha, Bhubaneswar

OIPR-

## GOVT. OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER RAYAGADA IRRIGATION DIVISION, RAYAGADA

No.A-817

(email id : sergdirr@gmail.com)

**e-Procurement Notice No.SE-RID-01/2025-26**

| | | |
|---|---|---|
| 1. | Type of works | Flood Protection works |
| 2. | Total number of Packages | 7 (Seven) Nos. |
| 3. | Estimated Cost | Rs.38.55 lakhs to Rs.42.20 lakhs |
| 4. | Bid Identification No. | RID-1/2025-26, RID-2/2025-26, RID-3/2025-26, RID-4/2025-26, RID-5/2025-26, RID-6/2025-26, RID-7/2025-26 |
| 5. | Period of completion | 7 (Seven Calendar) months |
| 6. | Availability & submission of bids online | From 11.00 A.M. of 03.11.2025 to 5.00 P.M. of 12.11.2025 |
| 7. | Date of Opening of Technical Bids | 13.11.2025 at 11.00 A.M. in the, O/o the Superintending Engineer, Rayagada Irrigation Division, Rayagada |
| 8. | Procurement Officer | Superintending Engineer, Rayagada Irrigation Division, Rayagada |
| 9 | Further details can be seen from Govt. Website www.tendersorissa.gov.in and any addendum/corrigendum/cancellation will be published in the said website. | |

The Authority reserve the right to reject/cancel any or all the tenders without assigning any reason thereof.

Sd./- Superintending Engineer Rayagada Irrigation Division, Rayagada

OIPR-

## GOVT. OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH

E-mail: eerw_ptng@yahoo.in, Phone No.-06658-222121

No.O-1245: **e-Procurement Notice**

BID IDENTIFICATION NO. EEPTNG-Online-09/2025-26

| | | |
|---|---|---|
| 1 | Name of Work | Special Repair of Road Works |
| 2 | Total No. of Work | 03 (Three) No. Works |
| 3 | Time for Completion | 02 (Two) Calendar Months |
| 4 | Approximate estimated Cost | 50.85 to 59.32 Lakhs |
| 5 | Mode of Submission of tender | Tender should be submitted online in www.tendersorissa.gov.in |
| 6 | Other details are as follow | |

| Procurement Officer | Bid Identification No. | Availability of Tender Online for bidding From | To | Last date and time for seeking tender clarification | Date & Time of opening of tender Technical Bid | Financial Bid |
|---|---|---|---|---|---|---|
| Executive Engineer, R.W.Divn. Patnagarh | EEPTNG- Online-09/2025-26 | 30.10.2025 at 11.00 A.M. | 12.11.2025 upto 5.00 PM | 11.11.2025 upto 5.00 P.M. | 13.11.2025 at 11.00 A.M. | The date will be intimated to the technically qualified bidders later |

- Further details can be seen from the website www.tendersorissa.gov.in
- Any Corrigendum/ Addendum will be displayed in the above e tender website only.

Sd/- Executive Engineer, R.W.Division, Patnagarh

OIPR-

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, EASTERN CIRCLE - II, CHANDIKHOLE

No.A-820

Email ID : seec2chandikhole@gmail.com

**"e" Procurement Notice No. ACE, EC-II 07 of 2025-26 (On-line)**

| | | |
|---|---|---|
| 1 | Name of Work | Work list attached in the Technical Bid Document |
| 2 | Total No. of Package | 10 nos. of individual package |
| 3 | Tender Cost of Packages varies from | Rs.209.97 Lakhs to Rs.841.56 Lakhs |
| 4 | Cost of Bid Document | Rs. 10,000/- (On-line Payment) |
| 5 | Bid Security varies from | Rs. 2,10,000/- to Rs. 8,41,600/- |
| 6 | Class of Contractor | "A" Class for Sl. No. 1 to 4 & "B" & "A" Class for Sl. No. 5,6,7,8 & 10 & "A" & Special Class for Sl. No. 9 (Work list attached in the Bid Document) |
| 7 | Period of completion | 06 (Six) Calendar months for Sl. No. 1 to 8 and 10 and 12 (Twelve) Calendar Months for Sl. No. 9 |

8. Other details are as follows

| Procurement Officer | Availability of Tender On-line for bidding From | To | Date of Opening of Technical Bid (Cover-I) |
|---|---|---|---|
| Additional Chief Engineer, Eastern Circle-II, Chandikhole | 01.11.2025 at 10 A.M. | 16.11.2025 up to 5.00 P.M. | 17.11.2025 at 11.30 A.M. |

9. e-mail id : seec2chandikhole@gmail.com
10. Further detailed conditions can be seen from the Govt. website www.tendersorissa.gov.in
11. Any corrigendum/addendum/cancellation of tender to the above notice if any can be seen from the above website.

Sd./- Additional Chief Engineer Eastern Circle-II, Chandikhole

OIPR-

## ODISHA LIFT IRRIGATION CORPORATION LTD.
(A GOVERNMENT OF ODISHA UNDERTAKING)

Plot No.N-17/2, Nayapalli, Bhubaneswar- 751 012
Phone No. : (0674) 2390195 (Off), Fax No. : (0674) 2395844,
E-Mail ID : olicltd123@bsnl.in, olicltd@ymail.com, http://odishalift.com

**NATIONAL COMPETITIVE BIDDING THROUGH e-Procurement (Re-Bid)**

No.IT-108/2025/8864/OLIC, Dated : 03.11.2025

No.CAD-2182 : The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of deep borewells in Kandhamal district of Odisha state. Interested Bidders may visit website : www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under :**

| | | |
|---|---|---|
| A. | Brief description of work | Installation, electrification, energisation & commissioning of Deep borewells in Kandhamal district (01 Package) |
| B. | Estimated cost of works | Rs.332.45 Lakhs |
| C. | Date and time of availability of bid document in the portal | From Dt. 04.11.2025 to Dt. 26.11.2025 (Up to 17.00 Hours) |
| D. | Last date / time for receipt of bid in the Portal | Dt. 26.11.2025 (Up to 17.00 Hours) |
| E. | Last date of seeking clarification | Dt. 14.11.2025 Up to 17.00 Hours |
| F. | Technical Bid will be opened on | Dt. 27.11.2025 at 11.00 Hours |

Any Addendum / corrigendum / Cancellation of tender will be available in the said website. Authority reserves the right to accept/reject any or all the tenders, may increase or decrease the quantities of work put to bidding without assigning any reasons thereof.

Sd./- MANAGING DIRECTOR OLIC LTD, BHUBANESWAR

OIPR-

## ODISHA LIFT IRRIGATION CORPORATION LTD.
(A GOVERNMENT OF ODISHA UNDERTAKING)

Plot No.N-17/2, Nayapalli, Bhubaneswar- 751 012
Phone No. : (0674) 2390195 (Off), Fax No. : (0674) 2395844,
E-Mail ID : olicltd123@bsnl.in, olicltd@ymail.com, http://odishalift.com

**NATIONAL COMPETITIVE BIDDING THROUGH e-Procurement (Re-Bid)**

No.IT-110/2025-8878/OLIC, Dated : 03.11.2025

No.CAD-2180 : The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of deep bore wells in different districts of Odisha state. Interested Bidders may visit website : www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under :**

| | | |
|---|---|---|
| A. | Brief description of work | Installation, electrification, energisation & commissioning of Deep borewells in Ganjam & Balasore districts (02 Packages) |
| B. | Estimated cost of works | Varies from Rs.162.95 Lakhs to Rs. 793.30 Lakhs |
| C. | Date and time of availability of bid document in the portal | From Dt. 04.11.2025 to Dt. 26.11.2025 (Up to 17.00 Hours) |
| D. | Last date / time for receipt of bid in the Portal | Dt. 26.11.2025 (Up to 17.00 Hours) |
| E. | Last date of seeking clarification | Dt. 14.11.2025 Up to 17.00 Hours |
| F. | Technical Bid will be opened on | Dt. 27.11.2025 at 11.00 Hours |

Any Addendum / corrigendum / Cancellation of tender will be available in the said website. Authority reserves the right to accept/reject any or all the tenders, may increase or decrease the quantities of work put to bidding without assigning any reasons thereof.

Sd./- MANAGING DIRECTOR OLIC LTD, BHUBANESWAR

OIPR-

## Government of Odisha
## Office of the Chief Construction Engineer Rural Works Circle, Sambalpur

E-mail Id serwcirclesbp@yahoo.com

**Bid Identification No. Road Tender Online RWCSBP-20 No: 3839 Dated:23.10.2025**

No.O-1260: The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 04 (Four) nos of Road Work under "MMSY-Improvement to Existing RD Roads for the year 2025-26.

| | | |
|---|---|---|
| 1. | Name of work | "MMSY-Connection Missing Road Links (CMRL)" for the year 2025-26 |
| 2. | No. of work | 04 (Four) Nos. of Road Works Details as per DTCN |
| 3. | Estimated cost | Approximately Cost Rs.481.67 Lakhs to Rs.759.33 Lakhs |
| 4. | Class of Contractor | 'A' & Special Class |
| 5. | Cost of tender paper and mode of deposit | Rs. 10,000/- per set.( to be deposited On-line) in favour of concerned Executive Engineer |
| 6. | Mode of submission of tender | Tender should be submitted only Online in website www.tendersorissa.gov.in. (https//tendersodisha.gov.in) |
| 7. | EMD and mode of deposit | 1% of estimated cost of the work to be deposited online as mentioned in DTCN |

8 Summary of key dates are provided below :

| Procurement Officer | Bid Identification No. | Availability of Tender online for bidding From | To | Last date & time for seeking clarification | Date & Time of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-20/2025-26 | 03.11.2025 From 11.00 A.M. | 17.11.2025 Upto 5.00 PM. | 15.11.2025 Upto 5.00 PM. | 18.11.2025 at 11.00 AM | To be intimated later |

- Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
- Subsequent modification / corrigendum/ Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

Sd./- Chief Construction Engineer, Rural Works Circle, Sambalpur

OIPR-

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ବଦ୍ରିନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିନ ୱିଲିଅମ୍ସଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ

**ହରାରେ, ୪।୧୧:** ଜିମ୍ବାୱେର ସିନିୟର ଅଲରାଣ୍ଡର ସିନ ୱିଲିଅମ୍ସଙ୍କୁ ଆଉ ଜାତୀୟ ଦଳ ଲାଗି ଚୟନ କରାଯିବ ନାହିଁ। ଏ ନେଇ ଜିମ୍ବାୱେ କ୍ରିକେଟ୍ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଆଇସିସି ମେନ୍ସ ଟି୨୦ ୱାର୍ଲ୍ଡକପ୍ ଆଫ୍ରିକା କ୍ୱାଲିଫାୟର ଟୁର୍ନାମେଣ୍ଟରୁ ସେ ଓହରିଯିବା ପରେ ବୋର୍ଡ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ୱିଲିଅମ୍ସ ନିଜ ଆଡ୍ଡୁ ରେହାବିଲିଟେଶନରେ ପ୍ରବେଶ କରିଛନ୍ତି।

# ଦ୍ରାବିଡ୍‌ଙ୍କ ପୁଅ ଖେଳିବେ

ନୂଆଦିଲ୍ଲୀ, ୪।୧୧ (ପି.ଟି.)

ହାଇଦ୍ରାବାଦରେ ବୁଧବାରଠାରୁ ଆରମ୍ଭ ହେବାକୁଥିବା ୧୯ ବର୍ଷରୁ କମ୍ ପୁରୁଷ ଦିନିକିଆ ଚ୍ୟାଲେଞ୍ଜର ଟ୍ରଫି ଲାଗି ମଙ୍ଗଳବାର ଘୋଷଣା କରାଯାଇଥିବା ୪ଟି ଦଳ ମଧ୍ୟରେ ଗୋଟିଏ ଦଳରେ ଭାରତର କିମ୍ବଦନ୍ତୀ ବ୍ୟାଟର ରାହୁଲ ଦ୍ରାବିଡଙ୍କ ସାନ ପୁଅ ଅନ୍‌ଭୟଙ୍କୁ ସ୍ଥାନ ମିଳିଛି। ଟପ୍ ଅର୍ଡର ବ୍ୟାଟର ତଥା ଉଇକେଟକିପର ଟୁର୍ନାମେଣ୍ଟ ପାଇଁ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛନ୍ତି। ଅନ୍‌ଭୟଙ୍କ ବଡ଼ ଭାଇ ସମିତ ହେଉଛନ୍ତି ଜଣେ ଟପ୍ ଅର୍ଡର ବ୍ୟାଟର।

# ଆଇସିସି ବୈଠକରେ ଯୋଗ ନ ଦେଇପାରନ୍ତି ନକ୍‌ଭି

## ଏସିଆ କପ୍ ଟ୍ରଫି ବିବାଦ

କରାଚୀ, ୪।୧୧(ପି.ଟି.)

ଏସିଆ କପ୍ ଟ୍ରଫିକୁ ନେଇ ଲାଗିରହିଥିବା ବିବାଦ ଏକ ରୋଚକ ମୋଡ଼ ନେବାକୁ ଯାଉଛି। ଦୁବାଇରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଆଇସିସିର ବୋର୍ଡ ମିଟିଂରେ ଚାମ୍ପିୟନ ଭାରତୀୟ ପୁରୁଷ କ୍ରିକେଟ ଦଳକୁ ଟ୍ରଫି ପ୍ରଦାନ ନ କରାଯିବା ବିଷୟକୁ ବିସିସିଆଇ ଉଠାଇବାକୁ ଯାଉଥିବା ବେଳେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ସଭାପତି ପାକିସ୍ତାନର ମହସିନ ନକ୍‌ଭି ଏହି ବୈଠକରେ ଯୋଗ ଦେବେ ନାହିଁ ବୋଲି ସୂଚନା ମିଳିଛି। ନକ୍‌ଭି ପାକିସ୍ତାନର ରାଜନୈତିକ ସମସ୍ୟା କାରଣରୁ ୪ ଦିନିଆ ବୈଠକରେ ଯୋଗ ଦେଇପାରିବେ ନାହିଁ। ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁ ରାଜନୈତିକ ସମସ୍ୟା କାରଣରୁ ସେ ଯାଇ ପାରିବେ ନାହିଁ, ତାହା ସ୍ପଷ୍ଟ କରାଯାଇ ନାହିଁ। ନକ୍‌ଭି ଏସିଆନ କ୍ରିକେଟ କାଉନସିଲ (ଏସିସି) ମୁଖ୍ୟ ରହିବା ସହ ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ଅଛନ୍ତି। ଯଦି ସେ ଆଇସିସି ବୈଠକରେ ଯୋଗ ନ ଦେଇପାରନ୍ତି, ତେବେ ତାଙ୍କ ବଦଳରେ ପିସିବିର ଚିଫ୍ ଅପରେଟିଂ ଅଫିସର ସୁମେର ସୟଦ ପାକିସ୍ତାନର ପ୍ରତିନିଧିତ୍ୱ କରିବେ। ଉଲ୍ଲେଖଯୋଗ୍ୟ, ଏସିଆ କପ୍ ଜିତିବା ପରେ ଭାରତୀୟ ଦଳ ନକ୍‌ଭିଙ୍କ ହାତରୁ ଟ୍ରଫି ନେବାକୁ ମନା କରିଥିଲା। ଏଥିଯୋଗୁ ନକ୍‌ଭି ଗ୍ରାଉଣ୍ଡରୁ ଟ୍ରଫି ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହା ଫଳରେ ଭାରତୀୟ ଦଳ ବିନା ଟ୍ରଫିରେ ଫେରିଥିଲା। ଏସିଆ କପ୍ ଟ୍ରଫିକୁ ଏସିସି କାର୍ଯ୍ୟାଳୟରେ ତାଲା ପକାଇ ରଖାଯାଇଛି। ଗତ ମାସରେ ଏସିଆ କପ୍ ଟ୍ରଫିକୁ ମୁମ୍ବାଇ ପଠାଇବା ପାଇଁ ବିସିସିଆଇ ପକ୍ଷରୁ ଏସିସି ମୁଖ୍ୟ ନକ୍‌ଭିଙ୍କୁ ମେଲ୍ କରାଯାଇଥିଲା। ହେଲେ ଦୁବାଇରେ ଏକ ଫଙ୍କ୍ସନ ଆୟୋଜନ କରାଗଲେ ସେ ନିଜେ ବିସିସିଆଇର ପ୍ରତିନିଧି ଓ ଭାରତୀୟ ଦଳର ଜଣେ ସଦସ୍ୟଙ୍କୁ ଟ୍ରଫି ପ୍ରଦାନ କରିବାକୁ ସର୍ତ୍ତ ରଖିଥିଲେ।


# Classified Everyday

0674-2580101, 9692975378




## BRIDE WANTED

ଶୁଣ୍ଢୀ ମହାଜନ, ଯୌତୁକ ବିରୋଧି, ପ୍ରତିଷ୍ଠିତ ଆଧାତ୍ମିକ ପରିବାର, ଏକମାତ୍ର ପୁତ୍ର(39), ୫'୮" ଇଂଜିନିୟରିଂ ପାଶ୍, ଭୁବନେଶ୍ୱରରେ ଜାଗାବାଡି, ଘରଭଡ଼ା, ଦୁଇଟି ଲଜିଂ, ନିଜସ୍ୱ ବ୍ୟବସାୟ, ଶୀଘ୍ର ବାହାଘର। 9827385242.(whats). D-2338





## SALE

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2473

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785834. D-06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05




**Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695.** D- 76944




The massage felt totally professional & comfortable at all times- 7978109255. D-205

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 23.09.2025, I, SK. RABIUL ISLAM, permanent resident of At- Shantipalli, P.O./P.S.- Saheed Nagar, Bhubaneswar, PIN-751007, Dist.- Khordha, Odisha declare that I have changed the name of my daughter from MANTACH KHATUN to MASAMT MANTACH KHATUN. Henceforth, she will be known as MASAMT MANTACH KHATUN for all purposes. D-2478

By virtue of an affidavit sworn before Notary Public, Bhubaneswar, dated: 04.11.2025, I Nandini Rout resident of At/P.O.- Padmapur, P.S.- Patkura, District- Kendrapara, Odisha, declare that I have changed my name from Prakash Chandra Rout to Nandini Rout. Henceforth, I shall be known as Nandini Rout for all purposes.
Nandini Rout
D-2479

I, BATAKRUSHNA MOHANTY (Old name), S/o.- BASANTA MOHANTY, VILLAGE- DHOBAPALLI, POST- JAYAPUR, ASKA, GANJAM, ODISHA 761111 hereby declare that I have changed my name BATAKRUSHNA BASANTA MOHANTY (New name) shall be known as BATAKRUSHNA BASANTA MOHANTY for all the future purposes. D-2480

By virtue of an affidavit sworn before Executive Magistrate, Rasgovindpur, Mayurbhanj, dated- 04.11.2025, I, Jayanti Soren, wife of Karam Chand Soren, Address: Vill- Parulia, P.O.- Gobara, P.S.- Rasgovindpur, Dist.- Mayurbhanj, Odisha 757016 declare that I have changed the name of my son from ABHIGYAN SOREN to ABHIGYAN SATYA PRAKASH NAGESWAR SOREN. Henceforth he shall be known as ABHIGYAN SATYA PRAKASH NAGESWAR SOREN for all purposes. D-2484

I, **Gitanjali Behera**, W/o.- Late Madhu Sudan Behera, Resident of Word No.- 61, Bhimatangi, Plot No.- 1417, Lane- 14, P.S.- Airfield, Dist.- Khorda, PIN- 751002, Odisha declare by this affidavit No CFN- 74, dtd.- 31.10.2025 that now onwards I shall be known as **Gitanjali Dei** for all future purposes. D-2481

I, Gopal Agarawalla, S/o.- Nathmal Agarwal, At- Station Bazar, P.S./DIST.- Dhenkanal , PIN- 759001, Odisha at present declare by this affidavit No.- 1740, Dtd.- 14.10.2025 that now onwards I shall be known as Gopal Agarwal for all future purpose. D-2485

## ମନେ ପଡ଼ନ୍ତି

WE MISS YOU
KUNU



DOB: 04/06/2013
DOD: 14/11/2016
NIKIRAI, KENDRAPARA
A day spent away from you is as good as a day not worth being alive ...
We Miss You Kunu
With Loving Memory:
Felu & Family
D-76869

## ନବମ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ. ଶିଳାଦିତ୍ୟ ପଟ୍ଟନାୟକ
ଆବିର୍ଭାବ: ୨୩।୧୦।୧୯୮୪
(ଆଶ୍ୱିନ ଶୁକ୍ଳପକ୍ଷ, ଏକାଦଶୀ)
ତିରୋଧାନ: ୧୪।୧୧।୨୦୧୬
(କାର୍ତ୍ତିକ ପୂର୍ଣ୍ଣିମା)
ଏହି ପୁଣ୍ୟ ତିଥିରେ ତୁ ଆମ୍ଭ ସମସ୍ତଙ୍କୁ ଶୋକସାଗରରେ ବୁଡ଼ାଇ ଚିରଦିନ ପାଇଁ ପରମାରାଧ୍ୟଙ୍କ ଆଶ୍ରିତ ହୋଇଗଲୁ। ତୋର ସ୍ଥାନ ଆମ୍ଭ ପରିବାର ପାଇଁ ଅପୂରଣୀୟ। ତୋର ଅଧ୍ୟବସାୟ, କର୍ମନିଷ୍ଠା, ସ୍ନେହପ୍ରବଣତା ଆମ୍ଭ ସମସ୍ତଙ୍କ ପାଇଁ ଜ୍ୱଳନ୍ତ ଉଦାହରଣ ହୋଇ ରହିଗଲା। ପରମେଶ୍ୱର ପରିବାରର ସମସ୍ତଙ୍କୁ ତୋର ଆଦର୍ଶରେ ଅନୁପ୍ରାଣିତ କରନ୍ତୁ, ଏତିକି ମାତ୍ର ପ୍ରାର୍ଥନା।
ପରିବାର ଏବଂ ଆତ୍ମୀୟସ୍ୱଜନ ବୃନ୍ଦ
ଧ-୨୪୮୬

## ଏକାଦଶାହ ଉପଲକ୍ଷେ



ଁ ଲକ୍ଷ୍ମୀପ୍ରିୟା ମଲ୍ଲିକ
ଗୋବିନ୍ଦରାମପାଟଣା, ନିଆଳି, କଟକ
ତିରୋଧାନ: ୨୬।୧୦।୨୦୨୫
ଦୁନିଆର ଚିରନ୍ତନ ସତ୍ୟ ଯାହା ତାକୁ ହିଁ ଅନୁସରଣ କରି ଚାଲିଗଲ। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ପରୋପକାରିତା ଆମ୍ଭ ମାନଙ୍କ ଜୀବନରେ ପଥପ୍ରଦର୍ଶକ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ଭାଇ, ଭାଉଜ, ପୁତୁରା, ଝିଆରୀ, ନାତି, ନାତୁଣୀ, ପରିବାରବର୍ଗ ଓ ବନ୍ଧୁ ଆତ୍ମୀୟସ୍ୱଜନ.
ଧ-୨୪୮୭

## LEGAL NOTICE

IN THE COURT OF THE CIVIL JUDGE (SENIOR DIVISION), DHENKANAL .
CIVIL SUIT NO - 222/2013

Pratap Kumar Jena ... Plaintiff
Versus
Mayadhar Jena and others .... Defendants

To,
2(a)- Indi Jena aged about 72 years, W/o.- Late Chandrasekhar Jena @Chakradhar Jena, (b)- Aravinda Jena, aged about 52 years, (c)- Siba Jena, aged about 50 years, both are sons of Late Chandrasekhar Jena@ Chakradhar Jena. (d)- Aruna Jena, aged about 35 years, W/o.- Late Dinabandhu Jena and daughter in law of Late Chandra Sekhar Jena@Chakradhar Jena. (e)- Tapas Jena, aged about 22 years, (f)- Tarekaswar Jena, aged about 28 years, both are sons of Late Dinabandhu Jena and grand sons of Late Chandrasekhar Jena@ Chakradhar Jena, All are of Village/P.O.- Baladiabandha, P.S.- Sadar, District-Dhenkanal. (g)- Basanti Jena, aged about 45 years, W/o.- Laxmidhar Sahoo (D/o.- Late Chandrasekhar Jena@Chakradha Jena of Village/P.O.- Rathagada, P.S.- Athagarh, District-Cuttack, (h)- Rekha Jena, aged about, 30 years, W/o.- Dhiren Kumar Swain (D/o.- Late Chandrasekhar Jena @ Chakradhar Jena of Village/P.O.- Kumarpur, P.S./Via- Choudwar, District- Cuttack. 4- Naran Jena, aged about 65 years, S/o.- Late Nabina Jena. 5(a)- Binod Jena, aged about 30 years, S/o.- Late Brundaban Jena, both are of Village/P.O.- Baladiabandha, P.S.- Sadar, District-Dhenkanal. 6(c) (i)- Gitarani Parida, aged about 46 years, W/o.- Late Ashok Kumar Parida, of village- Kathagada, P.S.- Town, District- Dhenkanal. 6 (c) (ii)- Monalisha Parida, aged about 26 years, W/o.- Aruna Kumar Mohanty, of village- Choudwar Godipatana, P.S.- Choudwar, District- Cuttack, 6 (c) (iii)- Swapnalish Parida, aged about 24 years, W/o.- Alok Priyadarsini Das, of Village- C.D.A.-11, Cuttack, 6 (c) (iv)- Smitarani Parida, aged about 16years, 6 (c) (v)- Ritika Parida, aged about 10 years, both are daughters of Late Ashok Kumar Parida being minor represented by mother guardian Gitarani Parida, both are of Village- Kathagada, P.S.- Town, P.O./District- Dhenkanal, 7(a)- Ratnaprava Jena, aged about 75 years, W/o.- Late Ashok Kumar Jena, of village/P.O.- Baladiabandha, P.S.- Sadar, District- Dhenkanal. 7 (f)- Snehamanjari Jena, aged about 63 years, W/o.- Prafulla Barik, (D/o.- Late Ashok Kumar Jena) of Village/P.O.- Baramunda, Bhubaneswar, District-Khurda,7 (g)- Swarnamanjari Jena, aged about 53 years, W/o.- Pankaja Kumar Swain, D/o.-Late Ashok Kumar Jena, of Village/P.O.- Talabanja, Bhubaneswar, District- Khurda, 7 (h)- Soubhagya Manjari, Jena aged about 47 years, W/o.- Chittaranjan Rout, (D/o Late Ashok Kumar Jena) of Unit No.- 2, Ashok Nagar, Bhubaneswar, District- Khurda, 7 (i)- Suprava Manjari Jena, aged about 41 years, W/o.- Bikram Rout, (D/o.- Late Ashok Kumar Jena) of village/P.O.- Baladiabandha, P.S.- Sadar, District- Dhenkanal. 8 (a)- Urbasi Jena, aged about 65 years, W/o.- Late Kumudananda Jena, of village/P.O.- Baladiabandha, P.S.- Sadar, District- Dhenkanal. 8 (d)- Baijayantimala Jena, aged about 50 years, W/o.- Rasananda Karan, of village/P.O.- Podapada, P.S.- Motonga, District- Dhenkanal. 8 (e)- Jayanti Jena, aged about 48 years, W/o.- Bauribandhu Jena, of village- Kualo, P.S.- Parjanga, District- Dhenkanal, At present C/o Umesh Chandra Mishra North Madhuban P.S.- Town Kunjakanta, District-Dhenkanal.

Whereas the plaintiff above named has filed the above noted suit against the defendants Mayadhar Jena and others for cancellation of R.S.D.s vide No.- 10501105714, dtd.- 27.8.2011, R.S.D. No-. 2404, dtd.- 1.8.2015/3.8.2015, R.S.D. No.- 10501701422 dtd.- 24.5.2017 and R.S.D. No.- 2919/2005, 4143/2007, 4144/2007 of the suit land. Despite issuance of repeated summons you all failed to appear before this court. Hence you are directed to appear before this court in person or through pleader on this the 22nd day of November 2025 at about 10.30 AM positively failing which the case will be determined in your absence.

Given under my hand and seal of this court on this the 22nd day of October 2025

Sd./- Senior Civil Judge Dhenkanal.
D-2483


# କିଟ୍-କିସ୍‌ରେ କ୍ରୀଡ଼ା ତାଲିମର ଗୁଣାତ୍ମକ ବିକାଶ ଯୋଜନା

ଭୁବନେଶ୍ୱର, ୪।୧୧ (ବିଜୟ ରଣା)

କିଟ୍ ଓ କିସ୍‌ରେ କ୍ରୀଡ଼ା ତାଲିମର ଗୁଣାତ୍ମକ ବିକାଶ ପାଇଁ ଏକ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଲିଆଣ୍ଡର ପେସ୍-ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ ବ୍ୟାନର ଅଧୀନରେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରୁ ବହୁ ଜଣାଶୁଣା ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଟେନିସ କିମ୍ବଦନ୍ତୀ ଓ ପଦ୍ମଭୂଷଣ ଲିଆଣ୍ଡର ପେସ୍, ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ (ଜିଏଏଫ୍)ର ପ୍ରତିଷ୍ଠାତା ନେହା ସାଲ୍‌ଦାନ୍‌ହା, ଦକ୍ଷିଣ ଆଫ୍ରିକାରୁ ଅନ୍ତର୍ଜାତୀୟ ସୁଇମିଂ କୋଚ୍ ଇଆନ ରୁବେନ ଏଲ୍ସ ଏବଂ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରମୁଖ ଅନ୍ୟତମ ଥିଲେ। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ ଲିଆଣ୍ଡର ପେସ୍-ସମନ୍ତା ସ୍ପୋର୍ଟ୍ସ ଏକାଡେମୀର ମିଳିତ ସହଯୋଗରେ ଅନ୍ତର୍ଜାତୀୟ କୋଚ୍ ବିନିମୟ ଓ ଆଥଲେଟିକ୍ ଟ୍ରେନିଂ ପ୍ରୋଗ୍ରାମ୍ ଆରମ୍ଭ କରାଯିବ। କିଟ୍ ଓ କିସ୍‌ରେ ଅଧ୍ୟୟନ କରୁଥିବା ଆଥଲେଟ୍ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଉଥିବା କ୍ରୀଡ଼ା ତାଲିମର ଗୁଣାତ୍ମକ ବିକାଶ କରାଯିବ। ଏହାଦ୍ୱାରା ସେମାନେ ଅନ୍ତର୍ଜାତୀୟମାନର କୋଚିଂ ନେବାର ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମ ଜରିଆରେ ପେସ୍‌ଙ୍କ କ୍ରୀଡ଼ା ଏକାଡେମୀରେ ଆସନ୍ତା ୧୫ ବର୍ଷ ମଧ୍ୟରେ ୨,୫୦,୦୦୦ କ୍ରୀଡ଼ା ପ୍ରତିଭାଙ୍କୁ ବିକଶିତ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଥିବା ସେ ପ୍ରତିଶ୍ରୁତି ଦେଇ କହିଛନ୍ତି।



ବୈଠକ ଅବସରରେ ଲିଆଣ୍ଡର ପେସ, ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

# ଚାନୁଙ୍କ ଓଜନ କାଟେଗୋରି ଅଲିମ୍ପିକ୍ସରୁ ବାଦ୍

ନୂଆଦିଲ୍ଲୀ, ୪।୧୧(ପି.ଟି.)

ଷ୍ଟାର ଭାରତୀୟ ୱେଟଲିଫ୍ଟର ମୀରାବାଈ ଚାନୁଙ୍କ ୪୯ କେଜି ଓଜନ କାଟେଗୋରିକୁ ୨୦୨୮ ଅଲିମ୍ପିକ୍ସରୁ ବାଦ୍ ଦିଆଯାଇଛି। ଏଥିଯୋଗୁ ସେ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୫୩ କେଜି କାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଚାନୁ ଟୋକିଓ ଅଲିମ୍ପିକ୍ସରେ ୪୯ କେଜି କାଟେଗୋରିରେ ରୌପ୍ୟ ପଦକ ଜିତିଥିଲେ। ହେଲେ ୨୦୨୮ ଏଲ୍‌ଏ ଗେମ୍ସ ଲାଗି ୫୩ କେଜି ସର୍ବନିମ୍ନ ଓଜରନ କାଟେଗୋରି ରଖାଯାଇଛି। ଇଣ୍ଟରନ୍ୟାଶନାଲ ଅଲିମ୍ପିକ୍ କମିଟି(ଆଇଓସି) ପକ୍ଷରୁ ୱେଟଲିଫ୍ଟିଂର ମୋଟ ଇଭେଣ୍ଟ ସଂଖ୍ୟାକୁ ୧୨କୁ ବୃଦ୍ଧି କରାଯିବା ପରେ ଏଭଳି ପରିବର୍ତ୍ତନ କରାଯାଇଛି। ମୁଖ୍ୟ ଜାତୀୟ କୋଚ୍ ବିଜୟ ଶର୍ମା କହିଛନ୍ତି, ୪୯ କେଜି କାଟେଗୋରିକୁ ହଟାଯିବା ଚାନୁଙ୍କୁ ଫାଇଦାରେ ରଖିବ। କାରଣ ତାଙ୍କ ଓଜନକୁ ୪୮ କେଜି ମଧ୍ୟରେ ସୀମିତ ରଖିବା ଏକ କଷ୍ଟକର କାର୍ଯ୍ୟ ଥିଲା। ଚଳିତ ବର୍ଷ ୪୯ କେଜିକାଟେଗୋରିକୁ ଆଇଡବ୍ଲ୍ୟୁଏଫ୍ ହଟାଇ ଦେବା ପରେ ଚାନୁ ୪୮ କେଜି କାଟେଗୋରିରେ କମନୱେଲ୍‌ଥ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଓ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିଲେ। ସେ ଆସନ୍ତା ବର୍ଷ ହେବାକୁ ଥିବା ଏସିଆନ ଗେମ୍ସ ପର୍ଯ୍ୟନ୍ତ ୪୮/୪୯ କେଜି କାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ପରେ ତାଙ୍କ ପାଖରେ ଅଲିମ୍ପିକ୍ସ ପୂର୍ବରୁ ୫୩ କେଜି କାଟେଗୋରି ଲାଗି ପ୍ରସ୍ତୁତ ହେବା ପାଇଁ ୨ ବର୍ଷ ରହିଛି।

# ଭାରତ 'ଏ' ଦଳରେ ବୈଭବ, ପ୍ରିୟାଂଶ

ନୂଆଦିଲ୍ଲୀ, ୪।୧୧ (ପି.ଟି.)

ଚଳିତ ମାସ ପରବର୍ତ୍ତୀ ଭାଗରେ ଦୋହାଠାରେ ଖେଳାଯିବାକୁଥିବା ରାଇଜିଂ ଷ୍ଟାର୍ସ ଏସିଆ କପ୍ ପାଇଁ ମଙ୍ଗଳବାର ଜିତେଶ ଶର୍ମାଙ୍କ ନେତୃତ୍ୱରେ ଭାରତ 'ଏ' ଦଳ ଘୋଷଣା କରାଯାଇଛି। ଏଥିରେ ସ୍ୱଳ୍ପ ବୟସ୍କ ବ୍ୟାଟିଂ ସେନ୍‌ସେଶନ ବୈଭବ ସୂର୍ଯ୍ୟବଂଶୀ ଓ ଆଇପିଏଲ୍ ଷ୍ଟାର ପ୍ରିୟାଂଶ ଆର୍ଯ୍ୟଙ୍କୁ ସ୍ଥାନ ମିଳିଛି। ଓମାନ, ୟୁଏଇ ଓ ପାକିସ୍ତାନ 'ଏ' ଦଳ ସହ ଭାରତ 'ଏ' ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ନଭେମ୍ବର ୧୪ରୁ ୨୩ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟର ଗ୍ରୁପ୍ 'ଏ'ରେ ବାଂଲାଦେଶ 'ଏ', ହଂକଂ, ଆଫଗାନିସ୍ତାନ 'ଏ' ଓ ଶ୍ରୀଲଙ୍କା 'ଏ' ଦଳ ସ୍ଥାନ ପାଇଛନ୍ତି। ଭାରତ 'ଏ' ନଭେମ୍ବର ୧୪ରେ ୟୁଏଇ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

**ରାଇଜିଂ ଷ୍ଟାର୍ସ ଏସିଆ କପ୍ ପାଇଁ ଭାରତ 'ଏ' ଦଳ:** ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ନେହାଲ ୱାଧେରା, ନମନ ଧୀର, ରମଣଦୀପ ସିଂ, ହର୍ଷ ଦୁବେ, ଆଶୁତୋଷ ଶର୍ମା, ୟଶ ଠାକୁର, ଗୁରଜପନୀତ ସିଂ, ବିଜୟ କୁମାର ଭିଷକ, ୟୁଦ୍ଧବୀର ସିଂ ଚରକ, ଅଭିଷେକ ପୋରେଲ (ଉଇକେଟକିପର), ସୁୟଶ ଶର୍ମା। **ଷ୍ଟାଣ୍ଡବାଇ ଖେଳାଳି:** ଗୁରନୁର ସିଂ ବ୍ରାର୍, କୁମାର କୁଶାଗ୍ର, ତନୁଷ କୋଟିଆନ, ସମୀର ରିଜଭି, ଶେକ୍ ରଶିଦ।

# ମ୍ୟାଚ୍ ବେଳେ ଟଳିପଡ଼ିଲେ କୋଚ୍

ଲକାନି, ୪।୧୧

ମ୍ଲାଡଷ୍ଟ ଲୁକାନି ଓ ଏଫ୍‌କେ ରଡନିକି ୧୯୨୩ ମଧ୍ୟରେ ଖେଳାଯାଇଥିବା ସର୍ବିଆନ ସୁପରଲିଗ୍ ମ୍ୟାଚ୍‌ରେ ଏକ ଦୁଃଖଦ ଘଟଣା ଘଟିଛି। ମ୍ୟାଚ୍ ବେଳେ ରଡନିକି କ୍ଲବର ମୁଖ୍ୟ କୋଚ୍ ମ୍ଲାଡେନ ଜିଜୋଭିକ୍‌ଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୪୪ ବର୍ଷ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧର ୨୨ତମ ମିନିଟ୍‌ରେ ଜିଜୋଭିକ୍ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଏଥିଯୋଗୁ ତାଙ୍କୁ ଫିଲ୍ଡରେ ମେଡିକାଲ ସହାୟତା ପ୍ରଦାନ କରାଯିବା ପରେ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିଲା। ଏହା ପରେ ମ୍ୟାଚ୍‌କୁ ପୁନଃ ଆରମ୍ଭ କରାଯାଇଥିଲା। ହେଲେ ପ୍ରାୟ ୨୦ ମିନିଟ୍ ପରେ ଜିଜୋଭିକ୍‌ଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଥିଲା। ତେବେ ହୃଦ୍‌ଘାତ କାରଣରୁ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଏହି ଦୁଃଖଦ ଖବର ଶୁଣିବା ପରେ ଟେଲିଭିଜନ ଫୁଟେଜରେ ଖେଳାଳିମାନେ ଗ୍ରାଉଣ୍ଡରେ ଆଣ୍ଠେଇ କାନ୍ଦୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ପରେ ଏ ସମ୍ପର୍କରେ ରଡନିକି ୧୯୨୩ କ୍ଲବ ପକ୍ଷରୁ ବିବୃତି ଜାରି କରାଯାଇଥିଲା।



## ଫୁଲବଗିଚାର ଯତ୍ନ

**ଗୋଲାପ** ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ। କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ ଅରେଞ୍ଜ, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।



## ଅଧିକ ଅଣ୍ଡା ଦେଉଥିବା କୁକୁଡ଼ା

**ଅଧିକ** ମାଂସ ଓ ଅଣ୍ଡା ପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କିଗ୍ରା ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କିଗ୍ରା ହୋଇଥାଏ । ପଲ୍ଲୀରାଜା ଏକ ରଙ୍ଗିନ୍ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ। ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ।

# ମଧ୍ୟମ କିସମ ଧାନ ଅମଳ ସମୟରେ...

**ମ**ଧ୍ୟମ କିସମ ଧାନକେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ । ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ । ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆପାଣି ବାନ୍ଧିରଖନ୍ତୁ । ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷାକରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ । ଉତ୍କୃଷ୍ଟ ବିହନ କରିବା ପାଇଁ ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ। ଧାନ ଅମଳ ପରେ ଧାନକୁ ୨-୩ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗକଲେ ପୋକ ଲାଗିବ ନାହିଁ। ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣ କରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

**ଡାଲି ଜାତୀୟ ଫସଲ**

ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷକରନ୍ତୁ । ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲଜମିରେ ବତରଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍



ପଟାସ୍ ସାର ପ୍ରୟୋଗ କରନ୍ତୁ । **ମୁଗ କିସମ :** ଟାର୍ମ-୧, ଟାର୍ମ-୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨-୧୪, ଆଇପିଏମ୍ ୨-୩ । **ବିରି କିସମ :** ପିୟୁ ୩୦, ଟିୟୁ ୯୪-୨, ସାରଳା, ପ୍ରସାଦ, ପିୟୁ-୧୯, ଉଜାଲା, ମହୁରୀ, ଶଶୀ । **ବୁଟ :** ଶ୍ୱେଥା, ଭାରତୀ, ବିହାର, ଜେଜି-୬୨, ସି-୨୩୫, ଆଇସିସି-୪, ରାଧେ, ଆନେଗିରି, ଜେଜି-୧୪, ଏଚ୍-୨୦୮ । **ମଟର କିସମ :** ରଚନା, ଏଚ୍‌ୟୁଡିପି.-୧୫, ଜେପି-୮୮୫, ଉତ୍ତରା, ଡିଡିଆର୍-୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍ଟିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର

## ଏ ମାସର କୃଷି ସୂଚନା

ପାଣିରେ ଗୋଳାଇ ସଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ଦମନ ପାଇଁ କାର୍ବୋସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ । ଦରକାର ହେଲେ ୧୫-୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଉଚିତ।

**କପା**

କପା ଫସଲରେ ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ତା'ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳାଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।

**ପନିପରିବା ଫସଲ**

**ଆଳୁ :** କୁଫ୍ରି ଜ୍ୟୋତି, କୁଫ୍ରି ସୂର୍ଯ୍ୟ, କୁଫ୍ରି ଖ୍ୟାତି, ଚିପ୍‌ସୋନା-୩, କୁଫ୍ରି ବାଦଶାହା, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୂରୀ କିସମ ୨-୩ ଆଖି ବିଶିଷ୍ଟ ୨୦-୨୫ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କୁଇଣ୍ଟାଲ ଆଳୁ ବିହନ ବ୍ୟବହାର କରନ୍ତୁ । ୦.୩% ମାନ୍‌କୋଜେବ୍‌ରେ ବିହନ ଆଳୁକୁ ବିଶୋଧନକରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରି ୪୫-୬୦ ସେ.ମି. X ୧୫-୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

**ଗୋପାଳନ**

ଗୋରୁ ଗୁହାଳକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ପଶୁମାନଙ୍କୁ କୃମିନାଶକ ଔଷଧ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଖୁଆନ୍ତୁ । ପଶୁମାନଙ୍କୁ ପରିଷ୍କାର କୂଅ ଓ ନଳକୂଅ ପାଣି ପିଇବାକୁ ଦିଅନ୍ତୁ । ପଶୁମାନେ ରୋଗାକ୍ରାନ୍ତ ହେଲେ ପ୍ରାଣୀଚିକିତ୍ସକଙ୍କ ସହ ପରାମର୍ଶକରି ଔଷଧ ଦିଅନ୍ତୁ । ଫାଟୁଆ ରୋଗର ପ୍ରତିଷେଧକ ଟିକାକରଣ ପାଇଁ ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**ମାଛଚାଷ**

ବର୍ଷାରେ ମାଛ ପୋଖରୀ ହୁଡ଼ା ଭାଙ୍ଗିଯାଇଥିଲେ ତୁରନ୍ତ ମରାମତି କରନ୍ତୁ। ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାରକରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ । ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତକରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ୨ରୁ ୩ଦିନ କରିବେ। ପଚା ଘା' ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ସୂର୍ଯ୍ୟମୁଖୀ ଚାଷ



**ସୂ**ର୍ଯ୍ୟମୁଖୀ ଚାଷ କରୁଥିଲେ ଚଳିତ ମାସ ୧୫ ତାରିଖ ମଧ୍ୟରେ ମଞ୍ଜିବୁଣା କାମ ଶେଷ କରନ୍ତୁ । ଏହାର ଉନ୍ନତ କିସମଗୁଡ଼ିକ ମଧ୍ୟରେ ରହିଛି-ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା - କେବିଏସ୍‌ଏଚ୍-୧, କେବିଏସ୍‌ଏଚ୍-୪୪, ପିଏସି-୩୬,ଏମ୍‌ଏସ୍‌ଏଫ୍‌ଏଚ୍-୮, ଜ୍ୱାଳାମୁଖୀ ଆଦି ବିହନ ବ୍ୟବହାର କରନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନକରି ବୁଣନ୍ତୁ । ଉନ୍ନତ କିସମ ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ପାଇଁ ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ ।

## ଅଳ୍ପରେ



➤ବାଇଗଣ ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତିଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ।

➤ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିଷାନ୍, ପୁଷା ମସ୍ଟାର୍ଡ-୨୫ ଓ ୨୭, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି ସୋରିଷ କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନକରି ୩୦ ସେ.ମି. X ୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗକରି କୋଡ଼ାଖୁସା କରନ୍ତୁ ।



➤ଲଙ୍କା ଫସଲରେ ଉକ୍ଟୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

➤ଫୁଲକୋବି ଫସଲରେ ଶୈବାଳୁଆ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

## ଗହମ ବୁଣିବା ପୂର୍ବରୁ..



**ସା**ଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭକଲେ ଗହମ ବୁଣା ଆରମ୍ଭ କରାଯାଏ। ଚଳିତ ମାସ ଦ୍ୱିତୀୟ ସପ୍ତାହ ଗହମ ବୁଣିବା ପାଇଁ ଉପଯୁକ୍ତ। କିନ୍ତୁ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ। ସୋନାଲିକା, ପିବିଡବ୍ଲ୍ୟୁ-୩୪୩, ପିବିଡବ୍ଲ୍ୟୁ-୪୪୩, ୟୁପି-୨୬୨, ଏଚ୍‌ଡି-୨୨୮୫ ଆଦି ଅଧିକ ଅମଳକ୍ଷମ ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ । ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

# ଆଖୁଚାଷରେ ରୋଗପୋକ ନିୟନ୍ତ୍ରଣ

**ଆ**ଖୁ କିଆରିରେ ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ବିଷ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହକରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁପି କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଲିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟକରିଦିଅନ୍ତୁ ।



## ଚିନାବାଦାମର ଉନ୍ନତ କିସମ



**ଚି**ନାବାଦାମର ଉନ୍ନତ କିସମ ମଧ୍ୟରେ ରହିଛି ଦେବୀ, ଜେଏଲ୍-୨୪, ଟିଏଜି-୨୪, ଟିଜି-୩୮ ବି, ଟିଜି-୩୭ ଏ, କାଦିରି-୩, କାଦିରି-୬, ଧରଣୀ। ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନ କରି ରାଇଜୋବିୟମ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡିଏପି (୧୮-୪୬-୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଧାଡ଼ିରେ ପ୍ରୟୋଗ କରନ୍ତୁ ।

# ପିଆଜ ତଳି ପ୍ରସ୍ତୁତି

**ତ**ଳି ପ୍ରସ୍ତୁତ କରୁଥିଲେ ୧ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବରଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗକରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ତଳିକୁ ଅଦିନିଆ ବର୍ଷାରୁ ରକ୍ଷାକରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮-୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ ଲାଇଟ୍ ରେଡ୍, ଏନ୍-୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ। ହେକ୍ଟର ପିଛା



୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ । ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ଚଳିତ ମାସ ୨୦ରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ। ଘାସମରା ବିଷ, ପେଣ୍ଡିମେଥାଲିନ୍ ୩୦ ଏଇକୁ ତଳି ରୋଇବାର ୨ ଦିନ ମଧ୍ୟରେ ପ୍ରୟୋଗ କଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲରେ ପ୍ରୟୋଗକଲେ ପତ୍ର ଉକୁଣି (ଥ୍ରିପ୍ସ) ନିୟନ୍ତ୍ରଣ କରାଯାଇପାରିବ ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ନଭେମ୍ବର ୫/୨୦୨୫ Bhubaneswar, Wednesday, November 5/ 2025

# ୩ ଦିନରେ ଅନେକ କଥା ଭାବିବାକୁ ହେବ

**ରଣଜୀ ଟ୍ରଫି**

## ନାଗପୁରରେ ୮ରୁ ବିଦର୍ଭକୁ ଭେଟିବ ଓଡ଼ିଶା

**ଭୁବନେଶ୍ୱର, ୪।୧୧ (ତପନ ସ୍ୱାଇଁ)**

ବିସିସିଆଇ (ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ) ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ଚଳିତ ସିଜନରେ ଓଡ଼ିଶାର ଆରମ୍ଭ ଅତି ନୈରାଶ୍ୟଜନକ ରହିଛି। କଟକର ବାରବାଟୀ ଷ୍ଟାଡିୟମରେ ଅକ୍ଟୋବର ୧୫ରୁ ୧୮ ବନାମ ବରୋଦା, କାନ୍‌ପୁରରେ ଅକ୍ଟୋବର ୨୫ରୁ ୨୮ ବନାମ ଉତ୍ତର ପ୍ରଦେଶ ଏବଂ ପୁଣି ବାରବାଟୀରେ ନଭେମ୍ବର ୧ରୁ ୪ ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳି ସାରିଛି ଓଡ଼ିଶା। ଫଳାଫଳ ଯାହା ରହିଛି ତାହା ଅତି ଲଜ୍ଜାଜନକ। ଅଭିଜ୍ଞ କୋଚ୍‌ଙ୍କ ଅଧୀନରେ ଦୀର୍ଘ ଦିନର ଅଭ୍ୟାସ, ଘରୋଇ ପରିବେଶ କିଛି କାମ ଦେଇନି। ବରୋଦା ନିକଟରୁ ୭ ଉଇକେଟରେ ପରାଜୟ ପରେ ଉତ୍ତର ପ୍ରଦେଶ ବିପକ୍ଷ ମ୍ୟାଚକୁ ଡ୍ର ରଖିଥିଲେ ମଧ୍ୟ ମାତ୍ର ୧ ପଏଣ୍ଟ ଅର୍ଜନ ଏବଂ ଏବେ ଆନ୍ଧ୍ର ପ୍ରଦେଶଠାରୁ ଏକ ଇନିଂସ ୫୦ ରନରେ ପରାଜୟ ଓଡ଼ିଶା ଟିମ୍ ମ୍ୟାନେଜମେଣ୍ଟକୁ ଅନେକ କିଛି ଭାବିବାକୁ ବାଧ କରିଛି। ସୌରଜିତ ମହାପାତ୍ରଙ୍କ ନେତୃତ୍ୱାଧୀନ ଓସିଏ ପୁରୁଷ ସିନିୟର ଚୟନ କମିଟି ପ୍ରଥମ ୩ଟି ମ୍ୟାଚ ପାଇଁ ଦଳ ଘୋଷଣା କରିଥିଲା। ଏହି କମିଟିରେ ଅଭିଜ୍ଞ ଅବକାଶ ଖଟୁଆ ଓ ଶୁଭ୍ରଜିତ ସାହୁ ମଧ୍ୟ ରହିଛନ୍ତି। ଚଳିତ ମାସ ୮ରୁ ୧୧ ପର୍ଯ୍ୟନ୍ତ ଡିଫେଣ୍ଡିଂ ଚାମ୍ପିୟନ ବିଦର୍ଭକୁ ନାଗପୁରରେ ଭେଟିବାକୁ ଯାଉଛି ଓଡ଼ିଶା। ମଝିରେ ମାତ୍ର ୩ ଦିନର ସମୟ। ଏହି ସମୟ ମଧ୍ୟରେ ଚୟନକର୍ତ୍ତାଙ୍କଠାରୁ ଆରମ୍ଭ କରି ଓସିଏ କର୍ମକର୍ତ୍ତା, କୋଚିଂ ଷ୍ଟାଫ୍ ଏବଂ ନିଜେ ଖେଳାଳିଙ୍କୁ ଅନେକ କିଛି ଯୋଜନା କରିବାକୁ ହେବ। କାରଣ ମନେ ରଖିବାକୁ ହେବ ଯେ ବିଦର୍ଭ ହେଉଛି ବର୍ତ୍ତମାନର ଚାମ୍ପିୟନ ଦଳ ଏବଂ ଚଳିତ ସିଜନରେ ଏହାର ପ୍ରଥମ ୩ ମ୍ୟାଚରୁ ୧୩ ପଏଣ୍ଟ ହାସଲ କରିସାରିଛି। ଯୋଜନାବଦ୍ଧ ଭାବେ ନ ଖେଳିଲେ ଓଡ଼ିଶାକୁ ବାହାର ପରିବେଶରେ ବିଦର୍ଭକୁ ମୁକାବିଲା କରିବା କଷ୍ଟକର ହେବ ନିଶ୍ଚିତ।

ବିଦର୍ଭ ଏହାର ପ୍ରଥମ ମ୍ୟାଚରେ ନାଗାଲାଣ୍ଡକୁ ଏକ ଇନିଂସ ଓ ୧୭୯ ରନରେ ପରାସ୍ତ କରିଛି। ଅମନ ମୋଖାଡେ ୧୮୩ ରନର ମାରାଥନ ଇନିଂସ ଖେଳିଥିବାବେଳେ ଡାହାଣହାତୀ ମିଡିୟମ ପେସ୍ ବୋଲର ନଚିକେତ ଭୁତେ ୫ ଉଇକେଟ ସଫଳତା ପାଇଥିଲେ। ହର୍ଷ ଦୁବେ ମଧ୍ୟ ଭଲ ବୋଲିଂ କରିଥିଲେ। ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚକୁ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଛି। ଏହି ମ୍ୟାଚରେ ମଧ୍ୟ ଅମନ ମୋଖାଡ଼େ ୧୭୬ ରନ କରି ନିଜ ଫର୍ମ ଓ ସ୍ଥିର ପ୍ରଦର୍ଶନର ନମୁନା ଦେଖାଇଛନ୍ତି। ଯଶ ରାଠୋଡ (୧୦୧) ମଧ୍ୟ ଶତକ ହାସଲ କରିଛନ୍ତି। ଏହି ମ୍ୟାଚରେ ମଧ୍ୟ ଭୁତେ ୪ ଉଇକେଟ ପାଇଛନ୍ତି। ତାମିଲନାଡୁ ବିପକ୍ଷ ଡ୍ର ମ୍ୟାଚରୁ ମଧ୍ୟ ବିଦର୍ଭ ୩ ପଏଣ୍ଟ ପାଇଛି। ଏହି ମ୍ୟାଚରେ ଅମନ ମୋଖାଡେ ୮୦ ଓ ଧ୍ରୁବ ସୋରେ ୮୨ ରନ କରିଥିବାବେଳେ ଯଶ ରାଠୋଡ (୧୩୩) ଶତକୀୟ ଇନିଂସ ଖେଳିଥିଲେ। ତାମିଲନାଡୁର ପ୍ରଥମ ଇନିଂସରେ ୫ ଉଇକେଟ ସଫଳତା ପାଇଥିବା ନଚିକେତ ଭୁତେ ୫ ଉଇକେଟ ହାସଲ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୋଖାଡେ ୩ ମ୍ୟାଚରୁ ୪୩୯ ରନ ସଂଗ୍ରହ କରିସାରିଛନ୍ତି। ସେହିପରି ଭୁତେ ୩ ମ୍ୟାଚରୁ ୧୫ ଉଇକେଟ ହାସଲ କରିସାରିଛନ୍ତି। ଏହି ତୁଳନାରେ ଦେଖିବାକୁ ଗଲେ ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନ ଚିନ୍ତାଜନକ ରହିଛି ନିଶ୍ଚିତ।

୨୦୧୨ରୁ ୨୦୧୬ ମଧ୍ୟରେ ପୂର୍ବ ୫ ମ୍ୟାଚର ପ୍ରଦର୍ଶନକୁ ଦେଖିଲେ ମଧ୍ୟ ବିଦର୍ଭର ପଲା ଭାରି ରହିଛି। ୨୦୧୨ରେ ବିଦର୍ଭ ୧୦୬ ରନରେ ବିଜୟୀ ହୋଇଥିଲା। ଅନ୍ୟ ୪ ମ୍ୟାଚରୁ ବିଦର୍ଭ ୩ଟିରେ ପ୍ରଥମ ଇନିଂସ ଅଗ୍ରଣୀଥିଲା। ଓଡ଼ିଶା କେବଳ ୨୦୧୩ରେ ନିରଞ୍ଜନ ବେହେରା (୧୩୧) ଓ ଶୁଭ୍ରଜିତ ସାହୁ (୧୧୪*)ଙ୍କ ଶତକ ସହାୟତାରେ ୪୫୩/୬ (ଘୋଷଣା) ରନ କରିଥିବାରୁ ପ୍ରଥମ ଇନିଂସ ଅଗ୍ରଣୀ ପାଇଥିଲା। ବିଦର୍ଭ ଇନିଂସ ୩୮୨ରେ ସୀମିତ ରହିଥିଲା। ଏହି ମ୍ୟାଚରେ ବସନ୍ତ ମହାନ୍ତି ୫ ଉଇକେଟ ନେଇ ବିଦର୍ଭକୁ ଆଗକୁ ବଢ଼ିବାକୁ ଦେଇ ନ ଥିଲେ।

## ଆନ୍ଧ୍ରପ୍ରଦେଶଠାରୁ ଇନିଂସ୍ ପରାଜୟ

ଯାହା ଆଶଙ୍କା ଥିଲା ତାହା ହେଲା। କଟକର ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଶେଷ ହୋଇଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଘରୋଇ ଓଡ଼ିଶା ଦଳ ଆନ୍ଧ୍ର ପ୍ରଦେଶଠାରୁ ଏକ ଇନିଂସ୍ ୫୦ ରନରେ ପରାଜିତ ହେଲା। ଉଭୟ ବୋଲିଂ ଓ ବ୍ୟାଟିଂରେ ଖରାପ ପ୍ରଦର୍ଶନ ଯୋଗୁ ଓଡ଼ିଶା ଦଳ ଏହି ଲଜ୍ଜାଜନକ ସ୍ଥିତିର ସମ୍ମୁଖୀନ ହୋଇଛି। ପ୍ରଥମ ଇନିଂସ୍‌ରେ ମାତ୍ର ୧୫୧ ରନ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ଭଲ ଆରମ୍ଭ କରିଥିଲେ ମଧ୍ୟ ୨୭୪ ରନରେ ଅଲ୍‌ଆଉଟ ହୋଇଛି। ଫଳରେ ୩ ମ୍ୟାଚରୁ ମାତ୍ର ୧ ପଏଣ୍ଟ ପାଇ ଓଡ଼ିଶା ଏଲିଟ୍ ଗ୍ରୁପ୍ 'ଏ'ରେ ସର୍ବନିମ୍ନ ୮ମ ସ୍ଥାନରେ ରହିଛି। ବାରବାଟୀରେ ଅନୁଷ୍ଠିତ ନିଜର ପ୍ରଥମ ମ୍ୟାଚରେ ବରୋଦା ନିକଟରୁ ୭ ଉଇକେଟରେ ହାରିଥିବା ଓଡ଼ିଶା କାନପୁରରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ମ୍ୟାଚକୁ ଉତ୍ତର ପ୍ରଦେଶ ବିପକ୍ଷରେ ଡ୍ର ରଖିବାକୁ ସକ୍ଷମ ହୋଇଥିଲେ ହେଁ ପ୍ରଥମ ଇନିଂସରେ ପଛୁଆ ରହିବା କାରଣରୁ ମାତ୍ର ୧ ପଏଣ୍ଟ ପାଇଥିଲା। ଆନ୍ଧ୍ର ନିକଟରୁ ହାରିବା ଦ୍ୱାରା ଘରୋଇ ପରିବେଶରେ ଦ୍ୱିତୀୟ ପରାଜୟବରଣ କରିଛି ଓଡ଼ିଶା। ପ୍ରଥମ ଇନିଂସ୍‌ରେ ୬୯ ରନ କରିବା ସହ ବୋଲିଂରେ ଉଭୟ ଇନିଂସରେ ୬ ଉଇକେଟ ନେଇଥିବା ଆନ୍ଧ୍ର ପ୍ରଦେଶର ସୌରଭ କୁମାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶ ଏହାର ପ୍ରଥମ ଇନିଂସ୍‌କୁ ୪୭୫/୭ରେ ଘୋଷଣା କରିଥିଲା।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ସୌରଭ କୁମାର (ବାମ)।

**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସ: ୪୭୫/୭ (ଘୋଷଣା)। ଓଡ଼ିଶା ପ୍ରଥମ ଇନିଂସ: ୧୫୧/ ଅଲଆଉଟ (ଫଲୋଅନ)। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୭୪/ ଅଲ୍‌ଆଉଟ (ଗୌରବ ଚୌଧୁରୀ– ୮୦, ସନ୍ଦୀପ ପଟ୍ଟନାୟକ– ୬୩, ସୌରଭ କୁମାର–୩/୪୭, ତ୍ରିପୁରାନା ବିଜୟ– ୩/୮୯, କାଭୁରି ସାଇତେଜା– ୧/୩୮, କେ.ଭି. ଶଶିକାନ୍ତ–୧/୨୭, ପୃଥ୍ୱୀରାଜ – ୧/୪୩)।



ଭୁବନେଶ୍ୱର ଗଲ୍ଫ କୋର୍ସରେ ଚାଲିଥିବା 'ଦିଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ' ରେ ମଙ୍ଗଳବାର ଶଟ୍ ଖେଳିବା ଅବସରରେ ଜଣେ ପ୍ରତିଯୋଗୀ।

## ଦିଭେଶ ରାଣା, ଉମେଦ କୁମାର ଅଗ୍ରଣୀ

**ଭୁବନେଶ୍ୱର, ୪।୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଗଲ୍ଫ କୋର୍ସ (ବିସିଜି)ଠାରେ ମଙ୍ଗଳବାର ଆରମ୍ଭ ହୋଇଛି 'ଦିଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ' (ଡିଟିଆଇଜିଟି)ର ମୁଖ୍ୟ ପର୍ଯ୍ୟାୟ। ପ୍ରଫେଶନାଲ ଗଲ୍ଫ ଟୁର୍ ଅଫ୍ ଇଣ୍ଡିଆ (ପିଜିଟିଆଇ) ଅନୁମୋଦିତ ଏହି ପ୍ରତିଯୋଗିତା ଓଡ଼ିଶାର ପ୍ରଥମ ପେସାଦାର ଗଲ୍ଫ ଟୁର୍ନାମେଣ୍ଟର ମାନ୍ୟତା ଲାଭ କରିଛି। ପ୍ରଥମ ରାଉଣ୍ଡ ଶେଷସୁଦ୍ଧା ହରିୟାଣାର ଦିଭେଶ ରାଣା ଓ ଉମେଦ କୁମାର ଫାଇଭ–ଅଣ୍ଡର ୬୭ ପାର୍ ସ୍କୋର କରି ଯୁଗ୍ମ ଅଗ୍ରଣୀ ଲାଭ କରିଛନ୍ତି। ଯୁଗ୍ମ ଅଗ୍ରଣୀଙ୍କଠାରୁ ସୌରଭ ରାଠି ଓ ବିପିନ ମୁଖିଆ ୨ ଶଟ୍ ପଛରେ ରହିଛନ୍ତି। କୁଶାଲ ସିଂ ୭୦ ପାର୍ ସହ ୫ମ ସ୍ଥାନ ପାଇଛନ୍ତି। ସ୍ଥାନୀୟ ପ୍ରଫେଶନାଲଙ୍କ ମଧ୍ୟରେ ଉଚ୍ଚ ର୍ୟାଙ୍କପ୍ରାପ୍ତ ଖେଳାଳି ପ୍ରଦୀପ ଭଗତ ୭୭ ପାର୍ ସ୍କୋର କରିଥିବାରୁ ୩୭ତମ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ମୋଟ ୫୮ ଗଲ୍ଫର ଅଂଶଗ୍ରହଣ କରିଛନ୍ତି। ଭାରତୀୟ ହକି ଲିଜେଣ୍ଡ ଦିଲୀପ ତିର୍କୀଙ୍କ ସହଯୋଗ କ୍ରମେ ଏହି ପିଜିଟିଆଇ ନେକ୍ସଟଜେନ୍ସ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା

**ଦିଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ**

ଏହି ପ୍ରତିଯୋଗିତା ଲାଗି ୨୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଶି ରଖାଯାଇଛି। ଚାମ୍ପିୟନ ଖେଳାଳିଙ୍କୁ ୨,୫୪,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯିବ। ପ୍ରଥମ ୩ ରାଉଣ୍ଡ ଖେଳ ୫୪ ହୋଲ ବିଶିଷ୍ଟ ହେବ। ଏହାପରେ ୨ ରାଉଣ୍ଡ ୩୬ ହୋଲ ବିଶିଷ୍ଟ ହେବାପରେ ଟପ୍ ୩୬ ଖେଳାଳିଙ୍କୁ ନେଇ ତୃତୀୟ ତଥା ଅନ୍ତିମ ରାଉଣ୍ଡ ଅନୁଷ୍ଠିତ ହେବ। ଏହା ୧୮ ହୋଲ ବିଶିଷ୍ଟ ହେବ।

## ଦିଲ୍ଲୀରେ ପହଞ୍ଚିଲା ଭାରତୀୟ ମହିଳା ଟିମ୍

**ନୂଆଦିଲ୍ଲୀ, ୪।୧୧**

ବିଶ୍ୱକପ୍ ଚାମ୍ପିୟନ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ରାଜଧାନୀରେ ପହଞ୍ଚିଛି। ମୁଖ୍ୟ କୋଚ୍ ଅମୋଲ ମଜୁମଦାରଙ୍କ ସମେତ ଭାରତୀୟ ଦଳର ସଦସ୍ୟାଙ୍କୁ ବିଦାୟ ଜଣାଇବା ପାଇଁ ମୁମ୍ବାଇ ବିମାନବନ୍ଦରରେ ବହୁ ସଂଖ୍ୟାରେ ପ୍ରଶଂସକ ଯୋଗଦେଇଥିଲେ। କିନ୍ତୁ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ (ଆଇଜିଆଇ) ଏୟାରପୋର୍ଟରେ ଜେନେରାଲ ଆଭିଏଶନ ଟର୍ମିନାଲ (ଜିଏ)ରେ ପହଞ୍ଚିବା ପରେ ଭାରତୀୟ ଦଳର ସ୍ୱାଗତ ପାଇଁ କିଛି ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସୁରକ୍ଷାଗତ କାରଣ ଯୋଗୁ ସାଧାରଣ ଲୋକଙ୍କୁ ସେଠାରେ ପ୍ରବେଶ ଅନୁମତି ଦିଆଯାଏ ନାହିଁ। ଭାରତୀୟ ଦଳର ସଦସ୍ୟାଙ୍କୁ ମୁମ୍ବାଇରୁ ଦିଲ୍ଲୀ ଆଣିବା ପାଇଁ ଷ୍ଟାର ଏୟାର ଏକ ସ୍ୱତନ୍ତ୍ର ଚାର୍ଟର ଫ୍ଲାଇଟ ଏସ୍୫–୮୩୨୮ ନିୟୋଜିତ କରିଥିଲା। ଆଇଜିଆଇରେ ପହଞ୍ଚିବା ପରେ ଭାରତୀୟ ଦଳର ସଦସ୍ୟାମାନେ ହୋଟେଲ ଯାଇଛନ୍ତି। ସେମାନେ ବୁଧବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ନିଜ ନିଜର ସହରକୁ ଫେରିବେ।

## ବିଶ୍ୱକପ୍ ଦଳରେ ମନ୍ଧାନା, ଜେମିମା, ଦୀପ୍ତି

**ଦୁବାଇ, ୪।୧୧ (ପି.ଟି.)**

ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ର ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ ମନୋନୟନ କରାଯାଇଛି। ଏଥିରେ ଟାଇଟଲ ବିଜୟୀ ଭାରତୀୟ ଦଳର ୩ ଖେଳାଳିଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗ୍ସ ଓ ଦୀପ୍ତି ଶର୍ମା। ଭାରତର ପ୍ରଥମ ବିଶ୍ୱକପ୍ ସଫଳତା ପଛରେ ଏହି ୩ଜଣଙ୍କର ପ୍ରମୁଖ ଭୂମିକା ରହିଥିଲା। ରବିବାର ଫାଇନାଲରେ ଭାରତ ୫୨ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ରନର–ଅପ୍ ଦକ୍ଷିଣ ଆଫ୍ରିକାର ମଧ୍ୟ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଦଳର ଅଧିନାୟିକା ଲଉରା ଓଲ୍‌ଭାଡର୍ଟଙ୍କୁ ଟିମ୍ ଅଫ୍ ଦି ଟୁର୍ନାମେଣ୍ଟର ଅଧିନାୟିକା ମନୋନୀତ କରାଯାଇଛି। ସେ ମୋଟ ୭୧.୩୭ ଆଭରେଜରେ ୫୭୧ରନ ସଂଗ୍ରହ କରିଥିଲେ, ଯାହାକି ମହିଳା ବିଶ୍ୱକପ୍‌ର କୌଣସି ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହରେ ଏକ ନୂଆ ରେକର୍ଡ। ସେମିଫାଇନାଲରେ ପ୍ରବେଶ କରିଥିବା ଅଷ୍ଟ୍ରେଲିଆ ଦଳର ମଧ୍ୟ ୩ଜଣଙ୍କୁ ଏଥିରେ ସ୍ଥାନ ମିଳିଛି। ସେମାନେ ହେଲେ ଆନାବେଲ ସଦରଲାଣ୍ଡ, ଆଶ ଗାର୍ଡନର ଓ ଲେଗ୍ ସ୍ପିନର ଆଲାନା କିଙ୍ଗ୍। ସେମିଫାଇନାଲରେ ପହଞ୍ଚି ପାରି ନ ଥିବା ପାକିସ୍ତାନ ଦଳର ଜଣେ ମାତ୍ର ଖେଳାଳି ଉଇକେଟକିପର ସିଦ୍ରା ନୱାଜଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ମିଳିଛି। ଇଂଲଣ୍ଡର ସୋଫି ଏକେଲଷ୍ଟୋନ୍‌ଙ୍କୁ ମଧ୍ୟ ଦଳରେ ନିଆଯାଇଛି। ତାଙ୍କ ଦଳକୁ ସେମିଫାଇନାଲରେ ପହଞ୍ଚାଇବାରେ ତାଙ୍କର ବଡ଼ ଭୂମିକା ରହିଛି। ନାଟ୍ ସ୍କିଭର–ବ୍ରଣ୍ଟ ଦ୍ୱାଦଶ ଖେଳାଳି ଭାବେ ଦଳରେ ସ୍ଥାନ ପାଇଛନ୍ତି। ମନ୍ଧାନା ବିଶ୍ୱକପ୍‌ରେ ୫୪.୨୫ ଆଭରେଜରେ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ସମେତ ୪୩୪ ରନ ସଂଗ୍ରହ କରିଛନ୍ତି। ସ୍ଥିର ପ୍ରଦର୍ଶନ ଜାରି ରଖି ଓଲ୍‌ଭାଡର୍ଟଙ୍କ ପଛକୁ ସେ ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର। ସେ ନ୍ୟୁଜିଲାଣ୍ଡ ବିପକ୍ଷରେ୧୦୯ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷରେ କ୍ରମାଗତ ୮୦ ଓ ୮୮ ରନ ସଂଗ୍ରହ କରିଥିଲେ। ରୋଡ୍ରିଗ୍ସ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସହ ୫୮.୪୦ ଆଭରେଜରେ ୨୯୨ ରନ ସଂଗ୍ରହ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ତାଙ୍କ ଚମକପ୍ରଦ ଅପରାଜିତ ୧୨୭ ରନର ଇନିଂସ ପାଇଁ ତାଙ୍କୁ ଦଳରେ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ଦୀପ୍ତି ଶର୍ମା ୩୦.୭୧ ଆଭରେଜରେ ୨୧୫ ରନ ସଂଗ୍ରହ କରଥିଲେ। ତନ୍ମଧ୍ୟରେ ତାଙ୍କର ଗୋଟିଏ ଶତକ ଏବଂ ୩ ଅର୍ଦ୍ଧଶତକ ସାମିଲ। ସେ ଆହୁରି ମଧ୍ୟ ୨୦.୪୦ ଆଭରେଜରେ ୨୨ଉଇକେଟ ଅକ୍ତିଆର କରିଥିଲେ। ଦୀପ୍ତି ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।



ସ୍ମୃତି ମନ୍ଧାନା



ଜେମିମା ରୋଡ୍ରିଗ୍ସ




ଦୀପ୍ତି ଶର୍ମା

**ଆଇସିସି ମହିଳା ବିଶ୍ୱକପ୍ ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ:** ୧. ସ୍ମୃତି ମନ୍ଧାନା (ଭାରତ), ୨. ଲାଉରା ଓଲ୍‌ଭାଡର୍ଟ (ଦକ୍ଷିଣ ଆଫ୍ରିକା), ୩. ଜେମିମା ରୋଡ୍ରିଗ୍ସ (ଭାରତ), ୪. ମାରିଜେନ୍ କାପ୍ (ଦକ୍ଷିଣ ଆଫ୍ରିକା), ଆଶ ଗାର୍ଡନର (ଅଷ୍ଟ୍ରେଲିଆ), ୬. ଦୀପ୍ତି ଶର୍ମା (ଭାରତ), ୭. ଆନାବେଲ ସଦରଲାଣ୍ଡ (ଅଷ୍ଟ୍ରେଲିଆ), ୮. ନାଡିନ୍ ଡି' କ୍ଲର୍କ (ଦକ୍ଷିଣ ଆଫ୍ରିକା),୯. ସିଦ୍ରା ନୱାଜ (ପାକିସ୍ତାନ, ଉଇକେଟକିପର), ୧୦. ଆଲାନା କିଙ୍ଗ (ଅଷ୍ଟ୍ରେଲିଆ), ୧୧. ସୋଫି ଏକେଲଷ୍ଟୋନ୍ (ଇଂଲଣ୍ଡ)।

## ଓଡ଼ିଶା ଦଳରେ ପ୍ରଶାନ୍ତ, ଜାମଲା ସାମିଲ

**ଭୁବନେଶ୍ୱର, ୪।୧୧ (ତପନ ସ୍ୱାଇଁ):** ପ୍ରଥମ ୩ଟି ମ୍ୟାଚରେ ଖରାପ ପ୍ରଦର୍ଶନ ପରେ ଓଡ଼ିଶା ରଣ୍‌ଜୀ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ବିଦର୍ଭ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ ପାଇଁ ଦଳରେ ଦ୍ରୁତ ବୋଲର ପ୍ରଶାନ୍ତ କୁମାର ରଣା ଓ ବାମହାତୀ ସ୍ପିନର ଜାମଲା ଭଞ୍ଜନ ମହାପାତ୍ରଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ ଦ୍ରୁତ ବୋଲର ସୁନୀଲ କୁମାର ରାଉଲଙ୍କୁ ଦଳରୁ ବାଦ୍ ଦିଆଯାଇଛି।

## ସହୋଦୟ ଆନ୍ତଃ ସ୍କୁଲ ଖୋ ଖୋ ଉଦ୍‌ଯାପିତ




ବାଳିକା ବର୍ଗରେ ଚାମ୍ପିୟନ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।


**ଭୁବନେଶ୍ୱର, ୪।୧୧ (ତପନ ସ୍ୱାଇଁ)**

ସତ୍ୟଭାମାପୁରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ–୨ର ତତ୍ତ୍ୱାବଧାନରେ ସହୋଦୟ ଆନ୍ତଃ ସ୍କୁଲ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଅନ୍ତର୍ଭୁକ୍ତ ୨୦ଟି ସ୍କୁଲ ଏବଂ ୩୭ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ବିଶିଷ୍ଟ ଅତିଥି ଭାବରେ କଳିଙ୍ଗ ହସ୍ପିଟାଲର ଡା. ରଣଜିତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ଜାତୀୟ କେଏଫ୍‌ଆଇ ଆସୋସିଏଶନର ରେଫରିମାନେ ପରିଚାଳନା କରିଥିଲେ। ଏହି ଅବସରରେ ବକ୍ସି ଜଗବନ୍ଧୁ ଶିକ୍ଷା ପରିଷଦର ସମ୍ପାଦକ ପ୍ରତାପ କୁମାର ଜେନାଙ୍କ ସହିତ ବିଦ୍ୟାଳୟର ଉପସଭାପତି ନିରଞ୍ଜନ ସାହୁଙ୍କ ଦ୍ୱାରା ଉଦ୍‌ଯାପନୀ ସମାରୋହ ସମାପନ ହୋଇଥିଲା। ମଙ୍ଗଳବାର ବିଜେତାମାନଙ୍କୁ ଟ୍ରଫି ସହିତ ସମ୍ମାନିତ କରାଯାଇଥିଲା। ବାଳକ ବର୍ଗରେ ବିକାଶ ରେସିଡେନ୍ସିଆଲ ସ୍କୁଲ ଚାମ୍ପିୟନ ଓ ୟୁନିଟ–୮ ଡିଏଭି ରନରଅପ୍ ହୋଇଥିଲା। ସେହିପରି ବାଳିକା ବର୍ଗରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଚାମ୍ପିୟନ ଓ ବିଜେଇଏମ୍ ସ୍କୁଲ ରନରଅପ୍ ହୋଇଥିଲା।

## ଭାରତୀୟ ମହିଳା ଦଳକୁ ପୁରସ୍କାରରେ ହୀରା ଗହଣା, ସୋଲାର ପ୍ୟାନେଲ

**ନୂଆଦିଲ୍ଲୀ, ୪।୧୧ (ପି.ଟି.)**

ସୁରଟର ପ୍ରତିଷ୍ଠିତ ଶିଳ୍ପପତି ତଥା ରାଜ୍ୟ ସଭା ସଦସ୍ୟ ଗୋବିନ୍ଦ ଢୋଲକିଆ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ମହିଳା ଦଳ ଲାଗି ପୁରସ୍କାର ଘୋଷଣା କରିଛନ୍ତି। ଦଳର ପ୍ରତ୍ୟେକ ଖେଳାଳିଙ୍କୁ ହୀରା ଗହଣା ଓ ଛାତରେ ଲଗାଯାଉଥିବା ସୋଲାର ପ୍ୟାନେଲ ଉପହାରରେ ଦେବାକୁ ପ୍ରସ୍ତାବ ଦେଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଫାଇନାଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ଢୋଲକିଆ ବିସିସିଆଇର ଉପସଭାପତି ରାଜୀବ ଶୁକ୍ଳା ଏକ ଚିଠିରେ ଦଳୀୟ ସଦସ୍ୟାଙ୍କୁ ପୁରସ୍କୃତ କରିବାକୁ ଇଚ୍ଛା ବ୍ୟକ୍ତ କରିଥିଲେ। 'ସେମାନଙ୍କର ଅସାଧାରଣ ଯାତ୍ରାକୁ ପାଳନ କରିବା ପାଇଁ ଆମେ ଶ୍ରୀ ରାମକ୍ରିଷ୍ଣ ଏକ୍ସପୋର୍ଟ୍ସ (ଏସ୍‌ଆର୍‌କେ) ଭାରତୀୟ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ହ୍ୟାଣ୍ଡକ୍ରାଫ୍ଟେଡ୍ ନାଚୁରାଲ ଡାଇମଣ୍ଡ ଜୁଏଲେରି ଉପହାରରେ ଦେବାକୁ ଚାହୁଁ। ଏଥିସହିତ ଆମେ ସେମାନଙ୍କ ଘର ପାଇଁ ରୁଫ୍‌ଟପ୍ ସୋଲାର ପ୍ୟାନେଲ୍ସ ମଧ୍ୟ ଦେବାକୁ ଚହୁଁ। ଯାହା ଫଳରେ ଆମ ଦେଶ ପାଇଁ ସେମାନେ ଆଣିଥିବା ଆଲୋକରେ ସେମାନଙ୍କ ଜୀବନ ମଧ୍ୟ ଚମକିବା ଜାରି ରହିବ' ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଢୋଲକିଆ ହେଉଛନ୍ତି ଶ୍ରୀରାମକ୍ରିଷ୍ଣ ଏକ୍ସପୋର୍ଟ୍ସର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ। ଏଥି ପୂର୍ବରୁ ମହିଳା ବିଶ୍ୱକପ୍ ଜିତିବା ପାଇଁ ପୁରସ୍କାର ବାବଦକୁ ଭାରତୀୟ ଦଳକୁ ୩୯.୭୮ କୋଟି ଟଙ୍କା ମିଳିଥିବା ବେଳେ ବିସିସିଆଇ ପକ୍ଷରୁ ୫୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ